୬୭ତମ ବର୍ଷ ୧୫ ଅଗଷ୍ଟ, ୨୦୨୪ ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

୬୭ତମ ବର୍ଷ ୧୫ ଅଗଷ୍ଟ, ୨୦୨୪ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୨୪]


**ଯୋଗ-ଦର୍ଶନ**

ମାତୃବାଣୀ ... ... ... ୫
ଶ୍ରୀଅରବିନ୍ଦଙ୍କ ବାଣୀ ... ... ... ୬
ପୂର୍ଣ୍ଣଯୋଗର ପଥ ... ଶ୍ରୀମା ... ୯
ଭଗବାନଙ୍କ ସମ୍ବନ୍ଧରେ ଏକ ପୂର୍ଣ୍ଣାଙ୍ଗ ଧାରଣା ... ଶ୍ରୀଅରବିନ୍ଦ ... ୧୨
ଧମ୍ମପଦ (୭)
(ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) ... ... ... ୧୪
ଭଗବାନ୍ ନିଜକୁ ଦେଇ ଦିଅନ୍ତି ... ଶ୍ରୀମା ... ୧୮
ଅଗଷ୍ଟ ପନ୍ଦରର ବିଶେଷ ଉତ୍ସବ ... ଏ. ବି. ପୁରାଣୀ ... ୧୯

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

ବନ୍ଦେ ମାତରମ୍ ... ଶ୍ରୀଅରବିନ୍ଦ ... ୨୨
ଭାରତର ଉତ୍ତମ ରହସ୍ୟ ... ଶ୍ରୀ ନଳିନୀକାନ୍ତ ଗୁପ୍ତ ... ୨୭
ସ୍ୱାଧୀନ ଭାରତ :
ବିଡ଼ମ୍ବନା ଏବଂ ସମ୍ଭାବନା ... ଶ୍ରୀ ମନୋଜ ଦାସ ... ୩୧
ଆମ ଜାତୀୟତାର ବୈଶିଷ୍ଟ୍ୟ
ଓ ଯୁବ ସମାଜର ଭୂମିକା ... ଶ୍ରୀ ପ୍ରପତ୍ତି ... ୩୮
ଲୀଳା (କବିତା) ... ଶ୍ରୀଅରବିନ୍ଦ ... ୪୧
'ଧର୍ମ' ସମ୍ପର୍କରେ ଶ୍ରୀମାଙ୍କ ବକ୍ତବ୍ୟ ... ମମତା ଦାଶ ... ୪୨
ଚିତ୍ତ ଚିନ୍ତନରେ ମାତୃଚେତନା ... ଶ୍ରୀ ରବୀନ୍ଦ୍ର ନାଥ ଦାସ ... ୪୫

**ଅନ୍ତରାଳ ଜଗତ୍**

ପୁନର୍ଜନ୍ମ ଓ ଚୈତ୍ୟସତ୍ତା
(ଶ୍ରୀମାଙ୍କ ସହ କଥୋପକଥନ) ... ... ... ୫୧

**ସାଧନା-ପରମ୍ପରା**

ଯୋଗବାଶିଷ୍ଠ ରାମାୟଣ (୬) ... ... ... ୫୩

**ଶେଷ ପୃଷ୍ଠା :**

ଦିବ୍ୟ ଉପସ୍ଥିତି ... ଶ୍ରୀ ବିଶ୍ୱମ୍ଭର ସାମନ୍ତ ... ୫୭
ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ
କେତେକ ଫଟୋଚିତ୍ର ... ... ... ୬୧


❖

# ମାତୃବାଣୀ

Sri Aurobindo incarnated in a human body the supramental consciousness and has not only revealed to us the nature of the path to follow and the method of following it so as to arrive at the goal, but has also by his own personal realisation given us the example; he has provided us with the proof that the thing can be done and the time is now to do it.

(MCW, Vol. 13 p. 21) – The Mother

ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ ଏକ ମାନବ ଶରୀରରେ ମୂର୍ତ୍ତ କରିଥିଲେ ଏବଂ ଏହି ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ ଉଦ୍‌ଘାଟିତ କରିଥିଲେ ତାହା ନୁହେଁ, ବରଂ ତାଙ୍କ ନିଜର ବ୍ୟକ୍ତିଗତ ସିଦ୍ଧିଲାଭ ଦ୍ୱାରା ଆମମାନଙ୍କ ସମ୍ମୁଖରେ ତାହାର ଦୃଷ୍ଟାନ୍ତ ରଖିଯାଇଛନ୍ତି; ସେ ଆମମାନଙ୍କୁ ଏହି ପ୍ରମାଣ ଦେଇଯାଇଛନ୍ତି ଯେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ଏବଂ ଏଥିପାଇଁ ବର୍ତ୍ତମାନହିଁ ପ୍ରକୃଷ୍ଟ ସମୟ ।

— ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

India has the key to the knowledge and conscious application of the ideal; what was dark to her before in its application, she can now, with a new light, illumine; what was wrong and wry in her old methods she can now rectify; the fences which she created to protect the outer growth of the spiritual ideal and which afterwards became barriers to its expansion and farther application, she can now break down and give her spirit a freer field and an ampler flight : she can, if she will, give a new and decisive turn to the problems over which all mankind is labouring and stumbling, for the clue to their solutions is there in her ancient knowledge.

(The Renaissance in India, CWSA, Vol. 20, p.39 - 40) – Sri Aurobindo

ଯଥାର୍ଥ ଜ୍ଞାନ ମଧ୍ୟକୁ ପ୍ରବେଶ କରିବାର ଉପାୟ ଓ ଆଦର୍ଶର ସଚେତନ ପ୍ରୟୋଗର ଧାରା କେବଳ ଭାରତବର୍ଷକୁ ଜଣାଅଛି; ଯାହାର ପ୍ରୟୋଗ ବିଷୟରେ ସେ ପୂର୍ବରୁ ଅନ୍ଧକାରମୟ ଅବସ୍ଥାରେ ଥିଲା ତଥା ସେ ବିଷୟରେ ସେ ପୂର୍ବରୁ ଅଜ୍ଞ ଥିଲା, ଏବେ ଏକ ନୂତନ ଆଲୋକର ସାହାଯ୍ୟରେ ସେ ସେହି ଅନ୍ଧକାରକୁ ଘୁଞ୍ଚାଇ ଦେଇ ଯଥାର୍ଥ ଜ୍ଞାନ ପ୍ରାପ୍ତ କରିପାରେ; ତାହାର ପୁରାତନ ପ୍ରକ୍ରିୟାରେ ଯାହାକିଛି ଭ୍ରମ ଓ ବିକୃତି ଥିଲା ସେସବୁକୁ ଏବେ ସେ ସଂଶୋଧନ କରିପାରେ; ଆଧ୍ୟାତ୍ମିକ ଆଦର୍ଶର ବହିର୍ବିକାଶକୁ ନିରାପଦ ଓ ସଂରକ୍ଷିତ କରି ରଖିବା ପାଇଁ ସେ ଯେଉଁସବୁ ବେଢ଼ା ଗଢ଼ି ତୋଳିଥିଲା ଓ ପରବର୍ତ୍ତୀ ସମୟରେ ଯାହାକି ସେହି ବିକାଶ ପଥରେ ଓ ପୁନଃ ପ୍ରୟୋଗ ଧାରାରେ ପ୍ରତିବନ୍ଧକ ହୋଇ ଠିଆ ହେଲା, ସେସବୁକୁ ସେ ଏବେ ଭାଙ୍ଗି ଦେଇପାରେ ଓ ତାହାର ଆତ୍ମା ପାଇଁ ଏକ ଅଧିକ ମୁକ୍ତ କ୍ଷେତ୍ର ଓ ଏକ ବିସ୍ତୃତତର ବିକାଶ ଆଣିଦେଇପାରେ : ଅବଶ୍ୟ ଯଦି ସେ ଚାହେଁ ତେବେ ମାନବସମାଜ ଏବେ ଯେଉଁସବୁ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛି ଓ ବାରଂବାର ସ୍ଖଳନର ସମ୍ମୁଖୀନ ହେଉଛି ସେସବୁକୁ ଏକ ନୂତନ ଓ ଚୂଡ଼ାନ୍ତ ମୋଡ଼ ଦେଇପାରେ, କାରଣ ସେସବୁର ସମାଧାନର ରହସ୍ୟ ତାହାର ପ୍ରାଚୀନ ଜ୍ଞାନ ମଧ୍ୟରେ ହିଁ ରହିଛି ।

— ଶ୍ରୀଅରବିନ୍ଦ

# ପୂର୍ଣ୍ଣଯୋଗର ପଥ

## ଶ୍ରୀମା

*ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କର "Lights on Yoga" ପୁସ୍ତିକାଟିରେ ଲେଖିଛନ୍ତି : ''ଏହି ଯୋଗର ପଥ ଅନ୍ୟାନ୍ୟ ଯୋଗଠାରୁ ଅଧିକ ସୁଦୂରପ୍ରସାରୀ ଏବଂ ବହୁ ଦୁଷ୍କର । ତେଣୁ ଯଦି ତୁମେ ଚୈତ୍ୟପୁରୁଷ ଦିଗରୁ ନିଶ୍ଚିତ ଆହ୍ୱାନ ପାଇ ନଥାଅ ଓ ଯଦି ଏହାର ଶେଷସୀମା ପର୍ଯ୍ୟନ୍ତ ଯିବା ପାଇଁ ତୁମ ମନ ପ୍ରସ୍ତୁତ ହୋଇ ନଥାଏ, ତେବେ ଏ ପଥରେ ତୁମର ପାଦ ଦେବା ମୋଟେ ଉଚିତ ନୁହେଁ ।'' ଏପରି କଥା କାହିଁକି କୁହାଯାଇଛି ?*

ଶ୍ରୀମା : ତା'ର କାରଣ ରହିଛି । ତୁମ ଭିତରେ ଯଥେଷ୍ଟ ସଦିଚ୍ଛା ଥାଇପାରେ, ଦିବ୍ୟ ଉପଲବ୍ଧି ଦିଗରେ ତୁମର ଜୀବନ ଉନ୍ମୁଖ ହୋଇପାରେ, ତୁମ ଭିତରେ ଆତ୍ମନିବେଦନର ଭାବ ମଧ୍ୟ ରହିପାରେ, ଦିବ୍ୟକର୍ମ କରିବାରେ ତୁମେ ଅଳ୍ପ ବା ବହୁତ ଉତ୍ସୁକ ମଧ୍ୟ ହୋଇପାର, କିନ୍ତୁ ତା' କରିବା ଓ ଏହି ଯୋଗ କରିବା ମଧ୍ୟରେ ବହୁତ ତଫାତ ରହିଛି ।

ଶ୍ରୀଅରବିନ୍ଦଙ୍କର ଏହି ଯୋଗର ଅର୍ଥ ପୂର୍ଣ୍ଣଭାବରେ ରୂପାନ୍ତର ହେବା ପାଇଁ ଚାହିଁବା, ତାହା ଦ୍ୱାରା ତୁମ ଜୀବନରେ ଏହି ଗୋଟିଏ ମାତ୍ର ଲକ୍ଷ୍ୟ ଛଡ଼ା ଆଉ କିଛି ରହିଲେ ଚଳିବ ନାହିଁ ।

ଯେତେବେଳେ ତୁମେ କହିବ, 'ମୁଁ ଯୋଗ କରିବାକୁ ଚାହେଁ', ସେତେବେଳେ କିପରି ପଥ ତୁମେ ବାଛି ନେଉଛ ସେକଥା ଆଗେ ଭଲ କରି ବୁଝିବାକୁ ହେବ । ଯେଉଁମାନେ ମୋ ପାଖକୁ ଆସି କହନ୍ତି ଯେ ସେମାନେ ଏହି ଯୋଗପଥକୁ ଆସିବାକୁ ଚାହାନ୍ତି, ସେମାନଙ୍କର ଏ ବିଷୟରେ ନିଶ୍ଚିତ ନିୟତି ରହିଛି ବୋଲି ମୋତେ ଦେଖା ନଗଲେ ମୁଁ କହିଥାଏ, ଆଗେ ଭଲ କରି ଭାବି ଦେଖ, ଯଥାର୍ଥରେ ତୁମେ ଏ ପଥରେ ଆସିବାକୁ ଚାହଁ କି ନାହିଁ, ତୁମେ ଏହି ଉଦ୍ଦେଶ୍ୟ ନେଇ ଜଗତକୁ ଆସିଛ ବୋଲି ଅନ୍ତର ମଧ୍ୟରେ ଠିକ୍ ଭାବରେ ଜାଣିଛ କି ନାହିଁ ଦେଖ; ସେ ବିଷୟରେ ଆଗେ ନିଃସନ୍ଦେହ ହୁଅ ।

ତା'ର କାରଣ ହେଲା ଏ ପଥ ସହଜ ନୁହେଁ । ଏ ପଥରେ ଚାଲିବାକୁ ହେଲେ ଅନେକ ସମୟ ଦରକାର, ଅନେକ ଧୈର୍ଯ୍ୟ ଦରକାର, ଯଥେଷ୍ଟ ପରିମାଣରେ ସହ୍ୟଶକ୍ତି, ଅଧ୍ୟବସାୟ ଓ ସତ୍‌ସାହସ ତଥା ସତ୍‌ସଂକଳ୍ପ ରହିବା ଦରକାର । ଯଦି ଏସବୁ ଗୁଣ ତୁମ ଭିତରେ ଅଛି ବୋଲି ଜାଣିଥାଅ ତେବେ ଯାଇ ଏ ପଥକୁ ଗୋଡ଼ ବଢ଼ାଅ । ଆଉ ଗୋଟିଏ କଥା ଜାଣି ରଖ ଯେ ଏ ପଥରେ ଥରେ ପାଦ ଦେଲେ ଆଉ ଅବ୍ୟାହତି ନାହିଁ, ଏ ପଥରେ ପ୍ରବେଶ କଲେ ଆଉ ଫେରିବା କଥା ଚଳିବ ନାହିଁ, ଏହାର ଶେଷ ପର୍ଯ୍ୟନ୍ତ ତୁମକୁ ଅବଶ୍ୟ ଯିବାକୁ ପଡ଼ିବ । ଅତଏବ କିପରି ପଥରେ ପାଦ ଦେଉଛ ସେକଥା ସମ୍ପୂର୍ଣ୍ଣ ରୂପେ ଜାଣି ତା'ପରେ ଏ ବିଷୟରେ ସିଦ୍ଧାନ୍ତ ନେବା ଉଚିତ ।

ଯେଉଁଦିନଠାରୁ ତୁମେ ଏ ପଥରେ ପ୍ରବେଶ କରିବ ସେହିଦିନଠାରୁ ତୁମ ଭିତରେ ସବୁକିଛି ପରିବର୍ତ୍ତିତ ହେବାକୁ ଆରମ୍ଭ କରିବ । ବାହାରର ଅବସ୍ଥା ଅବଶ୍ୟ ଆଗେ ଯେପରି ଥିଲା ଅନ୍ୟ ସମସ୍ତଙ୍କ ପରି ସେହିପରି ରହିବ, କିନ୍ତୁ ବହୁ ପାର୍ଥକ୍ୟ ରହିବ ଭିତର ଆଡ଼େ, ଦେଖିପାରିବ ଯେ କୌଣସି ଏକ ଚେତନା ତୁମ ଭିତରେ ଅନୁକ୍ଷଣ କାମ କରି ଚାଲିଛି, ଯାହା ଫଳରେ କୌଣସି ଦିଗକୁ ନ ଢଳି ତୁମେ କେବଳ ସମ୍ମୁଖର ସରଳ ପଥ ଧରି ଚାଲିବାରେ ଲାଗିବ ଓ ବୁଝିପାରିବ ଯେ ତୁମର ଅଗ୍ରଗତିର ପଥରେ ଯାହାକିଛି ବାଧା ବା ବିଘ୍ନସ୍ୱରୂପ ହୋଇ ରହିଛି ସେଗୁଡ଼ିକୁ ସେ ଚେତନା ଅତି ଶୀଘ୍ର ତୀବ୍ର ଆଲୋକ ନିକଟରେ ତୋଳି ଧରିଛି, ତୁମ ନିଜ ଭିତରେ ଯେତେ ଅନ୍ଧତା ଓ ଦୁର୍ବଳତା ରହିଛି ତାହାରି ପ୍ରାଚୀରରେ ତୁମକୁ ବାରବାର ଧକ୍କା ଖୁଆଇଛି । ସେହି ସଜାଗ ଚେତନା ଭିତରେ ଏପରି ଏକ ଅବିମିଶ୍ର ଏକନିଷ୍ଠତା ରହିଛି ଯାହା କୌଣସି ପ୍ରକାରେ ତୁମକୁ ପଥ ଛାଡ଼ି ବିପଥ ଦିଗରେ ଯିବାକୁ ରାଜି କରାଇ ଦେବ ନାହିଁ ।

ଅବଶ୍ୟ, ଯେଉଁମାନେ ଯୋଗପଥରେ ଚାଲିବାକୁ ସ୍ଥିର କରିଛନ୍ତି ସେମାନଙ୍କ ପାଇଁ ଏହି କଥା, ଅନ୍ୟମାନଙ୍କ ପାଇଁ ଏପରି ନୁହେଁ । ସେମାନଙ୍କଠାରେ ମଧ୍ୟ ସେହି ଚେତନା ଆଲୋକ ଦେବ, ଜ୍ଞାନ ଦେବ, ନିରାପଦ ଆଶ୍ରୟ ଦେବ, ଶକ୍ତି ଦେବ, ଯାହାର ଯେପରି ସାମର୍ଥ୍ୟ ସେ ସାମର୍ଥ୍ୟ ଯେପରି ଚରମ ବିକାଶ ଲାଭ କରେ ତା' ମଧ୍ୟ କରି ଦେବ; ପ୍ରତ୍ୟେକଙ୍କର ଉନ୍ନତି ହେବା ବିଷୟରେ ଯେତେଦୂର ସାହାଯ୍ୟ ଦିଆଯାଇପାରେ ତାହା ମଧ୍ୟ ଦେବ, କିନ୍ତୁ ନିଜର ଗନ୍ତବ୍ୟ ଓ ପରିଣାମ ବିଷୟରେ

ସେମାନଙ୍କର ସ୍ୱାଧୀନ ଇଚ୍ଛାହିଁ ବଜାୟ ରହିବ – ସେ ବିଷୟରେ କୌଣସି ନିୟନ୍ତ୍ରଣର ଧରାବନ୍ଧା ନିୟମ ରହିବ ନାହିଁ ।

ମୋର ପିଲାଏ ! ତୁମେସବୁ ଏଠାରେ ଅତି ବେଶୀ ସ୍ୱାଧୀନତା ପାଇଥାଅ, ବାହାରୁ ସାମାନ୍ୟ ନିୟମ କେତୋଟି ମାନିନେଇ ଚଳିବାକୁ ପଡ଼େ ଅବଶ୍ୟ; କାରଣ ଏହି ସଂକୀର୍ଣ୍ଣ ଜାଗାଟିରେ ଅନେକ ଲୋକ ଜମିଯାଇଛନ୍ତି, ତେଣୁ ଏଠାରେ ଶୃଙ୍ଖଳା ବଜାୟ ରଖିବାକୁ ହେଲେ କିଛି କିଛି ନିୟମକାନୁନ ତ ମାନିବାକୁ ପଡ଼ିବ ! କିନ୍ତୁ ଭିତରେ ତୁମ୍ଭମାନଙ୍କୁ ଅବାଧ ସ୍ୱାଧୀନତା ଦିଆଯାଇଛି ।

ଏଠାରେ କୌଣସି ସାମାଜିକ ବା ନୈତିକ ବା ବୁଦ୍ଧିଗତ ବାଧ୍ୟତା ନାହିଁ । ଏପରିକି କୌଣସି ନିର୍ଦ୍ଦିଷ୍ଟ ବିଧି ମଧ୍ୟ ନାହିଁ, ରହିଛି କେବଳ ଏକ ଆଲୋକ । ତାହାରି ସାହାଯ୍ୟ ନେଇ ତୁମେ ଯଦି ଲାଭବାନ୍ ହେବାକୁ ଚାହଁ, ତାହା ତୁମେ ଅନାୟାସରେ ହୋଇପାର, ଯଦି ନଚାହଁ, ସେଥିରେ ମଧ୍ୟ ଖୁସି ।

ମାତ୍ର ଯେଉଁଦିନ ତୁମେ ଯୋଗପଥ ବାଛିନେବ ଓ ଆନ୍ତରିକ ଭାବରେ ତାକୁ ବରଣ କରିବ, ଯେତେବେଳେ ଏ ବିଷୟରେ ତୁମେ ପ୍ରକୃତରେ ମନ ସ୍ଥିର କରି ପକାଇବ, ସେତେବେଳଠାରୁ ସବୁକିଛି ବଦଳିବାକୁ ଲାଗିବ – ଦେଖିବ ସମ୍ମୁଖରେ ରହିଛି ସେହି ଆଲୋକ ଓ ସେଦିଗରେ ଆଗେଇ ଯିବାର ତୁମର ପଥ ମଧ୍ୟ, ସେ ଦୁଇଟି ସ୍ପଷ୍ଟ ଓ ସରଳ । ସେତେବେଳେ ସେଦିଗରୁ ଫେରି ଆସିବାର କୌଣସି ଉପାୟ ନାହିଁ ।

ଯୋଗ ଗୋଟିଏ ପିଲାଖେଳ ନୁହେଁ, ଯେତେବେଳେ ତୁମେ ଏ ଦିଗଟିକୁ ବାଛି ନେଉଛ, କ'ଣ କରୁଛ ତାହା ଭଲଭାବରେ ଜାଣି, ବୁଝି କର । ଏ ରାସ୍ତା ବାଛି ନେଲେ ଏହାକୁ ନେଇ ଲାଗି ରହିବାକୁ ପଡ଼ିବ । ସେତେବେଳେ ଇତସ୍ତତଃ ହେଲେ ଚଳିବ ନାହିଁ, କେବଳ ଆଗକୁ ଚାଲିବାକୁ ପଡ଼ିବ ।

ଯେଉଁମାନେ ଯୋଗର ପଥ ଗ୍ରହଣ କରି ନାହାନ୍ତି ସେମାନଙ୍କୁ ମୁଁ କହେ, ଯଥାସାଧ୍ୟ ଭଲ ଭାବରେ ନିଜର କାମ କରିବ ଏହି ସଂକଳ୍ପ କର, ଉନ୍ନତି ନିମନ୍ତେ ଯଥାସାଧ୍ୟ ଚେଷ୍ଟା କର, ସାଧାରଣ ଲୋକମାନେ ଯେପରି ହୋଇଥାଆନ୍ତି ତା'ଠାରୁ ନିଜର ଜୀବନକୁ ଆହୁରି ଭଲ କରିବାରେ ପ୍ରୟାସୀ ହୁଅ । ଏକ ଆଲୋକଦୀପ୍ତ ଓ ଚେତନାଦୀପ୍ତ, ଏପରି ସଂଗତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ମଧ୍ୟକୁ ଆସି ସମ୍ପୂର୍ଣ୍ଣ ଶୁଭକାମନା ଭିତର ଦେଇ ତୁମ୍ଭେମାନେ ମଣିଷ ହେଉଛ, ଏ କ୍ଷେତ୍ରରେ ତୁମ୍ଭେମାନେ ସେହିପରି ଉପଯୁକ୍ତ ହୋଇଉଠିବା ଉଚିତ ଓ ଏହି ସଂଗତି ଓ ଶୁଭକାମନା ତଥା ଏ ସ୍ଥାନର ଆଲୋକଧାରାକୁ ସାରା ଜଗତରେ ଖେଳେଇ ଦେବା ଉଚିତ ।

ମାତ୍ର ବିଶେଷ କରି ଏହି ଦୁରୂହ ରୂପାନ୍ତର-ଯୋଗର ସାଧନା କରିବା ତୁମ ପକ୍ଷରେ ସେତେବେଳେ ସମ୍ଭବ ହେବ ଯେତେବେଳେ ତୁମେ ବୋଧ କରିବ ଯେ ଏହି କାର୍ଯ୍ୟ ନିମନ୍ତେହିଁ ତୁମେ ପୃଥିବୀକୁ ଆସିଛ । ଏହାଛଡ଼ା ଆଉ କୌଣସି ଜିନିଷ ନେଇ ରହିବା ତୁମ ପକ୍ଷରେ ଅସମ୍ଭବ, ଏହାହିଁ ତୁମ ଅସ୍ତିତ୍ୱର ଏକମାତ୍ର ଉଦ୍ଦେଶ୍ୟ । ଏଥିପାଇଁ ତୁମକୁ ଅନେକ କଷ୍ଟ ସହିବାକୁ ପଡ଼ିବ, ତେବେ ମଧ୍ୟ ଏସବୁ ତୁମ ପାଖରେ କିଛିହିଁ ନୁହେଁ, ତୁମେ ଚାହିଁବ ଏଇ ସାଧନାରେ ସିଦ୍ଧି, ତା'ଛଡ଼ା ଅନ୍ୟ କିଛି ହେଲେ ବି ନୁହେଁ ।

ଯୋଗପଥରେ ଚାଲିବାକୁ ହେଲେ ତୁମକୁ ବଜ୍ର-କଠିନ ସଂକଳ୍ପ ନେଇ ରହିବାକୁ ପଡ଼ିବ ଓ ଯେପରି ହେଉନା କାହିଁକି ଲକ୍ଷ୍ୟରେ ଯାଇ ସିଧା ପହଞ୍ଚିବାକୁ ପଡ଼ିବ ।

(୮ ଜୁନ୍, ୧୯୫୫)

*

*ପ୍ରଶ୍ନ : ଯଦି କେହି ଏ ପଥରେ ଚାଲୁ ଚାଲୁ ପଛେଇଗଲା ବା ଅଟକିଗଲା, ତା'ହେଲେ ତା'ର ବର୍ତ୍ତମାନ ଜୀବନର ସବୁକିଛି କ'ଣ ସେହିଠାରେ ଅଟକିଗଲା ?*

ଶ୍ରୀମା : ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଫଳ ହୋଇଥାଏ ଓ ତାହା ନିର୍ଭର କରେ ପଛେଇବାଟା କି ଧରଣର – ତା' ଉପରେ । ଯଦି ତାହା ସାମାନ୍ୟ ପଛକୁ ଘୁଞ୍ଚିଯିବା ହୋଇ ନଥାଏ ବା ଅଳ୍ପ ଟିକିଏ ଅଟକିଯିବା ହୋଇଥାଏ ତେବେ ତାହାର ପୁଣି ଚାଲିବା ଆରମ୍ଭ ହୋଇପାରେ । ତେବେ ସେହି ଚାଲିବା ଆଗ ଅପେକ୍ଷା ଦଶଗୁଣ କଠିନ ହୋଇଯିବ ।

*ପ୍ରଶ୍ନ : କାହିଁକି ଏପରି ହେବ ?*

ଶ୍ରୀମା : କାହିଁକି ହେବ ? କାରଣ ଘଟଣାଟି ଯେ ସେହି ପ୍ରକାରର ଘଟିଛି; ତୁମେ ଆପଣା ଶୈଥିଲ୍ୟ ଓ ଦୁର୍ବଳତା ହେତୁ ନିଜ ଭିତରେ ପର୍ବତ ପରି ବାଧା ତିଆରି କରିଛ ।

ଯେତେ ପ୍ରକାର ବାଧାବିପତ୍ତି ଆସି ଠିଆହୁଏ ଓ ତୁମକୁ ତାହା ଜୟ କରିବାକୁ ପଡ଼େ, ସେସବୁ ହେଲା ତୁମର ଆଧ୍ୟାତ୍ମିକ ପରୀକ୍ଷା, ସେ ପରୀକ୍ଷାରେ ତୁମର ଉତ୍ତୀର୍ଣ୍ଣ ହେବା ଦରକାର,

ତନ୍ମଧ୍ୟରୁ ଗୋଟିଏ ପରୀକ୍ଷାରେ ଯଦି ଅକୃତକାର୍ଯ୍ୟ ହୁଅ, ତେବେ ପରବର୍ତ୍ତୀ ପରୀକ୍ଷାଟା ତୁମ ପାଇଁ ବେଶୀ କଠିନ ହେବ । ସାଧାରଣତଃ ଏଇଟା ଗୁହ୍ୟ ନିୟମ, ଏଥିରୁ କାହାରି ନିଷ୍କୃତି ନାହିଁ।

ଏକଥା ମଧ୍ୟ ଜାଣି ରଖିବା ଦରକାର ଯେ ବର୍ତ୍ତମାନ ତୁମକୁ ପୂର୍ବରୁ କିଛି ଜଣାଇ ଦିଆଯିବ ନାହିଁ । ତେଣୁ ପ୍ରସ୍ତୁତ ନହେଲେ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କଠିନ । ପୂର୍ବକାଳରେ ଆଗରୁ ଜଣାଇ ଦିଆଯାଉଥିଲା ଯେ ଏଥର ପ୍ରସ୍ତୁତ ହୁଅ, ତୁମର କଠିନ ପରୀକ୍ଷା ଆସୁଛି । ଆଗରୁ ଜଣାଥିଲେ କାର୍ଯ୍ୟ ଦଶଗୁଣ ସହଜ ହୁଏ, ଏଇଟା ପରୀକ୍ଷା ବୋଲି ଜଣାପଡ଼ିଗଲେ ଉତ୍ତୀର୍ଣ୍ଣ ହେବା ଏପରି କିଛି କଠିନ କଥା ନୁହେଁ ।

ମାତ୍ର ଏ ଯୋଗରେ ପୂରା ଜୀବନଟା ପରୀକ୍ଷା, ପ୍ରାତ୍ୟହିକ ଘଟଣାର ଭିତର ଦେଇ ନିତ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେବ ।

କେହି କେହି ନିଜ ତରଫରୁ ବୁଝିପାରନ୍ତି ଯେ, 'ଏଥର ଗୋଟିଏ ଚୂଡ଼ାନ୍ତ ନିଷ୍ପତ୍ତିର ସମୟ ହୋଇଯାଇଛି', ତେଣୁ ବିଶେଷ ପ୍ରଚେଷ୍ଟାରେ ଲାଗି ରହିବାକୁ ପଡ଼ିବ । ସେହି ଭାବରେ ପ୍ରସ୍ତୁତ ହୋଇ ସେମାନେ ଚାଲନ୍ତି । ସେତେବେଳେ ବେଶୀ ପରିମାଣର ଶକ୍ତି ସଞ୍ଚୟ କରି ସେମାନେ ଆସୁଥିବା ପରୀକ୍ଷା ଆଗରେ ଠିଆ ହୁଅନ୍ତି ।

ଅପର ପକ୍ଷରେ ତୁମେ ଯଦି ଅଜ୍ଞାନ, ଅନ୍ଧ, ମୂଢ଼ ବା ପ୍ରତିକୂଳ ମନ ନେଇ ପରୀକ୍ଷା ସମୟରେ ଅବାଧ୍ୟତା ବା ବିଦ୍ରୋହ ଆରମ୍ଭ କରି ଦିଅ, ତେବେ ସେ ପରୀକ୍ଷାରେ ତୁମେ ଅକୃତକାର୍ଯ୍ୟ ହେବ । ତା'ପର ଥରକୁ ପୁଣି ଯେତେବେଳେ ପରୀକ୍ଷା ଆସିବ ସେତେବେଳେ ଯେ ତୁମକୁ ଦ୍ୱିଗୁଣ ବାଧା ସହିବାକୁ ପଡ଼ିବ ତା' ନୁହେଁ, ନିଜ ଦୋଷରେ ନିଜର ଯେତେ କ୍ଷତି କରିଥିଲ ତାକୁ ମଧ୍ୟ ସୁଧାରି ନେବାକୁ ପଡ଼ିବ । ଏଣୁ ତୁମ ପକ୍ଷରେ କାମଟି ଯଥେଷ୍ଟ ବେଶୀ କଠିନ ହୋଇଯିବ, ସନ୍ଦେହ ନାହିଁ ।

ଅତଏବ ବରାବର ଯେପରି ବି ହେଉ ଚାଲିବା ଦରକାର, ଚାଲିବାକୁ ଯାଇ ଅଧା ବାଟରେ ଥରକୁ ଥର ଠିଆ ହୋଇପଡ଼ିବା ଉଚିତ ନୁହେଁ । କାରଣ କଠିନ କାମ ହେଲେ ମଧ୍ୟ ତାହାର ଏକ ଧାରାବାହିକତା ରହିଲେ ଅନେକ ସହଜ ହେବ, କିନ୍ତୁ ଥରେ ଅଟକିଯାଇ ପୁଣି ନୂଆ କରି ଆରମ୍ଭ କଲେ ଆହୁରି କଠିନ ହେବ ।

ଆତ୍ମୋନ୍ନତି ପଥରେ କୌଣସି ସନ୍ଧିକ୍ଷଣରେ କୌଣସି ଏକ ବଡ଼ ବାଧାକୁ ଡେଇଁଯିବା ସକାଶେ କେବଳ ଦୁଇଟି ମାତ୍ର ଉପାୟ ରହିଛି, ହୁଏତ ତୁମକୁ ସାହସ କରି ସିଧା ଗୋଡ଼ ବଢ଼ାଇ ଦେବାକୁ ପଡ଼ିବ, ସେତେବେଳେ ତା' ଦ୍ୱାରାହିଁ ତୁମେ କିଛି ଦୂର ଅଗ୍ରସର ହୋଇ ଯାଇପାରିବ । ତା' ନହେଲେ ସେଠାରେ ଯଦି ତୁମେ ଅଟକି ଯାଅ, ତେବେ ସେଠାରେ କେବଳ ଯେ ଅଟକି ଗଲ ବା ପଛରେ ପଡ଼ିଗଲ ତା' ନୁହେଁ, ସେ ସ୍ଥାନରୁ ଗଭୀର ଗର୍ତ୍ତ ମଧ୍ୟକୁ ତୁମର ପତନ ଘଟିପାରେ ଏବଂ ସେ ଏପରି ମାରାତ୍ମକ ପତନ ଯେ ସେଥିରୁ ଉଠି ଠିଆ ହେବାର କୌଣସି କ୍ଷମତା ରହିବ ନାହିଁ । ଗୋଟାଏ ଜନ୍ମ ବୃଥାରେ ନଷ୍ଟ ହୋଇଯିବ ।

କିନ୍ତୁ ଏହି ମାରାତ୍ମକ ଅବସ୍ଥାରେ ମଧ୍ୟ ତୁମର ପତିତ ସତ୍ତା ମଧ୍ୟରେ ଏପରି କିଛି ଜିନିଷ ଯଦି ଜୀବିତ ରହିଥିବ; ଅନିର୍ବାଣ ଶିଖା ପରି ଯାହା ଜଳୁଥିବ ଏବଂ ଯଦି ପତନ ସତ୍ତ୍ୱେ ସବୁ ପ୍ରକାର କଷ୍ଟ ସହ୍ୟ କରିବାକୁ ଓ ଯଥେଷ୍ଟ କ୍ଷତି ସହିବାକୁ ମଧ୍ୟ ପ୍ରସ୍ତୁତ ଥାଅ ତେବେ ମଧ୍ୟ ଯଦି ଗର୍ତ୍ତର ଗଭୀରରୁ ପୁଣି ପ୍ରକୃତରେ ଉପରକୁ ଉଠି ଆସିବାକୁ ଚାହୁଁଥାଅ ତେବେ ତାହା ମଧ୍ୟ ସମ୍ଭବ ହୋଇପାରେ, ଯଦି ତୁମର ସେହି ଅନିର୍ବାଣ ଶିଖାଟି ଭଗବତ୍ କୃପା ପାଇଁ ପ୍ରାର୍ଥନା କରେ । କୃପାବଳରେ କିଛି ବି ବସ୍ତୁ ଅସମ୍ଭବ ହୋଇ ରହିପାରେ ନାହିଁ ।

ମାତ୍ର, ଏହି ଶିଖାଟିର ଯଥେଷ୍ଟ ଜୋର୍ ରହିଥିବା ଦରକାର, ନହେଲେ ଗର୍ତ୍ତର ଗଭୀରତା ଭିତରୁ ପୁଣି ଉପରକୁ ଉଠି ଆସିବା ଏତେ ସହଜ କଥା ନୁହେଁ । ଏ ପଥରୁ ଥରେ ଯଦି ଓହରି ଯାଅ ତେବେ ଆଉ ଥରେ ଏହାକୁ ଖୋଜିପାଇବା ଖୁବ୍ କଷ୍ଟକର । ଆଶ୍ଚର୍ଯ୍ୟର କଥା ଥରେ ମାତ୍ର ଛାଡ଼ି ଦେଲେ ବି ତାହା ହଜିଯାଏ । ଏ ସମ୍ବନ୍ଧରେ ସବୁ ଦେଶରେ କିଂବଦନ୍ତୀ ରହିଛି – କେବେ କିଏ କେଉଁଠି ଥରେ ପଥଭ୍ରଷ୍ଟ ହୋଇଥିଲା, ତା'ପରେ ସାରା ଜୀବନ ଖୋଜି ମଧ୍ୟ ସେ ପଥ ଖୋଜି ପାଇଲା ନାହିଁ । ତା' ପାଖରେ ସେ ପଥ ନିଶ୍ଚିହ୍ନ ହୋଇଗଲା ।

ପଥଟି ଯଦି ଧରିଥାଅ, କେବେହେଲେ ତାକୁ ଛାଡ଼ ନାହିଁ । ଚାଲିବାକୁ ଆରମ୍ଭ କରିବା ଆଗରୁ ଯେତେ ଇଚ୍ଛା ମନ-ଖୁସିରେ ଇତସ୍ତତଃ ହୋଇପାର; କିନ୍ତୁ ଥରେ ପାଦ ବଢ଼ାଇଲେ ସେସବୁ ଏକାବେଳେକେ ବନ୍ଦ କରିଦେବାକୁ ପଡ଼ିବ, ଚାଲିବା କୌଣସି ପ୍ରକାରେ ଛାଡ଼ିବ ନାହିଁ । କାରଣ ସେଥିରେ ଯେଉଁ କ୍ଷତି ହେବ, ତାହାକୁ ପୂରଣ କରିବାରେ ଅନେକ ଜନ୍ମ ଲାଗିଯିବ । ସୁତରାଂ କହି ରଖୁଛି, ଏହା ଅତି ଗୁରୁତର ବିଷୟ ।

(CWM, Vol. 6 pp. 441-444)

# ଭଗବାନଙ୍କ ସମ୍ବନ୍ଧରେ ଏକ ପୂର୍ଣ୍ଣାଙ୍ଗ ଧାରଣା

## ଶ୍ରୀଅରବିନ୍ଦ

ଯଦି ଆମେ ପୂର୍ଣ୍ଣଯୋଗର ସାଧନା ପାଇଁ ପ୍ରୟାସ କରୁ, ତେବେ ଭଗବାନଙ୍କ ସମ୍ବନ୍ଧରେ ଏପରି ଏକ ଧାରଣା ନେଇ ତାହା ଆରମ୍ଭ ହେବା ଉଚିତ ଯାହା ସ୍ୱୟଂ ପୂର୍ଣ୍ଣାଙ୍ଗ । ହୃଦୟରେ ବିସ୍ତୃତ ଅଭୀପ୍ସା ନେଇ ଆମେ ଯେଉଁ ଉପଲବ୍ଧିଟି ଚାହିଁବୁ ତାହା ଯେପରି କୌଣସି ସଂକୀର୍ଣ୍ଣ ସୀମା ଦ୍ୱାରା ଆବଦ୍ଧ ନ ହୁଏ । ଆମକୁ ଯେ କେବଳ ଏକ ସାଂପ୍ରଦାୟିକ ଧର୍ମଗତ ଦୃଷ୍ଟିକୋଣଠାରୁ ଦୂରେଇ ରହିବାକୁ ହେବ, ଖାଲି ସେତିକି ନୁହେଁ, ଆମକୁ ମଧ୍ୟ ସେହିସବୁ ଏକଦିଗଦର୍ଶୀ ଦାର୍ଶନିକ ଧାରଣାଗୁଡ଼ିକୁ ପରିହାର କରିବାକୁ ପଡ଼ିବ, ଯେଉଁ ଧାରଣାଗୁଡ଼ିକ ଦିବ୍ୟ ଅନିର୍ବଚନୀୟଙ୍କୁ ଏକ ସୀମାବଦ୍ଧକାରୀ ମାନସିକ ସୂତ୍ର ଭିତରେ ଆବଦ୍ଧ କରି ରଖିବାକୁ ଚାହାନ୍ତି ।

ଭଗବାନଙ୍କ ସମ୍ପର୍କରେ ଯେଉଁ ଗତିଶୀଳ ଧାରଣା ବା ପ୍ରେରକ ଭାବ ନେଇ ଆମ ଯୋଗ ସବୁଠୁ ପ୍ରକୃଷ୍ଟ ଭାବରେ ଆରମ୍ଭ ହୋଇପାରେ, ତାହା ହେଉଛି ସ୍ୱଭାବତଃ ସବୁକିଛିକୁ ଆଲିଙ୍ଗନ କରୁଥିବା ଅଥଚ ସବୁକିଛିକୁ ଅତିକ୍ରମ କରୁଥବା ଦିବ୍ୟ ଅନନ୍ତଙ୍କର ଏକ ଧାରଣା ବା ବୋଧ । ଆମର ଊର୍ଦ୍ଧ୍ୱଦୃଷ୍ଟି ନିବଦ୍ଧ ହେବା ଉଚିତ ଚିରମୁକ୍ତ, ସର୍ବସମର୍ଥ, ପୂର୍ଣ୍ଣ ଓ ଆନନ୍ଦମୟ ସେହି ପରମ ଏକ ଓ ଏକତ୍ୱର ଉପରେ, ଯାହା ମଧ୍ୟରେ ସମସ୍ତ ସତ୍ତା ବିଚରଣ କରନ୍ତି ଓ ଜୀବନ ଧାରଣ କରନ୍ତି ଏବଂ ଯାହାଙ୍କ ମଧ୍ୟ ଦେଇ ସମସ୍ତେ ପରସ୍ପରକୁ ଭେଟନ୍ତି ଓ ମିଳିତ ହୋଇ ଏକ ହୋଇ ଯାଆନ୍ତି । ଏହି ପରମ ଶାଶ୍ୱତ ନିଜର ଆତ୍ମ-ପ୍ରକାଶରେ ଓ ଆତ୍ମାକୁ ତାଙ୍କର ସ୍ପର୍ଶରେ ଏକ ସଙ୍ଗରେ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ । ସେ ବ୍ୟକ୍ତିକ, କାରଣ ସେ ହେଉଛନ୍ତି ସଚେତ ଭଗବାନ୍, ଅନନ୍ତ ଦିବ୍ୟ ବ୍ୟକ୍ତି ଯେକି ବିଶ୍ୱର ଅଗଣିତ ଦିବ୍ୟ ଓ ଅଦିବ୍ୟ ବ୍ୟକ୍ତିରୂପ ଉପରେ ନିଜର କିଛି ଖଣ୍ଡିତ ପ୍ରତିଫଳନକୁ ନିପତିତ କରି ରଖିଛନ୍ତି । ସେ ନୈର୍ବ୍ୟକ୍ତିକ, କାରଣ ଆମ ଆଗରେ ସେ ପ୍ରତିଭାତ ହୁଅନ୍ତି ଏକ ଅନନ୍ତ ଅସ୍ତିତ୍ୱ, ଚେତନା ଓ ଆନନ୍ଦ ରୂପରେ, ଏବଂ ସେ ମଧ୍ୟ ହେଉଛନ୍ତି ଆମ ସମଗ୍ର ଅସ୍ତିତ୍ୱ ଓ ସମଗ୍ର ଶକ୍ତିର ଉତ୍ସ, ଭିତ୍ତି ଓ ଉପାଦାନ — ଆମ ସତ୍ତାର, ଆମ ମନ, ଜୀବନ ଓ ଶରୀରର,ଆମ ଆତ୍ମାର ଓ ଆମ ଜଡ଼ବସ୍ତୁର ମୂଳ ଉପାଦାନ ଓ ସାରତତ୍ତ୍ୱ ।

ଯେତେବେଳେ ଆମର ଭାବନାକୁ ତାଙ୍କ ଉପରେ ଏକାଗ୍ର କରାଯାଏ, ସେତେବେଳେ କେବଳ ବୁଦ୍ଧିଗତ ଭାବରେ ଏତିକି ବୁଝିଗଲେ ଯଥେଷ୍ଟ ହେବ ନାହିଁ ଯେ ସେ ବିରାଜିତ ହୋଇ ରହିଛନ୍ତି କିଂବା ତାଙ୍କ ସମ୍ପର୍କରେ ଏତିକି ଧାରଣା କଲେ ଯଥେଷ୍ଟ ହେବ ନାହିଁ ଯେ ସେ ଏକ ନିର୍ବିଶେଷ ସତ୍ୟ ବା ଏକ ତର୍କସିଦ୍ଧ ଅନିବାର୍ଯ୍ୟତା । ଏହି ଭାବନାକୁ ଏକ ଦର୍ଶନସମର୍ଥ ଭାବନାରେ ପରିଣତ ହେବାକୁ ହେବ, ଯାହା ତାଙ୍କୁ ସକଳଙ୍କ ମଧ୍ୟରେ ପରମ ଅଧିବାସୀ ରୂପେ ପ୍ରତ୍ୟକ୍ଷ କରିବ ଓ ଆମ ନିଜ ଭିତରେ ତାଙ୍କୁ ଉପଲବ୍ଧି କରିବ, ଏବଂ ତହିଁ ସଙ୍ଗେ ସଙ୍ଗେ ତାଙ୍କ ଶକ୍ତିରାଜିର ଖେଳା ଓ ଗତିସ୍ପନ୍ଦନଗୁଡ଼ିକୁ ଦେଖି ପାରୁଥିବ ଓ ନିଜେ ନିଜ ଅଧିକାର ଭିତରେ ଗ୍ରହଣ କରି ନେଇ ପାରୁଥିବ । ସେ ହେଉଛନ୍ତି ଏକକ ପରମ ଅସ୍ତିତ୍ୱ, ସେ ହେଉଛନ୍ତି ସେହି ସର୍ବମୂଳ ବିଶ୍ୱମୟ ଆନନ୍ଦ ଯାହା ସକଳ ବସ୍ତୁରେ ବିରାଜିତ ହୋଇ ରହିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ମଧ୍ୟ ଅତିକ୍ରମ କରି ରହିଛି । ସେ ହେଉଛନ୍ତି ସେହି ଏକକ ଅନନ୍ତ ଚେତନା ଯାହା ସମସ୍ତ ଚେତନାକୁ ରୂପ ଦେଇଥାଏ ଏବଂ ସେଗୁଡ଼ିକର ସମସ୍ତ ଗତିବୃତ୍ତିକୁ ଅନୁପ୍ରାଣିତ କରିଥାଏ; ସେ ହେଉଛନ୍ତି ସେହି ଏକକ ଅସୀମ ଦିବ୍ୟସତ୍ତା ଯେ ସମସ୍ତ କର୍ମ ଓ ଅନୁଭୂତିକୁ ଧାରଣ କରି ରହିଛନ୍ତି । ତାଙ୍କରି ସଂକଳ୍ପହିଁ ବସ୍ତୁସକଳର ବିବର୍ତ୍ତନକୁ ଏପର୍ଯ୍ୟନ୍ତ ଅନୁପଲବ୍ଧ ଅଥଚ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ହୋଇ ରହିଥିବା ସେମାନଙ୍କ ଲକ୍ଷ୍ୟ ଓ ପରିପୂର୍ଣ୍ଣତା ଦିଗରେ ବାଟ କଢ଼ାଇ ନିଏ । ଆମର ହୃଦୟ ତାଙ୍କ ପାଖରେ ନିଜକୁ ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇ ପାରିବ, ତାଙ୍କୁ ପରମ ପ୍ରେମାସ୍ପଦ ବୋଲି ଜାଣି ତାଙ୍କର ସାନ୍ନିଧ୍ୟ ଲାଭ କରିପାରିବ, ଦିବ୍ୟପ୍ରେମର ଏକ ବିଶ୍ୱମୟ ମାଧୁର୍ଯ୍ୟ ଓ ଦିବ୍ୟ-ଆନନ୍ଦର ଏକ ଜୀବନ୍ତ ସମୁଦ୍ର ମଧ୍ୟରେ ତାଙ୍କରି ଭିତରେ ସ୍ପନ୍ଦିତ ଓ ସଚଳ ହୋଇ ରହିବ । କାରଣ ତାଙ୍କରି ଗୋପନ ଆନନ୍ଦହିଁ ଆତ୍ମାର ନାନା ଅନୁଭୂତି କ୍ଷେତ୍ରରେ ତାହାର ଅବଲମ୍ବନ ସ୍ୱରୂପ ହୋଇ ରହିଥାଏ, ଏପରିକି ସେହି ଆନନ୍ଦହିଁ ସମସ୍ତ ଦୁଃଖ ଓ ଦୁର୍ଭୋଗର ପରିସମାପ୍ତି ଘଟିବା ପର୍ଯ୍ୟନ୍ତ ଆମର ଅହଂକୁ ତା'ର ନାନା ସଂଗ୍ରାମ ଓ ଅଗ୍ନିପରୀକ୍ଷା ମଧ୍ୟରେ ଧାରଣ କରି ରହିଥାଏ ।

ତାଙ୍କରି ପ୍ରେମ ଓ ଆନନ୍ଦ ହେଉଛି ସେହି ଅନନ୍ତ ଦିବ୍ୟ-ପ୍ରେମିକଙ୍କର ପ୍ରେମ ଓ ଆନନ୍ଦ, ଯେକି ତାଙ୍କ ନିଜ ସଙ୍ଗରେ ସୁଖପ୍ରଦ ଏକତ୍ୱରେ ମିଳିତ ହେବା ପାଇଁ ବସ୍ତୁସକଳକୁ ସେମାନଙ୍କ ନିଜ ନିଜ ପଥରେ ଆକର୍ଷଣ କରୁଛନ୍ତି ।

ତାଙ୍କରି ଉପରେହିଁ ଆମର ଇଚ୍ଛାଶକ୍ତି ନିଜକୁ ଦୃଢ଼ ଓ ଅଟଳ ଭାବରେ ଅଭିନିବିଷ୍ଟ କରି ରଖିବ, ତାହାଙ୍କୁହିଁ ସେହି ଅଦୃଶ୍ୟ ଦିବ୍ୟଶକ୍ତି ରୂପେ ଗ୍ରହଣ କରି ନେବ, ଯେକି ତାହାକୁ ପଥଦର୍ଶନ କରି ଆଗେଇ ନେଉଛନ୍ତି, ତାହାକୁ ପରିପୂର୍ଣ୍ଣ କରୁଛନ୍ତି ଓ ତାହାର ସାମର୍ଥ୍ୟର ଉତ୍ସ ହୋଇ ରହିଛନ୍ତି । ନୈର୍ବ୍ୟକ୍ତିକ ବିଭାବରେ ଏହି ପ୍ରେରଣାଦାୟୀ ପରମଶକ୍ତି ହେଉଛି ଏକ ଆତ୍ମଭାସ୍ୱରମୟ ଦିବ୍ୟସାମର୍ଥ୍ୟ ଯାହା ସମସ୍ତ ପରିଣତିକୁ ନିଜ ଭିତରେ ଧାରଣ କରି ରଖିଛି ଏବଂ ସେଗୁଡ଼ିକୁ ସିଦ୍ଧ ଓ ସମ୍ପନ୍ନ କରିବା ପର୍ଯ୍ୟନ୍ତ ସ୍ଥିର ଭାବରେ କାମ କରି ଚାଲିଛି । ବ୍ୟକ୍ତିକ ବିଭାବରେ ସେ ହେଉଛନ୍ତି ସର୍ବପ୍ରଜ୍ଞାମୟ ଓ ସର୍ବଶକ୍ତିମାନ୍ ଯୋଗେଶ୍ୱର ଓ ଯୋଗକୁ ତା'ର ଅଭୀଷ୍ଟ ଲକ୍ଷ୍ୟରେ ପହଞ୍ଚାଇ ଦେବା ପଥରେ ତାଙ୍କୁ କେହି ହେଲେ କଦାପି ରୋକି ଅଟକାଇ ଦେଇ ପାରିବ ନାହିଁ । ଏହି ଦୃଢ଼ ବିଶ୍ୱାସ ନେଇହିଁ ସାଧକକୁ ତା'ର ଅନ୍ୱେଷଣ ଓ ପ୍ରଚେଷ୍ଟା ଆରମ୍ଭ କରିବାକୁ ହେବ; କାରଣ ଏଠାରେ ତା'ର ସମସ୍ତ ପ୍ରଚେଷ୍ଟାରେ ଏବଂ ସର୍ବୋପରି ପରମ ଅଦୃଶ୍ୟଙ୍କ ଦିଗରେ ଆଗେଇ ଯିବା ପାଇଁ ତା'ର ସମସ୍ତ ପ୍ରୟାସରେ ମନୋପ୍ରଧାନ ମଣିଷକୁ କେବଳ ବିଶ୍ୱାସ ଓ ଶ୍ରଦ୍ଧାକୁହିଁ ଅବଲମ୍ବନ କରି ଅଗ୍ରସର ହେବାକୁ ହେବ । ଯେତେବେଳେ ସିଦ୍ଧି ଆସିବ ସେତେବେଳେ ଦିବ୍ୟଭାବରେ ସାର୍ଥକ ଓ ସଂସିଦ୍ଧ ହୋଇଥିବା ତା'ର ବିଶ୍ୱାସ ରୂପାନ୍ତରିତ ହେବ ଜ୍ଞାନର ଏକ ପ୍ରଜ୍ୱଳ ଶାଶ୍ୱତ ଶିଖାରେ । ❖

## ଆନ୍ତର ଶୁଦ୍ଧି ଓ ଅଭିବ୍ୟକ୍ତି

ନିମ୍ନ ପ୍ରକୃତି ଓ ତା'ର ବାଧାବିଘ୍ନଗୁଡ଼ିକ ଉପରେ ଅତ୍ୟଧିକ ମନ ଦେବା ଏକ ଭୁଲ୍, ଏହା ହେଉଛି ସାଧନାର ନକାରାତ୍ମକ ପାର୍ଶ୍ୱ । ସେଗୁଡ଼ିକୁ ଦେଖିପାରିବା ଓ ଶୁଦ୍ଧ କରିବା ନିଶ୍ଚୟ ଆବଶ୍ୟକ, କିନ୍ତୁ ସେଇଗୁଡ଼ିକହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ବୋଲି ମନେ କରି କେବଳ ସେଇଥିରେ ମନୋନିବେଶ କରି ଲାଗି ରହିଲେ ତାହା ସହାୟକ ହୁଏ ନାହିଁ । ଅବତରଣର ସକାରାତ୍ମକ ଦିଗ ବା ପାର୍ଶ୍ୱଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ । ଯଦି ଜଣେ ସକାରାତ୍ମକ ଅନୁଭୂତିର ଜିନିଷଗୁଡ଼ିକୁ ଆବାହନ କରିବା ପୂର୍ବରୁ ତା'ର ନିମ୍ନ-ପ୍ରକୃତି ସମଗ୍ର ଭାବରେ ଓ ସବୁଦିନ ପାଇଁ ଶୁଦ୍ଧ ହେବା ସକାଶେ ଅପେକ୍ଷା କରେ, ତା'ହେଲେ ତାହାକୁ ହୁଏତ ଚିରକାଳ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ । ଏହା ସତ୍ୟ ଯେ ନିମ୍ନତର ପ୍ରକୃତି ଯେତେ ଅଧିକ ଶୁଦ୍ଧ ହୁଏ, ଉଚ୍ଚତର ପ୍ରକୃତିର ଅବତରଣ ସେତେ ଅଧିକ ସହଜ ହୁଏ, କିନ୍ତୁ ଏହା ମଧ୍ୟ ସତ୍ୟ ଓ ଅଧିକତର ସତ୍ୟ ଯେ ଉଚ୍ଚତର ପ୍ରକୃତି ଯେତେ ଅଧିକ ଅବତରଣ କରେ, ନିମ୍ନତର ପ୍ରକୃତି ସେତେ ଅଧିକ ଶୁଦ୍ଧ ହୁଏ । ନା ପୂର୍ଣ୍ଣ ଶୁଦ୍ଧି ନା ସ୍ଥାୟୀ ବା ପୂର୍ଣ୍ଣ ଅଭିବ୍ୟକ୍ତି, କୌଣସିଟି ମଧ୍ୟ ହଠାତ୍, ତତ୍‌କ୍ଷଣାତ୍ ଭାବରେ ଆସେ ନାହିଁ, ଏଥିପାଇଁ ସମୟ ଓ ଧୈର୍ଯ୍ୟପୂର୍ଣ୍ଣ ଅଗ୍ରଗତି ପ୍ରୟୋଜନ । ଏହି ଦୁଇଟି ଜିନିଷ (ଶୁଦ୍ଧି ଓ ଅଭିବ୍ୟକ୍ତି) ପାଖ ପାଖ ହୋଇ ଆଗେଇ ଚାଲନ୍ତି ଏବଂ ଗୋଟିଏ ଅନ୍ୟଟିର ହାତ ଧରି ଆଗେଇବାର ଖେଳାରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠୁଥା'ନ୍ତି । — ଏହାହିଁ ସାଧନାର ସାଧାରଣ ମାର୍ଗ ।

— ଶ୍ରୀଅରବିନ୍ଦ

# ଧମ୍ମପଦ

## (୭)

### (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ। ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି। ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର)। ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି। ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ। କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ। ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ। ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି। ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ। ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି। ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ। ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା)। ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ। ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି। ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ। ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ। ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ। ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ। ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ। – ସଂପାଦନା]

ତୃତୀୟ ଅଧ୍ୟାୟ

### ଚିତ୍ତବଗ୍‌ଗୋ (ଚିତ୍ତବର୍ଗ)

(୧)

ଫନ୍ଦନଂ ଚପଲଂ ଚିତ୍ତଂ ଦୂରକ୍‌ଖଂ ଦୁନ୍ନିବାରୟଂ।
ଉଜୁଂ କରୋତି ମେଧାବୀ ଉସୁକାରୋ'ବ ତେଜନଂ ॥

(The trepidating restless stuff of the mind is hard to guard, hard to control. The intelligent man straightens it even as an arrow-maker straightens an arrow.)

ଚଞ୍ଚଳ ଓ ଅସ୍ଥିର ମନୋବୃତ୍ତିକୁ ଜଗି ରହିବା ବା ଶାସନ କରିବା ଦୁଷ୍କର। ବିଜ୍ଞ ବ୍ୟକ୍ତି ତାହାକୁ ସରଳ (ବଶୀଭୂତ) କରନ୍ତି ଯେପରି ଶରନିର୍ମାଣକାରୀ (ବ୍ୟକ୍ତି) ଶରକୁ ସଳଖ କରେ।

(୨)

ବାରିଜୋ’ବ ଥଲେ ଖିତ୍ତୋ ଓକମୋକତୋ ଉବ୍ଭତୋ ।
ପରିଫନ୍ଦତି’ଦଂ ଚିତ୍ତଂ ମାରଧେୟ୍ୟଂ ପହାତବେ ॥

(Born of water, the fish strains and struggles when thrown on land from out of its watery dwelling, even so does the mind-stuff when freed from the dominion of *Mãra*.)

ଜଳଜାତ ମତ୍ସ୍ୟ ଜଳାଶୟରୁ ଉଦ୍ଧୃତ ତଥା ସ୍ଥଳଭାଗରେ ନିକ୍ଷିପ୍ତ ହେଲେ ଯେପରି ଛଟପଟ ହୁଏ ଓ ଯନ୍ତ୍ରଣା ଭୋଗ କରେ, ସେହିପରି ‘ମାର’ର ରାଜ୍ୟରୁ ମୁକ୍ତ ମନୋବୃତ୍ତି କମ୍ପିତ ହୁଏ ।

(୩)

ଦୁନ୍ନିଗ୍ଗହସ୍ସ ଲହୁନୋ ଯତ୍ଥ କାମନିପାତିନୋ ।
ଚିତ୍ତସ୍ସ ଦମଥୋ ସାଧୁ ଚିତ୍ତଂ ଦନ୍ତଂ ସୁଖାବହଂ ॥

(Hard to master, unstable, wayward is the mindstuff. It is good to be able to control it. A controlled mind-stuff brings happiness.)

ଦୁର୍ଦମ, ଅସ୍ଥିର, ଅବାଧ ମନୋବୃତ୍ତିର ଶାସନକ୍ଷମତା ଶୁଭଜନକ । ଶାସନାଧୀନ ମନୋବୃତ୍ତି ସୁଖାବହ ।

(୪)

ସୁଦୁଦ୍ଦସଂ ସୁନିପୁଣଂ ଯତ୍ଥ କାମନିପାତିନଂ ।
ଚିତ୍ତଂ ରକ୍ଖେୟ୍ୟ ମେଧାବୀ, ଚିତ୍ତଂ ଗୁତ୍ତଂ ସୁଖାବହଂ ॥

(Hard to grasp, extremely clever, moving as it pleases, the mind-stuff is to be kept under control. A well-guarded mind-stuff brings happiness.)

ଦୁରୂହ, ସୁଚତୁର, ସ୍ୱେଚ୍ଛାଚାରୀ ମନୋବୃତ୍ତିକୁ ଶାସନାଧୀନ ରଖିବା ଉଚିତ । ସୁଶୃଙ୍ଖଳ ମନୋବୃତ୍ତି ସୁଖାବହ ।

(୫)

ଦୂରଙ୍ଗମଂ ଏକଚରଂ ଅସରୀରଂ ଗୁହାସୟଂ ।
ୟେ ଚିତ୍ତଂ ସଞ୍ଞମେସ୍ସନ୍ତି ମୋକ୍ଖନ୍ତି ମାରବନ୍ଧନା ॥

(It wanders far, it wanders alone, it has nobody, it dwells in the cavern of the heart. He who brings it under control, is liberated from the bondages of *Mãra*)

ଦୂରଗାମୀ, ଏକଚର, ଅଶରୀର, ହୃଦୟଗୁହାଶ୍ରୟୀ ଚିତ୍ତକୁ ଯେ ସଂଯତ କରନ୍ତି, ସେ ‘ମାର’ର ବନ୍ଧନରୁ ମୁକ୍ତ ହୁଅନ୍ତି ।

(୬)

ଅନବଟ୍ଠିତଚିତ୍ତସ୍ସ ସଦ୍ଧମ୍ମଂ ଅବିଜାନତୋ ।
ପରିପ୍ଲବପସାଦସ୍ସ ପଞ୍ଞା ନ ପରିପୂରତି ॥

(One who has an unsteady mind, one who knows not the true Law, whose clarity is overwhelmed can never have his wisdom perfected.)

ଯାହାର ମନ ଅବ୍ୟବସ୍ଥିତ, ସତ୍ୟଧର୍ମ ଯାହାର ଅଜ୍ଞାତ, ଯେ ବିକ୍ଷୁବ୍ଧ ଚିତ୍ତ, ତାହାର ଜ୍ଞାନ କଦାପି ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ ।

(୭)

ଅନବସ୍ସୁତଚିତ୍ତସ୍ସ ଅନନ୍ୱାହତଚେତସୋ ।
ପୁଞ୍ଞପାପପହୀଣସ୍ସ ନତ୍ଥି ଜାଗରତୋ ଭୟଂ ॥

(One whose thoughts are never dissipated,

whose mind is never perplexed, who has gone beyond good and evil, one who is thus wakeful has nothing to fear.)

ଯାହାର ଚିନ୍ତାସମୂହ ଅସାର ବିଷୟରେ ବିକ୍ଷିପ୍ତ ହୁଏ ନାହିଁ, ଯାହାର ମନ ସଂଶୟ ଦ୍ୱାରା ଅନାକ୍ରାନ୍ତ, ଯେ ପାପପୁଣ୍ୟର ଅତୀତ, ଏହିପରି ଜାଗ୍ରତ୍ ବ୍ୟକ୍ତିର କୌଣସି ଭୟ ନ ଥାଏ ।

(୮)

କୁମ୍ଭୂପମଂ କାୟମିମଂ ବିଦିତ୍ୱା
ନଗରୂପମଂ ଚିତ୍ତମିଦଂ ଠପେତ୍ୱା ।
ଯୋଧେଥ ମାରଂ ପଞ୍ଞାୟୁଧେନ
ଜିତଂ ଚ ରକ୍ଖେ ଅନିବେସନୋ ସିୟା ॥

(Know this body to be a mere earthen pot. Establish this mind like a city. And with knowledge as your weapon fight with Mãra; guard preciously what you have conquered.)

ଦେହକୁ ମୃତ୍ପାତ୍ରରୂପ ଜ୍ଞାନ କର । ମନକୁ ନଗର ନ୍ୟାୟ ସୁରକ୍ଷିତ କର । ପ୍ରଜ୍ଞାରୂପକ ଆୟୁଧ ଦ୍ୱାରା 'ମାର' ସହିତ ଯୁଦ୍ଧ କର; ଜୟଲାଭ ପରେ ବିଜିତ ଉପରେ ଅତି ସତର୍କ ଦୃଷ୍ଟି ରଖ ।

(୯)

ଅଚିରଂ ବତ'ୟଂ କାୟୋ ପଠବିଂ ଅଧିସେସ୍ସତି ।
ଛୁଦ୍ଧୋ ଅପେତବିଞ୍ଞାଣୋ ନିରତ୍ଥଂ'ବ କଳିଙ୍ଗରଂ ॥

(Lo, this body before long will lie prostrate on the ground, even as a valueless, senseless, useless piece of log.)

ହାୟ ! ଅଚିରେ ଏହି ଦେହ ଭୂମିଶାୟିତ ହେବ । ସେତେବେଳେ ଏହା ମୂଲ୍ୟହୀନ, ସଂଜ୍ଞାହୀନ, ନିଷ୍ପ୍ରୟୋଜନ କାଷ୍ଠଖଣ୍ଡ ପରି ପଡ଼ି ରହିବ ।

(୧୦)

ଦିସୋ ଦିସଂ ୟନ୍ତଂ କୟିରା ବେରୀ ବା ପନ ବେରିନଂ ।
ମିଚ୍ଛାପଣିହିତଂ ଚିତ୍ତଂ ପାପିୟୋ'ନଂ ତତୋ କରେ ॥

(Whatever a hater may do to a hater, whatever an enemy may do to an enemy, more evil is done by a misdirected mind.)

ଦ୍ୱେଷକାରୀ ଦ୍ୱେଷକାରୀର ଅଥବା ଶତ୍ରୁ ଶତ୍ରୁର ଯେପରି ଅନିଷ୍ଟ ସାଧନ କରେ, ଅସତ୍ ପଥରେ ଚାଳିତ ମନ ତଦପେକ୍ଷା ଅଧିକ ଅନିଷ୍ଟ କରେ ।

(୧୧)

ନ ତଂ ମାତା ପିତା କୟିରା ଅଞ୍ଞେ ବାପି ଚ ଞାତକା ।
ସମ୍ମାପଣିହିତଂ ଚିତ୍ତଂ ସେୟ୍ୟସୋ' ନଂ ତତୋ କରେ ॥

(Neither the father nor the mother nor any other relative can do as much good as a well-directed mind does.)

ସତ୍ ପଥରେ ଚାଳିତ ମନ ମନୁଷ୍ୟର ଯେପରି ଅଧିକ ମଙ୍ଗଳ କରେ, ପିତାମାତା ଅଥବା ଅନ୍ୟ ଜ୍ଞାତିବର୍ଗ ତାହା କରିପାରିବେ ନାହିଁ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଯେଉଁମାନଙ୍କର ମନ ଅଶାସିତ ରହିଅଛି, ସେମାନଙ୍କ ନିମନ୍ତେ ଯାବତୀୟ ପ୍ରୟୋଜନୀୟ ବିଷୟର ସିଦ୍ଧାନ୍ତ ଏହି କେତୋଟି ଶ୍ଳୋକରେ ଉଲ୍ଲିଖିତ ହୋଇଅଛି । ସେଥିରେ ବ୍ୟକ୍ତିର ଅଭ୍ୟାସଗତ ପୁରାତନ ଜୀବନଧାରା, ଚିନ୍ତାଧାରା ଓ

ପ୍ରତିକ୍ରିୟାରେ ଆସକ୍ତି ପ୍ରତି ଦୃଷ୍ଟି ଆକର୍ଷିତ ହୋଇଅଛି, ଏପରିକି ଯେତେବେଳେ ବ୍ୟକ୍ତି ସେ ସମସ୍ତରୁ ମୁକ୍ତ ହେବା ପାଇଁ ସଚେଷ୍ଟ ହୁଏ । ତୁମର ଚେଷ୍ଟା ବଳରେ ଯେତେବେଳେ ତୁମେ ପୁରାତନ ଧାରାରୁ ବାହାରି ଆସ, ସେତେବେଳେ ତୁମେ ଜଳରୁ ବାହାରି ଆସିଥିବା ମାଛ ପରି ଶ୍ୱାସ ନିମିତ୍ତ ହାଇଁପାଇଁ ହୁଅ, କାରଣ ସେତେବେଳେ ତୁମେ ଅନ୍ଧ କାମନାବାସନାରାଜିର ପରିବେଷ୍ଟନୀରୁ ବାହାରି ଆସି ଥାଅ ।

ଏପରିକି ଯେତେବେଳେ ତୁମେ ଦୃଢ଼ସଂକଳ୍ପ କର, ସେତେବେଳେ ମଧ୍ୟ ମନ ଅସ୍ଥିର ଥାଏ । ଏହା (ମନ) ଅତି ସୂକ୍ଷ୍ମ ଏବଂ ଏହାକୁ ଆୟତ୍ତ କରିବା କଠିନ । ବାହାରକୁ ନ ଦେଖାଇଲେ ମଧ୍ୟ, ଏହା ନିଜର ସନ୍ତୋଷ ନିମିତ୍ତ ବରାବର ବ୍ୟସ୍ତ, ଏବଂ ଏହାର ଯାବତୀୟ ଅଭିପ୍ରାୟ ହୃଦୟର ଅନ୍ତରରେ ଏପରି ଲୁକ୍‌କାୟିତ ଥାଏ ଯେ ସେଗୁଡ଼ିକର ପ୍ରକୃତ ରୂପ ପ୍ରକାଶ ପାଏ ନାହିଁ ।

ଏବଂ ଶରୀରର ଦୁର୍ବଳତା ବିଷୟରେ ବିସ୍ମୃତ ନ ହେବା ଶ୍ରେୟଃ, କିନ୍ତୁ ମନର ନିଜ ଦୁର୍ବଳତା ବିରୋଧରେ ମନକୁ ଶକ୍ତିଶାଳୀ କରିବାକୁ ଚେଷ୍ଟା କରିବା ଉଚିତ । ଜ୍ଞାନରୂପକ ତରବାରି ଦ୍ୱାରା ତୁମକୁ ଅବଶ୍ୟ ଅପଶକ୍ତି ବିରୋଧରେ ସଂଗ୍ରାମ କରିବାକୁ ହେବ । ଏବଂ ତୁମକୁ ନିଜର କରାୟତ୍ତ ଉନ୍ନତିର ସୁରକ୍ଷା କରିବାକୁ ହେବ, ଯେପରିକି ଉକ୍ତ ଅପଶକ୍ତିଗୁଡ଼ିକ ତୁମର ସାଧନାଲବ୍ଧ ଉନ୍ନତିରୁ ତୁମକୁ ବଞ୍ଚିତ ନ କରନ୍ତି । କାରଣ ସେଗୁଡ଼ିକ ଦୁର୍ଦ୍ଦାନ୍ତ ଅପହାରକ ।

ଯେଉଁମାନେ ମୃତ୍ୟୁକୁ ଭୟ କରନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ଗୋଟିଏ ଶ୍ଳୋକ ଅଛି; ଶ୍ଳୋକଟିର ଅଭିପ୍ରାୟ ହେଲା ସେମାନଙ୍କୁ ସେହି ଭୟରୁ ମୁକ୍ତ କରିବା । ପରିଶେଷରେ ଗୋଟିଏ ଛୋଟ ଶ୍ଳୋକ ଅଛି,— ପରିବାର ପ୍ରତି ଆସକ୍ତ ବ୍ୟକ୍ତିଗଣଙ୍କ ପାଇଁ; ଏହା ସେମାନଙ୍କୁ ଏହି ଆସକ୍ତିର ଅହମିକା ବିଷୟରେ ଚେତାଇ ଦିଏ ।

ଶେଷରେ, ଗୋଟିଏ ଶେଷ ସତର୍କ ବାଣୀ; ଶତ୍ରୁ ଶତ୍ରୁର, ଦ୍ୱେଷକାରୀ ଦ୍ୱେଷକାରୀର ଯାହା କ୍ଷତି କରେ ତଦପେକ୍ଷା ଅଧିକ କ୍ଷତି କରେ କୁପରିଚାଳିତ, କୁଶାସିତ ଚିନ୍ତା । ଅର୍ଥାତ୍, ଏପରିକି ପୃଥିବୀରେ ଯେଉଁମାନେ ମନରେ ଉତ୍କୃଷ୍ଟ ଶୁଭେଚ୍ଛା ପୋଷଣ କରନ୍ତି, ଏବଂ ସେମାନଙ୍କର ନିଜ ଚିନ୍ତାଧାରା ଉପରେ ଯଦି ନିପୁଣ ଶାସନ ନ ଥାଏ, ତାହାହେଲେ ଶତ୍ରୁ ଶତ୍ରୁର ବା ଦ୍ୱେଷକାରୀ ଦ୍ୱେଷକାରୀର ଯେପରି କ୍ଷତି କରିପାରେ, ତଦପେକ୍ଷା ଅଧିକ କ୍ଷତି କରିବେ ସେମାନେ ନିଜର ଏବଂ ଯେଉଁମାନଙ୍କୁ ଭଲପା'ନ୍ତି ସେମାନଙ୍କର ।

ମନର ସ୍ୱୀୟ ପ୍ରବଞ୍ଚନା ଶକ୍ତି ଅସଂଖ୍ୟ ପ୍ରକାର । ଏହା ନିଜର କାମନା ଓ ଅଭିରୁଚିଗୁଡ଼ିକୁ ଯାବତୀୟ ବିସ୍ମୟଜନକ ଅଭିପ୍ରାୟ ଦ୍ୱାରା ଘୋଡ଼ାଇ ରଖେ ଏବଂ ନିଜର ଚତୁରତା, ଅସନ୍ତୁଷ୍ଟି ଓ ନୈରାଶ୍ୟ ଭାବସମୂହକୁ ଅଧିକ ସହାୟକ ବାହ୍ୟରୂପର ପଶ୍ଚାତରେ ଗୋପନ ରଖେ ।

ଏହିସବୁ ବିଷୟ ଉପରେ ଜୟୀ ହେବା ପାଇଁ ତୁମକୁ ଯୋଦ୍ଧା ପରି ନିର୍ଭୀକ ହେବାକୁ ହେବ, ଏବଂ ସକଳ ବାଧା ନିବାରଣ ନିମିତ୍ତ ସାଧୁତା, ଅକୁଟିଳତା ଓ ଅକପଟ ସରଳତା ଅବଲମ୍ବନ କରିବାକୁ ହେବ ।

(କ୍ରମଶଃ)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୪୦ - ୪୫)
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ ✤

ଅତୀତର ପରମ୍ପରାଗୁଡ଼ିକ ସେହି ଅତୀତରେ ସେମାନଙ୍କ ନିଜ ସ୍ଥାନରେ ଅତୀବ ମହାନ୍, କିନ୍ତୁ ଆମେ ଆହୁରି ଅଧିକ ଆଗକୁ ନଯାଇ କାହିଁକି କେବଳ ସେହିଗୁଡ଼ିକରହିଁ ପୁନରାବୃତ୍ତି କରୁଥିବା — ଏହାର କୌଣସି ଅର୍ଥ ମୁଁ ଦେଖୁ ନାହିଁ । ପୃଥିବୀରେ ଚେତନାର ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ମହାନ୍ ଅତୀତ ଆହୁରି ଅଧିକତର ମହାନ୍ ଭବିଷ୍ୟତ୍ ଦ୍ୱାରା ଅନୁସୃତ ହେବା ଉଚିତ ।

— ଶ୍ରୀଅରବିନ୍ଦ

# ଭଗବାନ୍ ନିଜକୁ ଦେଇ ଦିଅନ୍ତି

## ଶ୍ରୀମା

*ଶିଷ୍ୟ : ମା, ''ଭଗବାନ୍ ନିଜକୁ ଦେଇ ଦିଅନ୍ତି''ର ଅର୍ଥ କ'ଣ ?*

**ଶ୍ରୀମା :** ଏହାର ଅର୍ଥ ଠିକ୍ ଏହାହିଁ, ତୁମେ ନିଜକୁ ଯେତେ ଅଧିକ ଦେଇ ଦେବ, ସେତେ ଅଧିକ ତୁମର ଏହି ଅନୁଭୂତି ଆସିବ – ଏହା କେବଳ ଅନୁଭବ, ଧାରଣା ବା ସଂବେଦନ ନୁହେଁ । ଏହା ଏକ ସାମଗ୍ରିକ ଅନୁଭୂତି – ତୁମେ ନିଜକୁ ଭଗବାନଙ୍କ ପାଖରେ ଯେତିକି ଦେଇ ଦେବ ସେ ସେତେ ଅଧିକ ତୁମ ସଙ୍ଗରେ ରହିବେ; ସାମଗ୍ରିକ ଭାବରେ, ସଦାସର୍ବଦା, ପ୍ରତ୍ୟେକ ମୁହୂର୍ତ୍ତରେ, ତୁମର ସମସ୍ତ ଚିନ୍ତାରେ, ତୁମର ସମସ୍ତ ଆବଶ୍ୟକତାରେ ଏବଂ ସେତେବେଳେ ଏପରି କିଛି ଅଭୀପ୍ସା ନଥାଏ ଯାହାକି ତତ୍‌କ୍ଷଣାତ୍ ଏକ ଉତ୍ତର ପାଏନି ଏବଂ ତୁମର ପୂର୍ଣ୍ଣ ଓ ନିରନ୍ତର ଏକ ଅନ୍ତରଙ୍ଗତାର, ଏକ ସାମଗ୍ରିକ ସାନ୍ନିଧ୍ୟର ବୋଧ ଆସେ । ଯେପରି କି ତୁମେ ବହନ କରିଚାଲିଛ ... ଯେପରି କି ସବୁ ସମୟରେ ଭଗବାନ୍ ତୁମ ସଙ୍ଗେ ସଙ୍ଗେ ରହିଛନ୍ତି; ତୁମେ ଚାଲ, ସେ ତୁମ ସଙ୍ଗେ ଚାଲନ୍ତି, ତୁମେ ନିଦ୍ରା ଯାଅ, ସେ ତୁମ ସଙ୍ଗେ ନିଦ୍ରା ଯାଆନ୍ତି, ତୁମେ ଆହାର ଗ୍ରହଣ କର ଓ ସେ ତୁମ ସଙ୍ଗେ ଆହାର ଗ୍ରହଣ କରନ୍ତି; ତୁମେ ଚିନ୍ତା କର ଏବଂ ସେ ତୁମ ସଙ୍ଗେ ଚିନ୍ତା କରନ୍ତି, ତୁମେ ପ୍ରେମ କର ଏବଂ ସେହିଁ ହୋଇ ଉଠନ୍ତି ତୁମର ପ୍ରେମ । କିନ୍ତୁ ଏଥିପାଇଁ ତୁମ ନିଜକୁ ଦେଇ ଦେବାକୁ ହେବ ପୂର୍ଣ୍ଣ ଭାବରେ, ସମଗ୍ର ଭାବରେ, ଅନନ୍ୟ ଭାବରେ, କିଛି ବି ସଂରକ୍ଷିତ ରଖିବ ନାହିଁ, ନିଜ ପାଇଁ କିଛି ରଖିବ ନାହିଁ ଏବଂ କିଛି ବି ଲୁଚାଇ ରଖିବ ନାହିଁ, ଆଉ ମଧ୍ୟ କିଛି ବି ଏଣେ ତେଣେ ଫୋପାଡ଼ି ଦେବ ନାହିଁ । ଭଗବାନଙ୍କୁ ନ ଦେଇ ତୁମ ସତ୍ତାରେ ଅଲଗା ସାମାନ୍ୟ ଟିକେ ରହିଲେହିଁ ତାହା ଏକ ଅପଚୟ, ତାହା ତୁମ ଆନନ୍ଦର ଅପବ୍ୟୟ, ଯାହା ସେହି ଅନୁପାତରେ ତୁମ ଆନନ୍ଦକୁ କମାଇ ଦେବ, ଏବଂ ଯାହା ତୁମେ ଭଗବାନଙ୍କୁ ଦେବ ନାହିଁ, ତାହା ଯେପରି କି ଭଗବାନ୍ ତାଙ୍କ ନିଜକୁ ତୁମକୁ ଦେଇ ଦେବାର ସମ୍ଭାବନା ପଥରେ ଏକ ବାଧା ସ୍ୱରୂପ କରି ରଖୁଛ । ତୁମେ ତାଙ୍କୁ ନିଜର ଘନିଷ୍ଠ ବୋଲି ଭାବ ନାହିଁ । ସେ ତୁମ ସଙ୍ଗେ ନିରନ୍ତର ଅଛନ୍ତି ବୋଲି ଭାବ ନାହିଁ, କାରଣ ତୁମେ ତାଙ୍କର ହୋଇ ରହି ନାହଁ, କାରଣ ତୁମେ ଶହ ଶହ ଅନ୍ୟାନ୍ୟ ଜିନିଷର ଓ ଲୋକମାନଙ୍କର ହୋଇ ରହିଛ । ତୁମ ଚିନ୍ତାରେ, ତୁମ କର୍ମରେ, ତୁମ ଅନୁଭବରେ, ପ୍ରବୃତ୍ତିରେ ଲକ୍ଷ ଲକ୍ଷ ଜିନିଷ ରହିଛି, ଯାହା ତୁମେ ତାଙ୍କୁ ଦେଇ ନାହଁ ଏବଂ ସେଇଥିପାଇଁ ସେ ତୁମ ସଙ୍ଗରେ ସଦାସର୍ବଦା ରହିଥିବାର ଅନୁଭବ କର ନାହିଁ । ଏହି ସମସ୍ତ ଜିନିଷ ତୁମ ଭିତରେ ଓ ତାଙ୍କ ଭିତରେ ଏକ କାନ୍ଥବାଡ଼ ପରି, ଏକ ପରଦା ପରି ହୋଇଥାଏ । କିନ୍ତୁ ଯଦି ତୁମେ ସବୁ କିଛି ଦେଇ ଦିଅ, ଯଦି ନିଜ ପାଇଁ କିଛି ବି ନ ରଖ, ତା'ହେଲେ ସେ ତୁମ ସଙ୍ଗେ ସଦାସର୍ବଦା ରହିବେ, ସଦାସର୍ବଦା ଓ ସମଗ୍ର ଭାବରେ, ତୁମେ ଯାହା ବି କର, ଯାହା ବି ଭାବ, ଯାହା ବି ଅନୁଭବ କର, ସେ ସବୁଥିରେ ପ୍ରତ୍ୟେକ ମୁହୂର୍ତ୍ତରେ ତୁମ ସଙ୍ଗରେ ରହିବେ । କିନ୍ତୁ ଏଥିପାଇଁ ନିଜ ସକାଶେ କିଛି ବି ନରଖି ତୁମକୁ ପୂର୍ଣ୍ଣ ଓ ଅଖଣ୍ଡ ଭାବରେ ତାଙ୍କ ପାଖରେ ନିଜକୁ ଦେଇ ଦେବାକୁ ହେବ । ପ୍ରତ୍ୟେକଟି ଛୋଟ ଛୋଟ ଜିନିଷ ଯାହା ତୁମେ ନିଜ ପାଇଁ ରଖ ତାହା ହେଉଛି ଗୋଟିଏ ଗୋଟିଏ ପ୍ରସ୍ତର ଖଣ୍ଡ ଯାହାକି ଭଗବାନଙ୍କ ଭିତରେ ଓ ତୁମ ଭିତରେ ବ୍ୟବଧାନର ଏକ କାନ୍ଥ ନିର୍ମାଣ ପାଇଁ ତୁମେ ରଖି ଦେଇଛ । ଏବଂ ପରେ ତୁମେ ଅଭିଯୋଗ କର, ''ଓଃ, ମୁଁ ତାଙ୍କୁ ଅନୁଭବ କରୁ ନାହିଁ !'' ପ୍ରକୃତରେ ଆଶ୍ଚର୍ଯ୍ୟର କଥା ହେଉଛି ତୁମେ ତାଙ୍କୁ ଅନୁଭବ କରି ପାରି ଥାଆନ୍ତ ।

ବାସ୍ ।

(CWM, Vol. 7, pp. 247 - 248)

# ଅଗଷ୍ଟ ପନ୍ଦରର ବିଶେଷ ଉତ୍ସବ

## ଏ. ବି. ପୁରାଣୀ

**(୧୫-୮-୧୯୨୪)**

ଏଇ ଦିବସଟିକୁ କିଏ ଅବା ବର୍ଣ୍ଣନା କରିପାରିବ ? କଳ୍ପନାର ରଙ୍ଗ ଦେଇ, କବିତ୍ୱର ଉପମା ଦେଇ, କାହାଣୀମାଳାର ଓଜନ ଦେଇ – ଏସବୁ ମିଶାଇଲେ ବି ତା' ସହିତ ସମାନ ହେବନି । ଏତିକି କହିଲେ ଯଥେଷ୍ଟ ହେବ : ''ଦିନଟି ହେଉଛି ଅଗଷ୍ଟ ୧୫ ତାରିଖ'' । ଆଧ୍ୟାତ୍ମିକ କ୍ରିୟାର ଦୃଷ୍ଟିରୁ ଗଭୀରତା ଏବଂ ପ୍ରଗାଢ଼ତାରେ କୌଣସି ଦିନ ବି ଏହାର ପାଖାପାଖି ଆସି ପାରିବ ନାହିଁ – ଆବେଗପ୍ରବଣ ବନ୍ୟାର ଊର୍ଦ୍ଧ୍ୱମୁଖୀ ଗତିଧାରା ଏବଂ ସେଇ ଧାରାରେ – ଯେଉଁଥିରେ ଏ ସ୍ଥାନର ପ୍ରତ୍ୟେକ ବ୍ୟକ୍ତି ଏଇ ବାତାବରଣରେ ଅବଗାହନ କରନ୍ତି, ଅନ୍ୟ କୌଣସି ଦିନ ବି ସେ ପର୍ଯ୍ୟାୟର ନୁହେଁ ।

ଅନୁଗତମାନଙ୍କୁ ଯଥାର୍ଥ ଓ ନିଖୁଣ ଭାବେ ଗଢ଼ି-ତୋଳିବାରେ ସେ ଯେଉଁ ସମ୍ଭାବ୍ୟ ସମ୍ପର୍କ ସ୍ଥାପନ କରିଛନ୍ତି, ତାହା ପ୍ରଭୁଙ୍କର କରୁଣାର ସର୍ବୋତ୍ତମ ନମୁନା । ପ୍ରତ୍ୟେକ ଶିଷ୍ୟ ତାଙ୍କୁ ଆପଣାର ବୋଲି ଜାଣନ୍ତି ଏବଂ ପ୍ରଭୁ ମଧ୍ୟ ପ୍ରତ୍ୟେକଙ୍କୁ ତାଙ୍କ ନିଜର ବୋଲି ଗ୍ରହଣ କରିଛନ୍ତି । ପ୍ରତ୍ୟେକେ ବିଶ୍ୱାସ କରନ୍ତି ଯେ ପ୍ରଭୁ ତାଙ୍କୁହିଁ ସବୁଠାରୁ ଅଧିକ ଭଲପା'ନ୍ତି ଏବଂ ଏହା ମଧ୍ୟ ସତ ଯେ ପ୍ରଭୁ ସମସ୍ତଙ୍କୁ ଅତିମାତ୍ରାରେ ଭଲପା'ନ୍ତି । ଏ ଅନୁଭବ ମାୟା ଓ ପ୍ରହେଳିକା ନୁହେଁ କିଂବା ଆତ୍ମ-ବଶୀକରଣର ବିଭ୍ରାନ୍ତି ନୁହେଁ; ବରଂ ଏକାନ୍ତ ବାସ୍ତବ । ପରମ ସତ୍ୟର ସ୍ୱତଃସ୍ଫୂର୍ତ୍ତ ସକ୍ରିୟ ବିଧାନହିଁ ଏଇଭଳି, ଯାହାକୁ ସେ ମୂର୍ତ୍ତିମନ୍ତ କରି ତୋଳିଛନ୍ତି ପ୍ରେମ ରୂପେ – ଦିବ୍ୟପ୍ରେମ ରୂପେ ।

ସବୁ ଆଶ୍ରମବାସୀଙ୍କ ମଧ୍ୟରେ ସମର୍ପଣର ଆନନ୍ଦ ଉଦ୍‌ବେଳିତ ହେଉଛି – ଆତ୍ମ ସମର୍ପଣର ଆନନ୍ଦ । ଏହାର ସ୍ଫୁଲିଙ୍ଗ ସମସ୍ତଙ୍କୁ ଛାଇଯାଇଛି । ସମସ୍ତ କିଛି ଦିଆହୋଇଛି, ସବୁଥିରେ ଆତ୍ମୋତ୍ସର୍ଗ । ଏହା ଫଳରେ କେଡ଼େ ମୁକ୍ତ ଅନୁଭବ କରୁଛ ତୁମେ ! କେଡ଼େ ହାଲୁକା ଓ ଉଶ୍ୱାସବୋଧ ହେଉଛି ତୁମକୁ ! ଜଣେ କେହି ଅଛନ୍ତି ଯିଏ ତୁମର ସବୁ ଭାର ନେଇ ନେଉଛନ୍ତି – ଏହାହିଁ ପରମ ପ୍ରେମର ସାମର୍ଥ୍ୟ । ତାଙ୍କ ଉପରେ ତୁମେ ନିର୍ଦ୍ୱନ୍ଦ୍ୱରେ ଭରସା କରିପାର । ସେଥିପାଇଁ କେବଳ ଆବଶ୍ୟକ ତୁମର ଏଇ ନିଜତ୍ୱଟିକୁ ଦେଇଦେବା, ବାକିସବୁ କାର୍ଯ୍ୟ ତାଙ୍କର । ତୁମର କିଛି ଚିନ୍ତା ନାହିଁ କି ବ୍ୟସ୍ତତା ନାହିଁ । କୌଣସି ଆୟାସ ନାହିଁ । ଉପାୟଟି କେବଳ ପ୍ରେମପୂର୍ଣ୍ଣ ଶରଣାଗତି । ଆଃ କେତେ ସହଜ !

ସମର୍ପଣର ଆନନ୍ଦରେ ସମସ୍ତଙ୍କର ମୁଖ ଉଜ୍ଜ୍ୱଳ, ସମସ୍ତେ ସୁଖ ଓ ଆନନ୍ଦରେ ଉଚ୍ଛୁଳି ପଡ଼ିବା ଭଳି । ଅଥଚ କିଛି ବି ବାହ୍ୟକାରଣ ନାହିଁ, ଏଇ ମୁକ୍ତ ଉତ୍‌ଫୁଲ୍ଲତା ପାଇଁ ବାହ୍ୟ ଉପାଦାନ କିଛି ବି ନାହିଁ । ଏ ଅପର୍ଯ୍ୟାପ୍ତ ଆନନ୍ଦ କେଉଁଠାରୁ ବହିଆସୁଛି ? ଏମାନେ କହୁଛନ୍ତି ଦୁଇ ତିନିବର୍ଷ ହେଲା ପ୍ରଭୁ ମଧ୍ୟ ଏପରି ଖୁସି ଥିବାଭଳି ଲାଗୁ ନଥିଲେ ।

ଅତି ସକାଳୁ ଆଶ୍ରମରେ ସମସ୍ତେ ନାନା କାର୍ଯ୍ୟରେ ବ୍ୟାପୃତ – ସାଜସଜ୍ଜା, ପୁଷ୍ପସମ୍ଭାର, ଫୁଲମାଳ ଆଦି ଏବଂ ଆଶ୍ରମବାସୀଙ୍କର ସ୍ନାନ, ଭୋଜନର ପର୍ବ ଶେଷ କରିବାର ବ୍ୟସ୍ତତା – ପ୍ରଭୁଙ୍କ ଦର୍ଶନ ଲାଗି ପ୍ରସ୍ତୁତ ହେବାରେ ବ୍ୟଗ୍ର ସମସ୍ତେ । ସମୟ ଯେପରି ଉତ୍‌କଣ୍ଠିତ ଆବେଗର ବନ୍ୟା ଭିତରେ ଜୁଆର ଭଳି ଆଗେଇ ଚାଲିଛି । ଆଜି 'ଦର୍ଶନ' – ଆମେ ପ୍ରତ୍ୟହ ତାଙ୍କୁ ଦେଖୁଥାଇଁ, ମାତ୍ର ଅଦ୍ୟ ଦିବସଟି ବିଶେଷ - 'ଦର୍ଶନ' । ଜଣକ ପରେ ଜଣେ ବ୍ୟକ୍ତିଗତ ଭାବେ ଆଜି ତାଙ୍କୁ ଦର୍ଶନ କରନ୍ତି, ଏ ବିବିଧ କାମଦାମ ଭିତରେ ଚେତନା ଏକାଗ୍ର ହୁଏ । ଆଜି ହେଉଛି ଦର୍ଶନ – କୌଣସି ମାନବୀୟ ବ୍ୟକ୍ତିର ନୁହେଁ, ସର୍ବଶେଷ ଦିବ୍ୟତ୍ୱର ଦର୍ଶନ । ଆଜିର ଦିନଟିରେ ଭଗବାନଙ୍କର ଦର୍ଶନ ଲାଭ ସକାଶେ ଦୁର୍ଲଭ ସୁଯୋଗ ଆମକୁ ଦିଆଯାଇଛି ।

ସେଠାରେ ସେ ବସିଛନ୍ତି – ବାରଣ୍ଡାରେ ଏକ ରାଜକୀୟ ସିଂହାସନରେ – ରାଜକୀୟ ଓ ମହିମମୟ ସେ ଚିତ୍ର । ସେଠାରେ ତାଙ୍କ ଭଙ୍ଗିମାରେହିଁ ରହିଛି ଦିବ୍ୟ ଆତ୍ମ-ବିଶ୍ୱାସ । ସେଇ ମହାଯୋଗୀଙ୍କର ହୃଦୟରେ ଉଚ୍ଛ୍ୱସିତ ହେଉଛି ଭାବାବେଗର ସାଗର – ଏହା କ'ଣ ସେଇ ପ୍ଲାବନ ଯାହା ଏକ ସାଙ୍ଗରେ ଊର୍ଦ୍ଧ୍ୱାୟିତ ହୋଇଯାଉଛି, ପୁଣି ମାନବ-ଗତିଛନ୍ଦ ମଧ୍ୟକୁ ଉପରୁ ନିମ୍ନକୁ ପ୍ରବହମାନ ହୋଇଆସୁଛି । ଯେଉଁ କେତେଜଣ ଭକ୍ତ ଦିବ୍ୟତାକୁ ନିଜ ଅନୁଭୂତିରେ ପାଇଛନ୍ତି, ସେଇମାନେହିଁ କିଛି ମାତ୍ରାରେ ଏହାକୁ ଜାଣି ପାରୁଥିବେ । ଯେଉଁମାନେ ଥରେ ଏଥିରେ ସ୍ନାତ ହୋଇଛନ୍ତି, ସେଇମାନେ

ଉକ୍ତ ଆନନ୍ଦସିନ୍ଧୁରୁ ବାହାରକୁ ଆସିବେନି । ସେଠାରେ ସେ ଉପବେଶନ କରିଛନ୍ତି – ଶୁଭ୍ର ଓ ରକ୍ତପଦ୍ମର ମାଳାରେ ବିଭୂଷିତ ହୋଇ, ତାଙ୍କ ନିକଟରେ ଭକ୍ତମାନଙ୍କର ଉତ୍ସର୍ଗିତ ଛୋଟ ବଡ଼ ଫୁଲ ତୋଡ଼ାମାନ ରଖା ଯାଇଛି । ହୃଦୟ-ସ୍ପନ୍ଦନ, ପ୍ରାର୍ଥନା, ଅନୁଯୋଗ, ପ୍ରାଣାବେଗ ତାଙ୍କଠାରେ ଜମା ହେଉଛି – ଏବଂ ସେସବୁ ଲାଗି ଆଶୀର୍ବାଦର ଭରପୂର ସ୍ରୋତସ୍ୱିନୀ ବି ବହିଆସୁଛି ପ୍ରଖରବେଗରେ । ବିଶ୍ୱାସର ଅଭାବ ଓ ସଂଶୟପୋଷଣ-କାରୀମାନେ ବି ଏଇଦିନ ଆଶ୍ୱାସନା ପାଆନ୍ତି । ଯେତେସବୁ ମାନବୀୟ ପ୍ରୟୋଜନ, ସେସବୁ ଭଗବାନ୍ ପୂରଣ କରିଦିଅନ୍ତି, ସେ ପୂର୍ତ୍ତି ଦେଇସାରିଲା ପରେ ବି କରୁଣାର ଧାରାରେ ପ୍ଲାବିତ କରନ୍ତି ଏବଂ କରୁଣାର ଧାରା ନିରବଚ୍ଛିନ୍ନ ଭାବେ ପ୍ରବାହିତ ହୁଏ । ଆନନ୍ଦ ଢାଳି ଦେଉଥିବା ଉକ୍ତ ନୟନଯୁଗଳରୁ ଅବର୍ଣ୍ଣନୀୟ ପ୍ରେମ ଓ କରୁଣାର ଦିବ୍ୟଧାରା ବହି ଆସୁଥିଲା, ଏହା କାହାର ଦୃଷ୍ଟିପଥରେ ପଡ଼ି ନାହିଁ ଅବା କିଏ ଏହା ଭୁଲିପାରିବ ! ଏଇଠାରେ ଯଦି ଅପରିମେୟ ଦିବ୍ୟତା ରହିବ ନାହିଁ ତ ଆଉ କେଉଁଠି ରହିବ ?

ସାଧାରଣତଃ, ସେ ଜ୍ଞାନର ମୂର୍ତ୍ତ ରୂପ, ଆଜି କିନ୍ତୁ, ସେ ଭିନ୍ନ ଏକ ରୂପ – ସେ ହେଉଛନ୍ତି କେବଳ ପ୍ରେମ । ସେ କବି ରୂପେ ଯେମିତି ମହାନ୍, ପରମ ପ୍ରେମିକ ରୂପେ ବି ପରମ ଅବତାର । ଗୋଟିଏ ଦୃଷ୍ଟିପାତରେ ସେ ସମ୍ମୁଖସ୍ଥ ବ୍ୟକ୍ତିର ଅନ୍ତରର ସନ୍ଧାନ ପାଇଯା'ନ୍ତି, ତାକୁ ସ୍ନେହ କରନ୍ତି ଆଉ ତା' ଉପରେ ଆଶିଷ ବି ଢାଳନ୍ତି – ସବୁ ସେଇ ଏକହିଁ ପଲକପାତରେ । ଲୋକେ ସେଇ ଚକ୍ଷୁ ଦୁଇଟି ଓ ତାହାର ଚାହାଣିରେ ବିସ୍ମୟ ପ୍ରକାଶ କରନ୍ତି, କିନ୍ତୁ ସେଇତକ ପାଇଁ ଯେଉଁ ଦିବ୍ୟତ୍ୱ ଆବଶ୍ୟକ – ତାହା ହେବା ଦରକାର ପ୍ରତୁଳ ।

ପ୍ରଶ୍ନଟି ହେଉଛି, କ'ଣ ଯାଚନା କରିବା – ତାଙ୍କର ଭଲପାଇବା ନା ତାଙ୍କର ଆଶିଷ ନା ଉଭୟ ପାଇଁ ପ୍ରାର୍ଥନା କରିବା ଉଚିତ ? ଏବଂ ତତ୍ ସହିତ ଆମ ଭଳି ଅଯୋଗ୍ୟ ଲୋକଙ୍କୁ ଗ୍ରହଣ କରନ୍ତୁ ବୋଲି ପ୍ରାର୍ଥନା । ଅସୀମର ପ୍ରାନ୍ତରେ ଦଣ୍ଡାୟମାନ ହୋଇ ଆତ୍ମା ଯେତେବେଳେ ପ୍ରଭୁଙ୍କର ଭାବୀ କାଳର ସ୍ୱପ୍ନଭରା ସ୍ନେହମୟ ସେଇ ନୟନଦ୍ୱୟକୁ ଚାହିଁ ରହେ, ସେତେବେଳେ ସେଇ ଆତ୍ମା ସର୍ବକାଳ ପାଇଁ ତାଙ୍କ ସହ ବନ୍ଧା ପଡ଼ିଯାଏ । ଦିବ୍ୟପ୍ରେମର ଦୁର୍ବୋଧ ରହସ୍ୟ ଏଇଠି ହାତ ପାଆନ୍ତାରେ ! କିଏ ଏଇ ସତ୍ୟଟିକୁ ବୁଝି ପାରିବ ? ଘଟଣା ତ ଏକ ଘଟଣା ଏବଂ ଅନୁଭୂତି ତ ଏକ ଅନୁଭୂତିହିଁ, ତାହାର କୌଣସି ବ୍ୟାଖ୍ୟା ସମ୍ଭବପର ନୁହେଁ ।

ମନର ଏଇ ପ୍ରଶ୍ନ – 'ମୁଁ ତାଙ୍କୁ କ'ଣ ଦେବା ଉଚିତ ?' ହୃଦୟର ପ୍ରଶ୍ନ – 'କ'ଣ ମୁଁ ମାଗିପାରେ ?' ଉଭୟେ ଉତ୍ତର ଦେବାକୁ ଅରାଜି ଏବଂ ପ୍ରଶ୍ନ ଦୁଇଟିର ଉତ୍ତର ନାହିଁ । ମନ ଅନୁଭବରେ ବୁଝିପାରେ ତା'ର ଉତ୍ସର୍ଗର ନ୍ୟୂନତା, ତେଣୁ ନୀରବ ହୋଇଯାଏ । ହୃଦୟ ଲଜ୍ଜାବନତ ହୁଏ, କାହିଁକି ନା ଏ ମାଗିବାଟା ଭିକ୍ଷୁକର ମନୋଭାବ, ଅନୁଭବରେ ତା'ର ଅଭିଧାନ ଆହତ ହୁଏ । ବର୍ତ୍ତମାନର ଏଇ ମଧୁର ବିହ୍ୱଳତା କିଏ ସମାଧାନ କରିପାରିବ । ଭିକ୍ଷୁକର ହୃଦୟ ନେଇ ଦିନଟାଯାକ କଟିଯାଏ । ଏହା ବ୍ୟତୀତ ଗୋଟିଏ ପ୍ରକାର କୌତୂହଳ ଥାଏ ଜାଣିବା ପାଇଁ ଯେ କେମିତି ଭାବେ ଗୃହୀତ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତି, କ'ଣ ହେଉଛି ତା'ପରେ ପ୍ରତ୍ୟେକଙ୍କର ?

ପରନ୍ତୁ ଏସବୁ ତ ଥିଲା ଦର୍ଶନର ପୂର୍ବାବସ୍ଥା । ଯାବତୀୟ କୌତୂହଳ, ଯେତେ ପ୍ରକାର ଆତ୍ମାଭିମାନ, ସବୁ ଚିନ୍ତା, ସବୁ ପ୍ରଶ୍ନ, ଯେତେସବୁ ସଂକଳ୍ପ – ସେ ସମସ୍ତ ବିରାଟ ନାଏଗ୍ରାର ଦିବ୍ୟ ପ୍ରବଳ ସ୍ରୋତରେ ଭାସିଗଲା । ହେ ଦିବ୍ୟ-ପ୍ରେମର ମୂର୍ତ୍ତିମନ୍ତ ବିଗ୍ରହ ! କି ସ୍ୱଚ୍ଛତା ! ପରମପ୍ରଭୁଙ୍କର ହୃଦୟ ଭିତରେ ବି ଆବେଗର ସାଗର ଉଦ୍‌ବେଳିତ ହେଉଥିବ । ଆମେ ଶିଷ୍ୟ, ଆମର ହୃଦୟ ତରଳି ଯାଏ ନିଜର ଅଜ୍ଞାତସାରରେ, ସତ୍ତା ତାଙ୍କ ପଦତଳେ ଆପଣାଛାଏଁ ନଇଁଯାଏ, ଏପରି ସ୍ଥାନରେ ଭାଷାର ଅବକାଶ କାହିଁ ? କେବଳ ଏକମାତ୍ର ବିଷୟ, ଶରୀରର ଭାଷା – ଏବଂ ତାହାର ସ୍ୱତଃସ୍ଫୂର୍ତ୍ତ ଅବନମିତ ହେବା ତଥା ଆତ୍ମୋତ୍ସର୍ଗର ବିଧାନରେ ଶରୀର ସାଷ୍ଟାଙ୍ଗ ପ୍ରଣିପାତ କରିବା ଓ ହୃଦୟର ସ୍ପନ୍ଦନ ଏବଂ ତତ୍ ସହିତ ଚକ୍ଷୁଦ୍ୱୟରୁ ଅଶ୍ରୁପାତ ଓ ଦିବ୍ୟତାଭରା ପରମ ଶାନ୍ତି ! ଏବଂ ଏଇସବୁ ଅନୁଭୂତିର କି ଅପରିମିତ ସୌନ୍ଦର୍ଯ୍ୟ !

ସଭିଏଁ ସମତା ରଖିବାର ଚେଷ୍ଟା କରୁଥା'ନ୍ତି । ପ୍ରତ୍ୟେକେ ନୀରବ ଓ ଶାନ୍ତ ରହିବାକୁ ଯଥେଷ୍ଟ ଯତ୍ନ କରୁଥା'ନ୍ତି । କିନ୍ତୁ ଆଜିର ଦିନରେ ମାନବିକତାର ସମସ୍ତ ବାଧାବନ୍ଧନ ଦୂର ହୋଇ ଯାଉଛି ଦିବ୍ୟ ପ୍ରେମର ପ୍ରବାହରେ । ଆତ୍ମା ତା'ର ସମତା ରକ୍ଷା କରେ, କିନ୍ତୁ ସମଗ୍ର ପ୍ରକୃତି ଭିତରେ ରହିଛି ଉତ୍ତେଜନାର ଅନୁକ୍ଷୋଭ, ଯେହେତୁ ଅଜଣା ଅଶୁଣା ଜଳରାଶି ତା' ଭିତରକୁ ଧସେଇ ପଶିଆସିଛି । ଜ୍ଞାନକୁ ରଖାଯାଇଛି ଥାକ ଉପରେ ସୁରକ୍ଷିତ ଭାବେ, ଆଉ ଏଠାରେ ଚାଲିଛି ପ୍ରେମର ପ୍ଳାବନ । ଆଜି ଆତ୍ମା ଦିବ୍ୟତାର, ବିଜୟର ନିଶ୍ଚୟତା ଲାଭ କରିଛି, ଯାହା ସେ ପୂର୍ବରୁ କେବେ ଲାଭ କରି ନାହିଁ ।

ଭୋଜନାଳୟରେ ସମସ୍ତେ ଏକାଠି ହୋଇଛନ୍ତି – ସ୍ନାନ କରୁଛନ୍ତି, ଆନନ୍ଦର ସ୍ନାନ କରୁଛନ୍ତି । ସମସ୍ତେ ଖୁସୀ । ସର୍ବତୋଭାବେ ଖୁସୀ – ପରିପୂର୍ଣ୍ଣ ଉଲ୍ଲାସ ଭିତରେ ସମସ୍ତେ । ଆଜି ସେଠାରେ ଅଛି ଗୋଟିଏ ଆନନ୍ଦର ସାମ୍ରାଜ୍ୟ ! ହେ ଶିଳ୍ପି ! କି ମହନୀୟ ଶିଳ୍ପକଳା ! ସେମାନେ ପ୍ରତ୍ୟେକେ ଆନନ୍ଦରେ ଅଭିଭୂତ ! ଆନନ୍ଦ ସମସ୍ତଙ୍କୁ ବୁଡ଼ାଇ ରଖିଛି ଏବଂ ପ୍ଲାବିତ ହୋଇଯାଇଛି ।

ଅପରାହ୍ଣ ୪ଟା ବେଳେ ବାରଣ୍ଡାରେ ସାଧାରଣତଃ ଯେଉଁଠି ସମସ୍ତେ ବସିବା ପାଇଁ ଏକତ୍ରିତ ହୁଅନ୍ତି – ସେଠାରେ, ଅର୍ଥାତ୍, ବାରଣ୍ଡାରେ ସମସ୍ତେ ସମବେତ ହେଲେ । ନୀରବତା ମଧ୍ୟରେ ଆଶାନ୍ୱିତ ହୋଇ, କେହି ଜଣେ ଦୁଇଜଣ ନିଜ ଭିତରେ ତୁନି ତୁନି କଥା ହେଉଛନ୍ତି । ସମବେତ ଶିଷ୍ୟବୃନ୍ଦ ନିଃଶବ୍ଦରେ ବାରଂବାର ନିଜ ଭିତରେ କହୁଛନ୍ତି : ‘କେବେ ସେ ଆସିବେ ?’ କିଂବା ‘ସେ ଆସୁଛନ୍ତି ପରା’ । ୪ଟା ବାଜି ପନ୍ଦର ମିନିଟ ହେଲା, ସେଇ ପୁରୁଣା ପରିଚିତ ପୁଣି ନୂତନ ଭାବେ ‘ଖଟ୍ କରି ହେବା’ ଦରଜାର ସେପଟରୁ । ଧୀରେ ଦୁଆର ମେଲିଗଲା । ଗୁରୁଦେବ ଆଗେ ପାଦ ବଢ଼ାଇ ଆସିଲେ, ତାଙ୍କୁ ଅନୁସରଣ କରି ନାଲି ଧଡ଼ିଥିବା କ୍ରିମ୍ ରଙ୍ଗର ଶାଢ଼ି ପିନ୍ଧି ଶ୍ରୀମା । ପ୍ରଭୁ ତାଙ୍କର ବ୍ୟବହୃତ ବଡ଼ ଜାପାନୀ ଚେୟାରରେ ବସିଲେ, ତାଙ୍କର ଦକ୍ଷିଣରେ ମା’ ବସିଲେ ଏକ ଛୋଟ ଷ୍ଟୁଲ୍ ଉପରେ । ଅଳ୍ପ କିଛି ସମୟ ପାଇଁ, ହୁଏତ ପାଞ୍ଚ ମିନିଟ ପାଇଁ ସେଠାର ବାତାବରଣ ସମ୍ପୂର୍ଣ୍ଣ ନୀରବ ।

ତତ୍ପରେ ସେ ପ୍ରତ୍ୟେକଙ୍କୁ ଅଲଗା ଅଲଗା କରି ଚାହିଁଲେ । ପ୍ରତିଟି ମୁହୂର୍ତ୍ତ ନୀରବତାରେ ଦ୍ରବୀଭୂତ । ସମସ୍ତଙ୍କ ଭିତରେ ଆହୁରି ଥରେ ସେଇ ଆବେଗର ସ୍ପନ୍ଦନ, ତରଙ୍ଗ; ଯେପରି ସଭିଏଁ ଦିବ୍ୟ ଆବେଗର ସାଗରରେ ଅବଗାହନ କରିବାକୁ ଯାଉଛନ୍ତି । କିପରି ହୁଅନ୍ତା ଯଦି ସମଗ୍ର ଶାଶ୍ୱତକାଳ ଏଇ ନିବିଡ଼ ଅନୁଭୂତିରେ ଭାସିଯାଇଥା’ନ୍ତା ! କାଳ, ବିଚରା କାଳ, ତା’ର ପ୍ରବାହକୁ ନେଇ ଲୋକଙ୍କର କେତେ ଆକ୍ଷେପ ! ଅଥଚ ସମୟର ସ୍ରୋତର ଦୋଷତ୍ରୁଟି କେଉଁଠି ? ଯଦି ଏତେ ପ୍ରେମ ଏବଂ ଏଇଭଳି ଦିବ୍ୟ ଆନନ୍ଦର ଲୀଳା  ସେଇ ସମୟ ଭିତରେହିଁ ସମ ତାଳରେ ଗତି କରିଚାଲିଛି – ସେଇ ସମୟ ବିଚରା ପ୍ରବହମାନ ହେଉ ତା’ର ଶାଶ୍ୱତସ୍ପର୍ଶକୁ ନେଇ ! ଏ ଜଗତ୍ ଦିବ୍ୟ ହେଉ ! ଅନ୍ୟ ଏକ ଦୃଢ଼ ଅଭୀପ୍ସା ଉପର ସ୍ତରକୁ ଉଠି ଆସିଲା : ‘‘ଏହାକୁ ଅଭିବ୍ୟକ୍ତ କରିବା ଦରକାର ନାହିଁ – ଶାଶ୍ୱତର ସମଗ୍ରତା ଏଇ ନୀରବତା ଭିତରେହିଁ ବହିଯାଉ !’’

(*Evening Talks with Sri Aurobindo*, p. 486 - 487)

ଅନୁବାଦ : ଶ୍ରୀ ଅନାଦି ଚରଣ ସ୍ୱାଇଁ ✤

ପୃଥିବୀକୁ ନେଇହିଁ ମୋର କର୍ମ, ବହିର୍ଜଗତସବୁକୁ ନେଇ ଖାସ୍ ସେମାନଙ୍କ ସକାଶେ ନୁହେଁ; ପାର୍ଥିବ ସିଦ୍ଧିହିଁ ମୋର ଲକ୍ଷ୍ୟ, ସୁଦୂର ଶିଖରସବୁ ଉଦ୍ଦେଶ୍ୟରେ ଉଡ୍ଡୟନ ନୁହେଁ । ଅନ୍ୟସବୁ ଯୋଗ ଏ ଜୀବନକୁ ଏକ ମାୟା ଅଥବା ଅସ୍ଥାୟୀ ପର୍ଯ୍ୟାୟ ଭାବେ ଦେଖନ୍ତି; ଏକମାତ୍ର ଅତିମାନସ ଯୋଗହିଁ ଏହାକୁ ଭଗବାନଙ୍କର କ୍ରମାଗତ ପରିପ୍ରକାଶ ସକାଶେ ସୃଷ୍ଟ ବୋଲି ମନେ କରେ ଏବଂ ଜୀବନ ତଥା ସ୍ଥୂଳଦେହର ପରିପୂର୍ଣ୍ଣତା ଏହାର ଲକ୍ଷ୍ୟ ବୋଲି ଗ୍ରହଣ କରେ ।

– ଶ୍ରୀଅରବିନ୍ଦ

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ରିସ୍‌ଲେ ବିଜ୍ଞପ୍ତିର ଯଥାର୍ଥ ମର୍ମ

ଆମେମାନେ ଦେଖିଛୁ ଯେ ଲାଲା ଲଜପତ୍ ରାୟଙ୍କ ଦେଶାନ୍ତରର ପରିଣାମହିଁ କେବଳ ପ୍ରଶାସନ ଓ ଜନତା ମଧ୍ୟରେ ଚାଲିଥିବା ଲଢ଼େଇକୁ ଆଣି ଚରମ ପର୍ଯ୍ୟାୟରେ ପହଞ୍ଚେଇ ଦେବ ଆଉ ନେତୃବର୍ଗ ଓ ସର୍ବସାଧାରଣଙ୍କୁ ନେଇ ଆସିବ ବିସ୍ଫୋରକ ପରିସ୍ଥିତି ଭିତରକୁ । ଆମେମାନେ ମଧ୍ୟ ଏହି ସିଦ୍ଧାନ୍ତରେ ପହଞ୍ଚି ସାରିଛୁ ଯେ ମଇମନ୍‌ସିଂ ଠାରେ ଘଟି ଯାଇଥିବା ଅଶାନ୍ତି ସେମିତି କୌଣସି ନୂଆ ସମସ୍ୟା ସୃଷ୍ଟି କରିନି କିନ୍ତୁ ବିଶେଷ ପ୍ରାଥମିକ ଆବଶ୍ୟକତାକୁ ନେଇ ଉପୁଜିଥିବା ଜରୁରୀ ସ୍ଥିତିଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଆମକୁ ବରଂ ବାଧ୍ୟ କରିଛି ଯାହା ପ୍ରତି ଆମେ ଅତ୍ୟଧିକ ଅବହେଳା ପ୍ରଦର୍ଶନ କରି ଆସିଥିଲୁ – ବ୍ରିଟିଶ ଶାସନର ତଥାକଥିତ ଶାନ୍ତି (Pax Britannica)ର ମାୟାଜାଲ ଘେରା ଓ ବିଭ୍ରାନ୍ତିକର ସୁରକ୍ଷା ଉପରେ ଅନ୍ଧ ଭାବରେ ଭରସା ରଖିବାର ଆବଶ୍ୟକତା ଏଣିକି ଆଉ ପଡ଼ିବନି ଯାହାକି ଆମକୁ କୌଣସି ମୁହୂର୍ତ୍ତରେ କିଛି ବି କାମ ଦେବନି ଅଥବା ତାକୁ ବାତିଲ କରିବାକୁ ହେବ; ଆମର କେବଳ ଆବଶ୍ୟକ ହେଉଛି ଆତ୍ମରକ୍ଷାର ସାଧନ ଦିଗରେ ଗୋଟିଏ ସାର୍ବଜନୀନ ପ୍ରଶିକ୍ଷଣ ଆଉ ପାରସ୍ପରିକ ସାହାଯ୍ୟ ପାଇଁ ଏକ ନୂଆ ସଙ୍ଗଠନର; ଆବଶ୍ୟକ ହେଉଛି ମୁସଲମାନମାନଙ୍କୁ ନେଇ ଉପୁଜିଥିବା ଅସୁବିଧାକୁ ଜାଣିବା ପାଇଁ ଏବଂ ପ୍ରକୃତ ପକ୍ଷେ ତା'ର ମୁକାବିଲା କରିବା ପାଇଁ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଏଇସବୁ ଆକସ୍ମିକ ଘଟଣାଗୁଡ଼ିକରୁ କିଛି ହେଲେ ବି ଆମ ରକ୍ଷଣାତ୍ମକ ପ୍ରତିରୋଧର କାର୍ଯ୍ୟକ୍ରମକୁ ଅସାଧ୍ୟ କରି ଦେଇନି କିଂବା କାର୍ଯ୍ୟକ୍ରମର ଅନୁକୂଳ ପରିବେଶକୁ ଏପଟ ସେପଟ କରି ଦେଇନି ।

ଭାରତ ସରକାରଙ୍କର ତୃତୀୟ ବ୍ୟତିକ୍ରମ ହେଉଛି ସଦ୍ୟ ଜାରୀ ହୋଇଥିବା ରିସ୍‌ଲେ ଆଦେଶ ପତ୍ର (Risley Circular) । ଏହି ଆଦେଶ ପତ୍ରଟି କେବଳ ଏକ ଅଧିକ ବିସ୍ତୃତ ଆଉ ସତର୍କତା ସହିତ ଅନୁଧ୍ୟାନ କରାଯାଇଥିବା କାର୍ଲାଇଲ୍ (Carlyle)ଙ୍କ ଆଦେଶ ପତ୍ରର ସଂସ୍କରଣ ମାତ୍ର । ତେଣୁ ଏହି ସମସ୍ୟା ପାଇଁ ଏହା ସେମିତି କିଛି ଅଜଣା ତଥ୍ୟ ପ୍ରଦାନ କରୁନି; କିନ୍ତୁ ସେଠାରେ ଗୋଟିଏ ନିହାତି ଗୁରୁତ୍ୱପୂର୍ଣ୍ଣ ଯେଉଁ ପାର୍ଥକ୍ୟଟି ରହିଛି ସେଇଟି ହେଲା, ଯେତେବେଳେ ଏକ ଜରୁରୀକାଳୀନ ଅସୁବିଧାର ମୁକାବିଲା କରିବାକୁ ସ୍ଥାନୀୟ ପରୀକ୍ଷଣ ହିସାବରେ କାର୍ଲାଇଲ୍ ଆଦେଶ ପତ୍ରକୁ ତରବରରେ ଅନୁମୋଦନ ଦିଆଗଲା ଆଉ ତାକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବାରୁ ସାଙ୍ଗେ ସାଙ୍ଗେ ବାଦ୍ କରାଗଲା, ରିସ୍‌ଲେ ଆଦେଶ ପତ୍ର ହେଉଛି ନାନା ପରିସ୍ଥିତି ଏବଂ ତା'ର ପ୍ରଭାବ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥାଇ ସର୍ବୋଚ୍ଚ ସରକାର (Supreme Govt.), ଉଦ୍ଦେଶ୍ୟମୂଳକ ଭାବେ ନୀତିଟିଏ ଗ୍ରହଣ କରିଥିଲେ ସ୍ୱଦେଶୀ ଆନ୍ଦୋଳନର ଭିତ୍ତି ଉପରେ କୁଠାରାଘାତ କରିବା ଆଶାରେ । କାର୍ଲାଇଲ୍ ଆଦେଶପତ୍ର ଦ୍ୱାରା ଯେଉଁ ଭୟଙ୍କର ଗଣ୍ଡଗୋଳ ହେଲା ତାହା ପ୍ରତ୍ୟେକଙ୍କର ସ୍ମରଣ ଥିବ । ଏହାର ସ୍ୱାଭାବିକ ପରିଣାମ ସ୍ୱରୂପ ଛାତ୍ର ଧର୍ମଘଟ ଚତୁର୍ଦ୍ଦିଗକୁ ବ୍ୟାପୀ ଯାଇଥା'ନ୍ତା ଆଉ ମନେ ହେଉଥିଲା ସତେ ଯେମିତି ଅଳ୍ପ କେତୋଟି ଦିନ ପାଇଁ ଏକ ଧର୍ମଘଟର ସୂତ୍ରପାତ ସତରେ ହେବାକୁ ଯାଉଛି । ଦୁର୍ଭାଗ୍ୟବଶତଃ, ଆନ୍ଦୋଳନ ଫଳରେ କେତେକ ବ୍ୟକ୍ତିଙ୍କର ନ୍ୟସ୍ତ ସ୍ୱାର୍ଥ ସହସା ଆକ୍ରାନ୍ତ ହୋଇ ପଡ଼ିଲା ଏବଂ ଏହି ସ୍ୱାର୍ଥଗୁଡ଼ିକର ପ୍ରତିନିଧିମାନେ ସବୁ ରାଜନୈତିକ ପୁରୋଧା ଥିଲେ ଯେଉଁମାନଙ୍କୁ ଦେଶ ଓ ବିଶେଷ କରି ଛାତ୍ର ସମାଜ ମାର୍ଗ ଦର୍ଶନ ପାଇଁ ଚାହିଁ ରହିବାରେ ଅଭ୍ୟସ୍ତ ହୋଇ ପଡ଼ିଥିଲା । କଲିକତାରେ ଯୁବକମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକା ନେଇଥିବା ବ୍ୟକ୍ତିମାନେ ଥିଲେ ଅପରିପକ୍ୱ ଏବଂ ସେମାନଙ୍କ ଠାରେ ବଦ୍ଧପରିକରତା ଓ ଦୃଢ଼ତାର ଅଭାବ ରହିଥିଲା । ସେମାନଙ୍କ ମାନସପଟରେ ପୁରୁଖାନେତାମାନଙ୍କର ପ୍ରଭାବ ବେଶ୍ ଶକ୍ତିଶାଳୀ ଥିଲା; ଏମିତି ତୁଳନାତ୍ମକ ଭାବେ ଦେଖିଲେ ନୂଆ କରି ଯୋଗଦାନ କରିଥିବା ବ୍ୟକ୍ତିମାନେ ଅପରିଚିତ ଥିଲେ ଏବଂ ସେମାନେ ବରଂ ଘଟଣାର ସ୍ରୋତକୁ ପ୍ରଭାବିତ କରି ଚାଲିଥିଲେ ସେମାନଙ୍କର ରୋକଠୋକ ମନ୍ତବ୍ୟ ଦ୍ୱାରା ଓ ସେମାନଙ୍କର ପ୍ରଖର ଅନୁଭୂତି ଦ୍ୱାରା ଏବଂ ସେମାନଙ୍କ ଅଭିଭାଷଣ ଓ କର୍ମଧାରାର ବହ୍ନିମାନ ଶକ୍ତିମତ୍ତା ଦ୍ୱାରା କିନ୍ତୁ ସେମାନଙ୍କର ଓଜନଦାର ବ୍ୟକ୍ତିତ୍ୱର ପରାକାଷ୍ଠାରେ ନୁହେଁ । ପୁରୁଣା ନେତାମାନେ ତେଣୁ ଉଦ୍ଦାମ ଆବେଗର ଜୁଆରକୁ

ପଶ୍ଚାଦ୍‌ମୁଖୀ କରିବାରେ ଆଉ ଉଦ୍‌ଗୀରିତ ହେଉଥିବା ପ୍ରକାଣ୍ଡ ପ୍ରେରଣାଦାୟିନୀ ଶକ୍ତିକୁ ଛିନ୍ନ ଭିନ୍ନ କରି ଦେବାରେ ସକ୍ଷମ ହୋଇଥିଲେ ସେମାନଙ୍କ କର୍ତ୍ତାପଣର ବହୁ ଶ୍ରମସାପେକ୍ଷ ଓ ଐକ୍ୟବଦ୍ଧ ପ୍ରୟାସ ବଳରେ । ସେମାନେ ଏଭଳି ମାତ୍ରାରେ ସ୍ୱାର୍ଥପର ହୋଇ ପଡ଼ିଥିଲେ ଯେ ଯାହା ଫଳରେ ସେମାନଙ୍କର ଆଶୁ ସ୍ୱାର୍ଥଗୁଡ଼ିକୁ ଜଳାଞ୍ଜଳି ଦେଇ ପାରିଲେ ନାହିଁ । ଅତ୍ୟନ୍ତ ଅନ୍ଧ ଥିଲେ ସେମାନେ, ସେମାନଙ୍କ ଦୂରଦୃଷ୍ଟିର ଅଭାବ ଥିଲା ଏତିକି ମାତ୍ର ବୁଝିବା ପାଇଁ ଯେ ଯଦି କିଛି ସହସା କ୍ଷତି ହୋଇଯାଏ ଆଉ ଅସୁବିଧା ସୃଷ୍ଟି ହୁଏ ତା'ହେଲେ ଆନ୍ଦୋଳନର ଅନିବାର୍ଯ୍ୟ ପରିଣତିସ୍ୱରୂପ ତା'ର ଦଶଗୁଣ ଦେୟ ସେମାନଙ୍କୁ ପରିଶୋଧ କରିବାକୁ ପଡ଼ିବ । ପାରିପାର୍ଶ୍ୱିକ ସ୍ଥିତି ଭିତରେ ସରକାର ଅଭ୍ୟସ୍ତ ହୋଇ ଉଠିବା ପୂର୍ବରୁ ଠିକ୍ ସେଇ ମୁହୂର୍ତ୍ତରେ ଶିକ୍ଷା କ୍ଷେତ୍ରରେ ଏକ ସାର୍ବଜନୀନ ଧର୍ମଘଟ ଅଭ୍ରାନ୍ତଭାବେ କ୍ଷମତାର ହାତକୁ ଅଥର୍ବ କରି ଦେଇ ଥାଆନ୍ତା ଆଉ ବିଭାଜନର ଏକରକମ ସହସା ପୁନର୍ବିଚାର ପାଇଁ ସୁଯୋଗ ସୃଷ୍ଟି କରି ଥାଆନ୍ତା । ସରକାର ଯାହାକିଛି କରନ୍ତୁ ବା କୁହନ୍ତୁ ନା କାହିଁକି ଦେଶର ଶିକ୍ଷା ଉପରେ ନିଜର ନିୟନ୍ତ୍ରଣ କେବେ ବି ହରେଇ ବସିବାକୁ ଦେବେନି; ବ୍ୟାପକ ଏହି ସାମୂହିକ ବିଷୟବସ୍ତୁକୁ । ଭାରତର ଭବିଷ୍ୟତକୁ ରାଜନୈତିକ ନେତୃବର୍ଗଙ୍କ ହାତରେ କେବେ ବି ଅର୍ପଣ କରିବାକୁ ଦେବେନି ଯେହେତୁ ସେମାନଙ୍କ ପାଖରେ ବିଶ୍ୱବିଦ୍ୟାଳୟର ସଦସ୍ୟପଦ ପ୍ରୟୋଗ କରୁଥିବା ସୁଦକ୍ଷ ନିୟନ୍ତ୍ରଣ ଓ କଟକଣାର କ୍ଷମତା ନାହିଁ, ଯେହେତୁ ସେମାନେ କେବେ ବି ଚରିତ୍ର ଆଉ ଅନ୍ତରାତ୍ମାର ଶକ୍ତିକୁ ଶିଥିଳ ହେବାକୁ ଦେବେନି ଯାହାକି ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଦେଖିବାକୁ ମିଳୁଛି । ସରକାର ଯେମିତି ହେଲେ ତରୁଣଗୋଷ୍ଠୀର ଚିତ୍ତକୁ ନିଜ ଅକ୍ତିଆରରେ ରଖିବେ ନଚେତ୍ ତାକୁ ମଧ୍ୟ ହରେଇ ବସିବେ । ପରବର୍ତ୍ତୀ ସମୟରେ କେତେକ ନେତା ସେମାନେ କରି ବସିଥିବା ଗୁରୁତର ତ୍ରୁଟିକୁ ଅସ୍ପଷ୍ଟଭାବେ ଉପଲବ୍ଧି କରିଥିଲେ ଆଉ ଜଣେ କିଂବା ଦୁଇଜଣ ସେଇ ତ୍ରୁଟିକୁ ସେମାନଙ୍କ ଏକାନ୍ତରେ ସ୍ୱୀକାର କରିଥିଲେ । ଏ ତଥ୍ୟ ଉପରେ ଗୁରୁତ୍ୱ ଆରୋପ କରିବା ଉଦ୍ଦେଶ୍ୟରେ ସେଇ ଭୟାବହ ଘଟଣାବଳୀ ସ୍ମରଣ କରିବାକୁ ଯାଇ କହି ରଖୁଛୁ ଯେ ଯଦି ଏଭଳି ମାରାତ୍ମକ ଭୁଲ୍‌ର ପୁନରାବୃତ୍ତି ହୁଏ ତା'ହେଲେ ତାହା ଆହୁରି ଶୋଚନୀୟ ହୋଇ ଉଠିବ ଏଇ ମାରାତ୍ମକ ଭୁଲ୍ ଅପେକ୍ଷା, ଆମ ଭାବୀ ଦାୟାଦମାନଙ୍କ ବିରୋଧରେ ତାହା ହେବ ଗୋଟିଏ ଅପରାଧ ଆଉ ରାଷ୍ଟ୍ରର ଭବିଷ୍ୟତ୍ ବିରୋଧରେ ତାହାହିଁ ବିଶ୍ୱାସଘାତୀ କାର୍ଯ୍ୟ ବୋଲି ବିବେଚିତ ହେବ ।

ବର୍ତ୍ତମାନର ଅବସ୍ଥା କ'ଣ ? ରିସ୍‌ଲେ ଇସ୍ତାହାର ବ୍ରିଟିଶ ପ୍ରଶାସନର ଏକ ପ୍ରାଣମୂର୍ଚ୍ଛା ଉଦ୍ୟମ କେବଳ ଯେ ତା'ର କର୍ତ୍ତୃତ୍ୱର ପୁନରୁଦ୍ଧାର କରିବା ପାଇଁ ଆଉ ଛାତ୍ରଗଣଙ୍କ ଉପରେ ତଥା ସେମାନଙ୍କୁ ମାଧ୍ୟମ କରି ଭବିଷ୍ୟତ୍ ଉପରେ ସେଇ କର୍ତ୍ତୃତ୍ୱକୁ ଦୃଢ଼ୀଭୂତ କରିବା ପାଇଁ, ତା' ନୁହେଁ; କିନ୍ତୁ ସେଇ ଆଧିପତ୍ୟକୁ ଆହୁରି ଅଧିକ କଡ଼ାକଡ଼ି, ବାଧତାମୂଳକ ଦୁର୍ଲଂଘ୍ୟ କରିବା ପାଇଁ ଯାହା ଅତୀତରେ କେବେ ବି ଘଟି ନଥିଲା । ଶିକ୍ଷକମାନଙ୍କ ଦ୍ୱାରା ଯୁବଗୋଷ୍ଠୀକୁ ଉଦାରନୀତି ଏବଂ ଜାତୀୟତାବାଦ ସମ୍ପର୍କିତ କିଛି ନିର୍ଦ୍ଦିଷ୍ଟ ଜ୍ଞାନଗର୍ଭକ ଚିନ୍ତାଧାରା ପ୍ରଦାନ କରାଗଲେ ପ୍ରଶାସକଙ୍କର ସେଥିପ୍ରତି ଭ୍ରୂକ୍ଷେପ ନଥାଏ, ବରଂ ସେମାନେ ଚାହାଁନ୍ତି ତରୁଣ ଗୋଷ୍ଠୀ ଭିତରେ ଦେଶାତ୍ମବୋଧର ସକ୍ରିୟ ଅନୁଶୀଳନରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ; କାରଣ ସେମାନେ ବେଶ୍ ଭଲଭାବେ ଜାଣନ୍ତି ଯେ କାର୍ଯ୍ୟରେ ପରିଣତ ନକରି ଖାଲି ବୌଦ୍ଧିକ ଚାଷ କରି ଚାଲିଲେ ପରବର୍ତ୍ତୀ ଜୀବନରେ ତା'ର କୌଣସି ମୂଲ୍ୟ ରହେ ନାହିଁ । ଜାପାନୀମାନେ ସେମାନଙ୍କ ପିଲାମାନଙ୍କୁ ଯେତେବେଳେ କ୍ଷତ୍ରିୟର ଆଚରଣ (Bushido) ଶିଖାନ୍ତି, ସେମାନେ ଖାଲି ବକ୍ତୃତା ଭିତରେ କିଂବା ନୈତିକ ପ୍ରଶ୍ନୋତ୍ତରରେ ଥୟ ହୋଇ ବସି ଯାଆନ୍ତିନି; ସେମାନେ ପିଲାମାନଙ୍କୁ କ୍ଷାତ୍ରଧର୍ମର ଅଭ୍ୟାସ କରାନ୍ତି ଆଉ କ୍ଷତ୍ରିୟର ଆଦର୍ଶ ଦ୍ୱାରା ସେମାନଙ୍କ ଜୀବନର ପ୍ରତ୍ୟେକଟି ଚିନ୍ତା ଓ କାର୍ଯ୍ୟକୁ ପରିଚାଳିତ କରନ୍ତି । ଏକ ଅସ୍ଥିମଜ୍ଜାଗତ, ସହଜାତ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଜାତୀୟ ସଦ୍‌ଗୁଣରେ ପରିଣତ ହେବା ପର୍ଯ୍ୟନ୍ତ ସ୍କୁଲ, କଲେଜର ତରୁଣମାନଙ୍କ ମନ ଭିତରେ କାର୍ଯ୍ୟତଃ ଧୀରେ ଧୀରେ ଏହାର ସଞ୍ଚରଣ ହେଲେ ତାହାହିଁ ହେବ ଜାତି ଭିତରେ ଏକ ସଦ୍‌ଗୁଣକୁ ଲିପିବଦ୍ଧ କରିବାର ଉତ୍ତମ ପନ୍ଥା । ଠିକ୍ ଏହାହିଁ କରିବାକୁ ପଡ଼ିବ ଆମକୁ ଭାରତବର୍ଷରେ ଦେଶାତ୍ମବୋଧର ଆଧୁନିକ ଆଦର୍ଶକୁ ଧରି । ଛାତ୍ରମାନଙ୍କର ବାଲ୍ୟାବସ୍ଥାରୁ ସେମାନଙ୍କ ମନ ଭିତରେ ଦେଶ ସମ୍ପର୍କରେ ଧାରଣାକୁ ଭର୍ତ୍ତି କରିବାକୁ ହେବ, ପ୍ରତିଟି ପର୍ବରେ ଏହି ଧାରଣା ସେମାନଙ୍କ ପାଖରେ ଉପସ୍ଥାପିତ କରିବାକୁ ହେବ ଆଉ ସେମାନଙ୍କ ସମଗ୍ର ଯୁବସୁଲଭ ଜୀବନ ହୋଇ ଉଠିବ ମହତ୍ ଗୁଣଗୁଡ଼ିକୁ ଅନୁଶୀଳନ କରିବାର ଏକ ପାଠ୍ୟକ୍ରମ ଯାହା ପରବର୍ତ୍ତୀ ଜୀବନରେ ସେମାନଙ୍କୁ ଦେଶପ୍ରେମୀ ଓ ସୁନାଗରିକ କରି ଗଢ଼ି ତୋଳିବ;

ଆମେ ଯଦି ଏହି ପ୍ରୟାସ ଟିକକ ନକରୁ ତା'ହେଲେ ମୋଟାମୋଟି ଗୋଟିଏ ଭାରତ ଜାତି ଗଢ଼ିବାର ଆଶା ଆମକୁ ପରିତ୍ୟାଗ କରିବାକୁ ପଡ଼ିବ । କାରଣ ଏହିପରି ଏକ ଶୃଙ୍ଖଳା ବ୍ୟତୀତ ଜାତୀୟତାବାଦ, ଦେଶାତ୍ମବୋଧ, ପୁନରୁତ୍ଥାନ ଖାଲି ଗୁଡ଼ିଏ ଧାରଣା ଓ ଶବ୍ଦ ହୋଇ ସେମିତି ରହିଯିବ ସିନା, ତାହା କେବେ ଉପଲବ୍ଧିର ବିଷୟ ହୋଇପାରିବ ନାହିଁ । ଦେଶାତ୍ମବୋଧକୁ ଖାଲି ପୋଥିଗତ ଶିକ୍ଷା ହିସାବରେ ଗ୍ରହଣ କରି ନେଲେ ସେଥିରୁ କିଛି ବି ଲାଭ ମିଳିବନି । ଅଧ୍ୟାପକ ହୁଏତ ପ୍ରତିଦିନ ମାଜ୍ଜିନି, ଗାରିବାଲ୍ଡ଼ି ଓ ୱାଶିଂଟନ୍‌ଙ୍କ ସମ୍ପର୍କରେ ବକ୍ତୃତା ଦେଇ ପାରନ୍ତି ଆଉ ଛାତ୍ରଟି ଜାପାନ, ଇଟାଲୀ ଏବଂ ଆମେରିକା ସମ୍ପର୍କରେ ନିବନ୍ଧମାନ ଲେଖିପାରେ ଆମକୁ ଆମ ଆବଶ୍ୟକତା ସହିତ ପରିଚିତ ନକରି, — ଅର୍ଥାତ୍, ଆମ ଅସ୍ଥିମଜ୍ଜା ଓ ଶୋଣିତରେ ଦେଶାତ୍ମବୋଧର ଆଚରଣକୁ ଆଣି ପ୍ରଯୁକ୍ତ ନକରି । ରୋମ୍‌ର ବ୍ୟଙ୍ଗକାର (Roman Satirist) ଆମକୁ କହିଛନ୍ତି ଯେ ରୋମ୍‌ରେ ସାମ୍ରାଜ୍ୟ ଲୋଲୁପୀ ଏକଛତ୍ରବାଦର ସବୁଠୁ ଶୋଚନୀୟ ସମୟରେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଛାତ୍ରମାନଙ୍କର ମୂଳ ପ୍ରିୟ ପ୍ରସଙ୍ଗ ଥିଲା ସ୍ୱତନ୍ତ୍ରତାକୁ ହାସଲ କରିବା ଓ ଅତ୍ୟାଚାରର ବିଲୋପ ଘଟେଇବା; — କିନ୍ତୁ ସେଇ ପିଲାମାନେ ଯେତେବେଳେ ପରିଣତ ବୟସରେ ପଦାର୍ପଣ କଲେ ସେମାନଙ୍କର ସେଇ ସ୍ୱଦେଶପ୍ରୀତି କିଂବା ଅତ୍ୟାଚାରକୁ ବିଲୋପ କରିବାର ଅନୁଶୀଳନକୁ ସେମାନେ ଜାରୀ ରଖି ପାରିଲେ ନାହିଁ; ବରଂ ସେମାନେ ସାରା ଦୁନିଆର ଏକମାତ୍ର ସ୍ୱେଚ୍ଛାଚାରୀ ଶାସକ ପାଖରେ ବିନୀତ କ୍ରୀତଦାସ ପାଲଟି ଗଲେ । ଏହି କାରଣରୁହିଁ ରାଜନୈତିକ ସଭାଗୁଡ଼ିକ ସହିତ, ସ୍ୱଦେଶୀ ଆନ୍ଦୋଳନର ପ୍ରଚାର ଏବଂ ପ୍ରକୃତ ଅନୁଶୀଳନ ସହିତ, ବିଭିନ୍ନ ପ୍ରକାରର ସ୍ୱେଚ୍ଛାପ୍ରଣୋଦିତ ଭାବେ କରାଯାଉଥିବା ଆନ୍ଦୋଳନ ସହିତ ଆମ ଛାତ୍ରମାନଙ୍କର ସକ୍ରିୟାତ୍ମକ ସମ୍ପୃକ୍ତିକୁ ନୂତନ ଦଳର ବ୍ୟକ୍ତିମାନେ ସ୍ୱାଗତ କରିଛନ୍ତି, — ଈର୍ଷାପରାୟଣ ହୋଇ ଯାହାସବୁ ସୂଚୀତ କରାଯାଉଛି, ଅରାଜକତା ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଅପରିପକ୍ୱ ତରୁଣଗୋଷ୍ଠୀର ମାନସିକତାକୁ ନେଇ କାର୍ଯ୍ୟରେ ନିୟୋଜିତ କରିବାର କୌଣସି ଦୁର୍ବାର ଆକାଙ୍କ୍ଷାକୁ ସ୍ୱାଗତ କରା ଯାଉନି, କିନ୍ତୁ କାରଣ ହେଲା ତରୁଣମାନଙ୍କର ଏଇ କାର୍ଯ୍ୟକଳାପ ଭିତରେ ସେମାନେ ଦେଖିବାକୁ ପାଇଛନ୍ତି ଭାରତୀୟମାନଙ୍କର ଏକ ନବୀନ ବଂଶଧରମାନଙ୍କର ପ୍ରତିଶ୍ରୁତିକୁ ଯେଉଁମାନେ କି ଅତ୍ୟନ୍ତ ଆଗ୍ରହର ସହିତ ଦେଶାତ୍ମବୋଧକୁ ସାଉଁଟି ନେବେ ଆଦରରେ ବଞ୍ଚିବା, ମରିବାର ଏକମାତ୍ର ସାଧନ ରୂପରେ, କିନ୍ତୁ ଏକ ଅବସର ବିନୋଦନର ମୁହୂର୍ତ୍ତ ରୂପରେ ନୁହେଁ । ଯେଉଁମାନେ ଏପ୍ରକାର ଦେଶାତ୍ମବୋଧକୁ ଦେଶର ପ୍ରଥମ ପ୍ରୟୋଜନ ବୋଲି ବିଶ୍ୱାସ କରନ୍ତିନି ସେମାନେ ରାଜନୀତିରେ ଛାତ୍ରମାନଙ୍କର ଅଂଶଗ୍ରହଣର ନୀତିକୁ ଅବିଚଳିତ ଭାବେ ବିରୋଧ କରିପାରନ୍ତି । ଭାରତର ଜାତୀୟତା ଯେତେବେଳେ ଏକ ଉପଲବ୍ଧିର ବିଷୟ ହୋଇ ସାରିଛି ଆଉ ବର୍ତ୍ତମାନର ଅସ୍ୱାଭାବିକ ପରିସ୍ଥିତିଗୁଡ଼ିକ ସୁଧାରି ଦିଆଯାଇଛି, ପ୍ରକୃତରେ ଏହି ସକ୍ରିୟ ଅଂଶଗ୍ରହଣକୁ କଟକଣା କରି ଧାର୍ଯ୍ୟ ନିୟମର ବଶବର୍ତ୍ତୀ କରାଯାଇପାରେ; କାରଣ ତତ୍ପରେ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଏହି ଦେଶପ୍ରେମ, ଏକ ସ୍ୱାଧୀନ ରାଷ୍ଟ୍ରର ବାତାବରଣ ଓ ଗୃହ ଆଉ ବିଦ୍ୟାଳୟର ପରିସର ମଧ୍ୟରେ କ୍ଷାତ୍ରବୃତ୍ତିଜନିତ ବଳ କଷାକଷିର ନିୟମିତ ଅଭ୍ୟାସ ଓ ଶିକ୍ଷା ଯଥେଷ୍ଟ ହେବ । ଏଇସବୁ କଟକଣା ପାଖରେ ହାର ମାନିନେବାଟାହିଁ ଜାତୀୟ ଆତ୍ମଘାତୀ ସାଧନ କରିବା ।

ଯଦି ଆମର ଶିକ୍ଷିତ ମଣିଷମାନେ ଏତିକି ନ ବୁଝିବେ — ଯେମିତି ପ୍ରକୃତପକ୍ଷେ ଆମରି ପ୍ରତ୍ୟକ୍ଷ ରାଜନୈତିକ ଅଭିଜ୍ଞତାର ଅଭାବରେ ସେମାନଙ୍କ ପାଇଁ ଏ କଥାକୁ ହୃଦୟଙ୍ଗମ କରିବା କଠିନ, — ଆମର ଇଂରେଜ ଶାସକମାନେ ଅନ୍ତତଃ ପରିସ୍ଥିତିକୁ ଭଲଭାବେ ବୁଝିଛନ୍ତି । ଆପଣମାନେ ସେମାନଙ୍କ ବିଜ୍ଞପ୍ତିକୁ ପଢ଼ନ୍ତୁ ଆଉ ଦେଖିବେ ଏହାର ପ୍ରକୃତ ଅର୍ଥ କ'ଣ । ଏମିତିକି ବିଦ୍ୟାଳୟର ଛାତ୍ରମାନେ ରାଜନୈତିକ ସଭାସମିତିରେ ଯୋଗଦେବା କିଂବା ବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କୁ ଦେଶାତ୍ମବୋଧ ଶିକ୍ଷା ଦେବା କଥା ନୁହେଁ । କାହିଁକି ? କାରଣ ହେଲା ସେ ବୟସରେ ମନ ନରମ ଥାଏ ଆଉ ଅକ୍ଳେଶରେ ପ୍ରଭାବିତ ହୋଇପଡ଼େ ଏବଂ ଯାହା ଦୃଷ୍ଟିଗୋଚର ହୁଏ ଓ ଶ୍ରୁତିପଟରେ ପଡ଼େ ତତ୍‌କ୍ଷଣାତ୍ ତାହା ସତ୍ତାର ଗଭୀରକୁ ଭେଦି ଯାଏ ଆଉ ଖାଲି ବଦ୍ଧମୂଳ ଧାରଣା ହୋଇ ତାହା ଦାନା ବାନ୍ଧେ ନାହିଁ କିନ୍ତୁ ତାଙ୍କର ସ୍ୱଭାବରେ ପରିଣତ ହୋଇଯାଏ । ଜଣେ ଶିକ୍ଷକ ହୁଏତ ନିଜର ବ୍ୟକ୍ତିଗତ ପ୍ରଭାବ ଓ ଶିକ୍ଷା ବଳରେ ଦେଶମାତୃକାର, ଦେଶ ପାଇଁ କର୍ତ୍ତବ୍ୟ ସମ୍ପାଦନର, ଦେଶ ପାଇଁ ବଞ୍ଚିବା ଓ ମରିବାର ଚିନ୍ତାଧାରାରେ ତା' ଛାତ୍ରମାନଙ୍କର ମନକୁ ଏପରି ଭାବେ ଆଚ୍ଛନ୍ନ କରି ରଖିବ ଯେ ସେମାନଙ୍କ ମାନସପଟରେ ଏହା ଗୋଟିଏ ମୁଖ୍ୟ ଧାରଣା ହୋଇ ରହିଯିବ

ଆଉ ସେମାନେ କର୍ମକ୍ଷେତ୍ରରେ ଯଦି ଦେଶାତ୍ମବୋଧକ କୌଣସି ଶିକ୍ଷା କିଂବା ଶୃଙ୍ଖଳା ସହିତ ସଂଶ୍ଳିଷ୍ଟ ହୋଇ ପଡ଼ନ୍ତି, ତାହାହେଲେ ସେମାନଙ୍କ ଚାଲିଚଳନରେ ଏହି କଥାଟା ଏକ ପ୍ରାଧାନ୍ୟ ବିସ୍ତାର କରିବ । ରାଜନୈତିକ ସଭାରେ ସ୍ୱେଚ୍ଛାସେବକ ହିସାବରେ ଛାତ୍ରମାନଙ୍କର ଯୋଗଦାନ, ଦେଶାତ୍ମବୋଧକ କାର୍ଯ୍ୟ ସକାଶେ ଦେଶ ଦ୍ୱାରା ସମ୍ମାନିତ ବ୍ୟକ୍ତିମାନଙ୍କର ଅଭ୍ୟର୍ଥନା ଓ ପରିଚର୍ଯ୍ୟାରେ ସେମାନଙ୍କର କର୍ତ୍ତବ୍ୟ, ଅର୍ଦ୍ଧ-ରାଜନୈତିକ ଓ ଅର୍ଦ୍ଧ-ଧାର୍ମିକ ଉତ୍ସବମାନଙ୍କରେ ସେମାନଙ୍କର ସକ୍ରିୟ ଯୋଗଦାନ ଏଗୁଡ଼ିକ ସବୁ ହେଉଛି ଏକ ଦେଶାତ୍ମବୋଧକ ଶୃଙ୍ଖଳାର ଅଂଶ ବିଶେଷ । ରିସ୍‌ଲେଙ୍କ ନିର୍ଦ୍ଦେଶନାମା ଦ୍ୱାରା, ଦାକ୍ଷିଣାତ୍ୟର ବାହାରେ ଶିବାଜୀଙ୍କ ଉତ୍ସବକୁ ନିଷିଦ୍ଧ ଘୋଷଣା କରାଯିବା ଦ୍ୱାରା ଆମମାନଙ୍କର ମେଳା ଉପରେ ଓ ଏମିତିକି ସର୍ବସାଧାରଣ କାର୍ଯ୍ୟକ୍ରମରେ ଯେଉଁଠି ପ୍ରଶିକ୍ଷଣ ଦେବା ସମ୍ଭବପର ଥାଏ, ସେଠାରେ ଅତର୍କିତ ଆକ୍ରମଣ ଦ୍ୱାରା ଏହି ଦେଶାତ୍ମବୋଧ ବିରୋଧରେ ଶାସନକଳର ସବୁପ୍ରକାର ଉଦ୍ୟମକୁ ପରିଚାଳିତ କରାଯାଉଛି । ସେହି ଏକା କାରଣରୁ କଲେଜ ଶିକ୍ଷାର୍ଥୀମାନଙ୍କୁ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ନିଷିଦ୍ଧ କରାଯାଇଛି । କଲେଜରେ ଅଧ୍ୟୟନ କରୁଥିବା ସମୟରେ ଛାତ୍ରମାନଙ୍କର ଚିନ୍ତାଧାରାଗୁଡ଼ିକୁ ସଂଶୋଧିତ କରାଯାଇପାରେ, ସେମାନେ ଯାହାସବୁ ଶୁଣୁଛନ୍ତି ଓ ଦେଖୁଛନ୍ତି ତଦ୍ୱାରା ବିଚାର ଶକ୍ତି ଉପରେ ସେମାନଙ୍କର ହୁଏତ ଶକ୍ତିଶାଳୀ ପ୍ରଭାବ ପଡ଼ିପାରେ, କିନ୍ତୁ ବୁଦ୍ଧିଜୀବୀମାନଙ୍କର କାର୍ଯ୍ୟ ଦ୍ୱାରାହିଁ ଚରିତ୍ରକୁ ପ୍ରଭାବିତ ଓ ସଂଶୋଧିତ କରାଯାଇପାରେ । ଆଉ କାର୍ଯ୍ୟ କରିବା ସମୟରେ ସେମାନଙ୍କ ଚାଲିଚଳନକୁ ଦେଖି ଶାସନକଳର ଭୟ ଉଦ୍ରେକ ହୁଏ, କିନ୍ତୁ ଖାଲି ଚିନ୍ତାଧାରାଗୁଡ଼ିକରେ, ଗୁଡ଼ାଏ ବକ୍ତୃତାରେ, ଖାଲି ଲେଖାଲେଖିରେ ଶାସନକଳର ଭୟ ହୁଏନି । କଲେଜ ଛାତ୍ରମାନେ ରାଜନୈତିକ ସଭା ସମିତି ଓ ଉତ୍ସବମାନଙ୍କରେ ସକ୍ରିୟ ଅଂଶଗ୍ରହଣ କରନ୍ତୁ – ତାହା ଆପଣାଛାଏଁ ପ୍ରଶାସନକୁ ଆସି ଆଘାତ କରିବ ନାହିଁ । କିନ୍ତୁ ସେମାନେ ସେଇସବୁ ସଭା ସମିତିଗୁଡ଼ିକୁ ସଙ୍ଗଠିତ ନକରନ୍ତୁ କିଂବା ସେଥିରେ ଯୋଗ ନଦିଅନ୍ତୁ, ତା'ହେଲେ ବୁଝିବାକୁ ହେବ ଯେ ସେମାନଙ୍କର ମତିଗତି ପ୍ରଭାବିତ ହୋଇ ସାରିଛି, ରାଜନୈତିକ ଦିଗରୁ କାର୍ଯ୍ୟ କରିବା ସେମାନଙ୍କ ଅଭ୍ୟାସରେ ପରିଣତ ହୋଇ ଯାଇଛି, ଦେଶମାତୃକା ପ୍ରତି ସେମାନଙ୍କ ପ୍ରାଥମିକ ସେବା କାର୍ଯ୍ୟର ଶୁଭାରମ୍ଭ ହୋଇଛି । ପ୍ରଶାସନିକ ଦୃଷ୍ଟିକୋଣରୁ ଧାରଣା, ଧର୍ମଘଟ ଓ ସ୍ୱଦେଶୀ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ଆହୁରି ଅଧିକ ଆପତ୍ତିଜନକ ହୋଇ ପଡ଼ିବ । ସେଇ କାରଣରୁହିଁ ପୁଣିଥରେ କଲେଜର ମୁଖ୍ୟ ଅଧ୍ୟାପକମାନଙ୍କୁ ବାରଣ କରାଯାଇଛି ଯେପରି ସେମାନେ ଛାତ୍ରମାନଙ୍କୁ ଏଥିପାଇଁ ପ୍ରଭାବିତ ନ କରନ୍ତି କିଂବା ରାଜନୈତିକ ସଭାସମିତି ଅଭିମୁଖେ ସେମାନଙ୍କୁ ଆଗେଇବାକୁ ନଦିଅନ୍ତି । କାରଣ ତାହା ନେତୃତ୍ୱ ପାଇଁ ଶକ୍ତିଶାଳୀ ପ୍ରେରଣା ଓ ଦୃଷ୍ଟାନ୍ତ ସୃଷ୍ଟି କରେ ଆଉ ସଙ୍ଗଠନ ଆରମ୍ଭ ହେବ ବୋଲି ପ୍ରଶାସନକୁ ଭୟ ଦେଖାଏ ।

ରିସ୍‌ଲେ ନିର୍ଦ୍ଦେଶନାମା ହେଉଛି ଛାତ୍ରସମାଜ ଓ ଅଭିଭାବକମାନଙ୍କର ସର୍ବଶ୍ରେଷ୍ଠ ସ୍ୱାର୍ଥ ପ୍ରତି ବ୍ୟଗ୍ରତା ପ୍ରଦର୍ଶନର ବକଧର୍ମୀ ଉଦ୍‌ଘୋଷ, ଏହା ବାସ୍ତବିକ ଜାତୀୟତାବାଦର କ୍ରମବର୍ଦ୍ଧିଷ୍ଣୁ ଉଚ୍ଛ୍ୱାସର ମର୍ମସ୍ଥଳରେ ଏକ ଶକ୍ତ ଆକ୍ରମଣ । ଏହିପରି ଏହାକୁ ହୃଦୟଙ୍ଗମ କରିବାକୁ ହେବ ଆଉ ଏହିପରି ଏହାକୁ ନିଶ୍ଚୟ ପ୍ରତିରୋଧ କରିବାକୁ ପଡ଼ିବ ।

[ବନ୍ଦେ ମାତରମ୍, ମେ ୨୮, ୧୯୦୭]

## ଗୁହାରି କରିବା ରାଜନୀତିର ପରିଣାମ

ଇନ୍ଦୁପ୍ରକାଶରେ ଲଜପତ୍ ରାୟଙ୍କର ନିର୍ବାସନ ସଂକ୍ରାନ୍ତୀୟ ପ୍ରକାଶିତ ସକଳ ଲେଖାଗୁଡ଼ିକରେ ନିର୍ଭୀକତା ଓ ଆନ୍ତରିକତାର ଗୁଞ୍ଜରଣକୁ ଲକ୍ଷ୍ୟ କରି ଆମେ ଆନନ୍ଦିତ ହେଉଛୁ । ଆମର ଆଶା ଏଇ ସ୍ୱରହିଁ ହେବ ଏକ ସ୍ଥାୟୀ ପରିବର୍ତ୍ତନର ବାହକ, ଯହିଁରେ ଅଧିକ ଭଲ ହେବ । ଭାରତୀୟ ପ୍ରେସକୁ ଛାଡ଼ି ଆଙ୍ଗ୍ଲୋ-ଭାରତୀୟ ପ୍ରେସ ଆଡ଼କୁ ମି. ଗୋଖଲେ ଢଳିଛନ୍ତି, ଏହା ଉପରେ ଇନ୍ଦୁପ୍ରକାଶ ଯେଉଁ ଟିପ୍ପଣୀ ଦେଇଛି ତାହା ନିହାତି ପ୍ରାସଙ୍ଗିକ; ଏହା ଏକ ଅତି ମାମୁଲି ଦୃଷ୍ଟାନ୍ତ, କହିବାକୁ ଗଲେ ଦେଶାତ୍ମବୋଧକୁ ଭିତ୍ତି କରି ହାରିଗୁହାରି ରାଜନୀତିର ପ୍ରାୟ ଏକରକମର ଅନିବାର୍ଯ୍ୟ ପରିଣାମ । ନିକଟରେ ଭୁଲ୍ ତଥ୍ୟ ଉପସ୍ଥାପନ କରି ଏବଂ କୁତ୍ସାରଟନା ପୂର୍ଣ୍ଣ ଅଭିଯାନରେ ମାତିଥିବା ଜଣେ କଂଗ୍ରେସ ପାର୍ଟିର ମୁଖ୍ୟ ନେତା ଆଙ୍ଗ୍ଲୋ-ଭାରତୀୟ ପ୍ରେସ ପ୍ରତି ଯେ ଏକ ଅହେତୁକୀ ପକ୍ଷପାତ ପ୍ରଦର୍ଶନ କରି ବସିବେ ପ୍ରଥମ ନଜରରେହିଁ ଏକଥା ବିସ୍ମୟକର ମନେ ହେବ ଯାହାକି ଆତ୍ମସମ୍ମାନ ଯୁକ୍ତ ପ୍ରତ୍ୟେକଟି ଭାରତୀୟର ଆଖିରେ ଅକ୍ଷମଣୀୟ ହୋଇ ଯାଇଛି । କିନ୍ତୁ, ବାସ୍ତବରେ, ଏହା ହେଉଛି ସହଯୋଗ ତଥା ବିରୋଧ

ରାଜନୀତିର ସ୍ୱାଭାବିକ ନୈତିକ ଅଧଃପତନର ଫଳ। ସାମ୍ବିଧାନିକ ଆନ୍ଦୋଳନର ଯଥାର୍ଥ ଭିତ୍ତି ହେଉଛି ବିଦେଶୀ ଉପରେ ଭରସା ଆଉ ତା' ପାଖକୁ ବିନମ୍ର ନିବେଦନ ପଠେଇବାର ଅଭ୍ୟାସ ଯାହା ଗୋଟିଏ ଅନାସ୍ଥା ଭାବର ଠିକ୍ ବିପରୀତ ପାର୍ଶ୍ୱ ଓ ସେମାନଙ୍କ ଆପଣାର ଲୋକଙ୍କ ପ୍ରତି ଅବମାନନା। ଯେତେ ଅଜାଣତରେ ହେଲେ ମଧ୍ୟ ଗୋଖଲେଙ୍କ ସ୍ତରର ଓ ଚରିତ୍ରର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରକାଶିତ ଏ ପ୍ରକାର ଭାବନା ହେଉଛି ଶୋଚନୀୟ କିନ୍ତୁ ଦୁର୍ନିବାର। ଏହା ହେଲା ନରମ ଭାବ ଓ ପରାଧୀନ ମନୋବୃତ୍ତିର ଯୁକ୍ତିସଙ୍ଗତ ପରିଣତି ଯାହାକୁ ଆମ ପତ୍ରିକା ବନ୍ଧୁଟି ସ୍ପଷ୍ଟତଃ ଏତେ କାଳ ଧରି ପ୍ରଚାର କରି ଚାଲିଛି କିଛି ନବୁଝି ନଶୁଝି, ତା' ନିଜ ଅନ୍ଧ ବିଶ୍ୱାସ ଦ୍ୱାରା ପରିଚାଳିତ ହୋଇ।

[ବନ୍ଦେ ମାତରମ୍, ମେ ୨୯, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ଭାରତ ଯେଉଁ କାର୍ଯ୍ୟ କରେ ତାହା ଧୀର ସ୍ଥିର ଭାବେ ବିଚାରପୂର୍ବକ କରିବାକୁ ଇଚ୍ଛା କରେ। ତାହାର କାର୍ଯ୍ୟ ସମୟସାପେକ୍ଷ, କାରଣ ବସ୍ତୁକୁ ସେ ଗ୍ରହଣ କରେ ନିଜର ଗଭୀରତାରେ — ଅନ୍ତରର ଅନ୍ତରତମ ପ୍ରଦେଶରେ — ଏହି 'ଗୁହାଗତଂ ଗହ୍ୱରେଷ୍ଟମ୍'ରୁ ଆରମ୍ଭ କରି କ୍ରମେ ବାହ୍ୟ ଜୀବନରେ ଯେଉଁଠାରେ ଯେପରି ପରିବର୍ତ୍ତନ କରିବାର, ପୁନର୍ଗଠନ କରିବାର, ତାହା ସେ କରେ। ଭାରତ ଏହିପରି ଭାବେ ବାହ୍ୟ ବସ୍ତୁକୁ ଯେପର୍ଯ୍ୟନ୍ତ ପରିବର୍ତ୍ତନ ନକରିଛି, ସମ୍ପୂର୍ଣ୍ଣଭାବେ ନିଜସ୍ୱ ନକରିଛି, ଏହି ପୁନର୍ଗଠନରେ ବ୍ୟାପୃତ ଶକ୍ତିଚୟର ଗତିଧାରାକୁ ନିର୍ଦ୍ଧାରିତ ନକରିଛି, ସେପର୍ଯ୍ୟନ୍ତ ସେ ଯେଉଁ ନୂତନ ପଥ ଧରିଛି ସେଥିରେ ସ୍ୱଚ୍ଛନ୍ଦରେ ଅଗ୍ରଗତି କରିପାରିବ ନାହିଁ। ଭାରତର ନବଯାତ୍ରା ବହୁମୁଖୀ ଓ ଜଟିଳ; ଯେଉଁସବୁ ସମସ୍ୟା ତା' ଆଗରେ ଦେଖା ଦେଇଛି, ତାହାର ମୀମାଂସା ଏପରି ଦୁରୂହ ଯେ ସେ ଯେତେ ଅଗ୍ରସର ହେବାକୁ ଲାଗିଛି, ସେତେ ବିଭିନ୍ନ ମତବାଦ ଦେଖା ଦେଉଛି; ଦୃଷ୍ଟିଭଙ୍ଗୀ, ଚଳଣିଧାରାସବୁ ଗୋଳମାଳିଆ ହୋଇ ଏପରି ଏକ ରୂପ ନେଉଛି ଯେ କୌଣସି ଏକ ସ୍ପଷ୍ଟ ନିଃସନ୍ଦେହ ପରିଣତି ସହଜ, ସମ୍ଭବ ହେଉ ନାହିଁ — ମନେ ହେଉଛି ସତେ ଯେପରି ଆମେ ଅନିର୍ଦ୍ଦିଷ୍ଟ ଘଟଣାଚକ୍ରର ତାଡ଼ନାରେ ଅନ୍ଧକାର ମଧ୍ୟ ଦେଇ ଭବିଷ୍ୟତ୍ ଲକ୍ଷ୍ୟ ଦିଗରେ ଅସ୍ପଷ୍ଟଭାବେ ଆଗେଇ ଚାଲିଛୁ। କୌଣସି ଗୋଟାଏ ଆବେଗରେ ଢେଉ ପରି ଏକ ସମୟରେ ଉଠୁଛୁ ତ ପରମୁହୂର୍ତ୍ତରେ ଅନ୍ୟ ଏକ ଖିଆଲ ଧରି ପଡ଼ି ରହୁଛୁ — ଆମେ ଚାଲୁଛୁ ଏହିପରି ଭାସି ଭାସି। ତଥାପି ଏକଥା ସତ୍ୟ ଯେ ଏସବୁ ଅନିଶ୍ଚିତତାର ଅନ୍ତରାଳରେ ଗୋଟାଏ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇ ଉଠୁଛି ଏବଂ ତାହାର ଅଭିବ୍ୟଞ୍ଜନା ବାହାରକୁ ମଧ୍ୟ ଦେଖା ଯାଉଛି। ଫଳ ତା'ର ଆଉ ଯାହା ହେଉନା କାହିଁକି, ସେହି ବସ୍ତୁ ଯେ ପାଶ୍ଚାତ୍ୟ ଆଧୁନିକତାର ପ୍ରାଚ୍ୟ ସଂସ୍କରଣ ନୁହେଁ ବରଂ ତାହା ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି, ସମଗ୍ର ମାନବଜାତିର ଭବିଷ୍ୟତର ଶିକ୍ଷାଦୀକ୍ଷା ତାହା ଉପରେ ବହୁ ପରିମାଣରେ ନିର୍ଭର କରିବ, — ଏହା ବର୍ତ୍ତମାନ ମଧ୍ୟ ନିଃସନ୍ଦେହରେ କୁହାଯାଇପାରେ।

(ଭାରତର ନବଜନ୍ମ) — ଶ୍ରୀଅରବିନ୍ଦ

# ଭାରତର ଉତ୍ତମ ରହସ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

''ଯାହା ନାହିଁ ଭାରତେ, ତା' ନାହିଁ ମରତେ।''* ସତରେ ତ — କାରଣ, ଭାରତ ବର୍ଷ ଯେପରି କ୍ଷୁଦ୍ରତର ଏକ ଭୂଲୋକ, ସେଇପରି ଭୂଲୋକ ହେଉଛି ଏକ ବୃହତ୍ତର ଭାରତ। ଭାରତର ନାମରେ ପୃଥିବୀର ନାମ — କାରଣ, ସମଗ୍ର ପୃଥିବୀର ପ୍ରତୀକ ହେଉଛି ଆମର ଏଇ ଭାରତବର୍ଷ। ଭୂମଣ୍ଡଳରେ ଯେଉଁଠି ଯାହା ଅଛି, ତାହାରି ଆଦି ପ୍ରତିରୂପ ରହିଛି ଭାରତ ବର୍ଷରେ; ଆଉ ଭାରତରେ ଯେଉଁ ଜିନିଷର ମୂଲ୍ୟ ନାହିଁ, ଯେଉଁ ଧରଣର ଜିନିଷକୁ ଭାରତ କଳ୍ପନାର ଦୃଷ୍ଟିରେ କେବେ ଦେଖି ନାହିଁ, ସେ ପ୍ରକାରର ଜିନିଷ ଭୂମଣ୍ଡଳରେ କେଉଁଠାରେ ଦେଖିବାକୁ ମିଳିବ ନାହିଁ।

ପ୍ରାକୃତିକ ଭାରତର ରୂପରୁହିଁ ଏହାର ପ୍ରମାଣ ମିଳୁଛି। ଗୋଟିଏ ଦିଗରେ ଅଭ୍ରଭେଦୀ ଚିରତୁଷାରମଣ୍ଡିତ ଗିରିରାଜ ଅଚଳପ୍ରତିଷ୍ଠ, ଆଉ ଗୋଟିଏ ଦିଗରେ ଅସୀମ-ବିସ୍ତୃତ ଚିରଚଞ୍ଚଳ ମହାସାଗର। ଭାରତ ବକ୍ଷରେ ରହିଛି ଗହନ-ଗଭୀର-ବିଶାଳ ଅରଣ୍ୟାନୀ, ପୁଣି କେଉଁଠି ଉଷର ଧୂସର ଧୂ-ଧୂ ମରୁଭୂମି। ତାହାରି ଗର୍ଭରେ ତାହାର ସ୍ୱର୍ଣ୍ଣ ଓ ଅଙ୍ଗାର ପରସ୍ପର ସହିତ ମଖାମଖି ହୋଇ ରହିଛନ୍ତି। ସେଇ ଭୂଖଣ୍ଡର ଏକ ପଟରେ ହିମ-ଶୀତଳ ବାୟୁମଣ୍ଡଳ — କୁୟାଶା-କୁଜ୍ଝଟିକା, ଅନ୍ୟ ପଟେ ସେହିପରି ଭୀଷଣ ଗ୍ରୀଷ୍ମ, ଉତ୍ତାପ ଓ ପ୍ରଚଣ୍ଡ ରୌଦ୍ର, ଦିଗନ୍ତରେ କେଉଁଠି ଖାଁ ଖାଁ କରୁଛି। ପ୍ରାବୃଟର ପୁଞ୍ଜୀଭୂତ ତମୋଘନ ମେଘସମ୍ଭାର — ଯେମିତି ଆକାଶ-ମଣ୍ଡଳ ଭାଙ୍ଗି ତୁମୁଳ ବନ୍ୟାର ଅବତରଣ, ତାହାପରେ ଆସେ ଶରତର ନିର୍ମଳ ସୁନୀଳ ଆକାଶ, ଫଳ-ଫୁଲ, କୀଟପତଙ୍ଗ, ଜୀବଜନ୍ତୁ ଆକାରେ-ପ୍ରକାରେ ଯେ କେତେ ବିଚିତ୍ର — ତାହାର ଇୟତ୍ତା ନାହିଁ — ବର୍ଣ୍ଣ-ଗନ୍ଧ-ରସ, ଛନ୍ଦ-ରୂପ-ଗୁଣ ଭାରତ ଯାହା ସୃଷ୍ଟି କରିଛି ତାହା ଅଫୁରନ୍ତ।

ଭାରତର ମନୁଷ୍ୟ ଯେ କେତେ ଭଳି କି ଭଳି ତା'ର ହିସାବ କରି ହେବ ନାହିଁ — ଚେହେରା ହିସାବରେ, ଜାତି ହିସାବରେ, ଧାତୁ ହିସାବରେ, ଶିକ୍ଷାଦୀକ୍ଷା ହିସାବରେ। ମସୀକୃଷ୍ଣ ନିମ୍ନବର୍ଗର ଲୋକଙ୍କ ପାଖରୁ ନେଇ କଷିତ-କାଞ୍ଚନ କାଶ୍ମୀରୀ, ଶାଳପ୍ରାଂଶୁ କପାଟବକ୍ଷ ପଞ୍ଜାବୀଙ୍କଠାରୁ ନେଇ ଜୀର୍ଣ୍ଣ-ଶୀର୍ଣ୍ଣ ଗୌଡ଼ବାସୀ... ସବୁକିଛି ଏଠାରେ ଦେଖାଯିବେ। ବଙ୍ଗବାସୀ ଯେମିତି କବି ଶିଳ୍ପୀ, ମହାରାଷ୍ଟ୍ରୀୟ ହେଉଛନ୍ତି ସେପରି କୂଟ-ରାଜନୀତିଜ୍ଞ, ମାନ୍ଦ୍ରାଜୀ ସୂକ୍ଷ୍ମତାର୍କିକ, ପଞ୍ଚନଦ-ବାସୀ ଯୋଦ୍ଧା। ପୃଥିବୀର ଯାବତୀୟ ଭାଷାର ବି କହିବାକୁ ଗଲେ ପ୍ରାୟ ପ୍ରତିରୂପ-ଭାଷା ରହିଛି ଏଇ ଭାରତରେ; କୁହାଯାଏ ବଙ୍ଗଳା ଭାରତର ଫରାସୀ, ତେଲେଗୁ ହେଉଛି ଇଟାଲୀୟ, ତାମିଲ ଭାରତର ଜର୍ମାନ୍ ଭାଷା। ଗ୍ରୀକ୍‌ର ସୌନ୍ଦର୍ଯ୍ୟ, ଲାଟିନର ସାମର୍ଥ୍ୟକୁ ମିଳାଇ ଧରିଲେ ଭାଷା କ୍ଷେତ୍ରରେ ତାହାକୁ ଭାରତର ସଂସ୍କୃତ ଭାଷା ବୋଲି କୁହାଯାଇପାରେ। ଆର୍ଯ୍ୟ, ଅନାର୍ଯ୍ୟ, ନିଗ୍ରୋ, ମଙ୍ଗୋଲୀୟ — ସବୁପ୍ରକାର ଜାତିର ଭାଷା, ସକଳ ଜାତିର ରକ୍ତ ଭାରତରେ ରହିଛି ବୀଜାକାରରେ। ସ୍ତର ସ୍ତର କରି ସଜ୍ଜିତ ହୋଇ ରହିଛି ଏଠାରେ ସଂସ୍କୃତି — ଆଦିମ, ଅର୍ଦ୍ଧସଭ୍ୟ ଜାତିଠୁ ନେଇ ଆର୍ଯ୍ୟ ଆଦି ସଭ୍ୟ ଜାତିର ଧର୍ମ-କର୍ମ-ସଭ୍ୟତା-ସଂସ୍କୃତିର ପରାକାଷ୍ଠା ଏଠାରେ ଦେଖିବାକୁ ମିଳେ।

ଭାରତର ସମାଜ ଗଠନର ଧାରା ବି କେତେ ବିଚିତ୍ର। କୁହାଯାଏ ଜାତିଭେଦହିଁ ଭାରତୀୟ ସମାଜର ବିଶେଷତ୍ୱ। ଖ୍ରୀଷ୍ଟିଆନ, ମୁସଲମାନଙ୍କ କଥା ଛାଡ଼ି ଦିଆଯାଉ, ଯଦିବା ସେମାନଙ୍କୁ ଭାରତ ଆପଣାର କରି ନେଇଛି ଭାରତର ଅନ୍ତର୍ଭୁକ୍ତ ହିସାବରେ; ହିନ୍ଦୁମାନଙ୍କ ମଧ୍ୟରେ ଏପରି ସମ୍ପ୍ରଦାୟର ଅଭାବ ନାହିଁ, ଯେଉଁଠାରେ ବର୍ଣ୍ଣଗତ ବୈଷମ୍ୟକୁ ଲୋପ କରି ଦିଆଯାଇଛି। 'ଆର୍ଯ୍ୟ-ସମାଜ', 'ବ୍ରାହ୍ମ-ସମାଜ', 'ବୈଷ୍ଣବ-ସମାଜ'ଆଦି ୟୁରୋପୀୟ ସମାଜ ଅପେକ୍ଷା କମ୍ ସାମ୍ୟ ଦେଖାଇ ନାହିଁ। ଟାଣୁଆ ରକ୍ଷଣଶୀଳ ହିନ୍ଦୁମାନେ ବି କେବେ କେବେ ବର୍ଣ୍ଣ ବୈଷମ୍ୟକୁ ଏକାନ୍ତ ବିସର୍ଜନ ଦେବାରେ ପଛେଇ

---

* ଏଇ ଯେଉଁ ପ୍ରବାଦ ରହିଛି ତାହାର ପ୍ରଚଳିତ ଅର୍ଥ ଅନ୍ୟ କିଛି। ଏଠାରେ ସେଇ ଅର୍ଥଟି ଅନୁସରଣ ନ କରି ଅନ୍ୟ ଅର୍ଥରେ କଥାଟି ଉଦ୍ଧୃତ କରାଯାଇଛି। ଏଥିପାଇଁ କେବଳ ଅଳଙ୍କାରର ଖାତିରିରେ ଏ ବ୍ୟାଖ୍ୟା ମାର୍ଜନୀୟ ହେଉ। — ଲେଖକ

ନାହାନ୍ତି – ଶ୍ରୀକ୍ଷେତ୍ରରେ ଯେମିତି ଦେଖିବାକୁ ମିଳେ । ସମାଜର କର୍ତ୍ତା ସାଧାରଣତଃ ପୁରୁଷ; କିନ୍ତୁ ସମାଜର କର୍ତ୍ତ୍ରୀ ଯେ ନାରୀ, ଏ ବ୍ୟବସ୍ଥା ବି ଭାରତରେ ରହିଛି – ପିତୃତନ୍ତ୍ର (Patriarchy) ଓ ମାତୃତନ୍ତ୍ର (Matriarchy) – ଏଇ ଦୁଇପ୍ରକାର ସମାଜ ବ୍ୟବସ୍ଥା ଆମ ଦେଶରେ ରହିଛି, ଯେମିତି କେରଳ ପ୍ରଦେଶରେ । ଏପରିକି ଆଧୁନିକ ''କମ୍ୟୁନିଜିମ୍'' (Communism) ବା ସଂଘବାଦ ଭିତ୍ତିକ ଶାସନ ବ୍ୟବସ୍ଥା ବି ଭାରତରେ ଦେଖିବାକୁ ପାଉ, ସେ ବ୍ୟବସ୍ଥା ବି ଆମ ପାଇଁ ଅପରିଚିତ ନୁହେଁ ।

ରାଷ୍ଟ୍ରନୀତିର ଦିଗରେ ଦୃଷ୍ଟିପାତ କଲେ ଦେଖୁ – ଐତିହାସିକମାନେ ଏ କଥାର ପ୍ରମାଣ ଦେବେ ଯେ, ଯେମିତି ରାଜତନ୍ତ୍ରର ଶାସନ ବ୍ୟବସ୍ଥା ଏ ଦେଶରେ ପ୍ରତିଷ୍ଠା ଲାଭ କରିଥିଲା, ଅନ୍ୟ ଦିଗରେ ସେଇପରି ଗଣତନ୍ତ୍ର ବି ତାହାରି ଭିତରେ ସ୍ଥାନ ପାଇଛି । ସାମ୍ରାଜ୍ୟ ବା ରାଜଚକ୍ରବର୍ତ୍ତିତ୍ୱର ପ୍ରତିଷ୍ଠା ସେ ଯେମିତି କରିଛି, ଅନ୍ୟ ଦିଗରେ ପୁନରାୟ ଜନସାଧାରଣଙ୍କର କର୍ତ୍ତୃତ୍ୱ ବି ଅତୁଟ ରଖିଛି । ରାଜା ଗୋଟିଏ ଦିଗରେ 'ନର-ଦେବତା' – ପୁଣି ଅନ୍ୟ ଭାବରେ ରାଜା ହେଉଛନ୍ତି 'ଗଣଦାସ' – ଏ ଦୁଇଟି ଯାକ କଥା ଭାରତ ଏକ ସାଙ୍ଗରେ କହିଛି – ଦେଖିଛି : ମୌର୍ଯ୍ୟମାନଙ୍କର ଓ ଗୁପ୍ତମାନଙ୍କର ସାମ୍ରାଜ୍ୟ (Empire) ଆଉ ସେମିତି ଶାକ୍ୟ, ମଲ୍ଲ, ଲିଚ୍ଛାବୀ ପ୍ରଭୃତି ଜାତିର ପ୍ରଜାତନ୍ତ୍ର (Republic) ବି ଲକ୍ଷ୍ୟ କରିଛି – ରାଷ୍ଟ୍ରଶାସନର ସବୁ ପ୍ରକାର ବ୍ୟବସ୍ଥା ଭାରତ ପରୀକ୍ଷା କରି ଦେଖିଛି ।

ଧର୍ମର ଆଦର୍ଶ ପ୍ରତି ଲକ୍ଷ୍ୟ କରି ଦେଖ । କେତେ ସାଧନ ପଥ, କେତେ ସିଦ୍ଧାନ୍ତ ଭାରତ ଗଢ଼ି ତୋଳିଛି । ବାହାରୁ ଯେଉଁମାନେ ଆସିଛନ୍ତି, ଆପାତତଃ ଯେତେ ଭିନ୍ନ ଓ ବିଜାତୀୟ ହୁଅନ୍ତୁ ନା କାହିଁକି, ସମସ୍ତଙ୍କୁ ଭାରତ ନିଜ ଭିତରେ ଆପଣାର କରି ନେଇ ପାରିଛି – କାରଣ, ଏଇ ଦେଶ ଭିତରେହିଁ ରହି ଆସିଛି ଏକ ଉଦାର ବୈଚିତ୍ର୍ୟ । ଗୋଟିଏ ପଟେ ସେ ଯେପରି କହିଛି : ସବୁ ମିଛ, କିଛି ନାହିଁ, କିଛି ରହିବ ନାହିଁ – ସବୁ ଶୂନ୍ୟ, ସୁତରାଂ 'କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ'; ଅନ୍ୟ ଦିଗରେ ସେଇପରି ଅକୁଣ୍ଠ ଚିତ୍ତରେ ଘୋଷଣା କରିଛି ଯାହା ଅଛି, ତାହାହିଁ ମାତ୍ର ଅଛି – ସ୍ଥୂଳ ଦୃଷ୍ଟିରେ ଯାହା ଦେଖୁଥାଉ, ତାହାହିଁ ସବୁ, ସେଥିପାଇଁ 'ଋଣଂ କୃତ୍ୱା ଘୃତଂ ପିବେତ୍' । ଏଇ ଭାରତହିଁ ଧିକ୍କାର ଦେଇ ଦିନେ କହିଥିଲା କ୍ଷତ୍ରିୟବଳକୁ – ''ବଲଂ ବଲଂ ବ୍ରହ୍ମବଲଂ'' – କରୁଣା-ମୈତ୍ରୀ-ଅହିଂସା ପ୍ରଚାର କରି କହିଛି : ଶତ୍ରୁକୁ ଶତ୍ରୁଭାବ ଦେଇ ଜୟ କରାଯାଏ ନାହିଁ – 'ନ ହି ବୈରେଣ ବୈରାଣି ସମନ୍ତୀଧ କଦାଚନ'; ପୁନଶ୍ଚ ଏଇ ଭାରତହିଁ ଶିକ୍ଷା ଦେଇଛି : ''ଶଠେ ଶାଠ୍ୟଂ ସମାଚରେତ୍'', ''ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ପରନ୍ତପ'' । ଭାରତର ସାଧକଙ୍କୁ ଗୋଟିଏ ପଟେ କହୁଥିବାର ଦେଖୁ : ମୁଁ ଅଧମ-ଅକ୍ଷମ, ମୁଁ ଦୀନହୀନ ପାପୀ; ପୁଣି ଏଇଠାରେ ନିଜକୁ 'ଶୁଦ୍ଧ ଅପାପବିଦ୍ଧ ମୁଁ', 'ସଚ୍ଚିଦାନନ୍ଦରୂପୋ ଶିବୋଽହଂ ଶିବୋଽହଂ' କହିବାର ବି ଶୁଣୁ, ପୁନଶ୍ଚ କେଉଁଠି : 'ଅହଂ ରୁଦ୍ରେଭିର୍ବସୁଭିଶ୍ଚରାମି' ମଧ କହିବାର ଶୁଣାଯାଇଛି ।*

ସାରା ପୃଥିବୀର ଧର୍ମ କର୍ମ ଯେପରି ଭାରତ ଆପଣା ଭିତରକୁ ଟାଣି ନେଇଛି । କେବଳ ତାହାହିଁ ନୁହେଁ, ଭାରତ ଆପଣା ଭିତରୁ ଯାହା ସୃଷ୍ଟି କରିଛି ଖୋଲିମେଲି ଦେଇଛି ଚତୁର୍ଦିଗରେ, ସାରା ପୃଥିବୀ ତାହାହିଁ ଗ୍ରହଣ କରି ସମୃଦ୍ଧ ହେବା ସହ ବର୍ତ୍ତି ରହିଛି । କି ଭାବରେ ଭାରତ ଭୂମଣ୍ଡଳର ଶିକ୍ଷାଦୀକ୍ଷାକୁ ପ୍ରଭାବାନ୍ୱିତ କରିଛି ତାହାର ପ୍ରମାଣ ଇତିହାସ ଦେଉଛି – ସେ ପ୍ରମାଣର ନିତ୍ୟ ନୂତନ ରୂପ ଆଜି ବି ଆବିଷ୍କୃତ ହୋଇ ଚାଲିଛି । ଶିକ୍ଷା ଓ ସଭ୍ୟତାରେ ଇଉରୋପ ଜଗତର ରାଜା ବୋଲି ପରିକୀର୍ତ୍ତିତ । ଏଇ ଇଉରୋପର ପଛରେ ରହିଛି ରୋମ ଓ ଗ୍ରୀକ୍‌ର ପ୍ରତିଭା, ଗ୍ରୀକ୍ ସଭ୍ୟତାର ପଶ୍ଚାତରେ ରହିଥିଲା କ୍ରୀଟ୍ (Crete) ଓ ମିଶର ଦେଶର ପ୍ରତିଭା ଏବଂ ମିଶର ସଭ୍ୟତାର ପଶ୍ଚାତରେ ସାକ୍ଷାତ୍ ଭାବରେ ଏବଂ ସୁମେର୍ (Sumer), ଆକାଦ (AKKAD), ବାବିଲନ୍, ଆସିରୀୟା (ASSYRIA) ଏବଂ ପ୍ରାଚୀନ ପାରସ୍ୟ ସଭ୍ୟତାର ଅନ୍ତରାଳରେ ଅସାକ୍ଷାତ୍ ଭାବରେ ଠିଆ ହୋଇଥିଲା ଭାରତ-ବର୍ଷ । ସୁଦୂର ଅତୀତରେ ଭାରତ ଯେ ଖାଲି ପଶ୍ଚିମ ଦିଗରେ ଆପଣାର ଦାକ୍ଷିଣ୍ୟର ହସ୍ତ ପ୍ରସାରିତ କରିଥିଲା, ସେତିକି ନୁହେଁ, ପୂର୍ବ ଦିଗରେ ବି ଅପାର ଜଳଧି ପାରି ହୋଇ ଆମେରିକାରେ

* ଅନ୍ୟାନ୍ୟ ଦେଶରେ ବି ଏଇପ୍ରକାର ନାନା ବିପରୀତ ଧରଣର ମତବାଦ ପୋଷଣ କରିବାର ଯେ ଦେଖାଯାଇ ନାହିଁ, ଏକଥା କହି ହେବ ନାହିଁ । କିନ୍ତୁ ଏତେ ପ୍ରକାର ବିରୋଧୀ ମତବାଦର ପ୍ରତ୍ୟେକଟିକୁ ଜୀବନରେ ଚରମ କରି ଧରି ଫଳବତୀ କରାଇବାର ଜାଗ୍ରତ୍-ପ୍ରୟାସ ନାହିଁ ଅନ୍ୟ କେଉଁଠାରେ – ଭାରତବର୍ଷ ବ୍ୟତୀତ ଅନ୍ୟତ୍ର ଦେଖାଯାଇ ନାହିଁ ।

ବି ନିଜର ଚିହ୍ନ ରଖିଯାଇଛି । ଆମେରିକାରେ, ମେକ୍ସିକୋ ପରି ଦେଶରେ ମଧ୍ୟ ହିନ୍ଦୁମାନଙ୍କର ଦେବାଦେବୀ ମୂର୍ତ୍ତି, ବୁଦ୍ଧ ମୂର୍ତ୍ତି ମିଳିଛି । ଏଇ ବୌଦ୍ଧଯୁଗରେ ଏବଂ ତାହାର ବହୁ ପୂର୍ବରୁ ସେ ଯେ କ'ଣ ନ ହୋଇପାରେ – ସେକଥା କହିହେବ ନାହିଁ, ଯଦିବା ଆମ ପାଖରେ ଖାଲି ପ୍ରମାଣ ଅଛି ବୌଦ୍ଧଯୁଗର, ତଥାପି ଏହା ବି ସତ୍ୟ ଯେ ଭାରତର ଆଉ ଏକ ଢେଉ ଭାରତବକ୍ଷରୁ ଉଠି ପୃଥିବୀର ପୂର୍ବାଞ୍ଚଳରେ ଯାଇ ପଡ଼ିଥିଲା – ମଧ୍ୟ-ଏସିଆ, ଚୀନ, ଜାପାନ, ଶ୍ୟାମ, କମ୍ବୋଜ (Cambodia), ଚମ୍ପା (ANNAM), ଯବଦ୍ୱୀପ ଆଦିରେ – ଯେଉଁସବୁକୁ ଭାରତର ଉପନିବେଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସମସ୍ତ ପରେ ଯେଉଁ ଖ୍ରୀଷ୍ଟଧର୍ମ ଇଉରୋପକୁ ଏତେ ଭାବରେ ଗଢ଼ିତୋଳିଛି, ତାହାର ମୂଳରେ ହିନ୍ଦୁର, ଭାରତର ପ୍ରତିଭା କେତେ ମାତ୍ରାରେ ରହିଛି, ସେ ରହସ୍ୟ ଏବେ ବି ସମ୍ୟକ୍ ତଳେଇ ଦେଖା ହୋଇ ନାହିଁ । ଏବେ ବି ଇଉରୋପରେ ମଧ୍ୟଯୁଗର ଶେଷରେ ଜ୍ଞାନ-ବିଜ୍ଞାନର ଯେଉଁ ବିଶାଳ ଚର୍ଚ୍ଚା ଦେଖାଦେଇଥିଲା – ତାହାର ପ୍ରାରମ୍ଭିକ ପ୍ରେରଣା ମୁସଲମାନମାନେ ନେଇଯାଇଥିଲେ ଭାରତର ଶିକ୍ଷାଦୀକ୍ଷା ମଧ୍ୟରୁ । ତତ୍ପରେ ଏଇ ଭାରତକୁହିଁ ଆବିଷ୍କାର କରିବା ନିମନ୍ତେ କଲମ୍ବସ, ଭାସ୍କୋଡାଗାମା ଆଦି ବାହାରି ପଡ଼ିଥିଲେ କାହିଁକି ? ଭାରତର ସମ୍ପଦ ଲୋଭରେ ? ଅସଲ ଗୁପ୍ତ କାରଣ ଏକ ରହିଛି – ସୂକ୍ଷ୍ମ ଜଗତର କାରଣ; ସେଇଟି ହେଉଛି ଇଉରୋପର ଚେତନାରେ ଏକ ଆକାଙ୍କ୍ଷା ଜାଗିଥିଲା ଭାରତର ସ୍ପନ୍ଦନ ପାଇବା ପାଇଁ, ଯେଉଁ ସ୍ପର୍ଶରେ କଲ୍ୟାଣ-କାମନା ରହିଛି, ଇଉରୋପ ଆପଣା ପ୍ରାଣର ପ୍ରାଣକୁ ପାଇବା ପାଇଁ ସନ୍ଧାନ ନେଉଛି – ଯାହା ସହିତ ସାକ୍ଷାତ୍ ଶାରୀର-ସମ୍ବନ୍ଧ ସ୍ଥାପନ କରିବାକୁ । ସଜ୍ଞାନରେ ନ ବୁଝିଲେ ମଧ୍ୟ ଅନ୍ତରାତ୍ମା ମଧ୍ୟରେ ଏକ ଆଧ୍ୟାତ୍ମିକ ଅଭାବବୋଧ ଓ ବ୍ୟାକୁଳତାର ବଶରେହିଁ ଅର୍ଥ-ସମ୍ପଦ ଲୋଭ ସାଥିରେ ପରମାର୍ଥର ଲୋଭରେହିଁ ଇଉରୋପ ସେ ସମୟରେ ଭାରତ ଅଭିମୁଖରେ ଛୁଟି ଆସିଥିଲା ।

ତେବେ, ଏତେ ପୁରାତନ-କାଳକୁ ଯିବା ଦରକାର କ'ଣ ? ଗ୍ରୀକ୍ ଶିକ୍ଷା-ଦୀକ୍ଷାର ପୁନରାବିଷ୍କାର ଫଳରେ କୁହାଯାଇପାରେ ଯେ ତା' ଫଳରେ ଇଉରୋପରେ ଘଟିଥିଲା ପୁନର୍ଜନ୍ମ – ରେନେସାଁ (Renaissance) । କିନ୍ତୁ ଇଉରୋପୀୟ ସଭ୍ୟତାର ଗଭୀରତର ପୁନର୍ଜନ୍ମ ଘଟିଲା ସେତିକିବେଳେ ଯେବେ ସେ ଆବିଷ୍କାର କଲା ସଂସ୍କୃତ ଭାଷାକୁ, ତାହାର ସାହିତ୍ୟକୁ – ବେଦ ଓ ଉପନିଷଦାଦିକୁ । ଆଉ ଏହା ତ ସେ ଦିନର କଥା, ଯେଉଁ ଦିନ ଭାରତର ସନ୍ନ୍ୟାସୀ ବୀର ବେଦାନ୍ତର ବାର୍ତ୍ତା ନେଇ ସିଂହଗର୍ଜନରେ ପାଶ୍ଚାତ୍ୟର ବକ୍ଷ ଉପରେ ଝାମ୍ପି ପଡ଼ିଲେ, ଭାରତର ଦୀପ୍ତ ପ୍ରତିଭା ଇଉରୋପୀୟ ଜୀବନ ସମ୍ମୁଖରେ ତୋଳି ଧରିଥିଲେ ଜ୍ୱଳମାନ କରି – ସେ କାର୍ଯ୍ୟ ତାଙ୍କର ଏବେ ବି ସମାପ୍ତ ହୋଇ ନାହିଁ ।

ଭାରତକୁ ତେବେ କ'ଣ ବୋଲି କହିବା ? ଭାରତ କେବଳ ମାତ୍ର ଭୂଖଣ୍ଡ ବିଶେଷ ନୁହେଁ, ଅନ୍ୟାନ୍ୟ ଦେଶସବୁ ଭିତରୁ ଏହା ଗୋଟିଏ ଦେଶ ମାତ୍ର ନୁହେଁ, ଅନ୍ତରର ସୂକ୍ଷ୍ମତତ୍ତ୍ୱର ଦିଗରୁ ଦେଖିଲେ, ଆମେ କହିବାକୁ ଚାହୁଁ ଭାରତ ବର୍ଷ ହେଉଛି ଭୂଭାରତର ମାନବଜାତିର ''କାରଣ-ପୁରୁଷ'' । ତନ୍ତ୍ରରେ କାରଣ-ଜଗତର କଥା କୁହାଯାଇଛି, ଉପନିଷଦ୍‌ରେ ଏହାର ନାମ ବିଜ୍ଞାନ-ଲୋକ, ପୁରାଣ ଅନୁସାରେ ଏଇଟିକୁ ମହର୍ଲୋକ କହନ୍ତି । କାରଣ ଏ ଜଗତ୍ ହେଉଛି ସେଇ ଭୂମି, ଯେଉଁଠି ସୃଷ୍ଟିର ଆଦିରୂପ; ବସ୍ତୁର ପ୍ରଥମ ବୀଜ ରୋପିତ ହୋଇଛି – ସ୍ଥୂଳରେ ଯାହା କିଛି ପ୍ରକାଶ ପାଇବ, ପ୍ରକାଶ ପାଇପାରେ, ସେଗୁଡ଼ିକର ସାଧାରଣ ମୂଳତତ୍ତ୍ୱଗୁଡ଼ିକ ଯେଉଁ ସ୍ଥାନରେ ଚିନ୍ମୟ ମୂର୍ତ୍ତିରେ ଆବିର୍ଭୂତ – ତାହାହିଁ ସେଇ ବିଜ୍ଞାନଲୋକ । ଏହାର ନାମ ଯେ ମହର୍ଲୋକ, ତା'ର କାରଣ ଏଇ ସ୍ଥାନର ତତ୍ତ୍ୱବସ୍ତୁମାନ ଅନ୍ତରର ପ୍ରକାଶ, ଏହି ଭୂମି ରୂପାୟଣ ବିଶିଷ୍ଟ ହେଲେ ମଧ୍ୟ ଖଣ୍ଡ ଓ ସୀମାବଦ୍ଧ ନୁହେଁ, ସେଥିରେ ଲୀଳାୟିତ ହୋଇ ଉଠି ଅଛି ବୃହତ୍‌ର ସ୍ୱଭାବ ଓ ସ୍ୱରୂପ । ଅନନ୍ତ ଓ ଅସୀମର ଅନିର୍ଦ୍ଦେଶ୍ୟର ଭିତରେ ଯେବେ ସୃଜନ ଇଚ୍ଛାର ପ୍ରକାଶ ଆବେଗ ପ୍ରଥମ କରି ଚଞ୍ଚଳ ହୋଇଉଠେ, ସେତେବେଳେ ସେଠାରେ ଦେଖାଦିଏ ଯେପରି କେତେଗୁଡ଼ିଏ ଘୂର୍ଣ୍ଣିପାକର କେନ୍ଦ୍ର, ତପଃ-ତେଜଃର ଉତ୍ସ – ଯାହା ଅବାଙ୍‌ମାନସ-ଗୋଚର, ତାହା କେତେଗୁଡ଼ିଏ ମୂଳ ଭାବରସକୁ ଆଶ୍ରୟ କରିହିଁ ଗୋଚର ହେବାକୁ ଲାଗେ, ଫୁଟି ଉଠିବାକୁ ଲାଗେ ପ୍ରକାଶ ଦିଗରେ । ଏଇ ସମସ୍ତ ମୂଳଭାବ ପୁନରାୟ ବହୁ ବିଚିତ୍ର ନାନାବିଧ ସମ୍ଭାବନାର ଧାରା ବିକୀର୍ଣ୍ଣ କରି ସୂକ୍ଷ୍ମ ଜଗତର ସୃଜନ କରେ ଏବଂ ପରେ ଏହି ସମ୍ଭାବନାର ଧାରାରୁ କେତେଗୁଡ଼ିଏ ଆହୁରି ସ୍ପଷ୍ଟ, ଆହୁରି ମୂର୍ତ୍ତ, ଆହୁରି ବାସ୍ତବ ଜମାଟ ହେବାକୁ ଲାଗେ, ଶେଷକୁ ଯାହା ପରିଣତ ହୁଏ ଏଇ ସ୍ଥୂଳ ଦୃଶ୍ୟମାନ ଜଗତରେ । ଭଗବାନଙ୍କ ଅନ୍ତରର ସୃଷ୍ଟିର ଯେଉଁ ମୂଳ ସୂତ୍ରମାନ, ଯେଉଁ ନକ୍ସା ବା ଛାଞ୍ଚ, ସେଇଗୁଡ଼ିକହିଁ ହେଉଛି ଏଇ କାରଣ ଜଗତ୍ – ସେଇଠାରେହିଁ

ବସ୍ତୁର ସ୍ୱରୂପ ଓ ସ୍ୱଭାବ; ଦାର୍ଶନିକ ପ୍ଲାଟୋ କାରଣ-ଜଗତରେ ଥିବା ବସ୍ତୁସବୁର ସ୍ୱରୂପ ଓ ସ୍ୱଭାବକୁ ନାମ ଦେଇଛନ୍ତି 'ଆଇଡ଼ିଆ' (Idea) ବୋଲି ।

ଏଇ 'ଆଇଡ଼ିଆ'ଗୁଡ଼ିକୁ ନେଇ ଯେଉଁ ଦିବ୍ୟଲୋକ, ତାହାର ପ୍ରତୀକ ହେଉଛି ଭାରତ ବର୍ଷ । ଭାରତ ଯେପରି ଭଗବାନଙ୍କର କର୍ମଶାଳା – ଏଇଠାରେ ସେ ନାନାବିଧ ପରୀକ୍ଷା କରନ୍ତି, ଗଢ଼ନ୍ତି ମୂଳଭାବ ଓ ବୀଜଶକ୍ତି ଯାହା ପରେ ଜଗତରେ ବ୍ୟାପୀ ଯିବ – ଖେଳେଇ ବିଛାଡ଼ି ହୋଇପଡ଼ିବ, ମାନବଜାତିର ଯାବତୀୟ ସୃଷ୍ଟିର କାରଣ ହୋଇ । ଭାରତହିଁ ଯେପରି ଦେବଧାମ – ଏ ଜଗତରେ ସୃଷ୍ଟିର ନିୟନ୍ତା, ବାସ୍ତବର ଅଧିଷ୍ଠାତା ଯେଉଁସବୁ ଅମରବୃନ୍ଦ, ସେମାନେ ଜନ୍ମଗ୍ରହଣ କରୁଛନ୍ତି, ବ୍ରହ୍ମସତ୍ତାରୁ ପ୍ରଥମ ପ୍ରକାଶ ଭିତରେ ଓହ୍ଲାଇ ଆସୁଛନ୍ତି ଏଇ ଭୂଖଣ୍ଡକୁ – ଏଇଠାରୁହିଁ ଜଣ ଜଣ କରି ସେମାନେ ଜାଗ୍ରତ୍ ରୂପ ଧରି ପୃଥିବୀର ଏକ ଏକ ଦିଗର ଅଧିପତି ହୋଇ ଚାଲିଛନ୍ତି । ସୁତରାଂ ସୃଷ୍ଟିଚକ୍ରର ନାଭିଦେଶ ହେଉଛି ଏଇ ଭାରତ ।

ଭାରତ ମହର୍ଲୋକର ଚିନ୍ମୟ ଭାବାବଳୀର ବିଗ୍ରହ । ତେଣୁ ଭାରତର ସକଳ ପ୍ରକାଶ ମଧରେ ଦେଖିବାକୁ ମିଳେ ଅନନ୍ତ-ଅସୀମର ଚେତନା; ଭାରତ ଯାହା ସୃଷ୍ଟି କରିଛି, ତାହାରି ମଧରେ ରହିଛି ଏକ ବିଶାଳ ପରାକାଷ୍ଠା । ମଝି ବାଟରେ କୌଣସି ଜିନିଷକୁ ଛାଡ଼ିଦେଇ ନାହିଁ, କୌଣସି ଜିନିଷକୁ ଛୋଟ କରି, କ୍ଷୁଦ୍ର ଆକାର ଦେଇ ଗଢ଼ି ନାହିଁ – ପ୍ରତ୍ୟେକ ଚୂଡ଼ାନ୍ତରେ ବୃହତ୍ ମଧରେ ସେ ଉପନୀତ ହେବାକୁ ଚାହିଁ ଆସିଛି । ଗ୍ରୀକ୍ ଖୋଜିଛି ପରିଣାମ ଏକ – golden mean; କିନ୍ତୁ ଭାରତକୁ ଚଳାଇଛି ଅସୀମର ବୋଧ – ଯାବତୀୟ ସୀମାର ବାହାରେ – ଅନନ୍ତ ଦିଗରେ, ମାତ୍ରାଧିକ ଦିଗରେ – ଶେଷରେ ସେଠାରେ ପହଞ୍ଚିବା ପରେ ଯାଇ ଭାରତ ପଚାରିଛି : – ''ତତଃ କିମ୍'' ? ଏବଂ ଏଇ ବିରାଟ ବିପୁଳତାର ବୋଧ ଏତେ ଜାଗ୍ରତ୍ ଥିଲା ବୋଲିହିଁ ଭାରତ କୌଣସି ଏକ ସତ୍ୟକୁ, ତାହାର ଧାରାକୁ ଏକାନ୍ତ କରି ଜାବୁଡ଼ି ଧରିପାରି ନାହିଁ । ସତ୍ୟ ବସ୍ତୁ ଭାବରେ ଏକ ହେଲେ ବି ପ୍ରକାଶ ଦିଗରୁ ଦେଖିଲେ ତାହା ବହୁ – ସେଇ କାରଣରୁ ତ କୁହାଯାଇଛି : ବହୁଧା ବଦନ୍ତି । ତେଣୁ ଭାରତର ଜୀବନ-ତନ୍ତ୍ରୀରେ ଗୋଟିଏ ସୁର ଯେ ବାଜୁଥିବ, ସେପରି କିଛି କଥା ନାହିଁ, ବହୁତ୍ୱର ବୈଚିତ୍ର୍ୟ ତାହା ଭିତରେ ଝଙ୍କୃତ ହେବା ଫଳରେ ଏକ ବୃହତ୍ ସଙ୍ଗତି ଏଠାରେ ଗଢ଼ି ଉଠିଛି । କାରଣ-ପୁରୁଷ ଏଇ ପ୍ରକାରରେ ଅନନ୍ତର ବୋଧକୁ ଅତୁଟ ରଖି ମଧ ତାହାରି ଭିତରେ ଫୁଟାଇ ଧରିଛି ଲୀଳାଖେଳା ସାନ୍ତର । ମହର୍ଲୋକରେ ସୃଷ୍ଟିର ଯେଉଁ ବୀଜ-ଲୀଳା, ସେଇଥିରେ ରହିଛି ସାନ୍ତ ଓ ଅନନ୍ତ ଏବଂ ରୂପ ଓ ଅରୂପର ପୂର୍ଣ୍ଣ ମିଳନ ଓ ସାମଞ୍ଜସ୍ୟ । ସ୍ଥୂଳରେ ଜଡ଼ ପ୍ରତିଷ୍ଠାନରେ ଯେଉଁଠି ଯେତେବେଳେ ସୃଷ୍ଟିର ବେଗ ବନ୍ଧା ପଡ଼ିଛି, ଯେତେବେଳେ ଯେଉଁଠି ଅନନ୍ତର ବୋଧ ଲୋପ ପାଇଯିବାକୁ ବସିଛି, ସେତେବେଳେ ସେଇଠାରେ ଭାରତ ଆପଣାର ଦୃଢ଼ ସ୍ପଷ୍ଟ ବ୍ୟକ୍ତିଗତ ରୂପ ନେଇ ନିଃଶେଷରେ ବସ୍ତୁ ସମେତ ତାହାର ପୂର୍ତ୍ତି ଉଦ୍ଦେଶ୍ୟରେ ପହଞ୍ଚି ଯାଇଛି । ଭାରତ ବର୍ଷ ବ୍ୟତୀତ ଅନ୍ୟାନ୍ୟ ଦେଶର ସୃଷ୍ଟିରେ ଏଭଳି ଏକ ସୀମାର ବନ୍ଧନକୁ ରୂପର ଆୟତନରେ ପରିଣତ କରି ସମାପ୍ତି ପର୍ବ ଯାଏଁ ଆଣିବାର ଦେଖାଯାଏ କି ? ଅଥଚ ଭାରତର ଶରୀର-ଚେଷ୍ଟାର ଭିତରେ ବିଦେହର ବ୍ୟଞ୍ଜନା ରହିଯାଇଛି – ଆମର ସ୍ଥୂଳ ସତ୍ୟ, ବାସ୍ତବ ପ୍ରତିଷ୍ଠାନର ପଛରେ ଏବଂ ତାହାର ଦୃଷ୍ଟିରେ ରହିଛି ଯଥେଷ୍ଟ ଅଧିକ ମାତ୍ରାରେ ଜାଗ୍ରତ୍ ତାତ୍ତ୍ୱିକ ବସ୍ତୁ, ଆତ୍ମିକ ସତ୍ତା ।

(ନଳିନୀକାନ୍ତ ଗୁପ୍ତଙ୍କ ରଚନାବଳି - ୬ଷ୍ଠ ଖଣ୍ଡରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

ଆମ ନିଜକୁ ଅତିକ୍ରମ କରିବା ପାଇଁ ପ୍ରଚେଷ୍ଟାର ମାତ୍ରାରେହିଁ ରହିଛି ଆମର ଯାହାକିଛି ମୂଲ୍ୟ ଏବଂ ଆମ ନିଜକୁ ଅତିକ୍ରମ କରିଯିବାର ଅର୍ଥ ହେଉଛି ଭଗବାନଙ୍କୁ ଲାଭ କରିବା ।

– ଶ୍ରୀମା

# ସ୍ୱାଧୀନ ଭାରତ : ବିଡ଼ମ୍ବନା ଏବଂ ସମ୍ଭାବନା

## ଶ୍ରୀ ମନୋଜ ଦାସ

ଏ ଲେଖକ ପାଇଁ ସେଦିନ – ୧୫ ଅଗଷ୍ଟ ୧୯୪୭ରେ – ସ୍ୱାଧୀନତାର ସୂର୍ଯ୍ୟ ଉଦିତ ହୋଇଥିଲେ ଏକ ଧୂ ଧୂ ବାଲୁ ପ୍ରାନ୍ତରର ଅସ୍ପଷ୍ଟ ସବୁଜ ଦିଗନ୍ତରେ । ବିଦ୍ୟାଳୟ ଏବଂ ସଂଲଗ୍ନ ଛାତ୍ରାବାସ ଚତୁର୍ଦ୍ଦିଗରେ କୌଣସି ପ୍ରତିବେଶୀ ଜନପଦ ନଥିଲେ । ଦୁଇ ନିରାଡ଼ମ୍ବର କୋଠାର ମଧ୍ୟବର୍ତ୍ତୀ ମଇଦାନ ଭିତରେ ଆମ ଛାତ୍ର-ଶିକ୍ଷକ ସମାବେଶରେ ଜାତୀୟ ପତାକା ଉତ୍ତୋଳନ ଉତ୍ତାରୁ ପ୍ରଧାନଶିକ୍ଷକ ମହୋଦୟ ତାଙ୍କ ଅନତିଦୀର୍ଘ ଭାଷଣରେ କହିଥିଲେ, ''ଆଜିର ଦିବସରେ ଭାରତବର୍ଷ ସ୍ୱାଧୀନ ହେଲା, ସେତିକି ନୁହେଁ, ସ୍ୱାଧୀନତାର ମନ୍ତ୍ରଦାତା ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ମଧ୍ୟ ଆଜି ।''

ସେତେବେଳେ ବିଦ୍ୟାଳୟ ବା ଛାତ୍ରାବାସରେ ବିଦ୍ୟୁତ୍ ନଥିଲା; ଟ୍ରାନ୍‌ଜିଷ୍ଟର୍ ତ ଦୂରର କଥା, ଆମ ଭିତରୁ ଅଧିକାଂଶ ସେତେବେଳେ ସାଧାରଣ ରେଡ଼ିଓଟିଏ ମଧ୍ୟ ଦେଖି ନଥିଲୁ । (ମାତ୍ର ବର୍ଷଟିଏ ସେଠାରେ ବିତାଇ ଏ ଲେଖକ ସହରକୁ ଚାଲିଯିବାର ଛଅବର୍ଷ ପରେ କୌଣସି ବଦାନ୍ୟ ବ୍ୟକ୍ତି ବିଶାଳକାୟ ବ୍ୟାଟେରୀ ପରିଚାଳିତ ରେଡ଼ିଓଟିଏ ସେ ବିଦ୍ୟାଳୟକୁ ଉପହାର ଦେଇଥିଲେ ଏବଂ ପ୍ରଧାନଶିକ୍ଷକ ମହୋଦୟ ଏକ ଝଡ଼ ରାତିରେ ତା'ର ଉପଯୋଗ କରିବାକୁ ଯାଇ ସେ ସ୍ୱଳ୍ପ-ପରିଚିତ ଯନ୍ତ୍ରଟି ଭିତରକୁ ବଜ୍ରାଘାତକାଳୀନ ବିଦ୍ୟୁତ୍ ସଞ୍ଚରିତ ହୋଇ ଆସନ୍ତେ, ତତ୍‌କ୍ଷଣାତ୍ ପ୍ରାଣ ହାରିଥିଲେ ।)

କୌଣସି ମାନ୍ତ୍ରିକ ବା ତାନ୍ତ୍ରିକର ବିଭୂତି ଦ୍ୱାରା ସେଦିନ ଯଦି ଏ ବାଳକ ଷାଠିଏ ସତୁରି ପରବର୍ତ୍ତୀ ତାହାରି ବୟସର ଜଣେ ଭାରତୀୟ ବାଳକର ଜୀବନଶୈଳୀ ଘଣ୍ଟାଏ ପାଇଁ ପର୍ଯ୍ୟବେକ୍ଷଣ କରିବାର ଅଲୌକିକ ସୁଯୋଗ ପାଇଥା'ନ୍ତା – ସ୍ୱପ୍ନ ବା ପରାଦୃଷ୍ଟି(Vision) ଯୋଗେ – ତେବେ ସେ ଅବିଶ୍ୱାସ୍ୟ ଆନନ୍ଦରେ ଆତ୍ମହରା ହୋଇଥା'ନ୍ତା । ସେ ଦେଖିଥା'ନ୍ତା, ଏକବିଂଶ ଶତାବ୍ଦୀର ପ୍ରଥମ ବା ଦ୍ୱିତୀୟ ଦଶକର ଛାତ୍ର ବା ଛାତ୍ରୀଟିଏ ମୋବାଇଲ୍ ଯୋଗେ କାହିଁ କେତେ ଦୂର ଦୂରାନ୍ତରର ବନ୍ଧୁ-ବାନ୍ଧବୀ ସହ ଇଚ୍ଛା ମାତ୍ରେ ଗପସପ ହୋଇ ପାରୁଛି; ସ୍କାଇପ୍ ସାହାଯ୍ୟରେ ପରସ୍ପର ଛାୟାଛବି ରୂପେ ଭେଟାଭେଟି ମଧ୍ୟ ହୋଇପାରୁଛନ୍ତି, କମ୍ପ୍ୟୁଟର ମାଧ୍ୟମରେ ସେ ଅନାୟାସରେ କେତେ କ୍ଲେଶକର କର୍ମ ସାଧନ କରିପାରୁଛି, ଇଣ୍ଟରନେଟ୍ ତାକୁ ଯୋଗାଇ ଦେଉଛି ଯାବତୀୟ ଖବରାଖବର, ଟେଲିଭିଜନ ତା' ଆଗରେ ସାରା ବିଶ୍ୱକୁ ଉନ୍ମୁକ୍ତ କରି ଧରୁଛି ଏବଂ ତା'ର ଅଧ୍ୟାପକ ପିତୃଦେବଙ୍କ ସକାଶେ ମାସିକ ଦରମା ବାବଦରେ ଅର୍ଦ୍ଧ ଲକ୍ଷରୁ ଊର୍ଦ୍ଧ୍ୱ ମୁଦ୍ରାର ମୂଲ୍ୟବାହୀ ଚେକ୍ ଆସି ପହଞ୍ଚୁଛି । (ମୋ ଅଗ୍ରଜ ୧୯୪୮ ମସିହାରେ ସରକାରୀ ମହାବିଦ୍ୟାଳୟରେ ମାସିକ ଏକ ଶହ ପଚିଶ ଟଙ୍କା ମୌଳିକ ଦରମାରେ ଯୋଗଦାନ କରିଥିଲେ !)

ସେଦିନ ଏ ବାଳକ ସ୍ୱତଃସ୍ଫୂର୍ତ୍ତଭାବେ ଧରି ନେଇଥା'ନ୍ତା – ସ୍ୱାଧୀନତା ପରବର୍ତ୍ତୀ ଯେଉଁ ଭାରତବର୍ଷ ସ୍ଥୂଳ ପର୍ଯ୍ୟାୟରେ ଏଭଳି ପ୍ରଗତି ସାଧନ କରିପାରିଲାଣି, ସୂକ୍ଷ୍ମ ପର୍ଯ୍ୟାୟରେ ତା'ର ନାଗରିକମାନେ କେଡ଼େ ମହତ୍ତର ହୋଇ ଉଠିବେଣି !

ହାୟ, ଯଦି ପରମୁହୂର୍ତ୍ତରେ ତା' ଆଗରେ ସେହି ମାନ୍ତ୍ରିକ ବା ତାନ୍ତ୍ରିକଙ୍କ ବିଭୂତି ଯୋଗୁଁ ଝଟକି ଉଠିଥା'ନ୍ତା ମହାନଗରୀ ରାଜଧାନୀର ରାଜପଥରେ ନିଶୀଥରେ ବସ୍‌ଟିଏ ଭିତରେ ଜଣେ ତରୁଣୀ ଉପରେ ମରଣାନ୍ତକ ଅତ୍ୟାଚାରର ଚିତ୍ର, ଯୁବକ ଯୁବତୀ ଭିନ୍ନ ଭିନ୍ନ ଜାତି ବା ଉପଜାତିର ଅନ୍ତର୍ଭୁକ୍ତ ହୋଇଥିବା ସତ୍ତ୍ୱେ ପରସ୍ପର ଭଲପାଇ ବିଭା ହୋଇ ପଡ଼ିଥିବା ଯୋଗୁଁ ସେମାନଙ୍କୁ ବିଲୋପ କରିବାର ସାମୂହିକ ନିଷ୍ପତ୍ତିର ତଥା ଅସଂଖ୍ୟ ସାଂପ୍ରଦାୟିକ ଦଙ୍ଗା, ରେଳ-ରାସ୍ତା-ରୋକ ଇତ୍ୟାଦିର ଦୃଶ୍ୟପଟ, ତେବେ ବାଳକଟି ପକ୍ଷରେ ମୋହମୁକ୍ତିର ସେ ଧକ୍କାରୁ ଉତ୍ତୀର୍ଣ୍ଣ ହେବା ସହଜ ହୋଇ ନଥା'ନ୍ତା ।

ସ୍ୱର୍ଗାଗତ ଆଶିଷଧାରା ଯେଉଁ ଗଙ୍ଗାର ନୀର କଦାଚ କଳୁଷିତ ହୁଏ ନାହିଁ ବୋଲି ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱାସ ବଳବତ୍ତର ଥିଲା, ସେହି ବିଗଳିତ କରୁଣାକୁ ଶିକ୍ଷିତ, ଧନିକ ଓ ପ୍ରଭାବବନ୍ତ ଶିଳ୍ପପତିମାନେ ନର୍ଦ୍ଦମା ସ୍ତରକୁ ଅବନମିତ

କରିବାରେ ଦ୍ୱିଧାବୋଧ କରିବେ ନାହିଁ, ଐତିହ୍ୟର ଗନ୍ତାଘର ଦଣ୍ଡକାରଣ୍ୟକୁ କୌଣସି ରାକ୍ଷସିକ ଉଇଜାତି ଭଳି ଚରିଯିବେ, ଏସବୁ ତଥ୍ୟ ନିଶ୍ଚିତ ଭାବେ ବାଳକର ମାନସିକ ଭାରସାମ୍ୟକୁ ବିପନ୍ନ କରନ୍ତା ।

### ଭାରତର ସ୍ୱାଧୀନତା ପ୍ରାପ୍ତି : ଏକ ବିଡ଼ମ୍ବନା ?

ନିର୍ଭୁଲ ଭାଷାରେ ସମ୍ପୂର୍ଣ୍ଣ ସ୍ୱାଧୀନତାର ଦାବି ଉତ୍ଥାପନ କରିବାରେହିଁ ଯେ ଶ୍ରୀଅରବିନ୍ଦ ଦେଶର ପ୍ରଥମ ସନ୍ତାନ, ସେତିକି ନୁହେଁ, ୧୯୧୦ ମସିହା ବେଳକୁ ବ୍ରିଟିଶମାନଙ୍କର ଭାରତ ତ୍ୟାଗ କରିବା ଅନିବାର୍ଯ୍ୟ ବୋଲି ସେ ଜାଣିଥିଲେ । ସେହି ବର୍ଷଠାରୁ ପଣ୍ଡିଚେରୀରେ ତାଙ୍କ ଅବସ୍ଥାନ କାଳ ଭିତରେ ଉତ୍ସୁକ ସନ୍ଧାନୀମାନଙ୍କଠାରୁ ବାରଂବାର ଏକହିଁ ପ୍ରଶ୍ନ ସେ ସାମନା କରିଛନ୍ତି ଏବଂ ସେମାନଙ୍କୁ ଦେଇଛନ୍ତି ସେସମ୍ପର୍କରେ ଅବିମିଶ୍ର ନିର୍ଭରତା ।

କିନ୍ତୁ ବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ ତାଙ୍କର ସେ ନିର୍ଭର ପ୍ରତିଶ୍ରୁତି ସହ ମିଶି ରହିଥିଲା ଏକ ବିମର୍ଷକର ପ୍ରଶ୍ନ । ଦୃଷ୍ଟାନ୍ତ : ଜଣେ ଜିଜ୍ଞାସୁ ପ୍ରଶ୍ନ କରୁଛନ୍ତି, ''ଆପଣଙ୍କ ଯୋଜନା ଅନୁସାରେ ଆପଣ ନିଶ୍ଚିତ ଭାବରେ ଏକ ସ୍ୱାଧୀନ ଭାରତ ଦେଖିପାରୁଛନ୍ତି ତ ?...''

ଶ୍ରୀଅରବିନ୍ଦ ୧୬ ତାରିଖ ସେପ୍ଟେମ୍ବର ୧୯୩୫ରେ ଉତ୍ତରରେ ଲେଖିଛନ୍ତି : ତାହା ନିଶ୍ଚିତ; ଖାଲି କାର୍ଯ୍ୟକାରୀ କରିବା କଥା । ପ୍ରଶ୍ନ ହେଲା ନିଜର ସ୍ୱାଧୀନତାକୁ ନେଇ ଭାରତବର୍ଷ କ'ଣ କରିବାକୁ ଯାଉଛି ? ... ବଲ୍‌ସେଭିଜ୍‌ମ୍ ? ଗୁଣ୍ଡାରାଜ ? ପରିସ୍ଥିତି ଅଶୁଭ ମନେହୁଏ । (That is all settled. It is a question of working out only. The question is, what is India going to do with her independence ?... Bolshevism ? Goonda-raj ? Things look ominous.)

ସ୍ୱାଧୀନତା ପ୍ରାପ୍ତିର ବେଶ୍ କିଛି ବର୍ଷ ପୂର୍ବରୁହିଁ ଭୟାବହ ଦୁଃଶକ୍ତିମାନେ ଦେଶ-ବିଭାଜନର ପ୍ରୟାସ ଆରମ୍ଭ କଲେ । ଜାତୀୟ ନେତୃବର୍ଗ ମଧ୍ୟରେ ବି କ୍ଷମତା ନିମନ୍ତେ ଅନୁଚ୍ଚାରିତ ସଂଘର୍ଷ କ୍ରମେ କ୍ରମେ ଗୁଞ୍ଜରଣରୁ କନ୍ଦଳକୁ ଉତ୍ତୀର୍ଣ୍ଣ ହେଲା । ସମସାମୟିକ ନେତାମାନେ ଏବଂ ସେମାନଙ୍କର ଅନୁସରଣ-କାରୀମାନେ ଧରି ନେଲେ, ଆସନ୍ନପ୍ରାୟ ସ୍ୱାଧୀନତା ସେହିମାନଙ୍କ ଉପାର୍ଜନ । ସ୍ୱାଧୀନତା ସଂଗ୍ରାମ ସତେ ଯେପରି ୧୯୧୪ରେ ଗାନ୍ଧିଜିଙ୍କ ଭାରତ ପ୍ରତ୍ୟାବର୍ତ୍ତନରୁହିଁ ଆରମ୍ଭ ହୋଇଥିଲା !

### ଇତିହାସର ଅବହେଳିତ ତଥ୍ୟ

ବାସ୍ତବରେ ଆମ ସ୍ୱାଧୀନତା ସଂଗ୍ରାମର ନିରପେକ୍ଷ ଇତିହାସ ବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କରେ ପ୍ରବର୍ତ୍ତିତ ହୋଇ ନାହିଁ । ବହୁ-ପ୍ରଚଳିତ ବାକ୍ୟଟିଏ ମନେ ପକାନ୍ତୁ : "There is nothing as powerful as an Idea for which the time had come." ଅର୍ଥାତ୍, ''ଯେଉଁ ମହତ୍ ଭାବନାଟିର ବାସ୍ତବ ରୂପାୟନ ନିମନ୍ତେ **ସମୟ** ସମାଗତ, ତାହାଠୁଁ ଅଧିକ ବଳଶାଳୀ ଆଉ କିଛି ନାହିଁ ।'' ମହାକାଳର ବିଚିତ୍ର ଗତିରେ ପୃଥିବୀ ବ୍ୟାପୀ ସାମ୍ରାଜ୍ୟବାଦର ଅବସାନ ନିମନ୍ତେ ସମୟ ସମାଗତ ହୋଇଥିଲା; ପୁଣି ଭାରତର ସୁଦୀର୍ଘ ବ୍ରିଟିଶ-ବିରୋଧୀ ସଂଗ୍ରାମ ଭାରତୀୟ ଜାତୀୟ ମାନସକୁ ସ୍ୱାଧୀନତା-ପ୍ରାପ୍ତି ନିମନ୍ତେ ଉନ୍ମୁଖ କରି ରଖିଥିଲା ।

ଇଂରେଜ ବେପାରୀମାନଙ୍କ ସଂଗଠନ ଇଷ୍ଟ୍ ଇଣ୍ଡିଆ କମ୍ପାନୀ କେତେବେଳେ ବଳ ପ୍ରୟୋଗ କରି, କେତେବେଳେ ବା ନିର୍ମମ ଶଠତା ଯୋଗେ ଭାରତବର୍ଷକୁ ତା' ଜମିଦାରିରେ ପରିଣତ କରିଚାଲିଥିଲା । ୧୭୫୭ ମସିହାର ପଲାସି ଯୁଦ୍ଧ ଏବଂ ୧୭୬୪ର ବକ୍‌ସାର ଯୁଦ୍ଧ ଭଳି ବଡ଼ ବଡ଼ ସଂଘର୍ଷକୁ ଛାଡ଼ି ଦେଲେ ମଧ୍ୟ ୧୮୫୭-୫୮ର ତଥାକଥିତ ସିପାହି ବିଦ୍ରୋହ ପର୍ଯ୍ୟନ୍ତ ଏଭଳି ଦଶନ୍ଧିଟିଏ ବିତି ନାହିଁ ଯାହା ଭିତରେ କମ୍ପାନୀର ସୈନ୍ୟ, ସେନାପତି ଏବଂ ଭାରତର ରାଜା ସାମନ୍ତମାନଙ୍କ ସେନାନୀ ମଧ୍ୟରେ ଘନ ଘନ ସଂଘର୍ଷ ଉପୁଜି ନାହିଁ ।

୧୮୫୭ ମସିହାର ଦେଶବ୍ୟାପୀ ବିପ୍ଳବକୁ ଇଂରେଜ ଐତିହାସିକମାନେ 'ସିପାହି ବିଦ୍ରୋହ'ଭାବରେ ପ୍ରଚାର କରିଥିଲେ ଏବଂ ଭାରତୀୟ ଐତିହାସିକମାନେ ଅଦ୍ୟାବଧି ସେ ନାମକରଣର ପ୍ରଭାବରୁ ମୁକ୍ତ ହୋଇ ନାହାନ୍ତି । ତାହା ସିପାହିମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ସତ, କିନ୍ତୁ ପରେ ପରେ ତା'ର ନେତୃତ୍ୱ ନେଲେ ଝାନ୍‌ସୀ ରାଣୀ ଓ ନାନା ସାହେବଙ୍କ ଭଳି ବୀର ବ୍ୟକ୍ତିତ୍ୱମାନେ । ଐତିହାସିକମାନଙ୍କର ଆଉ ଏକ ବକ୍ତବ୍ୟ ହେଲା, ସିପାହିମାନଙ୍କ ବ୍ୟତୀତ ସେ ଆନ୍ଦୋଳନ ଥିଲା ରାଜା ରାଜୁଡ଼ାଙ୍କ ବିଦ୍ରୋହ । ଶତାଧିକ ଇଂରେଜ କର୍ମଚାରୀ ରଖିଯାଇଥିବା ଆତ୍ମକଥା ଓ ସ୍ମୃତିଚାରଣ ଅଧ୍ୟୟନ

କଲେ ଆମେ ଅକ୍ଳେଶରେ ଏଭଳି ଭ୍ରାନ୍ତ ଧାରଣାକୁ ତାଚ୍ଛଲ୍ୟହିଁ କରିବା । ସେତେବେଳର ସମାଜ ବ୍ୟବସ୍ଥା ତଥା ସାମୂହିକ ମାନସିକତାକୁ ଆଜିର ଦୃଷ୍ଟିକୋଣରୁ ବିଚାର କରିବା ଅନ୍ୟାୟ । ରାଜାମାନଙ୍କ ନେତୃତ୍ୱ ଅନୁଗତମାନଙ୍କୁ ଅଧିକ ଅନୁପ୍ରାଣିତ କରିଥିଲା – ଏହା ସତ୍ୟ, କିନ୍ତୁ ଜନସାଧାରଣଙ୍କ ବିଦ୍ରୋହ ଥିଲା ସ୍ୱତଃସ୍ଫୂର୍ତ୍ତ । ଇଂରେଜ ପ୍ରତ୍ୟକ୍ଷଦର୍ଶୀମାନଙ୍କ ଦ୍ୱାରା ଲିଖିତ ଡାଏରି ଏବଂ ଅନ୍ୟାନ୍ୟ ବିବରଣୀ ପ୍ରତି ଐତିହାସିକମାନେ ଗୁରୁତ୍ୱ ଦେଇ ନାହାନ୍ତି, ଏପରିକି ଲଣ୍ଡନ 'ଟାଇମ୍‌ସ୍'ର ଭ୍ରାମ୍ୟମାଣ ପ୍ରତିନିଧି ରସେଲ୍‌ଙ୍କ ଡାଏରି ପ୍ରତି ମଧ୍ୟ ନୁହେଁ ।

ସିପାହି ବିଦ୍ରୋହର ଆଂଶିକ ନେତୃତ୍ୱ ସିନା କେତେ ଜଣ ରାଜା ସାମନ୍ତ ହାତକୁ ନେଇଥିଲେ, କିନ୍ତୁ ସେ ଘଟଣାର ପୂର୍ବବର୍ତ୍ତୀ ବିଦ୍ରୋହର ବିବରଣୀମାନ ବା କେତେଦୂର ଆମ ବିଦ୍ୟାର୍ଥୀମାନଙ୍କ ଗୋଚରକୁ ଅଣାଯାଇଛି ? ୧୭୬୯-୭୦ ମସିହାର ବ୍ୟାପକ ଦୁର୍ଭିକ୍ଷ ପରେ ପରେ ଗୋଟାଏ ବିରାଟ ବିଦ୍ରୋହ କମ୍ପାନୀ ଶାସନକୁ ଦୋହଲାଇ ଦେଇଥିଲା । ସେ ଅଦ୍ଭୁତ ବିଦ୍ରୋହର ନେତୃତ୍ୱ ନେଇଥିଲେ ହିନ୍ଦୁ ସନ୍ନ୍ୟାସୀ ଏବଂ ମୁସଲିମ ଫକିରମାନେ । ଭବାନୀ ପାଠକ ଏବଂ ମଜ୍‌ନୁଶାହ୍‌ଙ୍କ ନାମ ବଙ୍ଗଦେଶର ଘରେ ଘରେ ପ୍ରତିଧ୍ୱନିତ ହେଉଥିଲା ।

ସନ୍ନ୍ୟାସୀ ବିଦ୍ରୋହ ଭାବରେ ନାମିତ ସେ ବିକ୍ଷୋଭ ଅବ୍ୟାହତ ରହିଥିଲା ତିରିଶବର୍ଷ କାଳ । କମ୍ପାନୀ-ନିଯୁକ୍ତ ବଡ଼ଲାଟ ଓ୍ୱାରେନ୍ ହେଷ୍ଟିଂସ୍‌ଙ୍କ ସ୍ୱୀକାରୋକ୍ତି କହୁଛି – ପଚାଶ ହଜାର ସରିକି ସେ ବିଦ୍ରୋହୀମାନେ କମ୍ପାନୀର ଗୋଟାଏ ପରେ ଗୋଟାଏ ସୈନ୍ୟଦଳକୁ ନିପାତ କରିଥିଲେ । ଶେଷକୁ କମ୍ପାନୀ ଅବିଶ୍ୱାସ୍ୟ ବର୍ବରତାର ଆଶ୍ରୟ ନେଇ ସେ ବିଦ୍ରୋହର ଅବସାନ ଘଟାଇଲା । ବିଦ୍ରୋହୀମାନଙ୍କ ଗ୍ରାମାଞ୍ଚଳରେ ଆବାଳବୃଦ୍ଧବନିତାଙ୍କୁ ହତ୍ୟା କରାଗଲା – ଏବଂ ଏକ ଏକ ମୁଲକ ଉପରେ ଅଗ୍ନି ସଂଯୋଗ କରି ସେସବୁକୁ ପାଉଁଶ ସ୍ତୂପରେ ପରିଣତ କରାଗଲା – ମାଇଲ ମାଇଲ ଧରି । ବନ୍ଦୀ ସନ୍ନ୍ୟାସୀ ଏବଂ ଫକିରମାନଙ୍କୁ ଏକତ୍ର କରି କମାଣ ଦ୍ୱାରା ସେମାନଙ୍କୁ ଉଡ଼ାଇ ଦିଆଗଲା । (ଏହି ବିଦ୍ରୋହହିଁ ବଙ୍କିମଚନ୍ଦ୍ରଙ୍କ 'ଆନନ୍ଦ ମଠ' ଉପନ୍ୟାସ ଏବଂ 'ବନ୍ଦେ ମାତରମ୍'ର ପଟଭୂମି ।)

ଦକ୍ଷିଣ ଭାରତର ବୀର ପାଣ୍ଡିଆନ୍ ଏବଂ ମାରୁଦ ଭ୍ରାତୃଦ୍ୱୟଙ୍କ ବିଦ୍ରୋହ କଥା ଊଣାଅଧିକେ ଜଣା, କିନ୍ତୁ ୧୭୯୯ ମସିହାର ଚୋଆର୍ ବିଦ୍ରୋହ (ବଙ୍ଗଦେଶ), ଖାଣ୍ଡେଶ ଓ ମାଲ୍ୱା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳସବୁରେ ବ୍ୟାପ୍ତ ୧୮୧୭-୧୮୪୬ର ଭୀଲ ବିଦ୍ରୋହ, ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଘଟିତ ଓଡ଼ିଶାର ପାଇକ ବିଦ୍ରୋହ, ବୁନ୍ଦେଲ୍‌ଖଣ୍ଡ ଏବଂ ମଧ୍ୟ-ଭାରତ ବ୍ୟାପୀ ନାନା ପଣ୍ଡିତ ଏବଂ ଶେଖ୍ ଜାଲ୍ଲାଙ୍କ ନେତୃତ୍ୱରେ ପରିଚାଳିତ ଦୀର୍ଘ ଦିନ ଧରି ଚାଲିଥିବା କୃଷକ ବିଦ୍ରୋହ, ହରିଆନାର ଜାଠ୍ ବିଦ୍ରୋହ, ଗୁଜରାଟର କୋଲି ବିଦ୍ରୋହ, ମେଘାଳୟର ଖାସି ବିଦ୍ରୋହ ଏବଂ ସର୍ବୋପରି ୧୮୫୫-୫୬ର ସାନ୍ତାଳ ବିଦ୍ରୋହ ସମୂହର ଯତ୍‌କିଞ୍ଚିତ୍ ଉଲ୍ଲେଖ ମଧ୍ୟ ପାଠ୍ୟକ୍ରମରେ ନଥାଏ ।

ଏ ସମସ୍ତ ବିଦ୍ରୋହ ପଛରେ ଆଞ୍ଚଳିକ କାରଣମାନ ଥିବା ସ୍ୱାଭାବିକ, କିନ୍ତୁ ଏସବୁର ଲକ୍ଷ୍ୟ ଥିଲା ବିଦେଶୀ ଶାସକ ବିତାଡ଼ନ । ସିପାହି ବିଦ୍ରୋହର ଅବସାନ ଅନ୍ତେ ଇଂରେଜମାନେ ପ୍ରତିହିଂସାର ଯେଉଁ ବିଭୀଷିକା ରଚନା କଲେ, ତା'ର ବିବରଣୀ ଉପସ୍ଥାପନ କଲେ ପାଠକମାନଙ୍କ ମନ ବିଷାଦରେ ଭରି ଯିବ । ବରଂ ସେ ବିଷାଦବୋଧ ସେ କାରଣରୁ ଆମକୁ ପୀଡ଼ିତ ନକରି ଆମ ନିଜ ଅପାରଗତା ଏବଂ ଭାରତବର୍ଷର ସନ୍ତାନ ବୋଲାଇବା ଦିଗରେ ଆମର ଅଯୋଗ୍ୟତା ଦୃଷ୍ଟିରୁ ଆମକୁ ପୀଡ଼ିତ କରୁ ।

### ମହାଜାତିର ଅନନ୍ୟ ଐତିହ୍ୟ

କୌଣସି ପକ୍ଷପାତିତା ଅଥବା ଆବେଗର ବଶୀଭୂତ ନହୋଇ ବିଶ୍ୱ ଇତିହାସ ପର୍ଯ୍ୟାଲୋଚନା କଲେ ଗୋଟାଏ କଥା ସ୍ପଷ୍ଟ ହେବ : ଭାରତବର୍ଷହିଁ ଏକମାତ୍ର ଦେଶ ଯେଉଁଠି ଏକ ବିଧିବଦ୍ଧ ମହତୀ ସାହିତ୍ୟ ପରମ୍ପରା ବିକଶିତ ହୋଇଥିଲା : ବେଦ, ତତ୍ପରେ ଉପନିଷଦ୍, ତତ୍ପରେ ଇତିହାସ (ରାମାୟଣ ଏବଂ ମହାଭାରତ), ତତ୍ପରେ ମହାପୁରାଣ, ଉପପୁରାଣ ଏବଂ ସ୍ଥଳ ପୁରାଣ । ସମାନ୍ତରାଳ ଭାବରେ ବିକଶିତ ହୋଇଥିଲା ପୃଥିବୀର ପ୍ରଥମ ମହତ୍ ଶିକ୍ଷା-ଭିତ୍ତିକ ଲୋକ-କାହାଣୀମାଳା : ଜାତକ, ପୃଥିବୀର ପ୍ରଥମ ସାମାଜିକ ଓ ବାସ୍ତବଧର୍ମୀ କଥା – ସାହିତ୍ୟ – କଥାସରିତ୍ ସାଗର (ବୃହତ୍ କଥା), ପୃଥିବୀର ପ୍ରଥମ କଳ୍ପକାହାଣୀ – ପଞ୍ଚତନ୍ତ୍ର ଇତ୍ୟାଦି ।

ଏହିଠାରେ ପୁଣି ସମ୍ଭବପର ହୋଇଥିଲା ଦର୍ଶନର ବିବିଧ ପ୍ରାଜ୍ଞଧାରା : ବେଦାନ୍ତ, ସାଂଖ୍ୟ, ନ୍ୟାୟ, ବୈଶେଷିକ, ପୂର୍ବ ମୀମାଂସା, ଉତ୍ତର ମୀମାଂସା ଇତ୍ୟାଦି । ସର୍ବୋପରି ଏ ସଭ୍ୟତା ଦେଇଥିଲା ତା'ର ମହତ୍ତମ ଅବଦାନ – ଯୋଗ ।

ଏ ସଭ୍ୟତାର ପ୍ରବର୍ତ୍ତକ ଥିଲେ ଏକ ଅନନ୍ୟ ଗୋଷ୍ଠୀ –

ଋଷିବର୍ଗ । ଆଦି ସାହିତ୍ୟଠାରୁ ଆରମ୍ଭ କରି ବିଜ୍ଞାନ ଏବଂ ଚିକିତ୍ସା-ବିଜ୍ଞାନ ପର୍ଯ୍ୟନ୍ତ ସବୁ ବିଭବର ଉଦ୍ଭାସନ ସେହିମାନଙ୍କ ଅଲୌକିକ ପ୍ରତିଭାର ଅବଦାନ ।

ଗ୍ରୀସ୍, ଇଜିପ୍ଟ ବା ଅବଲୁପ୍ତ ଆଉ କେତେକ ସୁପ୍ରାଚୀନ ସଭ୍ୟତାରେ ମଧ୍ୟ ଗୋଟାଏ ଗୋଟାଏ ଦିଗରେ (ଯଥା ଗ୍ରୀସ୍‌ର ସାହିତ୍ୟ, ଭାସ୍କର୍ଯ୍ୟ, ଶିଳ୍ପ)ପ୍ରଭୂତ ବିକାଶ ସମ୍ଭବପର ହୋଇଥିଲା । କିନ୍ତୁ ଭାରତରେ ସାହିତ୍ୟ ଓ ସଂସ୍କୃତିର ସବୁ ଦିଗର ବିପୁଳ ବିକାଶ ହେବା ସଙ୍ଗେ ସଙ୍ଗେ ସେ ବିକାଶଧାରାର ପଟଭୂମିରେ ରହିଥିଲା ଏକ ମୌଳିକ ସନ୍ଧାନର ଉତ୍ସାହ, ଏକ ଅଦମ୍ୟ ଅଭୀପ୍ସା । ସେ ସନ୍ଧାନର ଅନ୍ତର୍ଭୁକ୍ତ ଥିଲା ଜୀବନର ଲକ୍ଷ୍ୟ, ସୁଖର ସଂଜ୍ଞା, ମୃତ୍ୟୁ ରହସ୍ୟ, ଯନ୍ତ୍ରଣାର ହେତୁଭିତ୍ତିକ ପ୍ରଶ୍ନ; ଅଭୀପ୍ସାର ଭିତ୍ତି ଥିଲା ଆପଣାକୁ ଜାଣିବା ଏବଂ ଯେଉଁ ମହାଶକ୍ତି ଏ ସୃଷ୍ଟିର ଉତ୍ସ, ତାକୁ ଜାଣିବା — ତା'ସହ ସମ୍ମିଳିତ ହେବା ।

ଏହି ସନ୍ଧାନ ଏବଂ ଅଭୀପ୍ସାହିଁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନନ୍ୟ ବିଶେଷତ୍ୱ ।

## ଅଭ୍ୟୁତ୍ଥାନ–ଆନୁପାତିକ ପତନ ?

ଏମନ୍ତ ଅନନ୍ୟ ଯେଉଁ ଭାରତଭୂମିର ପରିଚୟ, ସେ ଭୂମିର ଏମନ୍ତ ଅଧଃପତନ ବା ସମ୍ଭବପର ହେଲା କିପରି ? ସାବିତ୍ରୀ, ସୀତା ଏବଂ ଦ୍ରୌପଦୀ ସମ୍ଭବତଃ ବିଶ୍ୱ ସାହିତ୍ୟର ସର୍ବାଧିକ ଶକ୍ତିଶାଳୀ ତିନି ନାରୀ ଚରିତ୍ର । (ସମ୍ଭବତଃ ଚତୁର୍ଥ ବଳିଷ୍ଠ ଚରିତ୍ର, ଦୁଇ ହଜାର ବର୍ଷ ତଳେ ଲିଖିତ ତାମିଲ କଥା — କାବ୍ୟ 'ଶିଳାପ୍ପଦିକରନ୍'ର ନାୟିକା କନ୍ନଗୀଙ୍କ କ୍ଷେତ୍ର ମଧ୍ୟ ଭାରତବର୍ଷ ।) ସେମାନଙ୍କ ପ୍ରଭାବାଧୀନ ଦେଶରେ ଯୌତୁକ ନାମରେ ବଧୂହତ୍ୟା ସମ୍ଭବପର ହୋଇପାରୁଛି କିପରି ? ରାଜକନ୍ୟା ସାବିତ୍ରୀ ଅରଣ୍ୟବାସୀ ନିଃସ୍ୱ ସ୍ୱାମୀ-ପରିବାରକୁ କେତେ ଯୌତୁକ ଧରି ଯାଇଥିଲେ ? ଯୁଗ ଯୁଗ ଧରି ସେହି ତପସ୍ୱିନୀଙ୍କୁ ସ୍ମରଣ କରି ଭାରତୀୟ ନାରୀକୁଳ ଏକ ଅନବଦ୍ୟ ସମ୍ଭ୍ରମତାର ପରିଚୟ ଦେଇଚାଲିଛି, ଅଥଚ ସେ ପରମ୍ପରାକୁ ଅପମାନ ଦେଉଥିବା ପରିବାରମାନଙ୍କରେ ନାରୀମାନଙ୍କ ଭୂମିକା ମଧ୍ୟ କମ୍ ଲଜ୍ଜାକର ନୁହେଁ ।

ଦାନଶୀଳତା, ସହିଷ୍ଣୁତା, ବିଶ୍ୱାସ, ଆସ୍ଥା, କୃତଜ୍ଞତା, ତ୍ୟାଗ — ଏ ସମସ୍ତ ଗୁଣକୁ ରୂପାୟିତ କରୁଥିବା ଯେତେ ଚରିତ୍ର ଭାରତର ଇତିହାସ ଓ ସାହିତ୍ୟ ଦ୍ୱାରା ଉପସ୍ଥାପିତ — ତା'ର ତୁଳନୀୟ ତାଲିକା ପୃଥିବୀର ଅନ୍ୟ କୌଣସି ମହାଜାତିର ଐତିହ୍ୟରେ ନାହିଁ । ଏହା ସତ୍ତ୍ୱେ ଆଜିର ଭାରତୀୟମାନଙ୍କର ସ୍ୱାର୍ଥପରତା, ଅଧୈର୍ଯ୍ୟ, ଅବିଶ୍ୱାସ, ଅନାସ୍ଥା, ଅକୃତଜ୍ଞତା, ଆତ୍ମ-ସର୍ବସ୍ୱତାର ତାଲିକା ଯେକୌଣସି ମାମୁଲି ଦେଶର ଦୃଷ୍ଟାନ୍ତ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ !

ଲଜ୍ଜାର କଥା ହେଲା, ଏସିଆ, ଆଫ୍ରିକା ତଥା ପାଶ୍ଚାତ୍ୟର ସର୍ବମୋଟ କୋଡ଼ିଏ, ପଚିଶ ସରିକି ମାମୁଲି ଦେଶରେ ସଂଘଟିତ ହୋଇ ଚାଲିଥିବା ବ୍ୟଭିଚାର, ଦୁରାଚାର, ଗଣହତ୍ୟା ଇତ୍ୟାଦି ବିକଶିତ ଦେଶମାନଙ୍କରେ ଚାଞ୍ଚଲ୍ୟ ସୃଷ୍ଟି କରେ ନାହିଁ; କିନ୍ତୁ ଭାରତରେ ଘଟୁଥିବା ସେସବୁ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରେ ! ଏବଂ ଆମେ ବହୁ କଠୋର ମନ୍ତବ୍ୟ ଏବଂ ବିଦ୍ରୂପର ଶରବ୍ୟ ହୋଇଥାଉ ।

ଏହାର କାରଣ ବିଶେଷ ଦୁର୍ବୋଧ୍ୟ ନୁହେଁ । ଯିଏ ଯେତେ ଉଚ୍ଚକୁ ଯାଇଥାଏ, ତା'ର ପତନ ସେତିକି ଅଧିକ ମାତ୍ରାରେ ଦୃଶ୍ୟମାନ ହୁଏ ଏବଂ ଦୃଷ୍ଟି ଆକର୍ଷଣ କରେ । ଭାରତର ଗୌରବୋଜ୍ଜ୍ୱଳ ଐତିହ୍ୟ ସମ୍ପର୍କରେ ସଭ୍ୟ ପୃଥିବୀ ଅବହିତ । କିଏ ବା ସଚେତନ ଭାବରେ ଭାରତବର୍ଷ ପ୍ରତି ଶ୍ରଦ୍ଧାଶୀଳ, କାହାର ଶ୍ରଦ୍ଧା ବା ତା' ଅବଚେତନାରେ ନିହିତ । ତେଣୁ ଭାରତର ଦୁର୍ଦ୍ଦଶା କାହାକୁ ବା କୌତୂହଳୀ କରେ, କାହାକୁ କରେ ଆମୋଦିତ, କାହାକୁ ବା ଦୁଃଖିତ । ପ୍ରୀତ ହେଲା ଭଳି ଦେଶ ମଧ୍ୟ ଅଛନ୍ତି । ସବୁ ସଭ୍ୟ ଦେଶ ଭାରତବର୍ଷ ପାଖରେ ଊଣା ଅଧିକ ଋଣୀ ।

## ଅଧଃପତନ : କିଞ୍ଚିତ୍ ନିଷ୍କପଟ ବିଶ୍ଳେଷଣ

ଭାରତର ଅଧଃପତନ ସକାଶେ ଅନେକ କାରଣ ଦର୍ଶାଯାଇପାରେ । କିନ୍ତୁ କାରଣ-ନିର୍ଣ୍ଣୟ ଆମକୁ ଆମ ଆତ୍ମ-ସମୀକ୍ଷାରୁ ନିରସ୍ତ କଲେ ତାହା ହେବ ଦୁର୍ଭାଗ୍ୟଜନକ । ଦୁର୍ଭାଗ୍ୟର କଥା, ସାମୂହିକ ଆତ୍ମ-ସମୀକ୍ଷାର ସତ୍-ସାହସ ଆମର ନାହିଁ । ଆମର ଏକ ଆନ୍ତର ଜୀବନ ରହିଛି, ସେକଥା ଆମେ ପାସୋରି ଦେଇଛୁ । ରାଜନୀତି, କ୍ରିକେଟ, ଯାବତୀୟ ଆମୋଦ-ପ୍ରମୋଦ, ନିର୍ବାଚନ, ବ୍ୟବସାୟ, ପ୍ରତିଯୋଗିତା — ଯେତେ କାର୍ଯ୍ୟକଳାପ ଆମକୁ ଜୀବନୀଶକ୍ତିର ପରିଚୟ ବୋଲି ଧାରଣା ଦିଏ, ସେସବୁ ପ୍ରକୃତରେ ଏକ ପ୍ରକାର ତାମସିକତା — ଜୀବନର ଲକ୍ଷ୍ୟ ପ୍ରତି ଦୃଷ୍ଟିପାତ କଲା ଭଳି ଦାୟିତ୍ୱରୁ ଅବ୍ୟାହତି ମାତ୍ର !

ଭାରତର ମୌଳିକ ବେଦାନ୍ତ ଦର୍ଶନ ଥିଲା ଜୀବନଧର୍ମୀ । ଜନ୍ମ-ମୃତ୍ୟୁ ଧାରାରୁ ପଳାୟନ ନୁହେଁ, ପ୍ରତି ଜନ୍ମରେ ନାନାବି ଅଭିଜ୍ଞତା ଏବଂ ଆସ୍ପୃହା ମାଧ୍ୟମରେ ଦିବ୍ୟ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାରେହିଁ ମାନବ ଜନ୍ମର ସାର୍ଥକତା ନିହିତ : ଆମର ସାମାଜିକ ସଂସ୍କୃତି ପଛରେ ରହିଥିଲା ଏହି ଅନୁଚ୍ଚାରିତ ଜ୍ଞାନ ।

କୁଆଡ଼େ ଗଲେ ସେହିସବୁ ବିବର୍ତ୍ତନଶୀଳ ଆତ୍ମାମାନେ ? ହଠାତ୍ ବୌଦ୍ଧ ବା ଶଙ୍କର ଦର୍ଶନ ପ୍ରଭାବରେ ଆତ୍ମ-ବିସ୍ମୃତ ହୋଇ ନିର୍ବାଣ ଲାଭ କରି ବିଲୀନ ହୋଇଗଲେ କି ? ଆମେ – ଅର୍ଥାତ୍, ଗତକାଲି ଏବଂ ଆଜିର ଭାରତୀୟମାନେ ନୂଆ କରି ମଣିଷ ଜନ୍ମ ପାଇ ଭାଲୁ ମହୁଲ ଖାଇ ବାଉଳା ହେବା ପ୍ରାୟେ ଆଚରଣ କରୁଛୁ କି ?

ଜଗତ୍ ମାୟା, ଜୀବନର ଅନ୍ୟ ନାମହିଁ ଦୁଃଖ, ଅତଏବ ଜନ୍ମ-ମୃତ୍ୟୁ ଚକ୍ରରୁ ପଳାୟନହିଁ ଏକମାତ୍ର ଆଧ୍ୟାତ୍ମିକ ସତ୍ୟ – ଶତାବ୍ଦୀ ଶତାବ୍ଦୀ ଧରି ଏହି ଉପରଠାଉରିଆ ଧର୍ମତତ୍ତ୍ୱମାନ ଆମ ଜୀବନୀ ଶକ୍ତିକୁ ମାନ୍ଦା କରିଦେଇଛି – କିନ୍ତୁ ଦୁର୍ନୀତି, ମିଥ୍ୟାଚାର ଓ ଛଳନା ସକାଶେ ଯେତିକି ଜୀବନୀଶକ୍ତି ଲୋଡ଼ା, ସେତକ ବଜାୟ ରହିଛି । ବଜାୟ ରହିଛି ବିକୃତ ଆମୋଦ-ପ୍ରମୋଦ ପାଇଁ – ଯାହା ଆମ ଅଜାଣତରେ ଆମକୁ ଆଣିଦିଏ ବିଷାଦ ।

ଏହା ହେଲା ମନସ୍ତାତ୍ତ୍ୱିକ ଅବସ୍ଥା । ସିପାହି ବିଦ୍ରୋହ ପରେ ପରେ ବ୍ରିଟିଶ ସରକାର ମହାରାଣୀ ଭିକ୍‌ଟୋରିଆଙ୍କ ନାମରେ ଭାରତ-ଶାସନଭାର କମ୍ପାନୀ ହାତରୁ କାଢ଼ି ନେଇ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିନେଲେ । ତତ୍ପରେ ଆରମ୍ଭ ହେଲା ଭାରତର ଜାତୀୟତାବୋଧ ଏବଂ ଏକତାକୁ ବିକଳାଙ୍ଗ କରିବା ଦିଗରେ ଏବଂ ତା'ର ସାଂସ୍କୃତିକ ଜୀବନକୁ ବିପନ୍ନ କରିବା ଉଦ୍ଦେଶ୍ୟରେ ରାଜନୈତିକ, ଶାସନଗତ ଏବଂ ସାମାଜିକ ସ୍ତରରେ ବିଧିବଦ୍ଧ କୁଟିଳ, କୂଟନୈତିକ ପ୍ରୟାସ ।

ଭାରତବର୍ଷର ଏକଦା-ସୁଦକ୍ଷ ରାଜନ୍ୟମଣ୍ଡଳୀ ହାତରୁ ରାଜ୍ୟ ଶାସନର ମୁଖ୍ୟ ଦାୟିତ୍ୱମାନ କାଢ଼ି ନେଇ, ସେମାନଙ୍କୁ ସୁରକ୍ଷା ତଥା ବିଳାସ-ବ୍ୟସନର ଅମାପ, ଅବାଧ ସୁଯୋଗ ଦେଇ ବ୍ରିଟିଶ ରାଜୁଡିର ସବୁଠୁଁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଶକ୍ତିକୁ ଅସାଡ଼ କରି ଦିଆଗଲା । ଅନୁରକ୍ତମାନଙ୍କ ସକାଶେ କୃତ୍ରିମ ରାଜପଦ ସୃଜନ କରାଗଲା; ଶିକ୍ଷିତ, ସ୍ୱଚ୍ଛଳ, ଗୁଣୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ରାୟ ସାହେବ, ରାୟ ବାହାଦୁର, ଖାଁ ସାହେବ, ଖାଁ ବାହାଦୁର, ରାଜା ସାହେବ, ରାଜା ବାହାଦୁର, ସାର୍, ଲର୍ଡ଼, ମହାରାଜା, C. I. E. (Companion of Indian Empire) K.C.I.E (Knight Companion of Indian Empire) ଏବଂ G.C.I.E (Great Companion of Indian Empire) ଭଳି ଉପାଧିମାନଙ୍କ ଦ୍ୱାରା ଆପ୍ୟାୟିତ ଏବଂ ଅଧିକରୁ ଅଧିକ ଆଶାୟୀ କରି ରଖାଗଲା । ବିଚକ୍ଷଣତା ସହକାରେ ସର୍ବୋପରି ହିନ୍ଦୁ ଏବଂ ମୁସଲମାନ ସଂପ୍ରଦାୟ ଭିତରେ ବିଭେଦ ସୃଜନର ପ୍ରକ୍ରିୟା ଚାଲୁ ରଖାଗଲା – ଯେହେତୁ ସିପାହି ବିଦ୍ରୋହ ବେଳେ ସେମାନଙ୍କ ସଂଗ୍ରାମୀ ଐକ୍ୟ ଥିଲା ସେଭଳି ବିଭେଦର ବହୁ ଊର୍ଦ୍ଧ୍ୱରେ । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଏହି ବିଭେଦ ନୀତିର ବିକଟ ପରିପ୍ରକାଶ ହେଲା ବଙ୍ଗ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାର ପ୍ରୟାସରେ । (ସେ ବିଷ ପ୍ରୟୋଗର ଫଳ ସାମୟିକ ଭାବରେ ପ୍ରତିହତ ହୋଇଥିଲେ ବି ପରେ ଉତ୍କଟ ରୀତିରେ ଧର୍ମ ଭିତ୍ତିରେ ଭାରତ-ବିଭାଜନ ସମ୍ଭବ କଲା ।) ୧୮୮୫ ମସିହାରେ ଜଣେ ଭାରତ-ହିତୈଷୀ ଇଂରେଜ ଆଲାନ୍ ଅକ୍‌ଟାଭିଆନ୍ ହ୍ୟୁମ୍‌ଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ଏ ବିରାଟ ଅନୁଷ୍ଠାନର ଭାରତୀୟ ନେତୃବୃନ୍ଦ ଧରିନେଇଥିଲେ ଯେ ବ୍ରିଟିଶ ଶାସନର ସ୍ଥାୟିତ୍ୱ ଏକ ଅଟଳ ବାସ୍ତବତା । ଆବେଦନ ନିବେଦନ ଦ୍ୱାରା ମହାମହିମ ସାମ୍ରାଜ୍ଞୀଙ୍କ ଠାରୁ ଯେତିକି ସୁବିଧା ସୁଯୋଗ ମିଳିବ, ସେସବୁକୁ ବ୍ରିଟିଶ ଜାତିର ଅନୁକମ୍ପା ଭାବରେ ଗ୍ରହଣ କରିବା ବିଧେୟ ।

କଂଗ୍ରେସର ପ୍ରତ୍ୟେକ ବାର୍ଷିକ ଅଧିବେଶନରେ ଗତାନୁଗତିକ ଇଂରେଜ-ସ୍ତୁତି ସହ ଆବେଦନ ନିବେଦନର ଏହି ପରମ୍ପରା ଉପରେ ଅପ୍ରତ୍ୟାଶିତ ଆଘାତ ଦେଲା ବିଲାତରେ ଚଉଦବର୍ଷ ବିତାଇ ୧୮୯୩ ମସିହାରେ ଭାରତ-ପ୍ରତ୍ୟାଗତ ୨୧ ବର୍ଷ ବୟସ୍କ ଯୁବକ ଶ୍ରୀଅରବିନ୍ଦଙ୍କର ଏକ ନିବନ୍ଧମାଳା : ''New Lamps for Old'' । ପରେ ପରେ ପ୍ରତ୍ୟକ୍ଷ ରାଜନୀତିକୁ ଆସି ସେ ଉପସ୍ଥାପନ କଲେ ପୂର୍ଣ୍ଣ ସ୍ୱରାଜର ଦାବି । ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଅନୁପ୍ରବେଶ ଦିନରୁ ଆରମ୍ଭ କରି ସିପାହି ବିଦ୍ରୋହ ପର୍ଯ୍ୟନ୍ତ ପ୍ରକଟିତ ହୋଇ ବିକ୍ଷୋଭ ଏବଂ ବିଦ୍ରୋହର ଯେଉଁ ଉଦ୍ଦୀପନା ସ୍ତିମିତ ହୋଇଯାଇଥିଲା, ତାହାକୁ ସଂଜୀବିତ କରି ଦେଶବ୍ୟାପୀ ଏକ ସଶସ୍ତ୍ର ବିପ୍ଳବର ପ୍ରସ୍ତୁତି ରୂପେ ଅସହଯୋଗ, ଜାତୀୟ ଶିକ୍ଷା ଆନ୍ଦୋଳନ, ସ୍ୱଦେଶୀ (ବା ବିଦେଶୀ ଦ୍ରବ୍ୟ ବର୍ଜନ) ଭଳି ଆଦର୍ଶମାନ ପ୍ରବର୍ତ୍ତିତ ହେଲା ଏବଂ ଦେଶବ୍ୟାପୀ ଏକ ନୂତନ ଉନ୍ମାଦନା ଦେଖାଦେଲା ।

କଂଗ୍ରେସର ରକ୍ଷଣଶୀଳ ନେତାମାନେ କିନ୍ତୁ ସେମାନଙ୍କ ବ୍ରିଟିଶ-ତୋଷଣ ସଂସ୍କାରର ଊର୍ଦ୍ଧ୍ୱକୁ ଯାଇପାରୁ ନଥିଲେ । ୧୯୦୮ରେ ଅନୁଷ୍ଠିତ କଂଗ୍ରେସର ସୁରତ ଅଧିବେଶନରେ ରକ୍ଷଣଶୀଳ ଏବଂ ବାଳଗଙ୍ଗାଧର ତିଳକ ତଥା ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ପରିଚାଳିତ ଜାତୀୟତାବାଦୀମାନଙ୍କ ଭିତରେ ହେଲା ତୁମୁଳ ଆଦର୍ଶଗତ ସଂଘର୍ଷ । ଅଧିବେଶନ ଭାଙ୍ଗିଗଲା ସତ, କିନ୍ତୁ ତା'ପରେ କଂଗ୍ରେସ ଆଉ ରକ୍ଷଣଶୀଳ ରହିପାରିଲା ନାହିଁ । ସେହି ଅଧିବେଶନ ପରେ ପରେ ଦେଶବ୍ୟାପୀ ଜାତୀୟତା-ବାଦୀମାନଙ୍କ ସପକ୍ଷରେ ଯେଉଁ ବିପୁଳ ଜନଜାଗରଣ ହେଲା, ତାହାହିଁ ସାବ୍ୟସ୍ତ କଲା ଯେ ଦେଶ ଆଉ କୌଣସି ସାଲିସଧର୍ମୀ ନୀତି ସହ୍ୟ କରିବାକୁ ପ୍ରସ୍ତୁତ ନୁହେଁ ।

ପରେ ପରେ ଆଲିପୁର ଷଡ଼ଯନ୍ତ୍ର ନାମରେ ବିଖ୍ୟାତ ବ୍ୟାପାରରେ ଶ୍ରୀଅରବିନ୍ଦଙ୍କୁ କାରାରୁଦ୍ଧ କରାଗଲା । ଅକଥନୀୟ ଅତ୍ୟାଚାର, କାରାଦଣ୍ଡ ଏବଂ ସେତେବେଳର ଭୟାବହ ସ୍ଥାନ ଆଣ୍ଡାମାନକୁ ନିର୍ବାସନ ଜରିଆରେ ବିଦେଶୀ ଶାସକଦଳ ବିପ୍ଳବୀମାନଙ୍କୁ ସାମୟିକ ଭାବରେ ସ୍ତବ୍ଧ କରିଦେଲେ । କିନ୍ତୁ ଥରେ ମହାଜାତୀୟ ମାନସିକତା ସ୍ୱାଧୀନତା ଅନିବାର୍ଯ୍ୟ ଭାବେ ଲୋଡ଼ା ବୋଲି ନିଶ୍ଚିତ ହୋଇଯିବା ଅନ୍ତେ ଗାନ୍ଧିଜିଙ୍କ ନେତୃତ୍ୱରେ ଆନ୍ଦୋଳନର ମୋଡ଼ ବଦଳିବା ସତ୍ତ୍ୱେ ତାହା ଉପଲବ୍ଧ ହେଲା ।

କେହି କେହି ଚିନ୍ତାଶୀଳ ବ୍ୟକ୍ତି କହନ୍ତି, ଆନ୍ଦୋଳନର ମୋଡ଼ ବଦଳି ନଥିଲେ ମଧ୍ୟ ସ୍ୱାଧୀନତା ନିଶ୍ଚିତଭାବେ ଆସିଥା'ନ୍ତା ଏବଂ ପରିଣତି ଶୁଭଙ୍କର ହୋଇଥା'ନ୍ତା । ଅହିଂସା ଏକ ମହତ୍ ଆଦର୍ଶ; କିନ୍ତୁ ଚେତନାରେ ହିଂସା ଉପରେ ବିଜୟଲାଭ ହୋଇ ନଥିଲେ ସ୍ଥୂଳ ଆଚରଣରେ ଅହିଂସା ଛଳନାରେ ପର୍ଯ୍ୟବସିତ ହେବହିଁ ହେବ । ବିପ୍ଳବରେ ଅଂଶ ଗ୍ରହଣ ନିମନ୍ତେ ପ୍ରୟୋଜନ ବିପୁଳ ସାହସ ଏବଂ ବୀରତ୍ୱ; 'ଅହିଂସା' ଆନ୍ଦୋଳନ ବ୍ୟାପକ ଜନତାଙ୍କୁ ସେଥିରେ ସାମିଲ କଲେ ଠିକ୍, କିନ୍ତୁ ସେ ବହୁ ମଣିଷଙ୍କ ଭିତରେ ରହିଲେ ବହୁ ଅବାଞ୍ଛିତ ବ୍ୟକ୍ତି । ସ୍ୱାଧୀନତା ହାସଲ ପରେ ସେମାନଙ୍କ ଚରିତ୍ରର ବିକଳ ଦିଗଟି କାର୍ଯ୍ୟରତ ହୋଇ ବଡ଼ ବିଷମ ପରିସ୍ଥିତି ସୃଷ୍ଟିକଲା ।

ମହାକାଳର ଧାରାରେ ପ୍ରତ୍ୟାଶିତ ହେଉ ଅଥବା ଅପ୍ରତ୍ୟାଶିତ ହେଉ, ଯାହା ହେବାର ତାହା ହୋଇସାରିଛି । ଆମେ ଅତୀତକୁ ବଦଳାଇ ପାରିବା ନାହିଁ; କିନ୍ତୁ ମଙ୍ଗଳମୟ ଭବିଷ୍ୟତ୍ ନିମନ୍ତେ ଆମର ଅବଦାନ ଦେଇପାରିବା ।

ପ୍ରଥମତଃ ପ୍ରୟୋଜନ ନିଷ୍କପଟ ଆତ୍ମ-ସମୀକ୍ଷା । ଆମ ଭିତରେ ଆମ ଦେଶ ପ୍ରତି, ମଣିଷଜାତି ପ୍ରତି ଶୁଭେଚ୍ଛା ନଥିଲେ ଯେକୌଣସି ଆଦର୍ଶ ସୁଯୋଗକୁ ଆମେ ଆମ ନିଜ ସ୍ୱାର୍ଥସିଦ୍ଧି ଦିଗରେ ବ୍ୟବହାର କରି ତାକୁ ବିକୃତ କରିଦେଇ ପାରିବା । ଏହାର ନଗ୍ନ ଦୃଷ୍ଟାନ୍ତ ସମ୍ବିଧାନରେ ଜାତିପ୍ରଥାର କ୍ରମ-ବିଲୟ ନିମନ୍ତେ ରଖାଯାଇଥିବା ବ୍ୟବସ୍ଥା । ସେ ବ୍ୟବସ୍ଥାର ସୁଯୋଗ ନେଇ ସଂପୃକ୍ତ ନେତାମାନେ ଜାତିଆଣ ଭାବର ଅବସାନ ଦିଗରେ ଅବଦାନ ଦେବା ତ ଦୂରର କଥା, ତାକୁ ବଳବତ୍ତର କରିବାରେ ଲାଗି ପଡ଼ିଲେ । ବସ୍ତୁତଃ, ସମ୍ବିଧାନର ସେ ବ୍ୟବସ୍ଥାର ଯାହା ଉଦ୍ଦେଶ୍ୟ ସେମାନେ ତା'ର ବିପରୀତହିଁ କରୁଛନ୍ତି । ଦୃଷ୍ଟାନ୍ତ ବହୁତ । 'ଅଳମିତି ବିସ୍ତାରେଣ' ।

## ଏ ପରିସ୍ଥିତିରୁ ଉତ୍ତୀର୍ଣ୍ଣ ହେବାର ସମ୍ଭାବନା ରହିଛି କି ?

ଏ ପ୍ରଶ୍ନର ଉତ୍ତର ଆପଣଙ୍କ ଚେତନାର ବ୍ୟାପକତା, ଆପଣଙ୍କ ବିଶ୍ୱାସ ଉପରେ ନିର୍ଭର କରେ ।

ଆପଣ ଯଦି ବିଶ୍ୱାସ କରୁଥିବେ ଏ ସୃଷ୍ଟିର ପଟଭୂମିରେ ରହିଛି ଏକ ଅସୀମ ଚେତନା, ଏକ ମହାଶକ୍ତି, ତେବେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମ ଭିତରେ ଏହି ବିଶ୍ୱାସ ବଳବତ୍ତର ହେବ ଯେ ସେ ମହାଶକ୍ତିର ଏକ ଆଭିମୁଖ୍ୟ ଅବଶ୍ୟ ରହିଛି ଏବଂ ତାହା ସୃଷ୍ଟିକୁ ଚିରକାଳ ଏହି ବିକଳାଙ୍ଗ ଅବସ୍ଥାରେ ପକାଇ ରଖିବାରେ ପର୍ଯ୍ୟବସିତ ହୋଇ ନପାରେ ।

ଆମ ଜୀବନକୁ ନିୟନ୍ତ୍ରଣ କରୁଥିବା ଆମ ଅହଂସତ୍ତା ଆମ ଅନ୍ତରାତ୍ମା ପାଖରେ ସ୍ୱୀକାର କରିବା ଚାହି ଯେ ଆମେ ମୋହଗ୍ରସ୍ତ; ଏକପ୍ରକାର ବିକଟ ଅଜ୍ଞାନ ତାମସ ଆମ ଚେତନାକୁ ରାହୁଗ୍ରସ୍ତ କରି ରଖିଛି । ଆମକୁ ସେଥିରୁ ମୁକ୍ତ ହେବାକୁ ପଡ଼ିବ । ସେଦିଗରେ ଆମର ସଚ୍ଚା ଉଦ୍ୟମ ଆରମ୍ଭ ହେବା ମାତ୍ରେ ବିବର୍ତ୍ତନୀ ଶକ୍ତି ଆମର ସହାୟକ ହେବ । ଆମ ଭିତରେ ପରିସ୍ଫୁଟ ହେବ ସୁଖର ନୂତନ ସଂଜ୍ଞା, ସ୍ଫୁରିତ ହେବ ଅଟଳ ଆତ୍ମ-ବିଶ୍ୱାସ । ସ୍ୱାର୍ଥ ଏବଂ ଲୋଭର ନେତୃତ୍ୱରେ ପରିଚାଳିତ ମଳିନ ମାନସିକତା ବିଦୂରିତ ହେବ; ଆମେ ବ୍ୟାଧିମୁକ୍ତ ହେବା ଭଳି ଅଥବା ଏକ ଦୁଃସ୍ୱପ୍ନରୁ ଉତ୍ତୀର୍ଣ୍ଣ ହେଲା ଭଳି ଅନୁଭବ କରିବୁ ।

କ୍ରମବିକାଶର ଇତିହାସ ପର୍ଯ୍ୟାଲୋଚନା କଲେ ଆମେ ଦେଖିବା, ଜଡ଼ରେ ପ୍ରାଣର ସଞ୍ଚାର ହୋଇ ବିଶାଳ ଉଦ୍ଭିଦ

ଜଗତରେ ଏବଂ ତତ୍ପରେ ନାନାବିଧ ପ୍ରାଣୀରେ ପରିଣତ ହୋଇଛି । ମଣିଷର ଆବିର୍ଭାବ ଅନ୍ତେ ଆମେ ତା' ଚେତନାରେ ଦେଖୁ ଏକ ନୂତନ ଶକ୍ତିର କରାମତି । ତାହା ମନ ଏବଂ ମନ-ଭିତ୍ତିକ ବୁଦ୍ଧି । ଏହି ଶକ୍ତି ମାଧ୍ୟମରେ ସେ ତା' ଜୀବନକୁ ନାନା ମତେ ଉନ୍ନତ କରିଛି, ବିଜ୍ଞାନ ଓ ବୈଷୟିକ କଳକୌଶଳରେ କେତେ ବିସ୍ମୟକର ଆବିଷ୍କାର ଏବଂ ଉଦ୍ଭାବନ କରିଛି, ବିଶ୍ୱସମାଜରେ କେତେ ହିତକର ପରିବର୍ତ୍ତନ ଆଣିଛି, କିନ୍ତୁ ତା' ଚେତନାରେ ଏମିତି କିଛି ଭୟାବହ ଉପାଦାନ ରହିଛି, ଯାହା ତାକୁ ନିର୍ମମ କରିପାରେ, ବୁଦ୍ଧିକୁ ଅସତ୍ ମାର୍ଗରେ ପରିଚାଳିତ କରି ଧ୍ୱଂସାତ୍ମକ ପଦକ୍ଷେପ ନେଇପାରେ ।

ସେହି ଭୟାବହ ଉପାଦାନକୁ ନିଶ୍ଚିହ୍ନ କରିହେବ ନାହିଁ, କିନ୍ତୁ ତାକୁ ରୂପାନ୍ତରିତ କରିହେବ । ତାହା ନହେବା ପର୍ଯ୍ୟନ୍ତ ଆମେ ସର୍ବଦା ବିପଜ୍ଜନକ ଏବଂ ଅନିଶ୍ଚିତ ଅବସ୍ଥାରେ ରହିଥିବୁ ।

ଆମେ କିଞ୍ଚିତ୍ ଧ୍ୟାନ ଦେଇ, କିଞ୍ଚିତ୍ ଏକାଗ୍ର ହୋଇ ବିଚାର କଲେ ବୁଝିପାରିବୁ ଶ୍ରୀଅରବିନ୍ଦଙ୍କର ଏକ ପ୍ରତିବେଦନ : ବର୍ତ୍ତମାନ ଆମେ ଗୋଟାଏ ବିବର୍ତ୍ତନଗତ ସଙ୍କଟ (Evolutionary crisis) ମଧ୍ୟ ଦେଇ ଗତି କରୁଛୁ । ମନ ଆମକୁ ଯେତିକି ଦେବା ସମ୍ଭବ, ଦେଇ ସାରିଛି; କିନ୍ତୁ ତା'ର ସେ ବିପୁଳ ସମ୍ଭାର ସହ ଆମ ବର୍ତ୍ତମାନର ଚେତନା ଭାରସାମ୍ୟ ରଖିବାକୁ ଅକ୍ଷମ ।

କିନ୍ତୁ ଏହି ସଙ୍କଟ ଭିତରେ ଲୁଚି ରହିଛି ସେଥିରୁ ଉତ୍ତୀର୍ଣ୍ଣ ହେବାର ଭବିତବ୍ୟ । ଆମର ସ୍ରଷ୍ଟା ଯେଉଁ ମହାଶକ୍ତି, ତା'ର ଅମାପ ଐଶ୍ୱର୍ଯ୍ୟରୁ ଏକ ନୂତନ ଚେତନା ଅବତରଣ କରି ଆମକୁ ଆମର ଏକ ଦିବ୍ୟ ସଂସ୍କରଣରେ ପରିଣତ କରିବାକୁ ପ୍ରସ୍ତୁତ । ଆମ ନିଜ ଅନ୍ତରାତ୍ମାରେ ମଧ୍ୟ ସଂଗୁପ୍ତ ରହିଛି ସେ ଚେତନାର ପ୍ରତିଶ୍ରୁତି ।

ଏହା ଧ୍ରୁବ ସତ୍ୟ ଯେ ଆମକୁ ଏହି ପୃଥିବୀକୁ ବାରଂବାର ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିବ । କର୍ମଫଳର ଜଟିଳ ପ୍ରସଙ୍ଗ ଭିତରକୁ ଆପାତତଃ ଆମେ ଯିବା ନାହିଁ । କିନ୍ତୁ ଏତିକି ଆମେ ମନେରଖିବା ଆବଶ୍ୟକ ଯେ ଆମ ସୁକୃତି ବା ଦୁଷ୍କୃତି ଦ୍ୱାରା ଏ ପୃଥିବୀକୁ ଆମେ ଯେଉଁ ଅବସ୍ଥାରେ ଛାଡ଼ିଯିବୁ, ପରବର୍ତ୍ତୀ ଜନ୍ମରେ ସେହି ଅବସ୍ଥାରେହିଁ ଆମକୁ ଜୀବନଧାରଣ କରିବାକୁ ହେବ । ଅନ୍ତତଃ ସେହି ଦୃଷ୍ଟିରୁ, ଅର୍ଥାତ୍ ଆମ ନିଜ ନିଜର ପରବର୍ତ୍ତୀ ଜୀବନର ସ୍ୱାର୍ଥ ଦୃଷ୍ଟିରୁ, ଆମର ବର୍ତ୍ତମାନ କର୍ମଧାରା ନିୟନ୍ତ୍ରଣ କରିବା ହେବ ବିଜ୍ଞତାର ପରିଚାୟକ ।

ଆଜିର ସମସ୍ୟାକ୍ଲିଷ୍ଟ ପୃଥିବୀକୁ ଏ ସ୍ତର ଅତିକ୍ରାନ୍ତ କରାଇବା ନିମନ୍ତେ ଯାହା ଅପରିହାର୍ଯ୍ୟ, ତାହା ବିବର୍ତ୍ତନ ଉପରେ, ଏକ ସଂହତିପୂର୍ଣ୍ଣ ଜୀବନର ବିକାଶ ଉପରେ ଆସ୍ଥା — ଅର୍ଥାତ୍ ସୃଷ୍ଟିର ରୂପାୟନକାରୀ ମହାଶକ୍ତି ଉପରେ ଆସ୍ଥା ।

ପୃଥିବୀରେ ଆଧ୍ୟାତ୍ମିକତାର ଉନ୍ମେଷ ଓ ସେଦିଗରେ ପ୍ରଗତି ନିମନ୍ତେ ସେ ମହାଶକ୍ତି ଭାରତବର୍ଷକୁହିଁ ମନୋନୀତ କରିଥିଲା । ମାନବ ଜୀବନରେ ଆଧ୍ୟାତ୍ମିକତାର ଭୂମିକା ହେଲା ତାକୁ ପରିପୂର୍ଣ୍ଣତା ଆଣିଦେବା — ଯେଉଁ ପରିପୂର୍ଣ୍ଣତାର ଆଧାର ଏ ଜୀବନ — ଜୀବନର ନିର୍ବାଣ ନୁହେଁ କି ଜୀବନ ଠାରୁ ପଳାୟନ ନୁହେଁ ।

ବିବର୍ତ୍ତନରେ ମନୋତ୍ତର ପର୍ଯ୍ୟାୟ ସେହି ପୂର୍ଣ୍ଣତାର ପ୍ରତିଶ୍ରୁତି । ଏହା ତତ୍ତ୍ୱ କଥା ନୁହେଁ, ଏହା ଅନିବାର୍ଯ୍ୟ ବାସ୍ତବତା । ଏ ବାସ୍ତବତାର ରୂପାୟନ କେଡ଼େ ସହଳ ସମ୍ଭବ ହେବ, ତାହା ଆମରି ବିଶ୍ୱାସ ଏବଂ ଆତ୍ମ-ସଚେତନତାର ମାତ୍ରା ଉପରେ ନିର୍ଭର କରୁଛି । ❖

ସମସ୍ତ ଐଶ୍ୱର୍ଯ୍ୟ, ଗଭୀରତା ଓ ପୂର୍ଣ୍ଣତା ସହ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନ ଓ ଅଭିଜ୍ଞତାର ପୁନରୁଦ୍ଧାର ହେଉଛି ଏହାର (ଭାରତର) ସର୍ବପ୍ରଥମ ଅତ୍ୟାବଶ୍ୟକ କାର୍ଯ୍ୟ; ଦର୍ଶନ, ସାହିତ୍ୟ, କଳା, ବିଜ୍ଞାନ ଓ ବିଶ୍ଳେଷଣାତ୍ମକ ଜ୍ଞାନର ନୂତନ ନୂତନ ରୂପ-ଢାଞ୍ଚା ଭିତରକୁ ଏହି ଆଧ୍ୟାତ୍ମିକତାର ପ୍ରବାହ ହେଉଛି ଦ୍ୱିତୀୟ କାର୍ଯ୍ୟ; ଏବଂ ଭାରତୀୟ ଆତ୍ମାର ଆଲୋକରେ ଆଧୁନିକ ସମସ୍ୟାସବୁକୁ ନୂତନ ଭାବେ ମୁକାବିଲା କରିବା ଏବଂ ଏକ ଆଧ୍ୟାତ୍ମିକ ସମାଜ ଗଠନ ଦିଗରେ ମହତ୍ତର ଏକ ସମନ୍ୱୟକୁ ରୂପାୟିତ କରିବାର ପ୍ରୟାସ ହେଉଛି ତୃତୀୟ ଓ ସବୁଠୁ ଦୁରୂହ କାର୍ଯ୍ୟ । ଏହି ତିନିଟି ଧାରାରେ ଭାରତର ସାଫଲ୍ୟ ହେବ ମାନବସମାଜର ଭବିଷ୍ୟତ୍ ପାଇଁ ତା'ର ସହାୟତାର ପରିମାପ ।

— ଶ୍ରୀଅରବିନ୍ଦ

# ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବ ସମାଜର ଭୂମିକା

## ଶ୍ରୀ ପ୍ରପତ୍ତି

(*ପୂର୍ବ ପ୍ରକାଶିତ ଉତ୍ତାରୁ ...*)

ବର୍ତ୍ତମାନ ମନୁଷ୍ୟ ପଶୁ-ମନୁଷ୍ୟ (Animal man), ସେ ପଶୁତ୍ୱ ଦିବ୍ୟତ୍ୱର ଗୋଟିଏ ସମାହାର (A mixture of animality and Divinity) ବା ଏକ ସମବାୟ । ପଶୁତ୍ୱର ଅଂଶ ତା' ମଧ୍ୟରେ ବେଶୀ ପରିମାଣରେ ଥିବାରୁ ଅଧିକାଂଶ ସ୍ଥଳରେ ସେ ନିମ୍ନ ଭୂମିରେ, ଅଜ୍ଞାନତା, ମୋହ ଓ ସ୍ୱାର୍ଥ ମଧ୍ୟରେ ଜଳିପୋଡ଼ି ହୋଇ ମରୁଛି । ଦିବ୍ୟତ୍ୱ ତା' ପାଖରେ ଗୋଟିଏ ଆକାଶ-କୁସୁମ ଓ ସ୍ୱର୍ଗୀୟ ଆଦର୍ଶ ରୂପେ ରହିଛି । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ପଶୁତ୍ୱକୁ ଧାରଣ କରି ଚାଲିଥିବ, ଯେପର୍ଯ୍ୟନ୍ତ ତାହା ମଧ୍ୟରେ ଶୁଦ୍ଧତା, ଆଲୋକ, ଜ୍ଞାନ ଓ ଏକ ପରିଣତ ଦିବ୍ୟତ୍ୱ ପ୍ରକାଶ ପାଇ ନଥିବ, ସେପର୍ଯ୍ୟନ୍ତ ସେ କେବଳ ଅପୂର୍ଣ୍ଣ ନୁହେଁ, ବରଂ ଦୁଃଖ, ଶୋକ, ଜରା ଓ ମୃତ୍ୟୁର ଅଧୀନ । ଅତଏବ ମନୁଷ୍ୟକୁ ତା'ର ପଶୁତ୍ୱକୁ ଛାଡ଼ି ଦିବ୍ୟତ୍ୱର ଭୂମିରେ ଆରୋହଣ କରିବାକୁ ହେବ । ପଶୁତ୍ୱର ଅର୍ଥ ନିମ୍ନ ଚେତନା, ଯାହାର ଅର୍ଥ ଅହଂ, ସ୍ୱାର୍ଥ, ଅଜ୍ଞାନତା, ମୂର୍ଖତା, ହିଂସା, ଦ୍ୱେଷ, ବିଭେଦ ଓ ମୃତ୍ୟୁ । ଦିବ୍ୟତ୍ୱର ଅର୍ଥ ଶାନ୍ତି, ସମତା, ଐକ୍ୟ, ସମନ୍ୱୟ, ଜ୍ୟୋତିଃ, ଜ୍ଞାନ, ସାମର୍ଥ୍ୟ, ନିଃସ୍ୱାର୍ଥପରତା, ଚିନ୍ମୟତା, ଭାସ୍ୱରତା ଓ ଅମୃତତ୍ୱ । ପରିପୂର୍ଣ୍ଣ ଦିବ୍ୟତା ପ୍ରାପ୍ତିରେ ଅମରତ୍ୱର ପ୍ରତିଷ୍ଠା । ପଶୁତ୍ୱ ଚେତନାର ନିମ୍ନଭୂମି, ଅସ୍ୱଚ୍ଛ, ଅନ୍ଧପ୍ରବୃତ୍ତିଚାଳିତ ସୀମିତ, ଖଣ୍ଡିତ ପ୍ରାଣଭୂମି; ଦିବ୍ୟତ୍ୱ ସେହି ଚେତନାର ଏକ ଉଚ୍ଚତର, ମହତ୍ତର, ବିଶାଳତର, ପୂର୍ଣ୍ଣତର ପ୍ରଜ୍ୱଳ ଭୂମି । ବର୍ତ୍ତମାନ ମନୁଷ୍ୟର ଯାହା ଆବଶ୍ୟକ ତାହା ହେଲା ଏହି ପଶୁତ୍ୱ-ଆବେଷ୍ଟିତ ଖଣ୍ଡିତ, ସୀମିତ, ମନୋଭୂମିକୁ ଅତିକ୍ରମ କରି ଅନ୍ୟ ଏକ ଉଚ୍ଚତର ଦିବ୍ୟଭୂମିରେ ଅଧିରୂଢ଼ ହେବା । ସମାଧାନର ଚାବିକାଠି ଉର୍ଦ୍ଧ୍ୱରେ, ନିମ୍ନରେ ନାହିଁ । ପଶୁତ୍ୱର, ଏପରିକି ମାନବିକ ବୁଦ୍ଧିବୃତ୍ତିର ରୂପାନ୍ତର ଓ ପରିବର୍ତ୍ତନ ଦ୍ୱାରାହିଁ ବର୍ତ୍ତମାନ ସଙ୍କଟରୁ ଉଦ୍ଧାର ହେବାକୁ ହେବ ।''

"A total spiritual direction given to the whole life and the whole nature can alone lift humanity beyond itself."

(CWSA, Vol. 21 & 22, p. 1096) – Sri Aurobindo

ଅର୍ଥାତ୍, ''ସମଗ୍ର ମନୁଷ୍ୟ ଜୀବନ ଓ ପ୍ରକୃତିକୁ ଏକ ପୂର୍ଣ୍ଣ ଆଧ୍ୟାତ୍ମିକ ନିର୍ଦ୍ଦେଶହିଁ କେବଳ ମନୁଷ୍ୟ ସମାଜକୁ ଏକ ଉର୍ଦ୍ଧ୍ୱତନ ଭୂମିକୁ ଉଠାଇ ନେଇଯିବ ।''

ପ୍ରସାରତା, ବିଶାଳତା, ଅଖଣ୍ଡତା, ଐକ୍ୟ, ସମନ୍ୱୟ, ବୃହତ୍ତର ଆଲୋକ, ଜ୍ଞାନ ଓ ପୂର୍ଣ୍ଣତା ଯାହା ମନୁଷ୍ୟର ଅଭିଳଷିତ ବସ୍ତୁ ତାହା ଆତ୍ମିକ, ଐଶ୍ୱରୀୟ, ଭାଗବତୀୟ । ଆତ୍ମାର ଭୂମି ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ ଓ ପ୍ରେମର ଭୂମି ଏବଂ ଭଗବାନଙ୍କର ଅର୍ଥହିଁ ହେଲା ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣାନନ୍ଦ । ଯେଉଁ ପ୍ରକୃତି ଓ ଯେଉଁ ଅବସ୍ଥାରେ ବର୍ତ୍ତମାନ ମନୁଷ୍ୟ ରହିଛି, ତାହା ମଧ୍ୟରେ ଏହି ଜ୍ଞାନ, ଶକ୍ତି ଓ ଆନନ୍ଦ ସ୍ଥାନ ଲାଭ କରିପାରିବ ନାହିଁ, କାରଣ ଦୁଇ ବିଜାତୀୟ ବସ୍ତୁ ଅର୍ଥାତ୍, ପଶୁତ୍ୱ ଓ ଦିବ୍ୟତ୍ୱ ଏକ ସଙ୍ଗେ କ୍ରିୟାଶୀଳ ହୋଇ ନପାରେ । ଏକ ଆଧାରରେ ଆସୁରିକ ଓ ଦୈବୀବୃତ୍ତି ବାସ କରି ନପାରନ୍ତି । ଏକ ସଙ୍ଗେ ଅନ୍ଧକାର ଓ ଆଲୋକ ରହି ନପାରେ । ମନୁଷ୍ୟ ଯଦି ଜ୍ୟୋତିଃ, ଜ୍ଞାନ, ଅମୃତତ୍ୱ ଓ ପୂର୍ଣ୍ଣତାର ସନ୍ତାନ ହେବ ତେବେ ସେ ଅନ୍ଧକାର, ଅଜ୍ଞାନ, ମୃତ୍ୟୁ ଓ ଅପୂର୍ଣ୍ଣତାରେ ପଚିଶଢ଼ି ଯିବ କିପରି ? ନିମ୍ନ-ଭୂମିରୁ ଉର୍ଦ୍ଧ୍ୱଭୂମିରେ ଆରୋହଣହିଁ ଏହି ସମସ୍ୟାର ସମାଧାନ ହେବ – ଏହାହିଁ ଏକମାତ୍ର ପନ୍ଥା, ''ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।''

ଶ୍ରୀଅରବିନ୍ଦ ତାଙ୍କର ବହୁବିଧ ରଚନାବଳିରେ ବିଶେଷତଃ ତାଙ୍କର ଦିବ୍ୟଜୀବନ ଗ୍ରନ୍ଥରେ ମନୁଷ୍ୟର ଆଧ୍ୟାତ୍ମିକ ଅଭ୍ୟୁତ୍ଥାନ ତଥା ବିବର୍ତ୍ତନ ସମ୍ବନ୍ଧରେ ଅତି ପୁଙ୍ଖାନୁପୁଙ୍ଖ ଓ ବିସ୍ତୃତ ଆଲୋଚନା କରିଛନ୍ତି । ସେଥିରେ ସେ ସ୍ପଷ୍ଟ ରୂପେ ଦେଖାଇଛନ୍ତି, ମାନବ-ସମାଜର ପ୍ରଧାନ ସମସ୍ୟା ହେଲା ତାହାର ପ୍ରକୃତିର ରୂପାନ୍ତର, ଏକ ଆଧ୍ୟାତ୍ମିକ ବିବର୍ତ୍ତନ, ନବ-ମାନବଜାତିର ସୃଷ୍ଟି, ନୂତନ ମାନବ ସମାଜର ଅଭ୍ୟୁତ୍ଥାନ । ତାଙ୍କର ଦିବ୍ୟଜୀବନର ଆଦର୍ଶ ବସ୍ତୁତଃ ମାନବ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତର ଉପରେହିଁ

ନିର୍ଭର କରିବ । ମନୁଷ୍ୟକୁ ମନୁଷ୍ୟୋତ୍ତର ଉର୍ଦ୍ଧ୍ୱତନ ବିଜ୍ଞାନ ଭୂମିରେ, ଅତିମାନସ ସତ୍ୟରେ ପ୍ରତିଷ୍ଠିତ ହେବାକୁ ହେବ । ଏହି ମହତୀ ଦିବ୍ୟ, ଅତିମାନସ ଶକ୍ତି ଭୂମା ଚେତନାର ଓ ଜ୍ୟୋତିଃର ଅବତରଣ, କ୍ରିୟା ଓ ପ୍ରତିଷ୍ଠା ଦ୍ୱାରାହିଁ ନୂତନ ମାନବଗୋଷ୍ଠୀର ଉଦ୍ଭବ ହେବ ।

ଏହାହିଁ ଯଦି ବର୍ତ୍ତମାନର ଆକୁଳ ଓ କଠିନ ପ୍ରଶ୍ନ ହୁଏ, – ମନୁଷ୍ୟ ଜୀବନ ଓ କ୍ରିୟାବଳିର ଆଧ୍ୟାତ୍ମିକ ରୂପାନ୍ତର, ତାହାର ବ୍ୟକ୍ତିତ୍ୱର ସତ୍ତାନ୍ତର ଓ ଧର୍ମାନ୍ତର, – ତେବେ ଭାରତବର୍ଷର, ଦେଶ ଓ ଜାତି ହିସାବରେ ଏଥିପ୍ରତି କିଛି ବିଶେଷ ଅବଦାନ ଅଛି କି ? ଏକଥା ଶତ କଣ୍ଠରେ, ସହସ୍ର କଣ୍ଠରେ ଘୋଷଣା କରାଯାଇପାରେ ଯେ ଭାରତହିଁ ଏକମାତ୍ର ଦେଶ, ହୁଏତ ''ଈଶ୍ୱର-ନିର୍ବାଚିତ ଦେଶ'' ଯାହା ମଧ୍ୟରେ ଅଧ୍ୟାତ୍ମ ସତ୍ୟ, ଜ୍ଞାନ ଓ ଆଲୋକ, ଅନାଦି କାଳରୁ ସଞ୍ଚିତ, ପରିପୁଷ୍ଟ ଓ ସମୃଦ୍ଧ ହୋଇ ଆସିଛି । ଅସଂଖ୍ୟ ମୁନି, ଋଷି, ସନ୍ଥ, ଅବତାର, ବିଭୂତି, ମହାପୁରୁଷ ଏ ଦେଶର କୋଳରେ ଜନ୍ମଗ୍ରହଣ କରି ମନୁଷ୍ୟର ଆନ୍ତର ଜୀବନର ରହସ୍ୟକୁ ଉଦ୍‌ଘାଟନ କରିଛନ୍ତି, ବ୍ୟକ୍ତି ଓ ସମଷ୍ଟିର ତଥା ବିଶ୍ୱର ପଶ୍ଚାତରେ ନିହିତ ପରମା ଦିବ୍ୟଶକ୍ତିର କ୍ରିୟା ଓ ଚାଳନାକୁ ବୁଝି ପାରିଛନ୍ତି । ଭାରତବର୍ଷ ଏକଥା ବାରଂବାର ଘୋଷଣା କରିଛି ଯେ ମାନବ-ସମାଜର ସମସ୍ୟାର ସମାଧାନ କରିବାର ଯଥାର୍ଥତା ହେଲା ସତ୍ତାର ମୂଳ ଉତ୍ସକୁ ଫେରିଯିବା, ଆତ୍ମାରେ ବାସ କରିବା ଏବଂ ମନୁଷ୍ୟର ଯଥାର୍ଥ ଉପାୟ ସ୍ୱରୂପକୁ ଆବିଷ୍କାର କରିବା । ଭାରତବର୍ଷ କେଉଁ ସ୍ମରଣାତୀତ କାଳରୁ ଏ ସମ୍ବନ୍ଧରେ ଯେଉଁ ଅଭିଜ୍ଞତା ଅର୍ଜନ କରିଛି, ଯେଉଁ ଶକ୍ତି ଓ ସାମର୍ଥ୍ୟ ଲାଭ କରିଛି ତାହା ପୃଥିବୀର ଉତ୍ଥାନରେ ନିଶ୍ଚୟ ସହାୟକ ହେବ । ଶ୍ରୀଅରବିନ୍ଦ ଭାରତରେ ଆନ୍ତର ଜୀବନର ସାଧନା ଓ ଅଧ୍ୟାତ୍ମବୃତ୍ତିର ବିକାଶ ସମ୍ବନ୍ଧରେ ଅତି ସ୍ପଷ୍ଟ ଭାବରେ କହୁଛନ୍ତି :

''ଏହି ପୃଥିବୀ ଉପରେ ଗୋଟିଏ ବିଶାଳତମ ଓ ଉଚ୍ଚତମ ଅଧ୍ୟାତ୍ମ-ଜୀବନ ପ୍ରତିଷ୍ଠାହିଁ ଭାରତର ଚରମ ଦୃଷ୍ଟି, ଯେଉଁ ଦୃଷ୍ଟି ଆତ୍ମାର ବାହ୍ୟ ଓ ଆନ୍ତର ଅନୁଭୂତି ସକାଶେ ସହସ୍ର ଧାରାରେ ଅତି ମହାନ୍ ଓ ଅତୁଳନୀୟ ଗବେଷଣା କରିଛି ଏବଂ ଏହାହିଁ ଭାରତର ଅତୀତର ଅଦ୍ୱିତୀୟ ସ୍ୱାଭାବିକ ଗତିଧାରା ଏବଂ ଏହାହିଁ ପରିଶେଷରେ ତା'ର ଲକ୍ଷ୍ୟ, ସେଥିପାଇଁ ସେ ଜନ୍ମଲାଭ କରିଛି ଏବଂ ସେଥିପାଇଁ ତାହାର ଭବିଷ୍ୟତ୍ ଅତି ମହତ୍ତ୍ୱପୂର୍ଣ୍ଣ ।''

(Foundations of Indian Culture)

କେବଳ ସେତିକି ନୁହେଁ, ଶ୍ରୀଅରବିନ୍ଦ ଏକଥା ମଧ୍ୟ କହୁଛନ୍ତି ଯେ ବ୍ୟକ୍ତି ଯେପରି ଆତ୍ମବାନ୍, ଗୋଷ୍ଠୀ ଓ ରାଷ୍ଟ୍ର ମଧ୍ୟ ସେହିପରି ଆତ୍ମବାନ୍ । ବ୍ୟକ୍ତିର ଯେପରି ଉଚ୍ଚତମ ପରିଣତି ଦେଖାଦିଏ ତାହାର ଆତ୍ମାର ପ୍ରକାଶରେ, ସେହିପରି ରାଷ୍ଟ୍ରର ମଧ୍ୟ ଚରମ କଲ୍ୟାଣ ସାଧିତ ହୁଏ ତାହାର ଆତ୍ମିକ ପ୍ରତିଭା (genius)ର ପ୍ରକାଶରେ । ଭାରତର ଆତ୍ମିକ ପ୍ରତିଭାହିଁ ଏକ ଜୀବନ୍ତ ଆଧ୍ୟାତ୍ମିକ ଶକ୍ତି । ଏହି ଶକ୍ତିର ପ୍ରଘଟ ଓ ପ୍ରତିଷ୍ଠା ଦ୍ୱାରା ଜଗତର ଅଶେଷ କଲ୍ୟାଣ ସାଧିତ ହେବ । ଭାରତର ନବଜନ୍ମର ପ୍ରାକ୍‌କାଳରେ ଶ୍ରୀଅରବିନ୍ଦ ଘୋଷଣା କରିଥିଲେ, ''ଭାରତ ଧ୍ୱଂସ ହୋଇ ନପାରେ, ଆମ୍ଭମାନଙ୍କ ଜାତି ଲୁପ୍ତ ହୋଇ ନପାରେ, କାରଣ ମାନବଗୋଷ୍ଠୀ ସମୂହ ମଧ୍ୟରେ ଭାରତ ନିମିତ୍ତ ନିର୍ଦ୍ଦିଷ୍ଟ ରହିଛି ସମଗ୍ର ମାନବଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ, ଉଜ୍ଜ୍ୱଳତମ ଓ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାକୁ ସମଗ୍ର ଜଗତର ଭାବୀ-ଧର୍ମ ତୋଳି ଧରିବାକୁ ହେବ ।''...

ଆଉ ମଧ୍ୟ ଆଧୁନିକ ଜଗତର ଆନ୍ତର୍ଜାତିକତା ପ୍ରତିଷ୍ଠା କରିବାରେ ଭାରତହିଁ ଅଗ୍ରଦୂତ ହେବ । ଅନ୍ୟାନ୍ୟ ଜାତି-ଗୋଷ୍ଠୀମାନଙ୍କ ମଧ୍ୟରେ ଭାରତର ଭୂମିକା ଏ କ୍ଷେତ୍ରରେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ଭାରତର ଅନ୍ତରାତ୍ମା ମଧ୍ୟରେ ଆତ୍ମିକ ମିଳନ ତଥା ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ଐକ୍ୟ ସ୍ଥାପନ ଓ ଆତ୍ମିକ ସୌହାର୍ଦ୍ଦ୍ୟ ନିମିତ୍ତ ଉପାଦାନ ରହିଛି । ଏହା ଏକ ଆଧ୍ୟାତ୍ମିକ ବିପ୍ଳବ ଦ୍ୱାରାହିଁ ସମ୍ଭବ ହେବ । ବିଜ୍ଞାନର ବାହ୍ୟ ଐକ୍ୟ ସଙ୍ଗେ ଏକ ଆତ୍ମିକ ଓ ଅନ୍ତରାତ୍ମିକ ଐକ୍ୟ ପ୍ରତିଷ୍ଠିତ ହେଲେ ମାନବଗୋଷ୍ଠୀ ମଧ୍ୟରେ ଭ୍ରାତୃତ୍ୱ ପ୍ରତିଷ୍ଠିତ ହେବ । ଏହି ଆଧ୍ୟାତ୍ମିକ ବିପ୍ଳବ ନିମିତ୍ତ ଏକ ସୁମହାନ୍ ଆଦର୍ଶ ଲୋଡ଼ା, ଯେଉଁ ଆଦର୍ଶ ହେଲା ଜୀବନରେ ଭଗବାନଙ୍କୁ ପ୍ରାପ୍ତି ଏବଂ ମାନବିକ କ୍ରିୟାବଳିରେ ଦିବ୍ୟଶକ୍ତିର ଅଭିବ୍ୟକ୍ତି । ଯେ କୌଣସି ଜାତୀୟ ଆଦର୍ଶଠାରୁ ଏହି ଆଦର୍ଶ ଯଥେଷ୍ଟ ବଡ଼ । ଜାତୀୟ ଆନ୍ଦୋଳନର ଆଦ୍ୟ ପର୍ବରେ ଶ୍ରୀଅରବିନ୍ଦ କହିଥିଲେ :

''ଭାରତରେ ଆମ୍ଭେମାନେ ଜାତିକୁ ଏକ ଚରମ ସମନ୍ୱୟ ବୋଲି ମନେ କରୁ ନାହୁଁ ଏବଂ ଏହି ଉତ୍ଥାନ ଜାତିର ଶେଷ କଥା ନୁହେଁ । ଜାତି ଠାରୁ ବଡ଼ ସମନ୍ୱୟ ହେଲା ମାନବଜାତି । କିନ୍ତୁ ଏହାର ଉର୍ଦ୍ଧ୍ୱରେ ଆହୁରି ଗୋଟିଏ ଉଚ୍ଚତମ ସମନ୍ୱୟ ରହିଛି – ଏହି ଜୀବନ୍ତ ଦୁଃଖପୂର୍ଣ୍ଣ, ଆସ୍ପୃହାପରାୟଣ ଜୀବ-ଜଗତ୍ ଯାହା ବୌଦ୍ଧଧର୍ମର ଚରମ ସମନ୍ୱୟ – ଆଉ ସର୍ବୋଚ୍ଚ ସମନ୍ୱୟ ହେଲେ ସ୍ୱୟଂ ଭଗବାନ୍ ଏବଂ ଏହାହିଁ ହିନ୍ଦୁ

ଜାତିର ଏବଂ ବେଦାନ୍ତର ସମନ୍ୱୟ । ଆଜି ଆମ୍ଭମାନଙ୍କ ସମ୍ମୁଖରେ ଜାତୀୟତାହିଁ ଅତି ଜରୁରୀ କାର୍ଯ୍ୟକାରୀ ବିଶ୍ୱାସ ଏବଂ ମନ୍ତ୍ର, ଏଥିପାଇଁ ନୁହେଁ ଯେ ଏହା ଏକ ସର୍ବୋଚ୍ଚ ସମନ୍ୱୟ, ବରଂ ଅନ୍ୟାନ୍ୟ ମହତ୍ତର ସମନ୍ୱୟକୁ ଜୀବନରେ ସିଦ୍ଧ କରିବାକୁ ହେଲେ ଏହାକୁ ପ୍ରଥମେହିଁ ସିଦ୍ଧ କରିବାକୁ ହେବ ।''

(The Highest Synthesis, Karmayogin, July 3, 1909)

ଜାତୀୟ ଓ ଆନ୍ତର୍ଜାତିକ ମିଳନ ଭୂମି ନିମିତ୍ତ ଏହାଠାରୁ ବୃହତ୍ତର ଆଦର୍ଶ କିଛି କଳ୍ପନା କରାଯାଇପାରେ କି ?

ନାନା ଦିଗରୁ ଦୃଷ୍ଟିପାତ କରି ବିଚାର କଲେ ଏକଥା ସ୍ପଷ୍ଟ ବୁଝାଯିବ ଯେ ଭାରତର ଅଭ୍ୟୁତ୍ଥାନ ଦ୍ୱାରା ମାନବ-ସମାଜର ଏପରି କଲ୍ୟାଣ ସାଧିତ ହେବ ଯାହା ଅନ୍ୟ କୌଣସି ରାଷ୍ଟ୍ର ଦ୍ୱାରା ସାଧିତ ହୋଇପାରିବ ନାହିଁ । ଭାରତର ଏହା ଭଗବତ୍ ନିର୍ଦ୍ଦିଷ୍ଟ କର୍ମ । ମନୁଷ୍ୟ ମଧ୍ୟରେ ଦେବତାର ଆବିର୍ଭାବ; ବର୍ବର, ଅସୁରମାନଙ୍କୁ ଆର୍ଯ୍ୟଧର୍ମରେ ଦୀକ୍ଷିତ କରିବା କେବଳ ଭାରତୀୟ ପରମ୍ପରାରେ ନିହିତ ଅଛି । ସୁତରାଂ ଭାରତର ଜାତୀୟ ଲକ୍ଷ୍ୟହିଁ ଏକ ଅଧ୍ୟାତ୍ମବାଦର ପ୍ରତିଷ୍ଠା, ପ୍ରସାର ଓ ସିଦ୍ଧି । ଭାରତର ଆତ୍ମ-ନିୟନ୍ତ୍ରଣକାରୀ ଅନ୍ତରାତ୍ମାହିଁ ତାହାର ଜାତୀୟ ଜୀବନରେ ଫୁଟି ଉଠିବା ସମୀଚୀନ । ଯଦି ସେହି ଦିବ୍ୟପରମ ତତ୍ତ୍ୱ ଯାହା ଜାତିର ଗର୍ଭରେ ନିହିତ ଓ ଆମର ଜାତୀୟ ଜୀବନର କର୍ମ-ପ୍ରବାହ ଓ ଚିନ୍ତାଧାରା ମଧ୍ୟରେ ବିକାଶ ଲାଭ ନକରେ, ତେବେ ଶେଷରେ ଏହି ଜାତୀୟ ଦୁର୍ବଳତା ଓ ଅକ୍ଷମତା ଆମକୁ ମାନବ-ଗୋଷ୍ଠୀ ମଧ୍ୟରେ ଉଚ୍ଚତର ସ୍ଥାନ ଦେଇ ପାରିବ ନାହିଁ ।

(କ୍ରମଶଃ)

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ଦ୍ୱିତୀୟ ଖଣ୍ଡ, ପୃଷ୍ଠା. ୩୦୪-୩୦୭)

In each and every one, the highest consciousness must be the ruler of the life.
Blessings.
(CWM Vol. 15, p. 206) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଲୀଳା

## ଶ୍ରୀଅରବିନ୍ଦ

ଏକା ସେହି ହୋଇଛନ୍ତି ସହସ୍ରଶୀର୍ଷ ପୁରୁଷ ଆମରି ଭିତରେ,
ଶାଶ୍ୱତ ମନସ୍ୱୀ ଜଣେ ପ୍ରଜ୍ଞାବାନ୍, ମହାନ୍ ଓ ଧୀର,
ସତ୍ୟଦ୍ରଷ୍ଟା, ଚକ୍ଷୁ ଯା'ର ସୂର୍ଯ୍ୟ ସମ ସବୁ ଲକ୍ଷ୍ୟ କରେ,
କବିଟିଏ ବିଶ୍ୱଗତ ସର୍ବ ରହସ୍ୟର ।

ବିନ୍ୟାସନ୍ତି ପ୍ରତିବସ୍ତୁ-ସମୀକ୍ଷକ ଏକ ଦିବ୍ୟ ସାକ୍ଷୀ
ଏବଂ ତାଙ୍କ ସୁଶୋଭିତ ଗୁଚ୍ଛ ସାଥେ ଛନ୍ଦନ୍ତି ସେ ଛିନ୍ନ ପତ୍ର ଯେତେ;
ବିଶ୍ୱ-ଅଭିଯାତ୍ରୀ, ଯା'ଙ୍କୁ ବହି ଚଳେ ନିୟତିର ପକ୍ଷୀ
ଅକ୍ଷକ୍ରୀଡ଼ା କରୁଥା'ନ୍ତି ସୁଖ, ଶୋକ, ମରଣ ଓ ବିଜୟର ସାଥେ ।

ମହିମାର ଅଧିପତି ସେହି ପୁଣି ପ୍ରେମର କିଙ୍କର,
ନକ୍ଷତ୍ରଙ୍କ ଆତିଥେୟ, ପ୍ରକୃତି-ସରାଇ-ଘରେ ଅତିଥି ସେ ପୁନଃ,
ଉପରେ ସିଂହାସନରେ ବସିଛନ୍ତି ଜଣେ ଦ୍ରଷ୍ଟା ହୋଇ ସମୁଚ୍ଚ ସ୍ତରର,
ଆଚରନ୍ତି ଦିବ୍ୟଲୀଳା ନିଜେ ହୋଇ ମତ୍ତତାର ପଣ,

ଏକମ୍ ସେ ରଚିଲେ ଯେ ଲୀଳାଛଳେ ସୂର୍ଯ୍ୟଗଣ, ପାରାବାର ମାଳ
ଆମ ସତ୍ତା ଦର୍ପଣରେ ବିମ୍ବିତ କରାନ୍ତି ତାଙ୍କ ବିପୁଳ ଖିଆଲ ।

[ଶ୍ରୀଅରବିନ୍ଦଙ୍କ ରଚିତ **'Lila'**
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤



# 'ଧର୍ମ' ସମ୍ପର୍କରେ ଶ୍ରୀମାଙ୍କ ବକ୍ତବ୍ୟ

## ମମତା ଦାଶ

ଶ୍ରୀମା' ଏକଦା କହିଥିଲେ, ଧର୍ମ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା । ପିଲାଟିଦିନରୁ ସେ ତଥାକଥିତ ଈଶ୍ୱରଙ୍କୁ ବିଶ୍ୱାସ କରୁ ନଥିଲେ, ସେ ପ୍ରାୟ ନାସ୍ତିକ ଥିଲେ । କାରଣ ଊର୍ଦ୍ଧ୍ୱରେ ରହି ଜଣେ ଈଶ୍ୱର ଏହି ପୃଥିବୀକୁ ନେଇ ଯାହା ଇଚ୍ଛା ତାହା କରିପାରିବେ, ଏଭଳି ଧାରଣା ତାଙ୍କୁ ଖୁବ୍ ନିର୍ମମ ବୋଲି ମନେ ହେଉଥିଲା । ଅନେକ ବର୍ଷ ପରେ ସେ ଯେତେବେଳେ ଅନ୍ତଃସ୍ଥ ଭଗବାନଙ୍କ ସମ୍ବନ୍ଧରେ ଜାଣିଲେ, ତାଙ୍କର ଭଗବତ୍ ବିଶ୍ୱାସ ଦୃଢ଼ ଓ ସ୍ୱଷ୍ଟ ହୋଇ ଯାଇଥିଲା ।

ସେହିପରି ପୃଥିବୀର ସମସ୍ତ ଧର୍ମର ଯୁଦ୍ଧଖୋର ଦୃଷ୍ଟିଭଙ୍ଗୀ ମଧ୍ୟ ତାଙ୍କୁ ବିଦ୍ରୋହୀ କରି ଦେଇଥିଲା । ସମଗ୍ର ଜଗତରେ ମଣିଷଜାତି ପାଇଁ ଗୋଟିଏ ଧର୍ମ ରହିବାର ଅଯୌକ୍ତିକ ଧାରଣାକୁ ସେ ହାସ୍ୟକର ମନେ କରୁଥିଲେ । ଶ୍ରୀମା କହିଥିଲେ, 'ଶ୍ରୀଅରବିନ୍ଦ ତାଙ୍କର 'ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆନ୍ କଲ୍‌ଚର୍'ରେ ଲେଖିଛନ୍ତି, – ''ମଣିଷମାନେ ଏଠାକାର ନିର୍ଯାତନାର ଭୟ ହେତୁ ଓ ଜୀବନୋତ୍ତର ଅନ୍ୟ ଜଗତରେ ଭଗବାନଙ୍କ ଦ୍ୱାରା ଦିଆ ଯାଉଥିବା ଚିରସ୍ଥାୟୀ ଶାସ୍ତି ହେତୁ ... ଗୋଟିଏ ଧର୍ମକୁ ସମସ୍ତେ ଗ୍ରହଣ କରିବା ଉଚିତ ବୋଲି କୁହାଯାଏ । ମଣିଷର ଅଯୌକ୍ତିକ ଧାରଣାପ୍ରସୁତ ଏହି ଅଦ୍ଭୁତ ଚିନ୍ତାଧାରାହିଁ ଏତେସବୁ ଅସହିଷ୍ଣୁତା, ନିଷ୍ଠୁରତା, ଅସ୍ୱଷ୍ଟତା ଏବଂ ଆକ୍ରମଣାତ୍ମକ କଠୋରତାର ଜନକ ।''

ମଣିଷମାନେ ଧର୍ମକୁ ଯେଉଁ ଭାବରେ ଗ୍ରହଣ କରିଛନ୍ତି, ଶ୍ରୀମା' ତା'ର ବିରୋଧରେ ଥିଲେ । କିନ୍ତୁ ଯେଉଁମାନଙ୍କ ନାମରେ ଧର୍ମସବୁ ପ୍ରତିଷ୍ଠିତ ହୋଇଥିଲା, ସେହି ଆଲୋକ ଆନୟନକାରୀଙ୍କ ସହିତ ତାଙ୍କର କୌଣସି ବିରୋଧ ନଥିଲା । କାରଣ ଶ୍ରୀମା' ଜାଣିଥିଲେ ସେମାନଙ୍କୁ କି ପ୍ରକାର ଦାୟିତ୍ୱ ନେବାକୁ ହୋଇଥାଏ ।

ଶ୍ରୀମା'ଙ୍କର ଗୋଟିଏ ଅଭିଜ୍ଞତା କଥା ଉଲ୍ଲେଖ କରୁଛି – ସେ ଥରେ ଜଣେ ଲୋକକୁ ଭେଟିଥିଲେ, ଯେକି ହଠାତ୍ ମା'ଙ୍କର କାନ୍ଧ ଉପରେ ହାତ ପକାଇ ଦେଲା । ପରିଣାମସ୍ୱରୂପ ତାଙ୍କର ମୁହଁ ବିବର୍ଣ୍ଣ ହୋଇଗଲା, କାରଣ ମା ଏପରି କଥା ଆଶା କରି ନଥିଲେ । ସେହି ଲୋକ ହୁଏତ କୌଣସି ଏକ ଧର୍ମ ପ୍ରଚାରକ ଥିଲେ । ସେ ଯିବା ପରେ ଶ୍ରୀମା'ଙ୍କୁ ତାଙ୍କର ଅଭିଜ୍ଞତା କଥା ପଚାରିବାରୁ ସେ କିଛି କହି ନଥିଲେ । କିନ୍ତୁ ପରେ ସେ ସତ୍‌ପ୍ରେମଙ୍କୁ କହିଥିଲେ, ''ଏବେ ବି ସେ ଅଭିଜ୍ଞତା ମୋର ମନେ ଅଛି । ଏହା ବୌଦ୍ଧିକ ନଥିଲା । ଅବିକଳ ସେହିଭଳି କିଛି ଅଭିଜ୍ଞତା, ଯାହା ଯିଶୁଖ୍ରୀଷ୍ଟ କ୍ରୁଶର ଓଜନ ସହ୍ୟ କରିବା ବେଳେ ଅନୁଭବ କରିଥିବେ । ଏହା ଅନ୍ଧକାରର, ଅଜ୍ଞତାର ଏକ ବିଶ୍ୱଜନୀନ ଅଶୁଭ ଇଚ୍ଛାର ଏକ ସାମୂହିକ ଅବୁଝାମଣାର ଓଜନ; ମୋର ମନେ ହେଲା ସତେ ଯେମିତି କି ମୁଁ ଏକ ଭୟାବହ ଓଜନ ଅନୁଭବ କରୁଛି । ଓଜନ ନିମିତ୍ତ ଏହା ଭୟାବହ ନଥିଲା – ତା'ର ଅନ୍ଧକାର ନିମିତ୍ତ ଭୟାବହ । ମୁଁ ତା'ପରେ ନିଜକୁ କହିଲି, 'ଯିଶୁଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢ଼ାଇବା ବେଳେ ସେ ନିଶ୍ଚୟ ଏହିପରି ଅନୁଭବ କରିଥିବେ ।' ଧର୍ମ ନାମରେ ହେଉଥିବା ଅତ୍ୟଧିକ କୁତ୍ସିତତା ଓ ଦୁର୍ଦ୍ଦଶାକୁ ଶ୍ରୀମା ଦେଖିଥିଲେ, ସେଥିପାଇଁ ଧର୍ମ ସହିତ ତାଙ୍କର ଭଲ ସମ୍ପର୍କ ନଥିଲା । ଏହି ସମସ୍ୟା କିପରି ଭାବରେ ସର୍ବବ୍ୟାପୀ ହୋଇ ରହିଛି, ତାହା ବୁଝାଇବା ପାଇଁ ମା' ତାଙ୍କର ଜଣେ କଳାକାର ବାନ୍ଧବୀଙ୍କର ଉଦାହରଣ ଦେଇଥିଲେ : –

''ସେ ଜଣେ ଛାତ୍ରୀ ଥିଲା । ଆମେ ବର୍ଷ ବର୍ଷ ଧରି ଏକାଠି ଚିତ୍ର ଆଙ୍କୁଥିଲୁ । ସେ ଭଲ ଝିଅଟିଏ ଥିଲା, ମୋ'ଠାରୁ ବୟସରେ ବଡ଼ ଥିଲା, ଭାରି ଗମ୍ଭୀର ଓ ଖୁବ୍ ଭଲ ଚିତ୍ରଶିଳ୍ପୀ ଥିଲା । ପ୍ୟାରିସରେ ରହିଥିବାର ଶେଷ କେତେବର୍ଷ ମୁଁ ତାକୁ ପ୍ରାୟ ପ୍ରତ୍ୟହ ଦେଖୁଥିଲି । ମୁଁ ତାକୁ 'ଗୁହ୍ୟବିଦ୍ୟା' ଓ 'କସ୍ମିକ୍ ଫିଲୋସଫି' ସମ୍ବନ୍ଧରେ କହୁଥିଲି, ଶ୍ରୀଅରବିନ୍ଦଙ୍କ ବିଷୟରେ ଯାହା ଜାଣିଥିଲି, ତାହା ବି କହୁଥିଲି । ... ସେ ସବୁକିଛିକୁ ବିସ୍ତୃତ ବୁଝାମଣାର ସହିତ ଶୁଣୁଥିଲା । ... ସେହି ବାନ୍ଧବୀଟି ଏପରି ଏକ ପରିବାରରୁ ଆସିଥିଲା, ଯେଉଁଠାରେ ଅନେକ ଆର୍ଚବିଶପ୍ ଥିଲେ, କାର୍ଡିନାଲ୍ ଥିଲେ – ପ୍ରାଚୀନ ଫରାସୀ ପରିବାରର । ଥରେ ମୁଁ ତା' ଘରକୁ ଯାଇଥିଲି । ସେ ମୋତେ କହିଲା, ସେ ବହୁତ ଯନ୍ତ୍ରଣା ଭୋଗ କରୁଛି । ଯେତେବେଳେ ସେ ଜାଗ୍ରତ୍ ଅଛି ସେତେବେଳେ ସେ ଭଲ ଭାବରେ ବୁଝୁଛି, ତା'ର ସନ୍ଦେହ ରହୁ ନାହିଁ, ଧର୍ମର ସୀମାବଦ୍ଧତା ଓ ଅନ୍ଧକାରକୁ

ଅନୁଭବ କରୁଛି । ତା'ପରେ ସେ କହିଲା, ''ରାତିରେ ମୁଁ ହଠାତ୍ ଉଠି ପଡୁଛି, ଏକ ଯନ୍ତ୍ରଣାମୟ ବିଷାଦ ସହିତ, ହୁଏତ ମୋ' ଅବଚେତନାରୁ କିଛି ଗୋଟାଏ କହୁଛି : 'ଏସବୁ ପରେ, ତୋତେ ଯଦି ନର୍କକୁ ଯିବାକୁ ହୁଏ !' ମୁଁ ଚାହିଁଥିବା ବେଳେ ଏହାର କିଛି ଶକ୍ତି ନଥାଏ, ରାତିରେ, ଯେତେବେଳେ ଏହା ଅବଚେତନାରୁ ଆସି ଯାଉଛି, ଏହା ମୋତେ ଶ୍ୱାସରୁଦ୍ଧ କରି ଦେଉଛି ।'' ମା' ସେତେବେଳେ ଦେଖିଲେ, ପୃଥିବୀପୃଷ୍ଠରେ ବିଶାଳ ଅକ୍ଟୋପାଶ୍ ଭଳି ରହିଛି ଗୀର୍ଜାର ଏହି ଗଠନ – ନର୍କର ଗଠନ; ଯାହା ଦ୍ୱାରା ସେମାନେ ଲୋକଙ୍କୁ ନିୟନ୍ତ୍ରଣ କରନ୍ତି, ନର୍କର ଭୟ । – ''ଏହାହିଁ ମୋତେ ସମସ୍ୟାଟିର ବିଶାଳତାକୁ ଦେଖାଇ ଦେଲା, ଏହା ଜାଗତିକ ।''

ଧର୍ମସବୁ କିପରି ଗଢ଼ି ଉଠନ୍ତି ? ଶ୍ରୀମା ଏ ସମ୍ବନ୍ଧରେ କହିଥିଲେ, ''ପୃଥିବୀପୃଷ୍ଠରେ କେହି ମହାନ୍ ଗୁରୁ ଅବତରଣ କଲେ ହିଁ ଧର୍ମ ଗଢ଼ିଉଠେ । ସେ ଆସନ୍ତି ଓ ପ୍ରକାଶ କରନ୍ତି, ସେ ଏକ ଦିବ୍ୟ ସତ୍ୟର ଅବତାର ହୋଇଥା'ନ୍ତି । କିନ୍ତୁ ଲୋକମାନେ ଏହାକୁ ଧରି ନେଇ ବ୍ୟବସାୟ କରନ୍ତି । ଏକ ପ୍ରକାର ରାଜନୈତିକ ସଙ୍ଗଠନ ତିଆରି କରନ୍ତି । ସେମାନଙ୍କ ଦ୍ୱାରା ଏହି ଧର୍ମ ଏକ ସରକାର, ନୀତି ଓ ନିୟମ ଦ୍ୱାରା, ପ୍ରଥା ଓ ଅନ୍ଧବିଶ୍ୱାସ ଦ୍ୱାରା, ଏହାର ରୀତିନୀତି ଓ ଉତ୍ସବ ଦ୍ୱାରା ବାନ୍ଧି ହୋଇଯାଏ, ଏହା ଅନୁଗତମାନଙ୍କ ଉପରେ ଲଦି ହୋଇଯାଏ, ସବୁକିଛି ଚରମ ଓ ଅନତିକ୍ରମଣୀୟ ।'' ଏହା ସତେ କି ମନୁଷ୍ୟଜାତିର ମୁକ୍ତି ପାଇଁ ଏକ ପୁଙ୍ଖାନୁପୁଙ୍ଖ ପ୍ରକ୍ରିୟା । ଏହିପରି ଭାବରେ ସମଗ୍ର ଜୀବନକୁ ଆଧ୍ୟାତ୍ମିକ ଜୀବନରେ ପରିଣତ କରିବାର ପ୍ରଥମ ଓ ସ୍ୱତଃସ୍ଫୂର୍ତ୍ତ ଶକ୍ତିଶାଳୀ ପ୍ରଚେଷ୍ଟା ଏକ ବାହ୍ୟ ପ୍ରକ୍ରିୟା ପାଖରେ ନିଜକୁ ହରାଇ ଦିଏ । ଏକ ଆଶ୍ରୟସ୍ଥଳ କବରରେ ପରିଣତ ହୁଏ । ଶ୍ରୀମା ପୁଣି କହିଥିଲେ, ''ଯଦି ବୁଦ୍ଧ ଫେରି ଆସି ଦେଖନ୍ତି, ତାଙ୍କ ଶିକ୍ଷାର ଅବସ୍ଥା କ'ଣ ହୋଇଛି, ତେବେ ସେ ସଙ୍ଗେ ସଙ୍ଗେ ନିର୍ବାଣ ଭିତରକୁ ଦୌଡ଼ି ପଳାଇବେ । ଯଦି ଯିଶୁଖ୍ରୀଷ୍ଟ ଫେରି ଆସି ଦେଖିବେ ଯେ ତାଙ୍କର ଶିକ୍ଷା ଉପରେ କି ପ୍ରକାର ଗଠନକୁ ଲଦି ଦିଆ ଯାଇଛି, ସେ ନିଜେ ଯାହା ଶିକ୍ଷା ଦେଇଥିଲେ ତାକୁ ଆଉ ଚିହ୍ନି ପାରିବେ ନାହିଁ ।''

କୌଣସି ଧର୍ମର ମନ୍ଦ ଦିଗ ସମ୍ବନ୍ଧରେ କହିବା ବେଳେ ଶ୍ରୀମା ସଙ୍ଗେ ସଙ୍ଗେ କହୁଥିଲେ, ''ଏହା କିନ୍ତୁ ସେହି ଧର୍ମର ଗୋଟିଏ ବିଭାବ ମାତ୍ର ।'' କିନ୍ତୁ ଶ୍ରୀମା ସମସ୍ତ ଧର୍ମକୁ ଅଧ୍ୟୟନ କରୁଥିଲେ, ଯେକୌଣସି ମହାଦେଶ ହେଉ, ଯେକୌଣସି ଧର୍ମ ହେଉ, ସେ ଅଞ୍ଚଳର ଧର୍ମପୀଠକୁ ଦେଖୁଥିଲେ ଓ ପ୍ରତି ଜାଗାରେ ଯାହା ଦେଖୁଥିଲେ, ତୁଳନା କରୁଥିଲେ, ଲିପିବଦ୍ଧ କରୁଥିଲେ ।

– ପ୍ରୋଟେଷ୍ଟାଣ୍ଟମାନଙ୍କର ମନ୍ଦିରରେ ସେ ଦେଖିଛନ୍ତି, ''ଏହା ମନ ନିକଟରେ ଅଟକି ରହିଛି, ଅଧିକ କିଛି ନାହିଁ – ଶୁଷ୍କ ଗୋଟିଏ ମନ ଏବଂ ପଛରେ କିଛି ନାହିଁ ।''

– କାଥୋଲିକ୍‌ମାନଙ୍କର ଗୀର୍ଜା ଓ କାଥେଡ୍ରାଲ୍ ଉପରେ ଅନେକ କିଛି ନିର୍ଭର କରେ – ସବୁକିଛି ମିଶ୍ରିତ ଥାଏ ।

– ''ବୌଦ୍ଧ ମନ୍ଦିରସବୁ ଖୁବ୍ ଭଲ ।'' ମା' କହିଥିଲେ, ''ସ୍ୱାଭାବିକ ଭାବରେ ନାସ୍ତିବାଦ, କିନ୍ତୁ ବାତାବରଣ ଖୁବ୍ ଏକାଗ୍ର, ଏକ ଆନ୍ତରିକ ପ୍ରଚେଷ୍ଟା ।''

– ଭାରତର ମନ୍ଦିରରେ – ''ମୁଁ ସବୁ ପ୍ରକାର କଥା ଦେଖିଛି ।...''

ପରେ ଶ୍ରୀମା ସେ ବିଷୟରେ ଆଲୋଚନା କରିଛନ୍ତି । ମା' ଖୁବ୍ ଦୁଃଖିତ ହୋଇ କହିଥିଲେ ଯେ, ''ଯେଉଁମାନେ ବିଶେଷ ଦକ୍ଷତା ନେଇ ଆସିଥିଲେ, ବିଶେଷ କରୁଣାର ସହିତ – ଯେଉଁମାନେ ମଣିଷଙ୍କୁ ସେମାନଙ୍କର ସାଧାରଣ ନିଗଡ଼ରୁ ବାହାର କରି ଆଣିବାକୁ ଚେଷ୍ଟା କରୁଥିଲେ, ସେମାନେ ପ୍ରାୟ ନିର୍ଯାତିତ ହେଉଥିଲେ, ସହିଦ ହୋଇ ଯାଉଥିଲେ, ଜୀବନ୍ତ ଦଗ୍ଧ ହେଉଥିଲେ, କ୍ରୁଶରେ ଚଢ଼ା ଯାଉଥିଲେ ।''

ଶ୍ରୀମା ବାହାଇ ଧର୍ମର ପ୍ରଚାରକ ବାହାଉଲ୍ଲାଙ୍କୁ ଖୁବ୍ ସମ୍ମାନ କରୁଥିଲେ, ତାଙ୍କର ପୁଅ ଅବଦୁଲ୍ ବାହାଙ୍କୁ ଶ୍ରୀମା ଭଲ ଭାବରେ ଜାଣିଥିଲେ । ସେ କାରାଗାରରେ ଜନ୍ମ ହୋଇଥିଲେ, ଚାଳିଶ ବର୍ଷ ଧରି କାରାଗାରରେ ଥିଲେ । ଏହି ଧର୍ମ ଦ୍ୱାରାହିଁ ଇସଲାମ ଧର୍ମର ସଂସ୍କାର ଆସିଥିଲା, କିନ୍ତୁ ଧର୍ମାନ୍ତର ନେଉଥିବା ପ୍ରଥମ ବ୍ୟକ୍ତିମାନେ ନିଜର ଜୀବନ ଦାନ କରୁଥିଲେ । ଅବଦୁଲ୍ ବାହା ଜଣେ ବ୍ୟକ୍ତିଙ୍କ ସମ୍ବନ୍ଧରେ କହୁଥିଲେ, ଯେ କି ବାହାଇ ଧର୍ମ ଗ୍ରହଣ କରିଥିବାରୁ ତାଙ୍କୁ ଦଣ୍ଡ ଦିଆଯାଇଥିଲା, ତାଙ୍କର ସାରା ଦେହରେ ମହମବତୀ ଜଳାଇ ଦିଆଗଲା । ମହମବତୀଗୁଡ଼ିକ ତରଳି ଚମ ଉପରେ ପଡ଼ିବାକୁ ଆରମ୍ଭ କଲା । ସେତିକିବେଳେ ଅବଦୁଲ୍ ବାହା ତାଙ୍କୁ ତାଙ୍କର ଯନ୍ତ୍ରଣା ସମ୍ବନ୍ଧରେ ପଚାରିବାରୁ, ସେ ଉତ୍ତର ଦେଲେ, ''ଯନ୍ତ୍ରଣା ? ଏହା ତ ମୋ' ଜୀବନର ସୁନ୍ଦରତମ ମୁହୂର୍ତ୍ତ !'' ଯେଉଁମାନେ ଧର୍ମ ପ୍ରଚାରକ ଓ ସଂସ୍କାରକ ସେମାନେ ଜୀବନକୁ ଏହିଭଳି ଉତ୍ସର୍ଗ କରି ଦେଉଥିଲେ । ବୁଦାରଦିମ୍, ଖ୍ରୀଷ୍ଟିଆନ

ଧର୍ମ ଓ ଇସଲାମ ଧର୍ମର ଉତ୍ସ କାଳକ୍ରମେ ଆତଙ୍କବାଦର ଉତ୍ସ ସହିତ ମିଶି ଯାଇଛି ବୋଲି ଶ୍ରୀମା କହୁଥିଲେ ।

କିନ୍ତୁ ଏଇଭଳି ଭାବରେ ଯେଉଁ ସୀମାବଦ୍ଧ, ବିକୃତ, ନିର୍ମମ, ନିଷ୍ଠୁର ଧର୍ମ ସବୁ ରହିଛି, ତାହାର ବନ୍ଧନରୁ ମୁକ୍ତ ହେବା, ତା'ର ସକଳ ସୀମାକୁ ଅତିକ୍ରମ କରିବାହିଁ ଅପରିହାର୍ଯ୍ୟ ଆବଶ୍ୟକତା – ଏହି ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁହିଁ ଶ୍ରୀମା ଓ ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଅବତରଣ କରିଥିଲେ ।

(ସୁଜାତା ନାହାରଙ୍କର ରଚିତ
'କଳାକାର ମୀରା'ରୁ ସଂଗୃହୀତ)

ଶ୍ରୀଅରବିନ୍ଦ ଇତିହାସର ଅନ୍ତର୍ଭୁକ୍ତ ନୁହନ୍ତି; ସେ ଇତିହାସର ସମ୍ପୂର୍ଣ୍ଣ ବାହାରେ ଓ ତାହାର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ।

ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଧର୍ମ ଓ ଆଧ୍ୟାତ୍ମିକତା ବରାବର ଅତୀତର ବିଶିଷ୍ଟ ମହାପୁରୁଷଗଣଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା, ଏବଂ ସେମାନେ ପାର୍ଥିବ ଜୀବନର ପ୍ରତ୍ୟାଖ୍ୟାନକୁ ''ସର୍ବଶ୍ରେଷ୍ଠ ଲକ୍ଷ୍ୟ'' ରୂପେ ଉପସ୍ଥାପିତ କରିଥିଲେ । ତେଣୁ ବାଛିବା ସକାଶେ ତୁମ ଆଗରେ କେବଳ ଦୁଇଟି ବିଷୟ ଥିଲା : ହୁଏତ

– ଏହି ପୃଥିବୀପୃଷ୍ଠରେ ଏକ ଜୀବନ ଯାହାକି ଚିରାଚରିତ ସୁଖ-ଦୁଃଖ, ଆନନ୍ଦ ଓ ଯାତନାର ପୁନରାବୃତ୍ତି ବ୍ୟତୀତ ଅଧିକ କିଛି ନୁହେଁ ଏବଂ ଏଠାରେ ଯଦି ତୁମେ ଠିକ୍ ରୂପେ ଆଚରଣ ନକରିବ ତେବେ ନରକର ଭୟ ପ୍ରଦର୍ଶନ କରାହେଉ ଥିଲା,  ନଚେତ୍

– ଅନ୍ୟ ଏକ ଜଗତ୍, ମୋକ୍ଷ, ନିର୍ବାଣ ବା ସ୍ୱର୍ଗ ମଧ୍ୟକୁ ପଳାୟନ । ...

ଏହି ଦୁଇଟି ମଧ୍ୟରୁ ବାସ୍ତବିକ ବାଛିବାର ବିଶେଷ କିଛି ନାହିଁ, ଦୁଇଟିଯାକହିଁ ସମାନ ଭାବେ ମନ୍ଦ ।

ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଏହି ମୌଳିକ ଭ୍ରାନ୍ତିହିଁ ଭାରତର ଦୁର୍ବଳତା ଓ ଅବନତିର କାରଣ ହୋଇଛି । ବୌଦ୍ଧଧର୍ମ, ଜୈନଧର୍ମ ଓ ମାୟାବାଦ ଗୋଟିଏ ଦେଶର ସମସ୍ତ ଶକ୍ତିକୁ ନିଃଶେଷ କରିଦେବା ପାଇଁ ଯଥେଷ୍ଟ ।

ଏହା ସତ୍ୟ ଯେ ସମଗ୍ର ପୃଥିବୀରେ ଭାରତହିଁ ଏକମାତ୍ର ଦେଶ ଯାହା ଜାଣେ ଯେ **ଜଡ଼** ଅପେକ୍ଷା ଅନ୍ୟ କିଛି ରହିଛି । ୟୁରୋପ, ଆମେରିକା ଆଦି ଅନ୍ୟାନ୍ୟ ଦେଶ ଏହି ସତ୍ୟକୁ ପୂର୍ଣ୍ଣତଃ ଭୁଲି ଯାଇଛନ୍ତି । ... ତେଣୁ ପୃଥିବୀ ସକାଶେ ଏକ ବାର୍ତ୍ତା ସଂରକ୍ଷଣ କରିବା ଓ ପ୍ରଦାନ କରିବାର ଦାୟିତ୍ୱ ଭାରତ ଉପରେହିଁ ରହିଛି । କିନ୍ତୁ ବର୍ତ୍ତମାନ ସେ ବିଭ୍ରାନ୍ତିର କର୍ଦ୍ଦମରେ ପଡ଼ି ଛଟପଟ ହେଉଛି ।

ଶ୍ରୀଅରବିନ୍ଦ ଦେଖାଇଛନ୍ତି ଯେ ପାର୍ଥିବ ଜୀବନରୁ ପଳାୟନ କରିବାରେ ଚରମ ସତ୍ୟ ନାହିଁ କିନ୍ତୁ ପୃଥିବୀପୃଷ୍ଠରେ ରହି ତାକୁ ଏପରି *ରୂପାନ୍ତରିତ ଓ ଦିବ୍ୟତ୍ୱରେ ପରିଣତ* କରିବାକୁ ହେବ ଯେପରିକି **ଏହିଠାରେ**, ଏହି **ଜଡ଼ ପୃଥିବୀ**ରେହିଁ ଭଗବାନ୍ ନିଜକୁ ପୂର୍ଣ୍ଣତଃ ଅଭିବ୍ୟକ୍ତ କରିପାରିବେ ।

(CWM, Vol. 12, p. 210 - 211) — ଶ୍ରୀମା

# ଚିତ୍ତ ଚିନ୍ତନରେ ମାତୃଚେତନା

## ଶ୍ରୀ ରବୀନ୍ଦ୍ର ନାଥ ଦାସ

ଚିତ୍ତଭାଇ (ପ୍ରଖ୍ୟାତ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ ୩.୧୦.୧୯୨୩ – ୧୬.୧.୨୦୧୧)ଙ୍କୁ ଅନ୍ତରରେ ଶ୍ରଦ୍ଧା କରୁଥିବା ଏବଂ ତାଙ୍କର ବହୁ ଆୟାମଯୁକ୍ତ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ଆପଣାକୁ ବିଭବଶାଳୀ କରି ପାରିଥିବା ବ୍ୟକ୍ତି ବିଶେଷଙ୍କ ସଂଖ୍ୟା ବାସ୍ତବରେ ଅସୁମାରି । ବହୁ ପ୍ରଜ୍ଞ ତଥା ବହୁ ଉଚ୍ଚତାସମ୍ପନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ଚିତ୍ତଭାଇଙ୍କ ପାଖକୁ ଭିନ୍ନ ଭିନ୍ନ ସମୟରେ ପୁଣି ଭିନ୍ନ ଭିନ୍ନ ଆବଶ୍ୟକତାକୁ ନେଇ କେତେ କେତେ ସାହିତ୍ୟିକ, ସମାଲୋଚକ, ଶିକ୍ଷାବିତ୍, ଭାଷାତତ୍ତ୍ୱବିତ୍, ବିଦ୍ୟାନୁରାଗୀ, ପ୍ରକାଶକ, ସାମାଜିକ କର୍ମୀ, ମାନସିକ ରୋଗୀ, ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ, ସମ୍ବାଦପତ୍ର ପ୍ରକାଶକ ଆଦି ତାଙ୍କ ପାଖକୁ ଆସି କେତେ ଭାବରେ ସମୃଦ୍ଧ ହୋଇଥିବାର କଥା ଊଣାଧିକେ ସମସ୍ତଙ୍କୁ ଜଣା । ଓଡ଼ିଶା ମୁଲକରେ ଏ ସମସ୍ତଙ୍କ ଠାରୁ ବହୁଗୁଣ ଅଧିକ ବ୍ୟକ୍ତିବିଶେଷ ଭିନ୍ନ ଏକ ହେତୁରୁ ମଧ୍ୟ ତାଙ୍କ ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ରହିଛନ୍ତି, ତାଙ୍କ ସାନ୍ନିଧ୍ୟ ପାଇ କୃତାର୍ଥ ହୋଇଛନ୍ତି । ପରସ୍ପର ମଧ୍ୟରେ ଚେତନାର ଆଦାନ ପ୍ରଦାନ କାରଣରୁ ସେହି ହେତୁ ପରମୁହୂର୍ତ୍ତ-ମାନଙ୍କରେ ସୁଦୃଢ଼ ସେତୁକୁ ରୂପାନ୍ତରିତ ହୋଇ ଯାଇଛି । ବୟସ, ଲିଙ୍ଗ, ଶିକ୍ଷାଗତ ଯୋଗ୍ୟତା, ପଦପଦବୀ ଆଦି ନିର୍ବିଶେଷରେ ସମସ୍ତ ଗ୍ରହୀତା ଏବଂ ଦାତା ଉଭୟେ ଉଭୟଙ୍କ ଭିତରକୁ ପ୍ରସରି ଯାଇଛନ୍ତି । ସମ୍ପର୍କର ଡୋର ଅଧିକରୁ ଅଧିକ ମଜଭୁତ ହୋଇଛି । ସେହି ଡୋରକୁ ଆମେ ମାତୃଚେତନା ବୋଲି କହିପାରିବା । ମାତୃଚେତନାସିକ୍ତ ସେହି ବ୍ୟକ୍ତିମାନେ ପ୍ରଥମେ କେବେ ଏବଂ କି ପ୍ରକାର ପରିସ୍ଥିତିରେ, ପୁଣି କିପରି ତାଙ୍କ ସାମୀପ୍ୟ ପାଇଥିଲେ, ସେମାନଙ୍କର ତାଙ୍କ ପ୍ରତି ଏବଂ ତାଙ୍କର ସେମାନଙ୍କ ପ୍ରତି ଆକର୍ଷଣର ହେତୁ କ'ଣ ଥିଲା ଆଦି ସିଂହାବଲୋକନ କଲେ ସେହି ସଂଯୋଗ ସେତୁଟି ସେମାନଙ୍କ ସମ୍ମୁଖରେ ଅବଶ୍ୟ ଦୃଶ୍ୟମାନ ହୋଇ ଉଠିବ । ସମ୍ଭବତଃ ତାହାହିଁ ତାଙ୍କ ଅବର୍ତ୍ତମାନରେ ମଧ୍ୟ ସେମାନଙ୍କୁ ତାଙ୍କ ସହିତ ଏଭଳି ନିବିଡ଼ ଭାବରେ ଗଅଁଠାଇ ଧରିଛି । ସେମାନେ ତାଙ୍କ ଆଡ଼କୁ ମୁହାଁଇ ଯିବା ଅଥବା ସେ ଏମାନଙ୍କ ଆଡ଼କୁ ଅବନତ ହୋଇ ଆସିବାରୁ ଏ ଯୋଗାଯୋଗ ସମ୍ଭବ ହୋଇଛି ବୋଲି ମୋଟେ ଜୋର୍ ଦେଇ କହିହେବ ନାହିଁ । ସେମାନେ ଆପଣା ଆପଣା ଅନୁଭବକୁ ପାଥେୟ କରି ଆତ୍ମଅବଲୋକନ କଲେ ସେମାନଙ୍କର ଅବିଳମ୍ବେ ହୃଦ୍‌ବୋଧ ହୋଇଯିବ ଯେ ଉଭୟଙ୍କ ଭିତରେ ଉପସ୍ଥିତ ସେହି ଅନିର୍ବଚନୀୟ ମାତୃଚେତନାହିଁ ସେମାନଙ୍କ ସଂଯୋଗର କାରକ । ଚିନ୍ତାନାୟକ ଚିତ୍ତରଞ୍ଜନଙ୍କ ଭିତରେ ଏହି ଚେତନା କେବେଠାରୁ ପୁଣି କିପରି ସଞ୍ଜାତ ହେଲା ଏବଂ ତାଙ୍କୁ ମାଧ୍ୟମ କରି କେତେ କ'ଣ କରିବାରେ ସମର୍ଥ ହେଲା, ସେକଥା କିଏ ଅବା କଳି ପାରିବ ? ତେବେ ସେହି ମାତୃଚେତନାର ପ୍ରଭାବରେ ପ୍ରଭାବିତ ହୋଇ ଚିତ୍ତଭାଇ ଉତ୍ତର ପିଢ଼ି ଲାଗି ଯାହାସବୁ ଛାଡ଼ି ଯାଇଛନ୍ତି, ଆଜି ଆମ ଲାଗି ଉପଲବ୍ଧ ସେହି ସ୍ତୂପୀକୃତ ମୁଦ୍ରିତ ବାଙ୍ମୟ ସମ୍ଭାରରୁ ସାମାନ୍ୟ କିଛି ସାଉଁଟି ଆଣିବାର ଏହି ପ୍ରୟାସର ଶୀର୍ଷକ, 'ଚିତ୍ତ ଚିନ୍ତନରେ ମାତୃଚେତନା' ।

ଅତି ଆପଣାର ନିକଟ ସମ୍ପର୍କୀୟ ବ୍ୟକ୍ତିମାନେ ଉତ୍ତମ ମୁହୂର୍ତ୍ତଗୁଡ଼ିକରେ ପରସ୍ପରକୁ ବିଭିନ୍ନ ପ୍ରକାର ଆକର୍ଷଣୀୟ ଉପଢ଼ୌକନମାନ ଦେଇ ଗ୍ରହୀତାଙ୍କ ମାନସ ରାଜ୍ୟରେ ଅଲିଭାଦାଗମାନ ଛାଡ଼ିଦେଇ ଯିବାର ପରମ୍ପରା ସମଗ୍ର ବିଶ୍ୱରେ କାହିଁ କେଉଁ କାଳରୁ ଚଳି ଆସୁଅଛି । ପିଲାଠୁଁ ବୁଢ଼ା ପର୍ଯ୍ୟନ୍ତ ତାଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତି ବିଶେଷଙ୍କୁ ଚିତ୍ତଭାଇ ଏସବୁଠାରୁ ବହୁଗୁଣ ଅଧିକ ମହାର୍ଘ୍ୟ ଦ୍ରବ୍ୟମାନ ଅଯାଚିତ ଭାବରେ ଦେଇ ସେମାନଙ୍କ ଭାବ ରାଜ୍ୟରେ ସେମାନଙ୍କ ଲାଗି ଏକ ଅବିସ୍ମରଣୀୟ ଇସ୍ତାହାର ଛାଡ଼ି ଯାଇଛନ୍ତି । ମାତୃଚେତନାର ଚିତ୍ରଭାନୁ ଚିତ୍ତଭାଇଙ୍କର ସେହି ଅମୂଲ୍ୟ ସନ୍ତକ ସେମାନଙ୍କୁ କେତେ ଭାବରେ ସକ୍ରିୟ କରି ରଖିଛି । ତାହାରି ମାଧ୍ୟମରେ ଅଗଣିତ ମାତୃପ୍ରେମୀଙ୍କ ଚେତନାରେ ଚିର ଜାଗ୍ରତ୍ ହୋଇ ରହିଛନ୍ତି ଚିତ୍ତଭାଇ । ଆମେ ତାକୁ ଏହି ଅଗଣିତ ନବ-ଦୀକ୍ଷିତମାନଙ୍କ ଲାଗି ଚିତ୍ତଭାଇଙ୍କର 'ଚେତନା ଭେଟି' ବୋଲି କହିପାରିବା ।

ନବଦୀକ୍ଷିତମାନଙ୍କ ଭିତରକୁ ଆପଣାର ଅନୁଭୂତି ସମ୍ଭୂତ ଅଙ୍ଗୀଭୂତ ମାତୃଚେତନାର ସହଜ ସଂକ୍ରମଣ ଉଦ୍ଦେଶ୍ୟରେ ସର୍ବସାଧାରଣଙ୍କ ମଧ୍ୟରେ ଅତି ସାଧାରଣ ହୋଇ କାନ୍ଥିଭରାଁରୀରୁ କୋରାପୁଟ ପର୍ଯ୍ୟନ୍ତ ଓଡ଼ିଶାର ଭିନ୍ନ ଭିନ୍ନ ପ୍ରାନ୍ତାଙ୍ଗ

ଶିକ୍ଷାକେନ୍ଦ୍ରଗୁଡ଼ିକରେ ବର୍ଷକୁ ଦୁଇଥର ଶ୍ରମଶିବିରର ଆୟୋଜନ କରି ଅପନ୍ତରାରେ ଅସ୍ଥାୟୀ ଡେରା ପକାଇ ଦଶ ଦଶ ଦିନ ଏମାନଙ୍କ ସହିତ ଏକାଠି ରହୁଥିଲେ ଚିତ୍ତଭାଇ । ସମସ୍ତଙ୍କୁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ମୂଳ ରଚନାରୁ ନିର୍ବାଚିତ ଅଂଶମାନ ପ୍ରତିଦିନ ଚାରି ଘଣ୍ଟା ଧରି ପଢ଼ାଇ ପ୍ରାଞ୍ଜଳ ଭାବରେ ବୁଝାଇ ଦେବା ସହିତ ଦିବ୍ୟ ଜୀବନର ଆହ୍ୱାନକୁ ଅନବରତ ସେମାନଙ୍କ କର୍ଣ୍ଣଗୋଚର କରାଉଥିଲେ । ପ୍ରତ୍ୟେକଙ୍କୁ ଆପଣା ଆପଣା ସଂସ୍କାରର ଗମ୍ଭୀରା ଭିତରୁ ବାହାରି ଆସିବାକୁ ଆହ୍ୱାନ ଦେଇ ସେମାନଙ୍କ ହୃଦୟ କନ୍ଦରରେ ମାତୃଚେତନା ପ୍ରତି ଭକ୍ତିଭାବ ଜାଗ୍ରତ୍ କରାଇ ସେମାନଙ୍କୁ ଜ୍ଞାନ ଏବଂ କର୍ମାଭିମୁଖୀ କରାଉଥିଲେ । ସମସ୍ତଙ୍କୁ ପାହାନ୍ତିଆରୁ ଉଠାଇ ତାଙ୍କ ସହିତ ସମସ୍ୱରରେ ରବୀନ୍ଦ୍ର ସଙ୍ଗୀତ ସମେତ ଅନ୍ୟାନ୍ୟ ଭକ୍ତି ସଙ୍ଗୀତ ବୋଲାଇ ସେମାନଙ୍କ ଜାଡ୍ୟତା ଭାଙ୍ଗି ଦେଉଥିଲେ । ସଙ୍ଗୀତଗୁଡ଼ିକୁ ସମସ୍ତଙ୍କ ହାତ ପାହାନ୍ତାରେ ଉପଲବ୍ଧ କରାଇବା ଲାଗି ବିଭିନ୍ନ ଆଡୁ ସଂଗ୍ରହ କରି ଏବେ ତ୍ରୟୋଦଶ ସଂସ୍କରଣରେ ପହଞ୍ଚିଥିବା ''ଆସ ଗୀତ ଗାଇବା'' ବହିଟି ତାଙ୍କର ମାନସ ସନ୍ତାନ । ଶିବିର କାଳରେ ଗୋଟିଏ ଥାଳିରୁ ସମସ୍ତେ ଏକାବେଳକେ ହାତ ପୂରାଇ ଚୁଡ଼ା, ମୁଢ଼ି ଆଦି ଖାଉଥିଲେ । ନାନାରକମର କଥାବାର୍ତ୍ତା, ଗପସପ ତଥା ଗୀତ ଗାଉଥିବା ବେଳେ ଖୋଲା ହୋଇଥିବା ମାଟି ଗାଣ୍ଡୁଆମାନ ସମସ୍ତଙ୍କର ହାତକୁ ହାତ ହୋଇ ଶେଷରେ ତାଙ୍କ ହାତ ଦେଇ ଯାଇ ଠିକଣା ଥାନରେ ପଡ଼ି ଯାଉଥିଲା ଏବଂ ସେମାନଙ୍କ ଶ୍ରମବିମୁଖତା ସେହି ମାଟି ସହିତ ସମାଧି ଲଭୁଥିଲା । ବେଳେବେଳେ ଖବିସା କଥାମାନ କହି ହସେଇ ହସେଇ ସମସ୍ତଙ୍କୁ କୁତୁରୁକାଳିଆ କରି ପକାଉଥିଲେ । ଯେଉଁ କଥାମାନ ଅନ୍ୟ କାହା ଆଗରେ ସହଜରେ କହି ହୁଏ ନାହିଁ, ସେସବୁ ଅତ୍ୟନ୍ତ ଭରସାର ସହିତ ତାଙ୍କ ପାଖରେ ନିଃସଙ୍କୋଚରେ କହି ହୋଇ ଯାଉଥିଲା । ପୁଣି କେହି କେହି ଗେଲବସରିଆ ହୋଇ ଯାଉଥିବାର ତାଙ୍କ ନଜରକୁ ଆସିଲେ ବେଳଉଣ୍ଡି କେତେ ପ୍ରକାର ଦାବନ ଦେଇ ସେ ସମସ୍ତଙ୍କୁ ଚିଆଁଇ ଦେଉଥିଲେ । କଥା ନହସରେ ପୃଥିବୀଯାକ ବୁଲାଇ ବୁଲାଇ ପୁଣି ମୂଳକୁ ଫେରାଇ ଆଣୁଥିଲେ । ସମସ୍ତେ କିପରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ମୂଳଗ୍ରନ୍ଥଗୁଡ଼ିକୁ ଆଗ୍ରହରେ ପଢ଼ିପାରିବେ, ସେଥିଲାଗି କେତେ ପ୍ରକାର ବ୍ୟକ୍ତିଗତ ପରାମର୍ଶମାନ ଦେଇ ସମସ୍ତଙ୍କୁ ସେଥିଲାଗି ମଣ କରି ଆଣୁଥିଲେ । ପ୍ରତ୍ୟେକଙ୍କୁ ପଢ଼ିବା ଓ ଲେଖିବାରେ ପୋଖତ କରି ତିଆରି କରିବା ଲାଗି ନିରନ୍ତର ପ୍ରୟାସ କରି ଚାଲିଥିଲେ ସେ । କାଳେ କେତେବେଳେ ସେମାନେ ପୂଜାପାର୍ବଣ ଏବଂ ଧର୍ମୀୟ କ୍ରିୟାକର୍ମରେ ବାନ୍ଧି ହୋଇ ଅଟକି ଯିବେ ସେଥିଲାଗି ଅହରହ ସେମାନଙ୍କ କାନରେ ଆଧ୍ୟାତ୍ମିକ ଜାଗରଣର ପଦ୍ମତୋଳା ବୋଲି ସେମାନଙ୍କ ଭିତରେ ସୁପ୍ତ ମାତୃଚେତନାକୁ ଜାଗ୍ରତ୍ କରାଉଥିଲେ ଚିତ୍ତ ଭାଇ । ଏହିଭଳି ବହୁବିଧ ବ୍ୟକ୍ତିଗତ ସଂକ୍ରମଣରେ ଅଭିନିବିଷ୍ଟ ହୋଇ ସେମାନେ ତାଙ୍କୁ 'ଆମ ଚିତ୍ତଭାଇ' ବୋଲି କହି ପକାଇ ତାଙ୍କ ଉପରେ ସେମାନଙ୍କ ଅଧିକାର ଜାହିର କରିପକାଉଥିଲେ । ତାଙ୍କ ଅବର୍ତ୍ତମାନରେ ଆଜିକାଲି ତାଙ୍କର ସ୍ମୃତିମନ୍ଥନ ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ଅତି ଜାକଜମକରେ ଉତ୍ସବାନୁଷ୍ଠାନମାନ ଆୟୋଜନ କରୁଛନ୍ତି । ତାଙ୍କର ବହୁ ବହୁ କ୍ଷେତ୍ରକୁ ଅବଦାନ ଲାଗି ଏସବୁ ଆୟୋଜିତ ହେବା ସ୍ୱାଭାବିକ । ସେମାନେ ବି ଏହା ଦ୍ୱାରା ବିଶେଷ ଆହ୍ଲାଦିତ ହେଉଛନ୍ତି । ସେଠାରେ ପ୍ରାବନ୍ଧିକ ଚିତ୍ତରଞ୍ଜନ, ଅନୁବାଦକ ଚିତ୍ତରଞ୍ଜନ, ଚିନ୍ତାନାୟକ ଚିତ୍ତରଞ୍ଜନ, ଶିକ୍ଷାବିତ୍ ଚିତ୍ତରଞ୍ଜନ, ଓଡ଼ିଶାର ସକ୍ରେଟିସ୍ ଚିତ୍ତରଞ୍ଜନ, ପ୍ରାୟ ଦ୍ୱି-ଶତାଧିକ ମୂଲ୍ୟବାନ୍ ପୁସ୍ତକର ସର୍ଜନାକାର ଚିତ୍ତରଞ୍ଜନ ଆଦି ଚିତ୍ତ-ପାର୍ବଣର ଏହି ଭିଡ଼ ଭିତରେ ଶ୍ରୀମାତୃଚେତନାସିକ୍ତ ଚିତ୍ତରଞ୍ଜନଙ୍କୁ ଖୋଜି ପାଇବା ଯେ କାଠିକର ପାଠ ହୋଇ ପଡୁଛି ସେକଥା ଅନେକେ ଅବଶ୍ୟ ହୃଦ୍‌ବୋଧ କରୁଥିବେ । ଫଳଭାରରେ ଆନତ ବୃକ୍ଷ ପରୋପକାରରେ ଆପଣାର ତର୍ପଣ ଖୋଜୁଥିବା ସଦୃଶ ମାତୃଚେତନାସିକ୍ତ ଚିତ୍ତଭାଇ ଗ୍ରହୀଷ୍ଣୁମାନଙ୍କର ଚେତନା ସ୍ତରକୁ ଅକ୍ଲେଶରେ କିପରି ଅବତରଣ କରି ଆସିପାରୁଥିଲେ, ସେହି ମର୍ମକୁ ଯେଉଁ ଚିତ୍ତାନୁରାଗୀ ଭେଦିପାରି ନାହିଁ, ସେହି ଚିତ୍ତଭାଇଙ୍କୁ ଯିଏ ତଥାପି ଚିହ୍ନି ପାରି ନାହିଁ, ତା'ର ଚିତ୍ତଭାଇଙ୍କୁ ଚିହ୍ନିବାରେ ପୂର୍ଣ୍ଣତା ଆସି ନାହିଁ ବୋଲି କହିହେବ ।

୧୯୭୨ରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ଜନ୍ମ-ଶତବାର୍ଷିକୀ ସମ୍ବତ୍ସର ଅବସରରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀର ନବଜ୍ୟୋତି କାର୍ଯ୍ୟାଳୟ ତରଫରୁ ୧୯୭୦ରେ ଚିତ୍ତଭାଇଙ୍କ ଉପରେ ଯେଉଁ ଅନୁବାଦ କାର୍ଯ୍ୟ ନ୍ୟସ୍ତ-କରାଯାଇଥିଲା, ତାହାରି ମାଧ୍ୟମରେ ସେ ମାତୃଚେତନାର ବଳୟ ଭିତରକୁ ପ୍ରବେଶ କରିଥିଲେ ବୋଲି ଯେଉଁ ତଥ୍ୟ ଏପର୍ଯ୍ୟନ୍ତ ଲିଖିତ ଭାବରେ ଉପଲବ୍ଧ ଏବଂ ବହୁଳ ଭାବରେ ପ୍ରଚାରିତ, ତାହା ବାସ୍ତବରେ ସତ୍ୟର ଅପଳାପ ବୋଲି କହିହେବ । କାରଣ ତା'ର ବହୁପୂର୍ବରୁ ଏପରିକି ୧୯୫୯ରେ

ତାଙ୍କର ପ୍ରଥମ ହିମାଳୟ ଦର୍ଶନ ପୂର୍ବରୁ ଜୀବନ ବିଦ୍ୟାଳୟରୁ ଆପଣାକୁ ଅପସରାଇ ଆଣିବାର ଠିକ୍ ପରେ ପରେ ସେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ ଯାଇ ମାତୃଚେତନାରେ ଅଭିଷିକ୍ତ ହୋଇଥିଲେ ବୋଲି ତାଙ୍କ ସ୍ୱରଚିତ ପ୍ରବନ୍ଧ ''ତୀର୍ଥ ଦର୍ଶନ''ରୁ ସୂଚନା ମିଳେ । ଆତ୍ମଜୀବନୀ ଅଥବା ଅନ୍ୟ କେଉଁଠାରେ ସେ ଏ ବିଷୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ନଥିଲେ ମଧ୍ୟ ଏହି ପ୍ରବନ୍ଧହିଁ ତାଙ୍କ ଆଶ୍ରମ ଭ୍ରମଣର ପର୍ଯ୍ୟାପ୍ତ ପ୍ରମାଣ ବହନ କରେ । ପ୍ରବନ୍ଧଟି ଆଜିକୁ ୬୬ ବର୍ଷତଳେ ନବଜ୍ୟୋତି କାର୍ଯ୍ୟାଳୟରୁ ଶ୍ରୀଅରବିନ୍ଦଙ୍କ ୮୬ତମ ଜନ୍ମବାସର ଉପଲକ୍ଷେ ୧୯୫୮ ଅଗଷ୍ଟରେ ପ୍ରକାଶିତ 'ନବଜ୍ୟୋତି' ପତ୍ରିକାର ପ୍ରଥମବର୍ଷ, ତୃତୀୟ ସଂଖ୍ୟାରେ ପ୍ରଥମ କରିହିଁ ସ୍ଥାନୀତ ହୋଇଥିଲା । ଲେଖାଟିରେ ତାରିଖ ଉଲ୍ଲେଖ ହୋଇ ନଥିଲେ ମଧ୍ୟ ୧୯୫୮ ଅଗଷ୍ଟ ମାସର ବେଶ୍ ପୂର୍ବରୁ ଯେ ସେ ଶ୍ରୀଅରବିନ୍ଦ ଆଶ୍ରମ ଯାଇ ଏହି ମହାର୍ଘ୍ୟ ଅନୁଭବ ପାଇଥିଲେ ଏବଂ ତା' ଉପରେ ଲେଖାଟିଏ ଲେଖି ପତ୍ରିକାରେ ପ୍ରକାଶନ ଲାଗି ପଠାଇଥିଲେ ଏକଥା ସ୍ପଷ୍ଟ ଅନୁମାନ କରିହୁଏ । ସମ୍ଭବତଃ ଏହାର ସୂତ୍ରଧର ଥିଲେ ୧୯୬୦ ମସିହା ମେ ମାସ ୧ ତାରିଖ ଠାରୁ ଶ୍ରୀମାତୃଦତ୍ତ 'ପ୍ରପତ୍ତି' ନାମରେ ନାମିତ ହୋଇ ଆସୁଥିବା ପ୍ରଫେସର କାଙ୍ଗାଳି ଚରଣ ପତି । କାରଣ ଚିତ୍ତରଞ୍ଜନ ଏବଂ କାଙ୍ଗାଳି ଚରଣ ରେଭେନ୍‌ସା ମହାବିଦ୍ୟାଳୟରେ ଉଭୟେ ସହଧ୍ୟାୟୀ ଥିଲେ । ଅଧ୍ୟୟନ କାଳରେ ବୟସରେ ତାଙ୍କ ଠାରୁ ମାତ୍ର ୫ ମାସ ୨୭ ଦିନ ଅଗ୍ରଜ ଚିତ୍ତରଞ୍ଜନଙ୍କ ଧୀମତ୍ତା ବିଷୟରେ ପ୍ରପତ୍ତିଙ୍କର ଅତି ଉଚ୍ଚ ଧାରଣା ଥିଲା । ତାଙ୍କର ୧୯୪୨ ମସିହା ଅଗଷ୍ଟ ୧୪ ତାରିଖ ଦିନଲିପିରେ ସେ ଉଲ୍ଲେଖ କରିଛନ୍ତି, ''ଚିତ୍ତରଞ୍ଜନ ଦାସ ନାମକ ଜଣେ ଖ୍ୟାତିସମ୍ପନ୍ନ ଛାତ୍ର, ଯିଏ ମାସକୁ ପନ୍ଦର ଟଙ୍କା ବୃତ୍ତି ପାଉଥିଲେ, ସେ ସବୁଦିନ ପାଇଁ କଲେଜ ଛାଡ଼ି ଚାଲି ଯାଇଛନ୍ତି । ସମାଜ ସକାଶେ ସେ ଯେଉଁ ଉତ୍ସର୍ଗର ଉଦାହରଣ ଦେଖାଇଛନ୍ତି ଏବଂ ଯେଉଁ ଆଦର୍ଶ ସେ ଛାତ୍ରସମାଜ ଆଗରେ ରଖିଯାଇଛନ୍ତି ତାହା ବିଶେଷ ମୂଲ୍ୟବାନ୍ । ସେ ଜାତୀୟ ଆନ୍ଦୋଳନ ଦ୍ୱାରା କିପରି ଅନୁପ୍ରେରିତ ହୋଇଛନ୍ତି ତାହା କେହି କଳ୍ପନା କରି ପାରିବେ ନାହିଁ । ପ୍ରତ୍ୟେକ ଛାତ୍ର ଏବଂ ବାଳକ ତାଙ୍କର ଉତ୍ତମ ଏବଂ ମହାନ୍ ଆଦର୍ଶ ଅନୁସରଣ କରିବା ଆବଶ୍ୟକ ।''

(ଶ୍ରୀ ପ୍ରପତ୍ତିଙ୍କ ଛାତ୍ର ଜୀବନର ଡାଇରି, ପୃଷ୍ଠା. ୫୧ ଦ୍ରଷ୍ଟବ୍ୟ)

ଚିତ୍ତଭାଇଙ୍କର ପ୍ରଥମ ଆଶ୍ରମ ଦର୍ଶନ ବେଳକୁ ପ୍ରପତ୍ତି ୧୯୫୪ ମସିହା ସେପ୍ଟେମ୍ବର ୨୯ ତାରିଖରୁ ଶ୍ରୀଅରବିନ୍ଦ ଆଶ୍ରମରେ ବିଧିବଦ୍ଧ ଭାବରେ ଯୋଗଦାନ କରି ସେଠାକାର ଶିକ୍ଷାକେନ୍ଦ୍ରରେ ଦର୍ଶନ ବିଭାଗରେ ଅଧ୍ୟାପନା କରୁଥିଲେ । ଉଭୟେ ସହପାଠୀ ହୋଇଥିବାରୁ ଏବଂ ପତ୍ରାଳାପ ମାଧ୍ୟମରେ ଉଭୟେ ଉଭୟଙ୍କ ଖୋଜଖବର ରଖୁଥିବାରୁ ଜୀବନ ବିଦ୍ୟାଳୟରୁ ଅବସର ପାଇବା ପରେ ଓଡ଼ିଶାର ଏକ ସରକାରୀ ମହାବିଦ୍ୟାଳୟରୁ ମର୍ଯ୍ୟାଦାସମ୍ପନ୍ନ ଅଧ୍ୟାପନା ବୃତ୍ତି ତ୍ୟାଗ କରି ସଦ୍ୟ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରେ ଯୋଗ ଦେଇଥିବା ପ୍ରପତ୍ତିଙ୍କ ଆଶ୍ରମଜୀବନଚର୍ଯ୍ୟା ବିଷୟରେ ଆକର୍ଷିତ ହୋଇ ସେ ଆଶ୍ରମ ଭ୍ରମଣ କରିଥିବା ଏବଂ ପ୍ରପତ୍ତିଙ୍କ ପରାମର୍ଶରେ ତାଙ୍କର ଆଶ୍ରମ ଦର୍ଶନର ଅନୁଭୂତିମୂଳକ ଲେଖାଟିକୁ 'ତୀର୍ଥ ଦର୍ଶନ' ଶୀର୍ଷକରେ ପ୍ରପତ୍ତିଙ୍କ ପାଖକୁ ପଠାଇଥିବା ଅନୁମାନ କରାଯାଇ ପାରେ । ବାଲେଶ୍ୱର କଲେଜର ଜଣେ ଅଧ୍ୟାପକ ବନ୍ଧୁ ସହିତ ଏକ ତୀର୍ଥକାକ ଭଳି ଦୁଇଦିନର ତୀର୍ଥ ଦର୍ଶନ ଯାତ୍ରାରେ ପ୍ରଥମ ଦିନ କାଞ୍ଚିପୁରମ୍‌ର ବିଷ୍ଣୁମନ୍ଦିର ଓ ପକ୍ଷୀତୀର୍ଥ ଦେଖି ତା' ପରଦିନ ତରବରରେ ଆଶ୍ରମ ଦର୍ଶନ ସାରି ସନ୍ଧ୍ୟାରେ ସେଠାରୁ ବାହୁଡ଼ି ଆସିଥିଲେ ମଧ୍ୟ ଆପଣା ଭାଷାରେ ସେ ଉଲ୍ଲେଖ କରିଛନ୍ତି, ''ମୁଁ ତ ଯିବାକୁ ତରବର ହେଉଥାଏ । ତୀର୍ଥକାକ କ'ଣ ତୀର୍ଥର ସବୁ ଦେଖିପାରେ ? ହୁଏତ କେବଳ ଦୃଶ୍ୟହିଁ ଦେଖେ । ଅଦୃଶ୍ୟଟାକୁ ଦେଖିପାରେ ନାହିଁ ।'' ରେଳଗାଡ଼ିରୁ ଓହ୍ଲାଇ ଆଶ୍ରମ ଖୋଜି ଖୋଜି ଚାଲୁ ଚାଲୁ ଆପଣା ଅନୁଭବକୁ ବ୍ୟକ୍ତ କରି ସେ ଲେଖିଛନ୍ତି, ''ଯେଉଁ ମନ୍ଦିରର ଉପରେ କୌଣସି ପତକା ନାହିଁ, ଯେଉଁଠି ପୂଜାରୀକୁ ତା'ର ଚିତା ପଇତାର ପୂଜା-ବଟି ଦେଇ ଚିହ୍ନିବାକୁ ମଣିଷର ଜୁ ନାହିଁ, ସେଠି ମୁଁ ମନ୍ଦିର ପାଇବି କିପରି ? ବାଟ ପଚାରି କେବଳ ଆଗକୁ ଯାଉଥାଏ ।'' ଏମିତି ଚାଲୁ ଚାଲୁ ହଠାତ୍ ଗୋଟିଏ ଜାଗାରେ ଅଟକି ଯାଇ ମନକୁ ମନ ଚୁପ୍ ହୋଇ ଯାଇଛନ୍ତି ଅନ୍ୱେଷୁ ଚିତ୍ତରଞ୍ଜନ । ସେହି ଅନୁଭବକୁ ଭାଷା ଦେଇ ସେ କହିଛନ୍ତି, ''ସେଠି ଅନେକ ଲୋକ ଜମା ହୋଇ ଥାଆନ୍ତି । ସମସ୍ତଙ୍କ ମୁଖ ଆନତ କିନ୍ତୁ ଧ୍ୟାନ ଉପରକୁ । କେଉଁଠି କୌଣସି ତରବର ନାହିଁ କି ତତ୍ପରତା ନାହିଁ । କେବଳ ନିମଗ୍ନ ହୋଇଯିବାର ସକ୍ରିୟତା ରହିଛି । କେବଳ ଆତ୍ମନିବେଦନର ଅବଗାହିତା ରହିଛି । ମୁଁ ବି ଚୁପ୍ ହୋଇଗଲି । ସାନ୍ନିଧ୍ୟର କରାମତି ଇଏ ! ସେଇଥିପାଇଁ ଜୀବନର ଗୋଟାଏ ଗୋଟାଏ କ୍ଷଣରେ ମଣିଷ ହଠାତ୍ ଚୁପ୍ ହୋଇଯାଏ, ହଠାତ୍ ଆପଣା ଭିତରେ ସେସବୁ ସଂଶୟର ଅତୁଆ ତୁଟାଇ ଦିଏ ।

ହଠାତ୍ ସବୁ ପାଏ ଓ ଧନ୍ୟ ହୁଏ । ଦୂରରେ ଥିବା କୌଣସି ଶ୍ରେୟଃ-ସମ୍ପଦ ସତେ ଅବା ତା'ର ଅତି ସନ୍ନିଧାନକୁ ଚାଲି ଆସେ । ମୁହୂର୍ତ୍ତକ ପାଇଁ ହେଲେ ମଧ୍ୟ ସବୁଦିନ ଲାଗି ବାଟ ଦିଶିଯାଏ, ସେଦିନ ହଠାତ୍ ସେ ମେଳରେ ଅଟକି ଯାଇ ସେମିତି ଲାଗିଲା ।''

ଲେଖାଟିର ଶେଷ ଆଡ଼କୁ ଚିତ୍ତରଞ୍ଜନ ଲେଖିଛନ୍ତି, ''ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ସାଧନା ଓ ସାଧନାପୀଠ ବିଶ୍ୱ-ବିଦିତ । ଆଧୁନିକ ଧର୍ମ ଓ ଦର୍ଶନର କାହାଣୀରେ ଏହାର ଏକ ଗୌରବମୟ ଅଧ୍ୟାୟ ଅବଶ୍ୟ ରହିଛି । ... ପଣ୍ଡିଚେରୀ ଆଶ୍ରମରେ ଜୀବନର କୌଣସି ଦିଗକୁ ବାଦ୍ ଦିଆଯାଇ ନାହିଁ । ଏ ଯୋଗକୁ ସମଗ୍ର ଯୋଗ ବୋଲି କହିବାକୁ ହେବ । ... ପଣ୍ଡିଚେରୀର ଭକ୍ତିକୁ ମୁଁ ସାତ୍ତ୍ୱିକ ବୋଲି କହିବି ନାହିଁ । ସାତ୍ତ୍ୱିକରେ ମଧ୍ୟ ଦମ୍ଭ ରହିପାରେ, ଆତୁରତା ଆସିପାରେ, ପଳାଇବାର ଲାଳସା ଆସିପାରେ । ମୁଁ ତାକୁ ମାନବିକ ଭକ୍ତି ବୋଲି କହିବି, ଐଶ୍ୱରିକ ଭକ୍ତି ବୋଲି କହିବି । ଯେଉଁଠି ପ୍ରାୟ ଦେଢ଼ ହଜାର ମଣିଷଙ୍କର କାରବାର ଚାଲିଛି, ଅଥଚ କୌଣସି କୋଳାହଳ ନାହିଁ, ସାଧନା ଚାଲିଛି ଅଥଚ କୌଣସି ବିରକ୍ତି ନାହିଁ, ସେଇଠାରେହିଁ ଐଶ୍ୱରିକ ଭକ୍ତିର ଅନୁଭୂତି ମିଳେ । ଶ୍ରୀଅରବିନ୍ଦଙ୍କ ସମାଧି-ପୀଠରେ ପହଞ୍ଚିବା କ୍ଷଣି, ସେଇଥିଲାଗି ଆପଣା ଭିତରେ ସବୁ ଶାନ୍ତ ହୋଇଯାଏ, ଆପଣାର ଅଗାଧ ଅନୁଭୂତି ଭିତରେ ଆପେ ବୁଡ଼ିଗଲା ପରି ଲାଗେ । ପଣ୍ଡିଚେରୀ ଧ୍ୟାନ ଭକ୍ତିର ପ୍ରତୀକ, ଜୀବନର ସବୁଟିକୁ ଧ୍ୟାନ ଦ୍ୱାରା ଭାଗବତ ସ୍ତରକୁ ଉଠାଇ ନେବାର ପ୍ରଚେଷ୍ଟା ... ପୁରୁଣା ଧର୍ମକୁ ନେଇ ଆଜି ମଧ୍ୟ ଏ ଦେଶରେ ଅନେକ ଧର୍ମହାନି ହେଉଛି । ନାନା ରାଜସିକ ଉପଚାରରେ ଆଜି ମଧ୍ୟ ଏ ଦେଶରେ ଧର୍ମ-ଜିଜ୍ଞାସୁର ଜ୍ଞାନକୁ ବଧିର କରି ଧର୍ମାଚାରର ଘଣ୍ଟ ଢାଉଁ ଢାଉଁ ବାଜୁଛି । କିନ୍ତୁ ଭାରତୀୟ ଧର୍ମର ଏସବୁ ଅସ୍ଥାୟୀ ଦିଗ ବୋଲି କହିବାକୁ ହେବ । ଏଠି ହୃଦୟ ପ୍ରବେଶ କରି ନାହିଁ । ସେତିକି ବେଳେ ଭାରତରେ ଯେଉଁ କେତୋଟି ଜାଗାରେ ହୃଦୟ ପ୍ରବେଶ କରେ, ଯେତେ ଜାଗାରେ ହୃଦୟ ଶାନ୍ତ ହୋଇଯାଏ; ସେଇଠି ଭାରତର ସ୍ଥାୟୀ ଧର୍ମର ମୂଳଦୁଆ ପଡୁଛି ବୋଲି କହିବାକୁ ହେବ । ପଣ୍ଡିଚେରୀ ଏହି ଭଳି ଏକ ସ୍ଥାୟୀ ମୂଳଦୁଆ ପକାଇବାର ଉଦ୍ୟମ କରୁଛି । ଏ ଯୁଗରେ ପଣ୍ଡିଚେରୀ ବିଷୟରେ ଏହାହିଁ ସବୁଠାରୁ ବଡ଼ ସତ୍ୟ ବୋଲି ମୁଁ କହିବି ।'' ଆଜକୁ ୬୬ ବର୍ଷ ତଳେ ଆପଣା ଜୀବନାୟନର ମାତ୍ର ୩୪ କି ୩୫ ବର୍ଷ ବୟସରେ ଚିତ୍ତରଞ୍ଜନଙ୍କର ଶ୍ରୀମାତୃ-ଚେତନା ସହିତ କିପରି ଡୋର ଲାଗି ଯାଇଥିଲା ସେକଥା ତାଙ୍କର ଉପର୍ଯ୍ୟୁକ୍ତ ଉକ୍ତିରୁ ଆମେ ଅନୁମାନ କରି ପାରିବା ।

୧୯୭୦ରେ ପ୍ରପତ୍ତିଙ୍କ ପ୍ରସ୍ତାବ ମୁତାବକ ଶ୍ରୀମାତୃ ଆଶୀର୍ବାଦ ଲାଭ କରି ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥାବଳିର ବହୁ ଉପାଦେୟ ତଥା ବହୁଚର୍ଚ୍ଚିତ କେତୋଟି ପୁସ୍ତକକୁ ଓଡ଼ିଆରେ ଅନୁବାଦ କାର୍ଯ୍ୟ ହାତକୁ ନେବା ବେଳକୁ ଚିତ୍ତଭାଇ ମାତୃପ୍ରେମ ରସରେ ସତେ ଯେପରି ବତୁରି ହୋଇ ରହିଥିଲେ । ଚେତନାର ଲୁଚକାଳିରେ ସେ କିପରି ଧରାଦେଲେ ସେ ବିଷୟ ଆପଣା ଭାଷାରେ 'ମିତ୍ରସ୍ୟ ଚକ୍ଷୁସା'ରେ ଉଲ୍ଲେଖ କରିଛନ୍ତି, ''ଶ୍ରୀଅରବିନ୍ଦଙ୍କର କେତୋଟି ଗ୍ରନ୍ଥକୁ ଓଡ଼ିଆରେ ଅନୁବାଦ କରିବାର ମାଧ୍ୟମରେ ମୁଁ ସେହି ଅଗାଧତା ମଧ୍ୟକୁ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଥିଲି । ... ସତେ ଅବା ଆପେ ଆସି ଧରାଦେଲି । ତା'ପରେ ସବୁ ସହଜ ଲାଗିଲା, ସବୁ ଭଲ ଲାଗିଲା । ଲାଗିଲା, ମୋ ଜୀବନରେ ଠିକ୍ ଏହିପରି ସାକ୍ଷାତ୍‌କାରଟିଏ ହେବ ବୋଲି ଅପେକ୍ଷା ରହିଥିଲା,— ଏବଂ ବର୍ତ୍ତମାନ ତାହାହିଁ ଘଟିଲା । ସିଏ ମୋତେ ଛାଡ଼ି ପାରିଲା ନାହିଁ କି ମୁଁ ମଧ୍ୟ ତାକୁ ଛାଡ଼ି ପାରିଲି ନାହିଁ । ... ସେଇ ଯେ ଥରେ ଭରସା ପାଇ ପଶିଗଲି, ଆଉ ବାହାରି ପାରିଲି ନାହିଁ । ଏ ଅବଧି ମୋ ଜୀବନର ଯାବତୀୟ ସଂଗ୍ରହ ଓ ଅନୁଭବ,— ସବୁଗୁଡ଼ିକୁ ମୁଁ ସତେ ଅବା ଏକ ପରମ ବିମୋଚନକାରୀ ସମଗ୍ରତା ମଧ୍ୟରେ ଦେଖିବାକୁ ପାଇଲି । ସାନ ବଡ଼ ସବୁକିଛିର ସମଗ୍ର ଔଚିତ୍ୟଟିକୁ ପ୍ରତ୍ୟକ୍ଷ କରିପାରିଲି । ବିଦ୍ୱାନ୍ ହେବାର ପ୍ରଶ୍ନହିଁ ନଥିଲା । ନୂଆ ଗୁରୁଟିଏ ପାଇ ଏକ ନୂଆ ସଂପ୍ରଦାୟ ଭିତରେ ନିବୁଜ ହୋଇ ରହିବାର ମଧ୍ୟ କୌଣସି ଅବକାଶ ନଥିଲା । ଜୀବନରେ ଏକ ଅଭିନବ ଦୀକ୍ଷା ହୋଇଗଲା; ଏପରି ଆଖିଟିଏ ମିଳିଗଲା, ଯାହାଦ୍ୱାରା ମୁଁ କୌଣସି କିଛିକୁ ମଧ୍ୟ ଆଉ ବିଚ୍ଛିନ୍ନ କରି ଦେଖି ପାରିଲି ନାହିଁ । ଏକ ସମଗ୍ର ନକ୍‌ସା ଭିତରେ ଏହି ପୃଥିବୀର ନିୟତିକୁ ଦେଖିବାକୁ ପାଇଲି, ସେହି ନିୟତିଟିର ପରିପ୍ରେକ୍ଷୀରେ ନିଜକୁ ମଧ୍ୟ ଦେଖିବାକୁ ପାଇଥିଲି । ଜୀବନରେ ଯେଉଁଠି ଯେତେ ଯାହା ମୁଁ ଅର୍ଜନ କରିଥିଲି, ସେହି ସବୁକିଛି ମିଶି କାହାର ଆଶୀର୍ବାଦ ପାଇ ମୋ ଆଖି ଆଗରେ ନିୟତ ଲାଗି ରହିଥିବା ଏକ ବିଶ୍ୱମୟ ପ୍ରୟାସର ପରିଚୟ ଆଣିଦେଲେ, ଯେଉଁଥିରେ କି ମୋର ମଧ୍ୟ ଭୂମିକାଟିଏ ରହିଥିଲା । ଏଠାକୁ ଆସି ମୋଟେ କାହାରିକୁ ବର୍ଜନ କରିବାକୁ ପଡ଼ିଲା ନାହିଁ । ... 'ଦିବ୍ୟ ଜୀବନ'ର ପ୍ରଥମ ଭାଗଟି

ଯେତେବେଳେ ୧୯୭୧ ମସିହାରେ ଛପା ହୋଇ ବାହାରିଲା, ସେତେବେଳେ ଶ୍ରୀଅରବିନ୍ଦଙ୍କର ସମ୍ପୂର୍ଣ୍ଣ ରଚନାବଳି ମୋତେ ଉପହାର ସ୍ୱରୂପ ମିଳିଥିଲା । ସେଗୁଡ଼ିକୁ ଡାଆଣାଙ୍କ ପରି ପଢ଼ିଗଲି । ପଢୁ ପଢୁ ଭିତରର ଗଣ୍ଠିସବୁ ଖୋଲି ଯାଉଥିଲା ଏବଂ ମୁଁ ସତେ ଅବା ଗୋଟା ସୁଦ୍ଧା ନିଜ ଇଚ୍ଛାରେ ନିୟତିର ସେଇ ଇଚ୍ଛାଟି ସହିତ ବାନ୍ଧି ହୋଇ ଯାଉଥିଲି ।'

(ମିତ୍ରସ୍ୟ ଚକ୍ଷୁସା, ପଥିକ ପ୍ରକାଶନୀ, ପୃଷ୍ଠା. ୬୯୩-୬୯୪)

ଚିତ୍ତ ଚିନ୍ତନରେ ମାତୃଚେତନା ଭକ୍ତି ରସାୟନ ଭାବରେ କାର୍ଯ୍ୟ କରି ତାଙ୍କୁ କିଭଳି ଗୋଟାପଣେ ଆବିଷ୍ଟ କରି ପକାଇଥିଲା ତାଙ୍କର ଏହି ସ୍ୱୀକାରୋକ୍ତିରୁ ତାହା ଅନୁମେୟ । ପରିଣାମତଃ 'ଦିବ୍ୟ ଜୀବନ' ଗ୍ରନ୍ଥର ପ୍ରଥମ ଖଣ୍ଡ ୪ ଏପ୍ରିଲ, ୧୯୭୨ରେ, ଦ୍ୱିତୀୟ ଖଣ୍ଡ (ପୂର୍ବାର୍ଦ୍ଧ) ଜୁନ୍ ୧୯୭୨ରେ ଏବଂ ଦ୍ୱିତୀୟ ଖଣ୍ଡ (ଉତ୍ତରାର୍ଦ୍ଧ) ନଭେମ୍ବର ୧୯୭୨ରେ ଆଶ୍ରମ ପ୍ରେସରୁ ମୁଦ୍ରିତ ହୋଇଥିଲା । 'ମାନବ ଯୁଗଚକ୍ର' ନଭେମ୍ବର ୧୯୭୩ରେ କଟକର ବ୍ରଜେନ୍ଦ୍ର ପ୍ରେସରୁ ମୁଦ୍ରିତ ହୋଇଥିଲା । 'ଯୋଗ ସମନ୍ୱୟ' (ପୂର୍ବାର୍ଦ୍ଧ) ନବଜ୍ୟୋତି ପ୍ରେସରୁ ୨୪ ଏପ୍ରିଲ, ୧୯୭୬ରେ ଏବଂ ତା'ର ଉତ୍ତରାର୍ଦ୍ଧ ୨୪ ନଭେମ୍ବର ୧୯୭୬ରେ ସେହିଠାରେହିଁ ମୁଦ୍ରିତ ହୋଇଥିଲା । ଏହାର ଅନେକ ପରେ 'ମାନବ ଏକତାର ଆଦର୍ଶ – ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ' ବହିଟି ୨୦୦୩ରେ ଆଶ୍ରମ ପ୍ରେସରେ ଛପା ହୋଇଥିଲା । ହେଲେ ଏହି ସାତ ଖଣ୍ଡଯାକ ବହୁ ଆଲୋଚିତ ଗ୍ରନ୍ଥ ତାଙ୍କରି ଦ୍ୱାରା ଅନୁଦିତ ହୋଇ ନବଜ୍ୟୋତି କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ହୋଇଥିଲା । ତା'ପଛକୁ ପଛ ସତର ଖଣ୍ଡଯାକ ମାତୃରଚନାବଳିର ଅନୁବାଦ କାର୍ଯ୍ୟ ଗୋଟିଏ ପରେ ଗୋଟିଏ ସେ ଅବିଶ୍ରାନ୍ତ ରୋହିତର ବେଗ ନେଇ ସମ୍ପନ୍ନ କରିଛନ୍ତି ଏବଂ ସବୁଗୁଡ଼ିକ ନବଜ୍ୟୋତି କାର୍ଯ୍ୟାଳୟ କର୍ତ୍ତୃକ ପ୍ରକାଶିତ ହୋଇ ମାତୃଅନୁରାଗୀମାନଙ୍କର ପରମ କଲ୍ୟାଣ ସାଧନ କରି ଆସୁଅଛି । (ଏଥିରୁ ଅଧିକାଂଶ ପୁସ୍ତକ ଏବେ ମୁଦ୍ରଣ ଅପେକ୍ଷାରେ । ଆଗ୍ରହୀ ବ୍ୟକ୍ତିମାନେ ଆବଶ୍ୟକ ମୁତାବକ ପୁରୁଣା ବହିରୁ ଜେରକ୍ସ କରି ଆପଣାର ଅଧ୍ୟୟନ ତୃଷା ମେଣ୍ଟାଉଛନ୍ତି ।)

୧୯୭୪ ମସିହା ପ୍ରାରମ୍ଭରୁ ୧୯୭୮ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପାଖାପାଖି ପାଞ୍ଚ ବର୍ଷ ବନ୍ଧୁ ପ୍ରପତ୍ତି ଏବଂ ଅନ୍ୟ ଶୁଭେଚ୍ଛୁମାନଙ୍କର ଅନୁରୋଧରେ ଚିତ୍ତଭାଇ ୧୯୭୦ରେ ଭୁବନେଶ୍ୱରରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଶାର ପ୍ରଥମ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିବା ବେଳେ ମାତୃଚେତନାସିକ୍ତ ଚିନ୍ତାଙ୍କୁର ଅଭିବୃଦ୍ଧି ଲାଭ କରି ଶାଖାପ୍ରଶାଖା ମେଲି ଥିଲା । ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ମାତୃଚେତନାର ସ୍ୱତଃସ୍ଫୂର୍ତ୍ତ ପ୍ରସ୍ଫୁଟନ ଭାବରେ ନିତ୍ୟ ନୂତନ କ୍ରମରେ କ୍ରମଶଃ ଗଢ଼ି ଉଠୁଥିବା ପାଠଚକ୍ରଗୁଡ଼ିକୁ ଆଧାର କରି ଯେଉଁ ନୂଆ ନୂଆ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ ଗଢ଼ି ଉଠୁଥିଲା ସେସବୁକୁ ଦିଗ୍‌ନିର୍ଦ୍ଦେଶ ଦେବା ଲାଗି ସେ ପ୍ରପତ୍ତି ମହାଶୟଙ୍କ ସହିତ ଆବଶ୍ୟକ ଅନୁଯାୟୀ ଓଡ଼ିଶାଯାକ ବୁଲୁଥିଲେ । ୧୯୮୫ ପର୍ଯ୍ୟନ୍ତ ଏହି ଧାରା ଅବ୍ୟାହତ ରହିଥିଲା । ପରେ ପରେ ପ୍ରପତ୍ତି ଭୀଷଣ ଅସୁସ୍ଥ ହୋଇ ୧୯୮୯ ଜୁନ୍ ମାସ ୨୮ ତାରିଖରେ ଶରୀର ତ୍ୟାଗ ପରେ ବନ୍ଧୁ ବିୟୋଗର ଦାରୁଣ ଦୁଃଖକୁ ଅନ୍ତରରେ ଚାପି ସେ ଏକୁଟିଆ ସେହି କାର୍ଯ୍ୟ ପାରୁଥିବା ପର୍ଯ୍ୟନ୍ତ ଚାଲୁ ରଖିଥିଲେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ, ଶିକ୍ଷିକାମାନଙ୍କୁ ପଥଚାରୀର ବଳ ଯୋଗାଇବା ଲାଗି ସେ ଆଶ୍ରମରୁ ବାହାରୁଥିବା 'ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର' ଏବଂ ମାତୃଭବନରୁ ବାହାରୁଥିବା 'ମାତୃଭବନ ପତ୍ର'ରେ ନିରବଚ୍ଛିନ୍ନ ଭାବରେ ଲେଖୁଥିଲେ । ଚିତ୍ତଭାଇ ଉତ୍ତମ ରୂପେ ଉପଲବ୍ଧ କରିଥିଲେ ଯେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ନୂତନ ସତ୍ୟ ଚେତନା ଓ ସତ୍ୟ ଜ୍ୟୋତିଃ ସହିତ ସମଗ୍ର ପୃଥିବୀରେ ସତତ କ୍ରିୟାଶୀଳ । ସେହି କ୍ରିୟାଶୀଳତା ଦ୍ୱାରା ଉପକୃତ ହେବାକୁ ହେଲେ ବ୍ୟକ୍ତି-ଚେତନାର ଉନ୍ମୀଳନ ସହିତ ସାମୂହିକ ଆତ୍ମବିକାଶ ଏକାନ୍ତ ପ୍ରୟୋଜନ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ରଚନାବଳିର ଅଧ୍ୟୟନ ଏବଂ ମନନ ଦ୍ୱାରା ଏହି ପ୍ରସ୍ତୁତି ସହଜସାଧ୍ୟ ହୋଇ ପାରିବ । ଅନ୍ୟମାନଙ୍କର ଏହି ପ୍ରସ୍ତୁତିରେ ତାଙ୍କର ଭୂମିକା ବିଷୟରେ ସଚେତନ ହୋଇ ଯେଉଁ ବୟସରେ ଲୋକମାନେ ବାହାରେ ଖଟି ଖଟି ହାଲିଆ ହୋଇ ଆସି ଅବସର ନେଇ ଘରେ ବସିଯା'ନ୍ତି, ସେହି ପରିଣତ ବୟସରେ ତରୁଣର ତେଜ ନେଇ ଦିବ୍ୟ ଜନନୀଙ୍କ ବିଜୟ ବୈଜୟନ୍ତୀ ଉଡ଼ାଇ ଉଡ଼ାଇ ଜୀବନଚର୍ଯ୍ୟାରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅବିଶ୍ରାନ୍ତ ରୋହିତର ଉଦ୍ୟମ ଓ ଶ୍ରମ ମାଧ୍ୟମରେ ସୁପ୍ତମାନଙ୍କୁ ଜାଗ୍ରତ୍ କରିବାକୁ ପ୍ରୟାସ କରି ଯାଇଛନ୍ତି ଚିତ୍ତଭାଇ । ଅନ୍ତରରେ ସଦା ବିଦ୍ୟମାନ ମାତୃଚେତନାର ପରିସ୍ଫୁଟନ ଘଟିଛି କଟକ ମାତୃଭବନରେ ସାପ୍ତାହିକ ପାଠଚକ୍ର ମାଧ୍ୟମରେ, ଭୁବନେଶ୍ୱରସ୍ଥ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସପ୍ତାହକୁ ଦୁଇ, ତିନି ଦିନ ଅଧ୍ୟୟନ ଓ ଆଲୋଚନା ମାଧ୍ୟମରେ, ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ପାଞ୍ଚଦିନିଆ ସ୍ୱାଧ୍ୟାୟ ଶିବିର ମାଧ୍ୟମରେ ଏବଂ

ଆପଣାର 'ବିଶ୍ୱନୀଡ଼'ରେ ବିଶ୍ୱାତୀତଙ୍କ ଚର୍ଚ୍ଚା ମାଧ୍ୟମରେ । ଶ୍ରମଶିବିରଗୁଡ଼ିକର ଫଳପ୍ରାପ୍ତି ରୂପେ କେତେ କେତେ ଦୁର୍ଲଭ ପୁସ୍ତକ ସୁହୃଦ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ଲୋକଲୋଚନକୁ ଆସିପାରିଛି । ମେ ୧୯୮୭ରେ 'ମାତୃଭବନ ପତ୍ର', ଡିସେମ୍ବର ୮୭ରେ 'ନୂଆଶିକ୍ଷା ନୂଆ ବିଶ୍ୱାସ', ଡିସେମ୍ବର ୮୮ରେ 'ଦେବ ମୁହୂର୍ତ୍ତ', ମେ ୮୯ରେ 'ନୂଆଶିକ୍ଷାର ଆହ୍ୱାନ', ମେ ୯୦ ରେ 'ନୂତନ ଶିକ୍ଷାର ପ୍ରସ୍ତୁତି', ଡିସେମ୍ବର ୯୦ରେ 'ନୂତନ ଶିକ୍ଷାର ପଦ୍ଧତି', ମେ ୯୧ରେ 'ଶିକ୍ଷା ଓ ଚେତନା', ଡିସେମ୍ବର ୯୧ରେ 'ଚେତନାର ଉନ୍ମୀଳନ', ମେ ୯୨ରେ 'ସୋପାନ ପରେ ସୋପାନ', ଡିସେମ୍ବର ୯୨ରେ 'ତୀର୍ଥ ଦର୍ଶନ', ମେ ୯୪ରେ ବିଶେଷାଙ୍କ 'ସୁହୃଦ୍', ସେପ୍ଟେମ୍ବର ୨୦୦୪ରେ 'ପତ୍ରରେ ଆଳାପ' ପର୍ଯ୍ୟନ୍ତ ପ୍ରତ୍ୟେକଟି ପ୍ରକାଶନ ଶ୍ରୀମା ଶ୍ରୀଅରବିନ୍ଦଙ୍କ କଥାରସରେ ରସସିକ୍ତ । ପ୍ରତ୍ୟେକଟିରେ ଶୁଣିବାକୁ ମିଳେ ମାତୃମନ୍ତ୍ରର ଔଦାର୍ଯ୍ୟ ଏବଂ ଆଗାମୀ ଲାଗି ଆହ୍ୱାନର ମନ୍ତ୍ରବାଣୀ ।

'ଦିବ୍ୟ-ଜୀବନ' ଗ୍ରନ୍ଥର ଅନୁବାଦ କାଳରେ ଭୂମିରୁ ଭୂମା ପର୍ଯ୍ୟନ୍ତ ଦର୍ଶନ କରି 'ଯୋଗ ସମନ୍ୱୟ'ରେ ଅସଲ ଯୋଗର ପରିଚୟ ପାଇବା ପରେ 'ମାନବ-ଯୁଗଚକ୍ର'ରେ ଜନ୍ମଜନ୍ମାନ୍ତରର ଚକ୍ରକୁ ଭେଦ କରି ଏ ମାନବ ଏକତାର ଆଦର୍ଶ ବିଷୟରେ ପ୍ରତ୍ୟୟ ହାସଲ କଲା ପରେ ଏହି ମହାର୍ଘ୍ୟ ଗ୍ରନ୍ଥଗୁଡ଼ିକରେ ବ୍ୟବହୃତ ଜଟିଳ ଅବଧାରଣାଗୁଡ଼ିକର ପାଠକମାନଙ୍କର ସହଜ ଅବବୋଧ ଲାଗି ଲେଖିଛନ୍ତି ଡିସେମ୍ବର ୧୯୯୯ରେ ସୁହୃଦ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଗ୍ରନ୍ଥିମୋଚନକାରୀ 'ଶବ୍ଦ ଶତକ' । ଶ୍ରୀମା ଶ୍ରୀଅରବିନ୍ଦଙ୍କ ମୂଳଗ୍ରନ୍ଥଗୁଡ଼ିକୁ ଅନୁବାଦ କଲାବେଳେ ଏବଂ ପାଠଚକ୍ରରେ ଆଲୋଚନା କାଳରେ ଯେଉଁ ଅନ୍ତର୍ମନ୍ଥନ ସେ ଅନୁଭବ କରିଥିଲେ ସେସବୁର ପ୍ରକାଶମାନ ରୂପ ଗ୍ରହଣ କରିଛି ୨୦୦୧ରେ ଅଗ୍ରଦୂତ ପ୍ରକାଶନ କର୍ତ୍ତୃକ ଶ୍ରୀଅରବିନ୍ଦଙ୍କ ସୌନ୍ଦର୍ଯ୍ୟବୋଧର ଇସ୍ତାହାର 'ଚିଦ୍‌ବିସ୍ତାର', ୨୦୦୩ରେ ଶିକ୍ଷାସନ୍ଧାନ ପ୍ରକାଶନ କର୍ତ୍ତୃକ ଯାବଜ୍ଜୀବନ ଶିକ୍ଷାର ରୂପରେଖ 'ପୂର୍ଣ୍ଣାଙ୍ଗ ଶିକ୍ଷା', ୨୦୦୪ରେ ପଥିକ ପ୍ରକାଶନୀ କର୍ତ୍ତୃକ 'ଅମୂର୍ତ୍ତର ଆହ୍ୱାନ' 'ଦିବ୍ୟ ମୁହୂର୍ତ୍ତ', ଅଗଷ୍ଟ ୨୦୦୫ରେ ସୁହୃଦ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଦିବ୍ୟ ଜନନୀଙ୍କ ବାଙ୍ମୟ ସ୍ୱରୂପ 'ସତକୁ ସତ ମାଆ', ମାର୍ଚ୍ଚ ୨୦୦୫ରେ ଶିକ୍ଷାସନ୍ଧାନ କର୍ତ୍ତୃକ ଅବତରଣ ଓ ଆରୋହଣର ସେତୁ '**କ୍ଷ** ରୁ **ଅ**', ୨୦୦୬ରେ ସୁହୃଦ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଜିଗୀଷା ଲାଗି ନମ୍ର ଯାଚ୍‌ଞ୍ଚା 'ବୀରଯୋଦ୍ଧା କରି', ୨୦୦୬ରେ ସୁହୃଦ୍ ପ୍ରକାଶନୀର ରୂପାନ୍ତରିତ ସତ୍ତାମାନଙ୍କୁ ଏକାଠି କରିବାର ସାଧନା, 'ପୂର୍ଣ୍ଣ ଏକତାର ଯୋଗ', ୨୦୦୭ରେ ପଥିକ ପ୍ରକାଶନୀ କୃତ ସୁହୃଦଂ ସର୍ବଭୂତାନାମ୍‌ର ମନ୍ତ୍ରଧ୍ୱନି 'ସୁହୃଦ୍, ପରମ ସୁହୃଦ୍', ୨୦୦୯ରେ ପଥିକ ପ୍ରକାଶନୀର ପ୍ରଶ୍ନୋତ୍ତର ଚେତନାର ଊର୍ଜ୍ଜସ୍ୱଳ ଆହ୍ୱାନ 'ସେ ପ୍ରଷ୍ଠରୁ ଏ ପ୍ରଷ୍ଠକୁ', ୨୦୧୦ରେ ପଥିକ ପ୍ରକାଶନୀ କୃତ ଯୋଗ ଜୀବନ ମଧ୍ୟକୁ ପ୍ରବେଶ କରିବାର ଦୀକ୍ଷା 'ଯୋଗ ସମନ୍ୱୟ ପ୍ରବେଶିକା', ୨୦୧୧ରେ ସୁହୃଦ୍ ପ୍ରକାଶନୀ କର୍ତ୍ତୃକ ସୁହୃଦ୍‌ମାନଙ୍କୁ ପହଡ଼ ଭାଙ୍ଗି ଚିଆଁଇ ଦେବାର ଭେରୀ 'ଶ୍ରମଶିବିରକୁ ଚିଠି', ମେ ୨୦୧୨ରେ ପଥିକ ପ୍ରକାଶନୀ କୃତ ଦ୍ରଷ୍ଟା ଅନିର୍ବଚନୀୟଙ୍କ ସହିତ ସାକ୍ଷାତ୍‌ର ପ୍ରତିଲିପି 'ପଥି ... ବନ୍ଧୁପ' ଏବଂ ମେ ୨୦୧୨ରେ ପଥିକ ପ୍ରକାଶନୀ କର୍ତ୍ତୃକ ପ୍ରକାଶିତ ଦିବ୍ୟ ଯୋଜନାର ରୂପାୟନ, 'ଯାହାସବୁ ସୁନିଶ୍ଚିତ' । ତା'ଛଡ଼ା ଦିବ୍ୟ ଜନନୀଙ୍କ ଗରିମାମୟ ଆବିର୍ଭାବ ଏବଂ ଆଧ୍ୟାତ୍ମିକ ଚେତନାର ରୂପାୟନ ବିଷୟରେ ଆମ୍ଭମାନଙ୍କୁ ପରିଚିତ କରାଇବା ଲାଗି ଅନୁବାଦ କରିଛନ୍ତି ନ୍ୟାସନାଲ ବୁକ୍‌ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା ୧୯୮୪ରେ ପ୍ରକାଶିତ ପ୍ରେମାନନ୍ଦକୁମାରଙ୍କ 'ମାଆ' ପୁସ୍ତକ । ଏକୁ ଆରେକ ବଳିଆର ନ୍ୟାୟରେ ଏ ପର୍ଯ୍ୟାୟର ପ୍ରତ୍ୟେକଟି ପୁସ୍ତକ ମାତୃଚେତନାର ରସରେ ପରିପ୍ଲୁତ ।

ଏହା ବ୍ୟତୀତ ତାଙ୍କର କାଳଜୟୀ କୃତି 'ରୋହିତର ଡାଏରି', ବିଭିନ୍ନ ସମ୍ପାଦକୀୟ ସ୍ତମ୍ଭ ଏବଂ ପ୍ରବନ୍ଧ ରଚନାଦିରେ ତାଙ୍କ ଜୀବଦ୍ଦଶାର ଶେଷ ଚାରି ଦଶନ୍ଧିର ଉପସ୍ଥାପନାରେ ଏହି ମାତୃଚେତନା ଦ୍ରବୀଭୂତ ହୋଇ କିଭଳି ଅନ୍ତଃସଲିଳା ଫଲ୍‌ଗୁ ଭଳି ପ୍ରବାହିତ ହୋଇଯାଇଛି, ସେସବୁ ଅନୁଧ୍ୟାନ କଲେ ଅବଶ୍ୟ ଜାଣିହେବ । ହୃଦ୍‌ବୋଧ ହେବ, ସତେ ଯେପରି ତାଙ୍କର ଜୀବନ ଥିଲା ନିରବଚ୍ଛିନ୍ନ ମାତୃପୂଜାର ଏକ ଯଜ୍ଞବେଦୀ । ସେହି ଯଜ୍ଞ ଚରୁଅନ୍ନ ଦ୍ୱାରା ଆପଣାକୁ ସମୃଦ୍ଧ କରିବାକୁ ହେଲେ ଆମକୁ ସେଥିଲାଗି ଯୋଗ୍ୟ ହୋଇ ଉଠିବାକୁ ହେବ ।

ମାତୃକୃପାହିଁ କେବଳମ୍ । ❖

অন্তরাল জগত্ :

# ପୁନର୍ଜନ୍ମ ଓ ଚୈତ୍ୟସତ୍ତା

## (ଶ୍ରୀମାଙ୍କ ସହ କଥୋପକଥନ)

''ପୁନର୍ଜନ୍ମରେ ଯେଉଁ ବାହ୍ୟ ସତ୍ତାଟି ମାତାପିତା, ପରିବେଶ ଓ ପରିସ୍ଥିତି ଦ୍ୱାରା ଗଠିତ ହୋଇଥାଏ ସେହି ମାନସିକ, ପ୍ରାଣିକ ଓ ଦୈହିକ ସତ୍ତା ପୁଣି ଥରେ ଜନ୍ମଗ୍ରହଣ କରେ ନାହିଁ; କେବଳ ଚୈତ୍ୟସତ୍ତାହିଁ ଗୋଟିଏ ଶରୀରତ୍ୟାଗ କରି ଅନ୍ୟ ଏକ ଶରୀର ଗ୍ରହଣ କରେ । ତେଣୁ ଯୁକ୍ତି ଦୃଷ୍ଟିରୁ ଦେଖିଲେ ମାନସିକ ସତ୍ତା ବା ପ୍ରାଣିକ ସତ୍ତା ପୂର୍ବଜନ୍ମକୁ ସ୍ମରଣ କରିପାରିବ ନାହିଁ, ବା ଅମୁକ ବା ସମୁକ ବ୍ୟକ୍ତିର ଜୀବନ ଓ ଚରିତ୍ର ଭିତରେ ନିଜକୁ ଚିହ୍ନିପାରିବ ନାହିଁ । କେବଳ ଚୈତ୍ୟସତ୍ତାହିଁ ସ୍ମରଣ କରିପାରେ; ଏବଂ ଆମ ଚୈତ୍ୟସତ୍ତା ସଂପର୍କରେ ସଚେତ ହୋଇପାରିଲେ ଆମେ ତହିଁ ସଙ୍ଗେ ସଙ୍ଗେ ଆମର ଗତଜନ୍ମଗୁଡ଼ିକ ସଂପର୍କରେ ନିର୍ଭୁଲ ଧାରଣା ପାଇପାରିବୁ ।

''ତା'ଛଡ଼ା ଆମର ମନୋଯୋଗ ଦେବା ଉଚିତ ଆମେ କ'ଣ ହେବାକୁ ଚାହୁଁ, ଅତୀତରେ କ'ଣ ହୋଇଥିଲୁ, ତା'ଉପରେ ନୁହେଁ ।''

(ମାତୃବାଣୀ, ୨ ଏପ୍ରିଲ ୧୯୩୫)

*ପ୍ରଶ୍ନ : ଯଦି ମନ, ପ୍ରାଣ ବା ଦେହର ସତ୍ତା ନୁହେଁ, କେବଳ ଚୈତ୍ୟସତ୍ତାହିଁ ପୁନର୍ଜନ୍ମ ଗ୍ରହଣ କରେ, ତା'ହେଲେ ପୂର୍ବଜନ୍ମରେ ପ୍ରାଣ ଓ ମନର ଯେଉଁ ଅଗ୍ରଗତି ହୋଇଥାଏ, ପରଜନ୍ମରେ ତା'ର ତ କୌଣସି ମୂଲ୍ୟ ନାହିଁ ?*

ଶ୍ରୀମା : ଏହିସବୁ ଅଂଶଗୁଡ଼ିକର ଅଗ୍ରଗତି କେବଳ ଯେତିକି ପରିମାଣରେ ଏଗୁଡ଼ିକୁ ଚୈତ୍ୟସତ୍ତାର ନିକଟବର୍ତ୍ତୀ କରାଇ ଥାଏ ସେତିକିର ମୂଲ୍ୟ ଅଛି, ଅର୍ଥାତ୍ ସତ୍ତାର ଯେଉଁସବୁ ଅଂଶଗୁଡ଼ିକ ପର୍ଯ୍ୟାୟକ୍ରମେ ଚୈତ୍ୟସତ୍ତାର ପ୍ରଭାବ ଅଧୀନକୁ ଆସିଥାଏ, ସେହି ପରିମାଣରେହିଁ ସେଗୁଡ଼ିକର ଅଗ୍ରଗତି ହୋଇଥାଏ । କାରଣ ଯେଉଁ ଅଂଶଗୁଡ଼ିକ ଚୈତ୍ୟସତ୍ତା ପ୍ରଭାବର ଅଧୀନ ହୋଇ ରହିଥାଏ, ତାହା ସହ ଏକ ହୋଇ ଯାଇଥାଏ ସେହିଗୁଡ଼ିକହିଁ ଅଗ୍ରଗତି କରି ଚାଲିଥାଏ । କିନ୍ତୁ ଯଦି ଚୈତ୍ୟସତ୍ତାହିଁ ଜଣକର ଜୀବନ ଓ ଚେତନାର କେନ୍ଦ୍ର ହୁଏ, ଏବଂ ଯଦି ସମଗ୍ର ସତ୍ତା ସେହି ଚୈତ୍ୟକେନ୍ଦ୍ରର ଚାରିପଟେ ସଂଗଠିତ ହୋଇଥାଏ, ଯଦି ସମଗ୍ର ସତ୍ତା ଚୈତ୍ୟସତ୍ତାର ପ୍ରଭାବାଧୀନ ହୋଇ ରୁହେ ଓ ତା' ସହ ମିଳିତ ହୋଇ ଏକ ହୋଇଯାଏ, ତା'ହେଲେ ତାହାର ଅଗ୍ରଗତି ବରାବର ସେହିପରି ଚାଲିଥିବ – ଯଦି ସେପରି ଚାଲି ରହିଥିବା ତା' ପାଇଁ ଆବଶ୍ୟକ ହୁଏ । ଅବଶ୍ୟ, ଅଗ୍ରଗତି ପାଇଁ ଓ ଉର୍ଦ୍ଧ୍ୱକୁ ଉତ୍ତରଣ ପାଇଁ ଚୈତ୍ୟସତ୍ତାର ଯେଉଁ ସାମର୍ଥ୍ୟ ଅଛି, ଯଦି କୌଣସି ସ୍ଥୂଳ ଶରୀରକୁ ସେହି ସାମର୍ଥ୍ୟ ଓ ସେହି ଗତିବୃତ୍ତି ଦିଆଯାଏ, ତା'ହେଲେ ତା'ର ଶରୀରତ୍ୟାଗ ବା ଶରୀର କ୍ଷୟର କୌଣସି ପ୍ରୟୋଜନ ନାହିଁ, କିନ୍ତୁ ଠିକ୍ ତାହାହିଁ ହେଉଛି ସବୁଠାରୁ ଦୁଃସାଧ୍ୟ ।

କେବଳ ସେହି ଅଂଶଗୁଡ଼ିକ ଯାହା ଚୈତ୍ୟସତ୍ତା ସହ ସଂଯୋଗ ରଖିଥାଏ ତାହାହିଁ ସ୍ଥାୟୀ ହୋଇ ରହିପାରେ, ଏବଂ ଯାହା ସ୍ଥାୟୀ ରୁହେ ତାହାହିଁ ସ୍ମରଣ କରିପାରେ, କାରଣ ବାକି ସବୁ ତିରୋହିତ ହୋଇ ଯାଆନ୍ତି, ପୁଣି ଥରେ ଛୋଟ ଛୋଟ ଅଂଶରେ ମିଳାଇଯାଇ, ଅନ୍ୟ ସ୍ଥାନରେ ସେଗୁଡ଼ିକର ବିନିଯୋଗ ହୁଏ – ଯେପରି ଶରୀର ପୁଣି ଥରେ ଧୂଳିମାଟିରେ ପରିଣତ ହୁଏ ଓ ଅନ୍ୟତ୍ର ତାହାର ବିନିଯୋଗ ହୁଏ । ଶରୀର ପୁଣି ମାଟିରେ ମିଶିଯାଏ, ସେହି ମାଟିରୁ ସାର ସଂଗ୍ରହ କରି ଉଦ୍ଭିଦମାନେ ବଢ଼ି ଉଠନ୍ତି ଓ ମନୁଷ୍ୟମାନେ ପୁଣି ସେହି ଉଦ୍ଭିଦକୁ ନିଜର ଆହାର ରୂପେ ଗ୍ରହଣ କରନ୍ତି । ଏହି ଭାବରେହିଁ ବରାବର ପ୍ରକ୍ରିୟାଟି ଲାଗି ରହିଥାଏ । ମାଟିରୁ ଉତ୍ପନ୍ନ ହୋଇ ପୁଣି ସବୁକିଛି ମାଟିକୁ ଫେରି ଆସେ ଓ ପୁଣି ଥରେ ଏହାର ପୁନରାବର୍ତ୍ତନ ଆରମ୍ଭ ହୁଏ । ଏହି ଭାବରେହିଁ ବିଶ୍ୱପ୍ରକୃତି ଅଗ୍ରଗତି କରି ଚାଲିଥାଏ । ନିଜର ଅଗ୍ରଗତି ପାଇଁ ଏହା ଗଦା ଗଦା ରୂପ ବା ଆକାର ସୃଷ୍ଟି କରେ, ପୁଣି ଯେତେବେଳେ ଦେଖେ ସେଗୁଡ଼ିକର କାମ ଶେଷ ହୋଇ ଯାଇଛି, ତା' ପାଇଁ ସେଗୁଡ଼ିକର ଆଉ କୌଣସି ପ୍ରୟୋଜନ ନାହିଁ, ଆଉ କୌଣସି ଗୁରୁତ୍ୱ ନାହିଁ ସେତେବେଳେ ସେ ସେଗୁଡ଼ିକୁ ଭାଙ୍ଗି ନଷ୍ଟ କରିଦିଏ, ତହିଁରେ ଥିବା ଉପାଦାନସବୁକୁ, ତାହା ରାସାୟନିକ ହେଉ ବା ଅନ୍ୟ କିଛି ହେଉ, ସେ ପୁଣି ଥରେ ଗ୍ରହଣ କରିନିଏ

ଓ ସେଗୁଡ଼ିକୁ ଅନ୍ୟ ରୂପ ଦେଇ ନୂଆ କରି ଗଠନ କରେ; ଏହିପରି ଭାବରେ ଅନବରତ ଏହା ବଦଳିବାରେ ଲାଗିଥାଏ, ଯାଉଥାଏ ପୁଣି ଆସୁଥାଏ, ନୂଆ ନୂଆ ରୂପରେ ସେହି ଯିବା ଆସିବା ବରାବର ଲାଗି ରହିଥାଏ । ବିଶ୍ୱପ୍ରକୃତିକୁ ଏହା ଖୁବ୍ ଭଲ ଲାଗେ, କାରଣ ସେ ବହୁତ ଦୂରକୁ ଦେଖିପାରେ, ତା'ର କାମ ଶତାବ୍ଦୀ ଶତାବ୍ଦୀ ଧରି, କଳ୍ପ କଳ୍ପ ଧରି ପ୍ରସାରିତ ଏବଂ ତା' ପାଇଁ ଗୋଟିଏ କ୍ଷୁଦ୍ର ମଣିଷର ଜୀବନକାଳ କିଛି ନୁହେଁ, ଚିରନ୍ତନ କାଳରେ ତାହା ଗୋଟିଏ ନିଃଶ୍ୱାସ ମାତ୍ର । ଏହିପରି ଭାବରେ ସେ କିଛିକୁ ଗ୍ରହଣ କରେ, ତାକୁ ରୂପ ଦିଏ, ଏଥିପାଇଁ କିଛି ସମୟ ନିଏ, ତା' ପାଇଁ ଏହା ଏକ ଖେଳ-କୌତୁକର ଜିନଷ, ତାହାକୁ ଏହା ଖୁବ୍ ଭଲ ଲାଗେ, ତା'ପରେ ଯେତେବେଳେ ଏହା ତାକୁ ଆଉ ସେତେ ଭଲ ଲାଗେ ନାହିଁ, ସେ ତାହାକୁ ଭାଙ୍ଗିଦିଏ, — ପୁଣି ଆଉ କିଛି ଗ୍ରହଣ କରେ, ସବୁକୁ ପୁଣି ମିଶାଇ ଆଉ କିଛି ଆରମ୍ଭ କରେ, ଅନ୍ୟ କିଛି ଗଠନ କରେ । ଏବଂ ସମ୍ଭବତଃ ଏହି ପ୍ରକ୍ରିୟା ଦ୍ୱାରା ଯାହାକି ସ୍ପଷ୍ଟତଃ ଖୁବ୍ ମନ୍ଥର, ସମଗ୍ର ଜଡ଼ର ଅଗ୍ରଗତି ସାଧିତ ହୋଇଥାଏ । ବରାବର ଏହି ଭାବରେହିଁ ଏହା ସମ୍ଭବ ହୋଇ ଆସିଛି, ବିଭିନ୍ନ ଉପାଦାନକୁ ନେଇ ପରସ୍ପର ସହିତ ଏକତ୍ର ମିଶାଇବା, ସେଗୁଡ଼ିକୁ ଭାଙ୍ଗିଦେବା, ପୁଣି ନୂଆ କରି ମିଶାଇବା, ପୁଣି ଭାଙ୍ଗିଦେବା । ସାରମର୍ମରେ ଏହା ହେଉଛି ଯେପରିକି ତୁମେ ଗୁଡ଼ିଏ ଛୋଟ ଛୋଟ ଜିନିଷର ଏକ ଗଦା ତିଆରି କଲ, ଏବଂ ତା'ପରେ ତାକୁ ଭାଙ୍ଗି ଧୂଳିସାତ୍ କରିଦେଲ, ପୁଣି ସେହି ଧୂଳିରୁ ନୂଆ ନୂଆ ଖେଳଣା ତିଆରି କଲ, ପୁଣି ସେଗୁଡ଼ିକୁ ଭାଙ୍ଗି ଦେଲ ଏବଂ ତହିଁରୁ ପୁଣି ଅନ୍ୟ ଖେଳଣା ସବୁ ତିଆରି କଲ । ପ୍ରତ୍ୟେକ ଥର ତହିଁରେ ଆଉ କିଛି ଜିନିଷ ଯୋଗ କର ଯେପରିକି ମିଶ୍ରଣର କାମଟି ଭଲ ଭାବରେ ହୋଇ ପାରିବ । ଏବଂ ତା'ପରେ ଦିନେ ହୁଏତ ସେସବୁଥିରୁ ଉତ୍ତମ କିଛିର ଉତ୍ପାଦନ ସମ୍ଭବ ହେବ । ସେ ଯାହାହେଉ ବିଶ୍ୱପ୍ରକୃତି କେବେ ତରତର ହୁଏ ନାହିଁ । ଏବଂ ଆମେ ଯେତେବେଳେ ତରତର ହେଉ ସେ କହେ, ''ତୁମେ କାହିଁକି ଏପରି ତରବର ହେଉଛ ? ଦିନେ ଏହା ନିଶ୍ଚୟ ଘଟିବ । ସେ ବିଷୟରେ ତୁମେ ଚିନ୍ତା କରିବାର ଆବଶ୍ୟକତା ନାହିଁ, ଏହା ନିଶ୍ଚିତ ରୂପେ ଘଟିବ । ଧୀରସ୍ଥିର ଭାବରେ ଅପେକ୍ଷା କର ।'' ସେତେବେଳେ ଆମେ ତାକୁ କହୁ ''କିନ୍ତୁ ଯେ ଅପେକ୍ଷା କରିବ ସେ ତ ମୁଁ ନୁହେଁ !'' — ''ଆଃ ! ଯାହା ଆସେ ଏବଂ ଚାଲିଯାଏ ତାହାକୁହିଁ ତୁମେ 'ମୁଁ' ବୋଲି କହୁ ଥିବାରୁ ଏପରି ଭାବୁଛ । ତୁମେ ଯଦି ସେହି ଚେତନାକୁ, ସେହି ଏକ ଶାଶ୍ୱତ ଓ ଦିବ୍ୟ ଚେତନାକୁ 'ମୁଁ' ବୋଲି କୁହ ତା'ହେଲେ ତୁମେ ସବୁକିଛି ଦେଖିପାରିବ, ସବୁକିଛି ଭିତରେ ତୁମେ ଉପସ୍ଥିତ ରହିପାରିବ । ଏହା କରିବାରେ ତୁମର କିଛି ବାଧା ନାହିଁ । ଯେହେତୁ ତୁମେ କେବଳ ଏହା (ସ୍ଥୂଳ ଶରୀରକୁ ଅଙ୍ଗୁଳି ନିର୍ଦ୍ଦେଶ କରି) ସହିତ ନିଜକୁ ଏକ ବୋଲି ଭାବୁଛ, ତେଣୁ ଏପରି ହେଉଛି । ସେହି ସ୍ଥୂଳ ଶରୀର ସଙ୍ଗେ ନିଜକୁ ଏକ ବୋଲି ଭାବିବାକୁ ବନ୍ଦ କରି ଦେବାକୁ ହେବ ।''

(CWM, Vol. V, pp. 359 - 360) ✤

ଅନ୍ତରରେ ଏକ ଚୈତ୍ୟ ଅଗ୍ନି ପ୍ରଜ୍ୱଳିତ କରିବାକୁ ହେବ ଯାହା ଭିତରକୁ ସବୁକିଛି ନିକ୍ଷେପ କରିବାକୁ ହେବ ତା' ଉପରେ ଭଗବାନଙ୍କର ନାମାଙ୍କନ କରି । ସେହି ଅଗ୍ନିରେ ସମସ୍ତ ଭାବାବେଗ ସେମାନଙ୍କ ଖାଦର ଉପାଦାନଗୁଡ଼ିକୁ ପରିତ୍ୟାଗ କରିବାକୁ ବାଧ୍ୟ, ଏବଂ ଯେଉଁସବୁ ଅଦିବ୍ୟ ବିକାର ଥିବ ତାହା ପୋଡ଼ି ପାଉଁଶ ହୋଇଯିବ ଏବଂ ଅନ୍ୟଗୁଡ଼ିକ ନିଜର ନ୍ୟୂନତାକୁ ତ୍ୟାଗ କରିବ, ଯେତେବେଳେ କି ଶେଷରେ ସେହି ଶିଖା, ଧୂଆଁ ଓ ଧୂପ ଭିତରୁ ଉଠି ଆସିବ ବିପୁଳତମ ପ୍ରେମର ଦିବ୍ୟଭାବ ଏବଂ ଏକ ନିଷ୍କଳଙ୍କ ଦିବ୍ୟ-ଆନନ୍ଦ ।

— ଶ୍ରୀଅରବିନ୍ଦ

ସାଧନା-ପରମ୍ପରା :

# ଯୋଗବାଶିଷ୍ଠ ରାମାୟଣ

## (୬)

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂର କରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟ ଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ଭୁଶଣ୍ଡକାକ ଉପାଖ୍ୟାନ

### (୨)

ବଶିଷ୍ଠ କହିଲେ – ହେ ରାଘବ ! ଏହି କଥା ଶୁଣି ମୁଁ ସେହି ବାୟସରାଜଙ୍କୁ ପୁନରାୟ ଜିଜ୍ଞାସା କଲି, ପ୍ରାଣବାୟୁର ଗତି କିପରି, ତାହାର ବର୍ଣ୍ଣନା କରନ୍ତୁ ।

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ପ୍ରାଣବାୟୁ ସର୍ବଦା ସ୍ପନ୍ଦନଶକ୍ତିମାନ୍, ଶରୀରର ଅନ୍ତରରେ ଓ ବାହାରେ ସର୍ବକ୍ଷଣରେ ସେ ଉର୍ଦ୍ଧ୍ୱମୁଖ ହୋଇ ପ୍ରବାହିତ । ହେ ବ୍ରହ୍ମନ୍ ! ଅପାନ ବାୟୁ ମଧ୍ୟ ଠିକ୍ ଏହିପରି ଏବଂ ସେ ଶରୀରର ଅନ୍ତରରେ ଓ ବାହାରେ ସର୍ବକ୍ଷଣ ଅଧୋମୁଖରେ ପ୍ରବାହିତ । ହେ ମୁନିବର ! ହୃତ୍ପଦ୍ମର ଗହ୍ୱରରୁ ସ୍ୱଭାବତଃ ପ୍ରାଣବାୟୁର ଯେଉଁ ବହିରୁନ୍ମୁଖୀଭାବ, ଅର୍ଥାତ୍ ବାହାରକୁ ନିର୍ଗତ ହେବା, ତାହାର ନାମ ରେଚକ । ଆଉ ମସ୍ତକରୁ ଦ୍ୱାଦଶ ଅଙ୍ଗୁଳି ପର୍ଯ୍ୟନ୍ତ ନିମ୍ନବର୍ତ୍ତୀ ବହିଃପ୍ରଦେଶରେ ଆକ୍ରମଣ କରି ପ୍ରାଣବାୟୁର ଯେଉଁ ଅନ୍ତଃପ୍ରବେଶ, ତାହାର ନାମ ପୂରକ । ଏହିପରି ଅପାନବାୟୁ ବହିର୍ଦେଶରୁ ଅନ୍ତରରେ ପ୍ରବିଷ୍ଟ ହେଲେ, ନାସିକାର ଅଗ୍ରଭାଗରୁ ମୂର୍ଦ୍ଧା ଏବଂ ମୂର୍ଦ୍ଧାରୁ ହୃଦୟ ଅବଧି ପ୍ରାଣବାୟୁର ଯେଉଁ ସ୍ପର୍ଶ, ଏହି ଉଭୟକୁ ପୂରକ କୁହାଯାଏ । ଏହାପରେ ଅପାନ ବାୟୁ ଶମଭାବ ପ୍ରାପ୍ତ ହେଲେ ଯେପର୍ଯ୍ୟନ୍ତ ପ୍ରାଣବାୟୁ ହୃଦୟରେ ଉତ୍ଥିତ ନ ହୁଏ, ସେହି ପର୍ଯ୍ୟନ୍ତ କୁମ୍ଭକ ଅବସ୍ଥା; ଯୋଗୀମାନଙ୍କର ଏହା ଅନୁଭବଗମ୍ୟ । ଏହି ଭାବେ ରେଚକ, ପୂରକ ଓ କୁମ୍ଭକ ପ୍ରାଣାୟାମ ଏହି ତିନିପ୍ରକାର । ଯୋଗିଗଣଙ୍କ ପକ୍ଷରେ ଏହା ବିନା ଯତ୍ନରେ ସ୍ୱତଃ ହୋଇଥାଏ । ହେ ପ୍ରଭୋ ! ନାସିକା ଅଗ୍ରରୁ ବାହାରେ ଦ୍ୱାଦଶ ଅଙ୍ଗୁଳି ପରିମାଣ ସ୍ଥାନରେ ଅଭିମୁଖ ଭାବେ ସ୍ଥିତ ଯେଉଁ ବାୟୁ, ସେହି ବହିଃପ୍ରଦେଶରେ ତାହାର ବାହ୍ୟପୂରକ ପ୍ରଭୃତି ହୁଏ । ନାସାଗ୍ରର ସମ୍ମୁଖସ୍ଥିତ ଦ୍ୱାଦଶ ଅଙ୍ଗୁଳି ପରିମିତ ସ୍ଥାନ ମଧ୍ୟରେ ଅପାନ ବାୟୁର ଯେଉଁ ଆକାଶ ମାର୍ଗରେ ଅବସ୍ଥାନ, ତାହାର ନାମ ବାହ୍ୟ କୁମ୍ଭକ । ବହିରୁନ୍ମୁଖୀ ବାୟୁର ନାସାଗ୍ର ଅବଧି ଯେଉଁ ଗତି, ଯୋଗଜ୍ଞ ପଣ୍ଡିତମାନେ ତାକୁ ବାହ୍ୟ ପୂରକ କୁହନ୍ତି । ପୁଣି ନାସାଗ୍ରରୁ ନିର୍ଗତ ବାୟୁର ଦ୍ୱାଦଶ ଅଙ୍ଗୁଳି ପର୍ଯ୍ୟନ୍ତ ଗତିକୁ ବାହ୍ୟ ପୂରକ କୁହାଯାଏ । ପ୍ରାଣ ବାୟୁ ବାହାରେ ପ୍ରଶମତା ପ୍ରାପ୍ତ ହେଲେ, ଯେପର୍ଯ୍ୟନ୍ତ ଅପାନ ବାୟୁ ଉଦ୍‌ଗତ ନ ହୁଏ, ସେପର୍ଯ୍ୟନ୍ତ ଯେଉଁ ସମ ଅବସ୍ଥା, ତାହାର ନାମ ବାହ୍ୟ କୁମ୍ଭକ । ଅପାନ ବାୟୁର ସ୍ପନ୍ଦନ ବିହୀନ ଅନ୍ତର୍ମୁଖୀ ଭାବକୁ ବାହ୍ୟ ରେଚକ କହନ୍ତି । ଏହି ବାହ୍ୟ ରେଚକ ଅନୁଭବ କରିପାରିଲେ ମୁକ୍ତିଲାଭ ହୋଇଥାଏ ।

ବାହାରର ଦ୍ୱାଦଶ ଅଙ୍ଗୁଳି ପରିମାଣ ସ୍ଥାନର ଶେଷ ସୀମାରୁ ନାସିକାର ଅଗ୍ର ପର୍ଯ୍ୟନ୍ତ ସଞ୍ଚାଳିତ ହୋଇ ଅପାନ ବାୟୁର ଯେଉଁ ଅଭିବ୍ୟକ୍ତି, ତାହା ଅନ୍ୟ ଏକ ପ୍ରକାର ବାହ୍ୟ ପୂରକ ।

ହେ ମହାମତେ ! ଏସବୁ ଯାହା କହିଲି, ନିରନ୍ତର ତାହା ଅଭ୍ୟାସ କରିପାରିଲେ ମୁକ୍ତିଲାଭ କରାଯାଏ ଏବଂ ଅତିଶୟ ଚଞ୍ଚଳ ଏହି ବାୟୁ ସକଳ ଅଭ୍ୟାସ ବଳରେ ଜାଗରଣ, ସ୍ୱପ୍ନ, ଶୟନ ଓ ଗମନ ସକଳ ଅବସ୍ଥାରେ ନିରୁଦ୍ଧ ହୋଇଥାଏ । ଜ୍ଞାନପୂର୍ବକ ଏହି ସକଳ କୁମ୍ଭକ ପ୍ରଭୃତିର ଅନୁଷ୍ଠାନ କଲେ ସକଳ କର୍ମ କରି ମଧ୍ୟ ସେହି ପୁରୁଷକର୍ତ୍ତୃତ୍ୱ-ବୋଧଶୂନ୍ୟ ହୋଇଥାଏ । ଏହି ପ୍ରାଣ ଚିନ୍ତାରେ ଚିତ୍ତ ଆସକ୍ତ ହେଲେ ଅଳ୍ପ ଦିନ ମଧ୍ୟରେ ବାହ୍ୟବସ୍ତୁ ସକଳ ପରିତ୍ୟକ୍ତ ହୋଇ କୈବଲ୍ୟ ଉପଲବ୍ଧ ହୁଏ । ପ୍ରାଣଚିନ୍ତକ ବ୍ୟକ୍ତି ବାହ୍ୟ ବିଷୟରେ କଦାପି ପ୍ରୀତିସମ୍ପନ୍ନ ହୁଅନ୍ତି ନାହିଁ । ମାର୍ଜିତବୁଦ୍ଧି ଯେଉଁସବୁ ମନୁଷ୍ୟ ପ୍ରାଣ ଚିନ୍ତାରେ ପରିନିଷ୍ଠିତ ହୋଇଛନ୍ତି, ସେମାନେ ପ୍ରାପ୍ତବ୍ୟ ଲାଭ କରି ଦୁଃଖବିହୀନ ହୋଇଛନ୍ତି । ହେ ବ୍ରହ୍ମନ୍ ! ହୃଦପଦ୍ମରୁ ଉଠି, ବାହାରର ଦ୍ୱାଦଶ ଅଙ୍ଗୁଳି ପରିମାଣ ସ୍ଥାନ ପର୍ଯ୍ୟନ୍ତ ଗମନପୂର୍ବକ ପ୍ରାଣର ଯେଉଁ ନିଶ୍ଚଳତା, ତାହାରି ନାମ ପ୍ରାଣର ଅଭ୍ୟୁଦୟ । ହେ ମୁନିବର ! ଏହିପରି ହୃଦପଦ୍ମ ବାହାରେ ଦ୍ୱାଦଶ ଅଙ୍ଗୁଳି ପରିମିତ ସ୍ଥାନର ପ୍ରାନ୍ତରୁ ଚାଳିତ ହୋଇ ହୃତ୍‌ପଦ୍ମ ମଧ୍ୟରେ ଅପାନ ବାୟୁର ଯେଉଁ ନିଶ୍ଚଳ ଭାବ ତାହାହିଁ ଅପାନର ଅଭ୍ୟୁଦୟ । ପ୍ରାଣବାୟୁ ବାହାରେ ଦ୍ୱାଦଶ ଅଙ୍ଗୁଳି ପର୍ଯ୍ୟନ୍ତ ଆକାଶରେ ଚାଳିତ ହେଲେ ଅପାନ ବାୟୁ ସେହି ସ୍ଥାନରୁ ଭିତର ଦିଗକୁ ଆସିଥାଏ । ପ୍ରାଣବାୟୁ ବାହ୍ୟ ଆକାଶ ଅଭିମୁଖରେ ବହ୍ନିଶିଖା ପରି ବହିଯାଏ, ଅପାନ ବାୟୁ ସେତେବେଳେ ହୃଦୟାକାଶ ଅଭିମୁଖରେ ଜଳ ପରି ନିମ୍ନଦିଗକୁ ବହି ଥାଏ ।

ସୂର୍ଯ୍ୟ ଅଥବା ଅଗ୍ନି ଆକାରରେ ପ୍ରାଣ ଦେହର ଅନ୍ତର୍ଭାଗ ପରିତପ୍ତ କରୁଛନ୍ତି ଏବଂ ଅପାନ ଚନ୍ଦ୍ର ରୂପେ ବାହାରୁ ଦେହକୁ ଶୀତଳ କରୁଛନ୍ତି । ପ୍ରାଣ ସର୍ବଦା ସୂର୍ଯ୍ୟାକାରରେ ହୃଦୟାକାଶକୁ ତାପଯୁକ୍ତ କରି, ମୁଖରୁ ନିଗମନପୂର୍ବକ ବହିରାକାଶକୁ ତାପଯୁକ୍ତ କରୁଛନ୍ତି । ପୁଣି ଅପାନ ଚନ୍ଦ୍ର ରୂପେ ସେତେବେଳେହିଁ ମୁଖାଗ୍ରକୁ ଶୀତଳ କରି, ହୃଦୟାକାଶକୁ ମଧ୍ୟ ଶୀତଳ କରୁଛନ୍ତି । ପ୍ରାଣରୂପୀ ସୂର୍ଯ୍ୟ ଯେଉଁଠି ଥାଇ ଅପାନରୂପୀ ଚନ୍ଦ୍ର ମଧ୍ୟସ୍ଥ କଳା ବା ସାରଭାଗ ଗ୍ରାସିତ କରନ୍ତି, ସେହି ବ୍ରହ୍ମପଦକୁ ଲାଭ କଲେ କଦାପି ଶୋକଗ୍ରସ୍ତ ହେବାକୁ ହୁଏନା । ପୁଣି ଅପାନ ଚନ୍ଦ୍ର ଯେଉଁଠି ଥାଇ ପ୍ରାଣ ସୂର୍ଯ୍ୟ ମଧ୍ୟସ୍ଥ କଳା ଗ୍ରାସ କରନ୍ତି, ସେହି ପରମପଦଙ୍କୁ ଲାଭ କରି ମଧ୍ୟ ଜୀବକୁ ପୁନରାୟ ଜନ୍ମଗ୍ରହଣ କରିବାକୁ ହୁଏନା । ପ୍ରାଣହିଁ ବହିରାକାଶ ଓ ଅନ୍ତରାକାଶରେ ସୂର୍ଯ୍ୟ ରୂପେ ପ୍ରକାଶ ପାଇ, ପୁନରାୟ ଚନ୍ଦ୍ର ଆକାରରେ ପ୍ରକାଶିତ ହୋଇଛନ୍ତି । ପୁଣି ସେ ଚନ୍ଦ୍ରଭାବ ତ୍ୟାଗ କରି ସୂର୍ଯ୍ୟଭାବ ପ୍ରାପ୍ତ ହୁଅନ୍ତି । ସୁତରାଂ ନିଜ ହୃଦୟ ମଧ୍ୟରେ ଯେ ଚନ୍ଦ୍ର ସହିତ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି, ସେଇ ଯଥାର୍ଥ ଦ୍ରଷ୍ଟା । ହୃଦୟର ଅନ୍ଧକାର ଦୂରୀଭୂତ ନ ହେଲେ ମଧ୍ୟ କୌଣସି କ୍ଷତି ନାହିଁ, ହୃଦୟର ଅନ୍ଧକାର ଯେ ଦୂର କରିଛନ୍ତି, ତାହାଙ୍କର ସିଦ୍ଧିଲାଭ ହୋଇଛି । ହେ ମୁନେ ! ବାହାରର ଅନ୍ଧକାର ଦୂର ହେଲେ ଜଗତ୍ ଆଲୋକମୟ ହୁଏ, ଆଉ ହୃଦୟର ଅନ୍ଧକାର ଦୂର ହେଲେ ନିଜେ ଆଲୋକମୟ ହୋଇଯାଏ । ହୃଦୟର ସେହି ଅନ୍ଧକାର ପ୍ରାଣରୂପୀ ସୂର୍ଯ୍ୟ ଦୂରୀଭୂତ କରନ୍ତି ଏବଂ ଏହାକୁ ଉତ୍ତମ ରୂପେ ଜାଣିପାରିଲେ ମୁକ୍ତ ହୋଇଯିବାକୁ ହୁଏ । ସୁତରାଂ ଏହି ପ୍ରାଣରୂପୀ ସୂର୍ଯ୍ୟଙ୍କୁ ଦର୍ଶନ କରିବା କର୍ତ୍ତବ୍ୟ । ହୃତ୍‌ପଦ୍ମର ଯେଉଁ ବିବରରେ ଅପାନରୂପୀ ଚନ୍ଦ୍ର ଅସ୍ତଗତ ହୁଏ, ସେହି ବିବରରୁ ପ୍ରାଣରୂପୀ ସୂର୍ଯ୍ୟ ଉଦିତ ହୋଇ ବାହାର ଦିଗକୁ ଉନ୍ମୁଖତା ପ୍ରାପ୍ତ ହୁଏ । ପ୍ରାଣ ଅସ୍ତମିତ ହେଲେ, ସେହି ସ୍ଥାନରେ ବାହାରୁ ଅପାନ ଆଗମନ କରେ । ହେ ସୁବୁଦ୍ଧେ ! ପ୍ରାଣବାୟୁ ଅସ୍ତଗତ ହେଲେ ଅପାନ ଯେତେବେଳେ ଅଭ୍ୟୁଦୟ ଲାଭ ପାଇଁ ଉନ୍ମୁଖ ହୁଏ, ସେହି ଅବସ୍ଥାର ନାମ ବାହ୍ୟ କୁମ୍ଭକ । ଆଉ ଅପାନ ଯେତେବେଳେ ଅସ୍ତମିତ ଏବଂ ପ୍ରାଣ ସମୁଦିତ ହେଉଥାଏ, ତାହାର ନାମ ଅନ୍ତଃକୁମ୍ଭକ । ଅପାନ ନାସିକା ମଧ୍ୟ ଦେଇ ଅନ୍ତରରେ ପ୍ରବିଷ୍ଟ ହେଉଛି, ଆଉ ପୂରକବାୟୁ ପ୍ରାଣର ପରିପୂରଣ ପାଇଁ ଅନ୍ତରରେ ପ୍ରବେଶ କରୁଛି, ଏହା ଯେ ଦର୍ଶନ କରିପାରନ୍ତି ତାଙ୍କର ଆଉ ଜନ୍ମ ହୁଏନା । ପ୍ରାଣ ଓ ଅପାନ, ଉଭୟେ ଯେଉଁ ଶାନ୍ତ ଆତ୍ମାରେ ଲୀନ ହୋଇଛନ୍ତି, ସେହି ଆତ୍ମାଙ୍କୁ ପ୍ରାପ୍ତ ହେଲେ ଶୋକାତୀତ ହେବାକୁ ହୁଏ । ଅପାନ ପ୍ରାଣକୁ ଏବଂ ପ୍ରାଣ ଅପାନକୁ ଯେତେବେଳେ ଗ୍ରାସ କରିବାକୁ ଉଦ୍ୟତ ହୁଏ, ସେହି ଉଭୟ ଅବସ୍ଥାରେ ଦେଶ ଓ କାଳକୁ ଅପରିଚ୍ଛିନ୍ନ ଚିନ୍ମାତ୍ର ରୂପେ ଧାରଣା କରିପାରିଲେ ଶୋକାତୀତ ହେବାକୁ ହୁଏ । ପ୍ରାଣକୁ ଅପାନକର୍ତ୍ତୃକ ଏବଂ ଅପାନକୁ ପ୍ରାଣକର୍ତ୍ତୃକ ଯେଉଁଠି ଗ୍ରସ୍ତ ହେବା ଦେଖାଯାଏ, ସେଠାରେ ସେମାନଙ୍କ ସହିତ ଦେଶ ଏବଂ କାଳ ମଧ୍ୟ ବିଲୀନ ହୋଇଥାଏ, ଏ ବିଷୟରେ ସନ୍ଦେହ ନାହିଁ । ଯେତେବେଳେ

ପ୍ରାଣ ଅସ୍ତଗତ, ଅଥଚ ଅପାନ ଉଦିତ ହେଉ ନାହିଁ, ସେହି ଅବସ୍ଥାକୁ ଅଯତ୍ନସିଦ୍ଧ ବାହ୍ୟକୁମ୍ଭକ କୁହାଯାଏ; କିନ୍ତୁ ଅଯତ୍ନସିଦ୍ଧ ଅନ୍ତଃକୁମ୍ଭକ ହେଲେ ପରମପଦ, ତାହାହିଁ ହେଉଛନ୍ତି ବିଶୁଦ୍ଧ ପରମ ଚିତ୍ ବା ଆତ୍ମାଙ୍କ ସ୍ୱରୂପ । ପୁଷ୍ପରେ ସୁଗନ୍ଧ ପରି ପ୍ରାଣ ମଧ୍ୟରେ ଚିତ୍‌ସ୍ୱରୂପ ଆତ୍ମା ବିରାଜମାନ; ତାଙ୍କୁ ପ୍ରାପ୍ତ ହେଲେ ଆଉ ଶୋକ କରିବାକୁ ହୁଏନା । ଆମେମାନେ ଯେଉଁ ଚିଦାତ୍ମାଙ୍କର ଉପାସନା କରୁଁ, ସେ ପ୍ରାଣମୟ ନୁହନ୍ତି ବା ଅପାନମୟ ନୁହନ୍ତି । ଅଥଚ ସେ ଏହି ଉଭୟରେ ଅବସ୍ଥିତ । ସେ ପ୍ରାଣ ଲୟର ସମୀପସ୍ଥ, ଅପାନ ଲୟର ଦୂରସ୍ଥ, ଅଥଚ ପ୍ରାଣ ଓ ଅପାନର ମଧ୍ୟସ୍ଥ । ସେ ପ୍ରାଣର ପ୍ରାଣ, ଜୀବର ପରମ ଜୀବନ, ମନର ମନ, ବୁଦ୍ଧିର ବୋଧୟିତା, ଅହଙ୍କାରର ଅହଂବୋଧ ଓ ସତ୍ୟସ୍ୱରୂପ । ଯାହାଙ୍କଠାରେ ସବୁ, ଯାହାଙ୍କଠାରୁ ସବୁ, ଯିଏ ସବୁ, ସବୁରୁ ଯିଏ, ଆମେମାନେ ସେହି ନିତ୍ୟ ଓ ସର୍ବମୟ ଚିଦାତ୍ମାଙ୍କର ଉପାସକ । ଯାହାଙ୍କଠାରେ ଅପାନ ଅନୁଦିତ, ପ୍ରାଣ ଅସ୍ତଗତ, ନାସିକାଗ୍ର ଆକାଶରେ ବିରାଜମାନ, ସେହି ଚିଦାତ୍ମାଙ୍କର ଆମେମାନେ ଉପାସକ । ଯେ ପ୍ରାଣ ଓ ଅପାନରୂପ ରଥରେ ଆରୋହଣ କରି ପରିଚ୍ଛିନ୍ନ ଓ ପ୍ରାଣାପାନର ଶକ୍ତି ଆକାରରେ ବିରାଜମାନ, ସର୍ବଶକ୍ତିର ଶକ୍ତିସ୍ୱରୂପ ସେହି ଚିଦାତ୍ମାଙ୍କର ଆମେମାନେ ଉପାସକ । ହୃଦୟରେ ଯିଏ ପ୍ରାଣର କୁମ୍ଭକ, ବାହାରେ ଯିଏ ଅପାନର କୁମ୍ଭକ ଓ ପୂରକ ପ୍ରଭୃତି ଆକାରରେ ବିବର୍ତ୍ତନ ଗ୍ରହଣ କରନ୍ତି, ସେହି ଚିଦାତ୍ମାଙ୍କୁହିଁ ଆମେମାନେ ଉପାସନା କରୁ । ଯିଏ ପ୍ରାଣାପାନର ଚାଳୟିତା, ପ୍ରାଣୋପାସନାରେ ଯାହାଙ୍କୁ ଲାଭ କରାଯାଏ, ଆମେମାନେ ସେହି ଅରୂପ ଚିଦାତ୍ମାଙ୍କର ଉପାସକ । ଯିଏ ପ୍ରାଣ ସ୍ପନ୍ଦନର କାରଣ, ଯିଏ ଇନ୍ଦ୍ରିୟସମୂହର ବିଷୟ ଭୋଗ ପାଇଁ ଆନନ୍ଦର ହେତୁ, ସେହି ସର୍ବକାରଣର କାରଣ ଚିଦାତ୍ମା ଆମମାନଙ୍କର ଉପାସ୍ୟ । ଯାହାଙ୍କଠାରେ କୌଣସି ଦ୍ୱୈତ କଳଙ୍କ ନାହିଁ, ପରମଜ୍ଞାନହିଁ ଯାହାଙ୍କର ବୈଭବ, ସେହି ପରମାତ୍ମା ଆମମାନଙ୍କର ଉପାସ୍ୟ ।

ଭୁଶଣ୍ଡ କହିଲେ – ଏହିପରି ପ୍ରାଣ-ସମାଧି ଯୋଗରେ ମୁଁ ଆତ୍ମାଙ୍କଠାରେ ଚିତ୍ତର ବିଶ୍ରାନ୍ତି ଲାଭ କରିଅଛି । ହେ ମୁନିବର ! ଏହି ଯୋଗ ଆଶ୍ରୟ କରି ରହିଅଛି ବୋଲି ସୁମେରୁ ଗିରିର ବିଚଳନରେ ମଧ୍ୟ ମୁଁ ବିଚଳିତ ହୁଏ ନାହିଁ । ମୁଁ ଯେକୌଣସି ଅବସ୍ଥାରେ ଥାଏନା କାହିଁକି, ଏହି ସମାଧିରୁ କଦାପି ବିଚ୍ୟୁତ ହୁଏନା । ହେ ତାପସ ଶ୍ରେଷ୍ଠ ! ପ୍ରାଣ ଓ ଅପାନର ଅନୁବର୍ତ୍ତନ କରି ଏହି ଭାବରେ ମୁଁ ପରମାତ୍ମାଙ୍କ ଦର୍ଶନ ଲାଭ କରିଅଛି । ହେ ବ୍ରହ୍ମନ୍ ! ମୁଁ କେବେ ଅତୀତ ଓ ଭାବୀ ବିଷୟରେ ଚିନ୍ତା କରେନା; ଏକମାତ୍ର ବର୍ତ୍ତମାନ ପ୍ରତି ମୋ ଦୃଷ୍ଟି ନିବଦ୍ଧ ରହିଅଛି । କୌଣସି ପ୍ରକାର ଫଳ ଲାଭ ପ୍ରତି ମୋର ବାସନା ନାହିଁ; ମୁଁ କେବଳ ସୁପ୍ତ ପୁରୁଷ ପରି ବୁଦ୍ଧି ସଂଯୋଗ ନକରି ଯଥାଗତ କର୍ମ କରିଥାଏ । ଭାବାଭାବ ଓ ଇଷ୍ଟାନିଷ୍ଟବୁଦ୍ଧି ବିସର୍ଜନ ଦେଇ ମୁଁ କେବଳ ଆତ୍ମାଙ୍କଠାରେ ବିରାଜମାନ ଥାଏ । ଏଥିପାଇଁ ମୁଁ ରୋଗହୀନ ସୁଦୀର୍ଘ ଜୀବନ ଲାଭ କରିଅଛି । ପ୍ରାଣ ଓ ଅପାନର ମିଳନ ସମୟରେ ଯିଏ ଅନୁଭୂତ ହୁଅନ୍ତି, ସେହି ବ୍ରହ୍ମରୂପୀ ଆତ୍ମାଙ୍କଠାରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ମୁଁ ନୀରୋଗ ଓ ଦୀର୍ଘଜୀବୀ । ହେ ସାଧୋ ! ମୁଁ କାହାରି ସ୍ତୁତି ବା ନିନ୍ଦା କରେନା, ସେଥିପାଇଁ ଏହି ଶୁଭଦଶା ମୁଁ ଲାଭ କରିଅଛି । ମୁଁ ଯାବତୀୟ ଦ୍ୱୈତବୁଦ୍ଧି ଓ ଜୀବନ ପ୍ରଭୃତି ବିଷୟରେ ଆସକ୍ତି ତ୍ୟାଗ କରିଅଛି; ସେଥିପାଇଁ ମୋର ଏହି ଶୁଭ ଦଶା ଉପସ୍ଥିତ ହୋଇଅଛି । ଆଜି କ'ଣ ହେଲା, ଆଗାମୀ କାଲି କ'ଣ ହେବ, ଏହିପରି ଚିନ୍ତା ମୋତେ ବ୍ୟାକୁଳିତ କରେ ନାହିଁ, ତେଣୁ ମୁଁ ରୋଗଶୂନ୍ୟ ଓ ଦୀର୍ଘଜୀବୀ । ଜରା ଓ ମରଣରୂପ ଦୁଃଖକୁ ମଧ୍ୟ ମୁଁ ଭୟ କରେନା; ସାମ୍ରାଜ୍ୟ ଲାଭ କଲେ ମଧ୍ୟ ମୁଁ ସୁଖ ଅନୁଭବ କରେନା, ସେଥିପାଇଁ ମୁଁ ନିରାମୟ ଜୀବନ ପ୍ରାପ୍ତ ହୋଇଅଛି । ମୁଁ ଅବଗତ ହୋଇଅଛି ଯେ, ସର୍ବପ୍ରକାଶକ ଓ ସର୍ବମୟ, ଅନାଦି ଅନନ୍ତ ସେହି ଚିତ୍‌ସ୍ୱରୂପହିଁ ମୁଁ; ଏଥିପାଇଁ ମୁଁ ନିରାମୟ ଜୀବନ ଲାଭ କରିଅଛି । ଏହି ଶରୀର ମୁଁ, କୌଣସି ସମୟରେ ମୁଁ ଏପରି ମନେ କରେନା; ସେଥିପାଇଁ ମୁଁ ଦୀର୍ଘଜୀବୀ । ଅନର୍ଥ ଓ ଅର୍ଥ, ଦୁଇହିଁ ମୋ ନିକଟକୁ ଯଥା ସମୟରେ ଆସେ; କିନ୍ତୁ ମୁଁ ଏହି ଉଭୟକୁ ସମାନ ମନେକରେ; ତେଣୁ ମୁଁ ଦୀର୍ଘଜୀବୀ । ସମସ୍ତ କର୍ମ ମୁଁ ଅଭିମାନହୀନ ହୋଇ କରେ, ସେଥିପାଇଁ ମୋ ମନ ସର୍ବଦା ନୈଷ୍କର୍ମ୍ୟରେ ଅବସ୍ଥିତ; ଏହା ମଧ୍ୟ ମୋର ନିରାମୟ ଜୀବନ ଲାଭର ପ୍ରଧାନ କାରଣ । ହେ ମୁନେ ! ଜ୍ଞାନ ପାଇଁ ମୋର କୌଣସି ଔଦ୍ଧତ୍ୟ ନାହିଁ, ଅନ୍ୟର ପରାଭବରେ ସକ୍ଷମ ହୋଇ ମଧ୍ୟ ତାହା ମୁଁ କେବେ କରେନା; ଏପରିକି ଅନ୍ୟ କର୍ତ୍ତୃକ ପରାଭୂତ ହୋଇ ମଧ୍ୟ ମୁଁ ଅପମାନ ବୋଧ କରେନା, ଏବଂ ନିଃସ୍ୱ ହୋଇ ମଧ୍ୟ ମୁଁ ବିଷୟାକାଂକ୍ଷା କରେ ନାହିଁ । ଏହିସବୁ କାରଣରୁ ମୁଁ ନିରାମୟ ଜୀବନ ଲାଭ କରିଅଛି । ଏହି ଦେହ ସତ୍ତ୍ୱେ ବି ମୁଁ ସର୍ବଭୂତସ୍ଥ

ଚିନ୍ମାତ୍ରସ୍ୱରୂପ ଆତ୍ମା, ସେଥିପାଇଁ ସକଳ ପ୍ରାଣୀଙ୍କୁ ମୁଁ ନିଜର ଶରୀର ବୋଲି ଦେଖେ । ସୁଖୀର ସୁଖରେ, ଦୁଃଖୀର ଦୁଃଖରେ ସର୍ବତ୍ର ମୁଁ ସୁଖୀ ଓ ଦୁଃଖୀ ହେଉଅଛି । ମୁଁ ସମସ୍ତଙ୍କର ପ୍ରିୟ ଓ ବନ୍ଧୁ । ମୁଁ ଜଗତ୍, ମୁଁ ଦେଶ ଓ କାଳର ନିୟନ୍ତା ଆକାଶ, ମୁଁ କର୍ମ, ଏହିପରି ମୁଁ ଦର୍ଶନ କରିଥାଏ, ସେଥିପାଇଁ ମୁଁ ନିରାମୟ । ଘଟପଟ, ଆକାଶ, କାନନ ପ୍ରଭୃତି ପରି ଦୃଶ୍ୟମାନ୍ ସବୁହିଁ ଚିତ୍, ଏହିପରି ଭାବନା ବଳରେ ମୁଁ ଅନାମୟ ହୋଇଅଛି । ହେ ମୁନିଶ୍ରେଷ୍ଠ ! ଏହିପରି ମୁଁ ତ୍ରିଭୁବନରୂପ ଏହି ପଦ୍ମର ଭ୍ରମର ପରି ଦୀର୍ଘଜୀବୀ ଭୁଶଣ୍ଡ ନାମକ କାକ ବୋଲି ବିଖ୍ୟାତ ହୋଇଅଛି ଏବଂ ବ୍ରହ୍ମ ସମୁଦ୍ରରେ ତରଙ୍ଗ ସଦୃଶ ଏହି ଜଗତ୍‌କୁ ମୁଁ ଦୀର୍ଘକାଳରୁ ଉଦ୍ଭୂତ ଓ ବିଲୀନ ହେବା ଦେଖିଆସିଛି ।

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ଆପଣଙ୍କ ଆଦେଶ ପାଳନ କରି ମୁଁ ମୋର ଉତ୍ପତ୍ତି, ସ୍ଥିତି ପ୍ରଭୃତି ସମସ୍ତ ବୃତ୍ତାନ୍ତ କୀର୍ତ୍ତନ କଲି । ଏଥିରେ ମୋର ଯେଉଁ ଧୃଷ୍ଟତା ପ୍ରକାଶ ପାଇଛି, ଆପଣ ତାହା ମାର୍ଜନା କରିବେ ।

(ସମାପ୍ତ)

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ''ପୁସ୍ତକରୁ ସଂଗୃହୀତ) ❖

---

ସକଳ ବାକ୍ୟ ଓ ଚିନ୍ତାର ଊର୍ଦ୍ଧ୍ୱରେ ଏକ ଅଭୀପ୍ସା-ମୂଳକ ଶ୍ରଦ୍ଧାର ଜ୍ୟୋତିର୍ମୟ ନୀରବତା ମଧ୍ୟରେ ତୁମେ ନିଜକୁ ସାମଗ୍ରିକଭାବେ, ନିଃଶେଷରେ ଏବଂ ସଂପୂର୍ଣ୍ଣରୂପେ ସକଳ ଅସ୍ତିତ୍ୱର ପରମପ୍ରଭୁଙ୍କ ନିକଟରେ ଅର୍ପଣ କର ଏବଂ ସେ ତୁମକୁ ଯାହା ହେବାକୁ ଚାହାନ୍ତି ସେହି ରୂପେହିଁ ତୁମକୁ ଗଢ଼ି ତୋଳିବେ ।

ଆଶୀର୍ବାଦ ସହ ।

୫. ୩. ୧୯୬୬ — ଶ୍ରୀମା

---

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ । ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

ଶେଷ ପୃଷ୍ଠା :

# ଦିବ୍ୟ ଉପସ୍ଥିତି

**ଶ୍ରୀ ବିଶ୍ୱମ୍ଭର ସାମନ୍ତ**

### (୧)

ଆମ ପ୍ରତ୍ୟେକଙ୍କ ଭିତରେ ଭଗବାନ୍ ଓ ତାଙ୍କର ପରମା ଶକ୍ତି ଭଗବତୀ ଜନନୀଙ୍କର ଯେଉଁ ଦିବ୍ୟ ଉପସ୍ଥିତି ରହିଛି, ସେ ସମ୍ପର୍କରେ ସଚେତ ହେବାହିଁ ହେଉଛି ପୂର୍ଣ୍ଣଯୋଗରେ ଅଗ୍ରସର ହେବାର ଏକମାତ୍ର ବାଟ । ଏପରିକି ତାହା ବିନା କୌଣସି ଅଗ୍ରଗତି ସମ୍ପୂର୍ଣ୍ଣ ଅସମ୍ଭବ ।

ଶ୍ରୀଅରବିନ୍ଦଙ୍କ କଥାରେ, "Without that Presence the work is impossible." ଅର୍ଥାତ୍, ''ସେହି ଦିବ୍ୟ ଉପସ୍ଥିତି ବିନା କାମଟି ପୂରା ଅସମ୍ଭବ ।''

କାରଣ ଏହି ଯୋଗରେ ଭଗବାନଙ୍କ ପରମାଶକ୍ତି ଦିବ୍ୟଜନନୀ ମା'ହିଁ ହେଉଛନ୍ତି ଏକାଧାରରେ ସାଧ୍ୟ, ସାଧିକା ଓ ସାଧନା । ସାଧକର ଶକ୍ତି ନୁହେଁ, ମା'ଙ୍କ ଶକ୍ତିହିଁ ଏହି ଯୋଗର ସାଧନା କରିଥାଏ । ମା'ଙ୍କ ସ୍ପର୍ଶ ଓ ପ୍ରେରଣା ଫଳରେହିଁ ଏହି ଯୋଗର ସାଧନା ପାଇଁ ଆମ ଭିତରେ ଅଭୀପ୍ସା ଓ ସଙ୍କଳ୍ପର ଉଦୟ ହୁଏ, ତାଙ୍କରି କୃପା ଓ ଶକ୍ତିହିଁ ଆମକୁ ସାଧନାର ଦୁର୍ଗମ ପଥରେ ଆମ ହାତ ଧରି ବାଟ କଢ଼ାଇ ଆଗେଇ ନିଏ ଓ ଶେଷରେ ଯେତେବେଳେ ଆମେ ଲକ୍ଷ୍ୟର ସମୀପବର୍ତ୍ତୀ ହେଉ, ସେତେବେଳେ ଦେଖୁ ସେହି ଦିବ୍ୟଜନନୀହିଁ ଥିଲେ ଆମ ସମଗ୍ର ସାଧନାର ଲକ୍ଷ୍ୟ, ତାଙ୍କ ସହ ମିଳିତ ଓ ଏକାତ୍ମ ହେବାରେହିଁ ରହିଛି ଆମ ଚେତନା ଓ ଜୀବନର ପରମ ସାର୍ଥକତା ।

ଆମର ଅଜ୍ଞାନମୟ ଚେତନା ଓ ଜୀବନ ଯେ କେତେବେଳେ ମନ୍ଥର ଓ କେତେବେଳେ ଦ୍ରୁତ ଗତିରେ ଏକ ପୂର୍ଣ୍ଣାଙ୍ଗ ଦିବ୍ୟତ୍ୱ ଦିଗରେ କ୍ରମବିକଶିତ ହୋଇ ଚାଲିଛି, ସେହି ସମସ୍ତହିଁ ହେଉଛି ଦିବ୍ୟଜନନୀଙ୍କ ଲୀଳା । ସେହି ଦିବ୍ୟଜନନୀହିଁ ଅପରା ପ୍ରକୃତିର ରୂପ ନେଇ ଆମର ମନ, ପ୍ରାଣ ଓ ଦେହକୁ ନାନା ଅଜ୍ଞାନତା, ଜଡ଼ତା, ମିଥ୍ୟା, ମୋହ ଓ ଅନ୍ଧକାର ଭିତରେ ଆବଦ୍ଧ କରି ରଖିଛନ୍ତି; ପୁଣି ସେହିଁ ଆମକୁ ଏସବୁଥିରୁ ମୁକ୍ତ କରି ପୂର୍ଣ୍ଣ ଦିବ୍ୟତ୍ୱରେ ଉତ୍ତୀର୍ଣ୍ଣ କରାଇବା ପାଇଁ, ପରାପ୍ରକୃତିର ରୂପ ନେଇ ଆମର ଜୀବନ ଓ ଚେତନାକୁ ଚାଳିତ କରନ୍ତି ସତ୍ୟ, ଶକ୍ତି, ଆନନ୍ଦ ଓ ପ୍ରେମର ପରମ ସ୍ୱରୂପ ସଚ୍ଚିଦାନନ୍ଦଙ୍କର ଉପଲବ୍ଧି ଓ ଅଭିବ୍ୟକ୍ତି ଦିଗରେ । ତେଣୁ ଆମେ ଯେଉଁଠାରେ, ଯେତେବେଳେ, ଯେଉଁ ଅବସ୍ଥାରେ ରହିଥାଉନା କାହିଁକି, ଭଗବତୀ ଜନନୀଙ୍କର ସେହି ଦିବ୍ୟ ଉପସ୍ଥିତି ଆମ ଭିତରେ, ବାହାରେ, ଆମକୁ ଘେରି ଆମର ଚତୁର୍ଦ୍ଦିଗରେ ଆମ ସଙ୍ଗେ ସଙ୍ଗେ ରହିଛି । କିନ୍ତୁ ଆମର ଜୀବନ ଓ ଚେତନା ସହ ତାହା ଏପରି ଓତପ୍ରୋତ ଭାବରେ ଜଡ଼ିତ ହୋଇ ରହିଥିଲେ ମଧ୍ୟ ଆମେ ସାଧାରଣତଃ ତାହା ସମ୍ପର୍କରେ କ୍ୱଚିତ୍ ସଚେତ ଥାଉ । କାରଣ ଆମର ଅହଂଗ୍ରସ୍ତ ଚେତନା ପାଇଁ ଆମର ବାହ୍ୟ ଜୀବନ ଓ ତାହାର କାମନା-ବାସନାର ପରିପୂରଣ ହୋଇଥାଏ ଆମର ପ୍ରଧାନ ଲକ୍ଷ୍ୟ ଓ ସେହି ଦିଗରେହିଁ ଆମର ସମସ୍ତ କର୍ମ ଓ ପ୍ରଚେଷ୍ଟା ପରିଚାଳିତ ହେଉଥାଏ । ତେଣୁ ଆମର ଚେତନା ହୋଇଥାଏ ବହିର୍ମୁଖୀ । ଏକ ବହିର୍ମୁଖୀ ଚେତନା କେବଳ ବାହ୍ୟ ସ୍ଥୂଳ ଜିନିଷଗୁଡ଼ିକୁହିଁ ଅନୁଭବ ଓ ପ୍ରତ୍ୟକ୍ଷ କରିଥାଏ । ଆମ ଭିତରେ ସୂକ୍ଷ୍ମରୁ ସୂକ୍ଷ୍ମତର ରୂପ ନେଇ ନିତ୍ୟ ବିରାଜମାନ ଦିବ୍ୟ ଉପସ୍ଥିତି ଆମ ପାଇଁ ରହିଯାଏ ସମ୍ପୂର୍ଣ୍ଣ ଅଜଣା ଓ ଅପ୍ରତ୍ୟକ୍ଷୀଭୂତ, ଯଦିଓ ତାହା ସମ୍ପର୍କରେ ସଚେତ ହେବାହିଁ ଆମର ପ୍ରଥମ ଓ ପ୍ରଧାନ କାମ । ତେଣୁ ଆମ ଚେତନାର ବହିର୍ମୁଖୀ ସମସ୍ତ ଅଭ୍ୟାସର ମୋଡ଼ ଫେରାଇ ତାହାକୁ ଅନ୍ତର୍ମୁଖୀ ଓ ଊର୍ଦ୍ଧ୍ୱାଭିମୁଖୀ କରାଇ ଆମର ହୃଦୟର ଗଭୀରରେ ଓ ମସ୍ତକରେ ତଥା ତା'ର ଊର୍ଦ୍ଧ୍ୱରେ ରହିଥିବା ଚେତନାର କେନ୍ଦ୍ରଗୁଡ଼ିକ ସହ ପ୍ରତ୍ୟକ୍ଷ ଯୋଗାଯୋଗ ଓ ସମ୍ପର୍କ ସ୍ଥାପନ କରିବାକୁ ହେବ । କାରଣ ସେହି ସୂକ୍ଷ୍ମ କେନ୍ଦ୍ରଗୁଡ଼ିକରେହିଁ ଏହି ଦିବ୍ୟ ଉପସ୍ଥିତି ସମ୍ପୂର୍ଣ୍ଣ ଅନାବୃତ, ସୁସ୍ପଷ୍ଟ ଓ ପ୍ରତ୍ୟକ୍ଷନୀୟ ହୋଇ ରହିଛି । ସେହି କେନ୍ଦ୍ରଗୁଡ଼ିକରେହିଁ ଆମେ ଭଗବାନଙ୍କର ସ୍ପର୍ଶ ପାଇଥାଉ ସତ୍ୟ, ଶାନ୍ତି, ଆନନ୍ଦ ଓ ଆଲୋକ ରୂପରେ ଏବଂ ତାଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତ୍ୟକ୍ଷ କରିଥାଉ । ସେହି କେନ୍ଦ୍ରଗୁଡ଼ିକ ଭିତର ଦେଇହିଁ ଭଗବାନଙ୍କର ଅପାର କୃପା ଓ ପ୍ରେମ ଝରି ପଡ଼େ ଆମର ଜୀବନ ଓ ଚେତନାକୁ ସରସ ଓ ସଞ୍ଜୀବିତ କରି ।

ଶ୍ରୀଅରବିନ୍ଦଙ୍କ କଥାରେ, "It descends into the mind and into the body as Peace, as a Light,

as a Force that works, as the Presence of the Divine with or without form, as Ananda."

(CWSA, Vol. 29, P. 106)

ଅର୍ଥାତ୍, ''ଏହା ମନ ଓ ଶରୀର ଭିତରକୁ ଅବତରଣ କରିଥାଏ ଦିବ୍ୟ ଶାନ୍ତି ରୂପରେ, ଆଲୋକ ରୂପରେ, କ୍ରିୟାଶୀଳ ଶକ୍ତି ରୂପରେ, ସାକାର ବା ନିରାକାର ଭଗବତ୍ ଉପସ୍ଥିତି ରୂପରେ, ଦିବ୍ୟ ଆନନ୍ଦ ରୂପରେ ।''

ପୁନଶ୍ଚ ଏଥିପାଇଁ ସାଧନାର ପଦ୍ଧତି ସମ୍ପର୍କରେ ଶ୍ରୀଅରବିନ୍ଦ କହିଛନ୍ତି, "There is no method in this Yoga except to concentrate, preferably in the heart, and call the presence and power of The Mother to take up the being and by working of her force transform the consciousness; one can concentrate also in the head or between the eyebrows, but for many this is a too difficult opening."

(CWSA, Vol. 29, P. 107)

ଅର୍ଥାତ୍, ''ଏକାଗ୍ର ହେବାକୁ ହେବ, ହୃଦୟ କେନ୍ଦ୍ରରେ ଏକାଗ୍ର ହେବା ଅଧିକ ଉତ୍ତମ, ଏହି ଏକାଗ୍ର ହେବା ବ୍ୟତୀତ ଏହି ଯୋଗରେ ଅନ୍ୟ କୌଣସି ପଦ୍ଧତି ନାହିଁ । ହୃଦୟରେ ଏକାଗ୍ର ରହି ସେଠାରେ ମା'ଙ୍କର ଉପସ୍ଥିତି ଓ ଶକ୍ତିକୁ ଆବାହନ କରିବାକୁ ହେବ ଯେପରି ତାହା ଆମର ସତ୍ତାକୁ ଗ୍ରହଣ କରେ ଓ ତାଙ୍କ ଶକ୍ତିର କ୍ରିୟା ଦ୍ୱାରା ଆମର ଚେତନାକୁ ରୂପାନ୍ତରିତ କରେ; ଜଣେ ମସ୍ତିଷ୍କରେ ବା ଭ୍ରୂଦ୍ୱୟ ମଧ୍ୟରେ ଏକାଗ୍ର ହୋଇପାରେ କିନ୍ତୁ ଅନେକଙ୍କ ପାଇଁ ଏହି କେନ୍ଦ୍ରଗୁଡ଼ିକର ଉନ୍ମୀଳନ କଷ୍ଟସାଧ୍ୟ ।''

ଶ୍ରୀଅରବିନ୍ଦ ଚେତନାର ଏହି ଯେଉଁ କେନ୍ଦ୍ରଗୁଡ଼ିକ ବିଷୟରେ କହିଛନ୍ତି ସେହି କେନ୍ଦ୍ରଗୁଡ଼ିକ ସେତିକି ଅଧିକ ଉନ୍ମୀଳିତ ଓ ସକ୍ରିୟ ହୋଇ ଉଠିବ ଆମେ ଯେତିକି ଅଧିକ ଆଗ୍ରହ, ଉତ୍ସାହ ଓ ନିଷ୍ଠାର ସହିତ ସେହି କେନ୍ଦ୍ରଗୁଡ଼ିକରେ ମା'ଙ୍କ ଦିବ୍ୟ ଉପସ୍ଥିତି ଉପରେ ଏକାଗ୍ର ହେବୁ ଓ ତାହା ପ୍ରତି ନିଜକୁ ଖୋଲି ଧରିବାରେ ଦୃଢ଼ ବିଶ୍ୱାସ, ସଂକଳ୍ପ ଓ ଧୈର୍ଯ୍ୟ ସହ ଲାଗି ରହିବୁ । ପ୍ରଥମରୁ ଯାହା କହିଥିଲୁ, ଆମ ପ୍ରତ୍ୟେକଙ୍କ ଭିତରେ ସେହି ଦିବ୍ୟ ଉପସ୍ଥିତି ରହିଛି, ତାହା ସମ୍ପର୍କରେ ସଚେତ ହେବାର କାମଟି ଆମର ।

ଶ୍ରୀମା ଆମକୁ ବାରଂବାର କହିଛନ୍ତି, "The Divine Presence is in you. It is in you. You look for it outside; look inside. It is in you. The Presence is there."

(CWM, Vol. 15, P. 399)

ଅର୍ଥାତ୍, ''ତୁମ ଭିତରେହିଁ ରହିଛି ଭଗବତ୍ ଉପସ୍ଥିତି । ଏହା ତୁମ ଭିତରେ ରହିଛି । ତୁମେ ଏହାକୁ ବାହାରେ ଖୋଜୁଛ; ଭିତରକୁ ଦୃଷ୍ଟି ଦିଅ । ଏହା ତୁମ ଭିତରେ ରହିଛି । ସେହିଠାରେହିଁ ରହିଛି ସେହି ଦିବ୍ୟ ଉପସ୍ଥିତି ।''

## (୨)

ଯଦି ଆମେ ନିଜ ଭିତରେ ନିତ୍ୟ ବିରାଜମାନ ଭଗବାନ୍ ଓ ତାଙ୍କ ପରମାଶକ୍ତି ଭାଗବତୀ ଜନନୀଙ୍କ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ହେବାକୁ, ତାହାକୁ ଉପଲବ୍ଧି କରିବାକୁ ଓ ତାହା ସହ ନିରନ୍ତର ଯୁକ୍ତ ଓ ମିଳିତ ହୋଇ ରହି ଶେଷରେ ତାହା ସହ ପୂର୍ଣ୍ଣ ଓ ଅଭିନ୍ନ ଭାବରେ ଏକ ହୋଇଯିବାକୁ ଆମ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରୁ, ତେବେ ଆମକୁ ସର୍ବତୋଭାବେ, ସମଗ୍ର ସତ୍ତା ଦେଇ ସବୁ ସମୟରେ ଏହାହିଁ ଚାହିଁବାକୁ ହେବ । ଏହି ଚାହିଁବା ବା ଅଭୀପ୍ସା ଯେତିକି ପ୍ରଗାଢ଼ ହେବ, ଆମେ ଲକ୍ଷ୍ୟର ସେତିକି ନିକଟବର୍ତ୍ତୀ ହେଉଥିବୁ । ଅନ୍ୟ ପକ୍ଷରେ ଏହା ମଧ୍ୟ ସତ୍ୟ ଯେ ଆମେ ଲକ୍ଷ୍ୟର ଯେତିକି ନିକଟବର୍ତ୍ତୀ ହେଉଥିବୁ ଏହି ଚାହିଁବା ମଧ୍ୟ ସେତିକି ପ୍ରଗାଢ଼ ହେଉଥିବ । ଚେତନାର ଉଚ୍ଚତମ ସ୍ତରରେ ଲକ୍ଷ୍ୟ ଓ ପ୍ରାପ୍ତି ସେହି ସମାନ ଗୋଟିଏ ଜିନିଷ; ସେଇ ଏକ ପରମ ଅଦ୍ୱୈତ ସତ୍ୟହିଁ ଚେତନାର ବିଭିନ୍ନ ସ୍ତରରେ ନିଜ ଲୀଳାର ରସାସ୍ୱାଦନ ପାଇଁ ଲକ୍ଷ୍ୟ ଓ ପ୍ରାପ୍ତି ଭିତରେ ନାନା ଦୂରତ୍ୱ, ବିଭାଜନ ଓ ବିଭିନ୍ନତାକୁ ରୂପ ଦେଇଛନ୍ତି । କିନ୍ତୁ ତାଙ୍କ ଛଡ଼ା ଆମେ ଆଉ ଅନ୍ୟ କିଛି ବା ଭିନ୍ନ କିଛି ନୋହୁଁ, ହୋଇ ନପାରୁ; ଭଗବାନଙ୍କ ଛଡ଼ା ଅନ୍ୟ କିଛି ହେବାର ଶକ୍ତି ଆମର ନାହିଁ, କାହାର ନାହିଁ, ଏପରିକି ସ୍ୱୟଂ ଭଗବାନଙ୍କର ମଧ୍ୟ ନାହିଁ । ଏପରିକି ତାଙ୍କୁ ବିରୋଧ କରୁଥିବା ଓ ତାଙ୍କ ସହ ସଂଘର୍ଷ କରୁଥିବା ଆସୁରିକ ଶକ୍ତିମାନେ ତାଙ୍କରି ଭିତରୁହିଁ ଆସି ଥାଆନ୍ତି ଓ ତାଙ୍କ ଦ୍ୱାରା ପରାଜିତ ଓ ନିହତ ହୋଇ ତାଙ୍କରି ଭିତରେହିଁ ଲୀନ ହୋଇ ଯାଆନ୍ତି । କାରଣ ଯାହାକିଛି ସୃଷ୍ଟି ହେବ, ସୃଷ୍ଟି ଭିତରେ ଯାହାକିଛି ରୂପ ପାଇବ – ସବୁ ତ ତାଙ୍କରି ଭିତରୁହିଁ ।

ନିଜର ଦିବ୍ୟ ଉପସ୍ଥିତି ନେଇ ସେହି ସର୍ବମୟ, ସର୍ବବ୍ୟାପୀ, ଅଖଣ୍ଡ, ଅନନ୍ତ, ଅନିର୍ବଚନୀୟ ପରମ ସତ୍ୟ ସର୍ବତ୍ର ବିରାଜମାନ – ଆମ ଭିତରେ, ବାହାରେ, ଚତୁର୍ଦ୍ଦିଗରେ; ସବୁକିଛିରେ । ଅନେକେ ସେହି କାହାଣୀଟି ଶୁଣିଥିବେ ଯେ ଜଣେ ପଣ୍ଡିତ ତାଙ୍କ ରାଜ୍ୟର ରାଜାଙ୍କୁ ଖୁସି କରିବା ପାଇଁ କହିଲେ, ''ଆପଣ ସମସ୍ତଙ୍କଠାରୁ ଶକ୍ତିଶାଳୀ ।'' ଏହା ଶୁଣି ରାଜା ଯେତେବେଳେ ପ୍ରଶ୍ନ କଲେ, ''କ'ଣ ଭଗବାନଙ୍କ ଠାରୁ ମଧ୍ୟ ?'' ପଣ୍ଡିତ କିଂକର୍ତ୍ତବ୍ୟବିମୂଢ଼ ହୋଇ କହି ପକାଇଲେ, ''ହଁ'' । ତା'ପରେ ରାଜାଜ୍ଞା ହେଲା ଯେ ରାଜା କିପରି ଭଗବାନଙ୍କ ଠାରୁ ମଧ୍ୟ ଶକ୍ତିଶାଳୀ ତାହା ନିର୍ଦ୍ଧାରିତ ସମୟ ଭିତରେ ବୁଝାଇ ନଦେଲେ ପଣ୍ଡିତଙ୍କୁ ମୃତ୍ୟୁଦଣ୍ଡ ଭୋଗିବାକୁ ହେବ । ଶେଷରେ ବିଚରା ଭୟଭୀତ ପଣ୍ଡିତ ଜଣେ ବିଚକ୍ଷଣ ବ୍ୟକ୍ତିଙ୍କ ଠାରୁ ବୁଦ୍ଧି ପାଇ ରାଜାଙ୍କୁ ବୁଝାଇ ଦେଲେ – ନିଜ ରାଜ୍ୟରୁ ଯେକୌଣସି ଲୋକକୁ ନିର୍ବାସିତ କରି ଦେବାର ଶକ୍ତି ରାଜାଙ୍କର ଅଛି, କିନ୍ତୁ ଭଗବାନ୍ ତାଙ୍କ ରାଜ୍ୟରୁ କାହାକୁ ନିର୍ବାସିତ କରି ଦେଇ ପାରିବେ ନାହିଁ; ସେ ଶକ୍ତି ତାଙ୍କର ନାହିଁ କାରଣ ସମଗ୍ର ସୃଷ୍ଟିହିଁ ଭଗବାନଙ୍କ ରାଜ୍ୟ । ଯାହାକୁ ଯେଉଁଠିକି ନିର୍ବାସିତ କଲେ ମଧ୍ୟ ତାହା ଭଗବାନଙ୍କ ରାଜ୍ୟର ଅନ୍ତର୍ଗତ ।

ତେଣୁ ସବୁକିଛିହିଁ ଭଗବାନଙ୍କ ରାଜ୍ୟର ଅନ୍ତର୍ଗତ, ତାଙ୍କ ଚେତନାର ଅନ୍ତର୍ଗତ, ସେହିଁ ସବୁକିଛି ହୋଇଛନ୍ତି, ସବୁକିଛି ଭିତରେ ରହିଛନ୍ତି – ଏହି ସତ୍ୟଟି ଉପରେ ଆଧାରିତ ବିଶ୍ୱାସକୁ ଭିତ୍ତି କରିହିଁ ତାଙ୍କ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ହେବାର ସାଧନାଟି ଆରମ୍ଭ କରିବାକୁ ହେବ ଏବଂ ଆମ ନିଜ ଭିତରେହିଁ ପ୍ରଥମେ ତାହା ଉପଲବ୍ଧି କରିବାକୁ ହେବ । ଅବଶ୍ୟ ଏହା ସତ୍ୟ ଯେ ତାଙ୍କ ଭିତରେ ସବୁକିଛି ଓ ସବୁକିଛି ଭିତରେ ସେ ରହିଥିଲେ ମଧ୍ୟ ଆମେ ତାହା ପ୍ରତ୍ୟକ୍ଷ କରିପାରୁ ନାହୁଁ, କାରଣ ସେ ନିଜର ଭଗବତ୍ ସ୍ୱରୂପକୁ ପ୍ରଚ୍ଛନ୍ନ ଓ ଅପ୍ରକଟ କରି ରହିଛନ୍ତି । କେବଳ ପ୍ରହ୍ଲାଦଙ୍କ ପରି ଭକ୍ତି ଓ ବିଶ୍ୱାସର ଅଧିକାରୀ ତାଙ୍କୁ ଜଡ଼ସ୍ତମ୍ଭଟିଏ ଭିତରୁ ମଧ୍ୟ ତାଙ୍କ ସ୍ୱ-ସ୍ୱରୂପରେ ପ୍ରକଟ କରିଦେଇ ପାରେ; ଯେଉଁ ପ୍ରକାଶ ତାଙ୍କର ବିରୋଧୀ ଅସୁରମାନଙ୍କ ପାଇଁ ଯେତିକି ଭୀଷଣ ଓ ଭୟଙ୍କର, ତାଙ୍କର ଭକ୍ତମାନଙ୍କ ପାଇଁ ସେତିକି କୋମଳ, ସ୍ନେହାର୍ଦ୍ର ଓ ବରାଭୟ, ମୁକ୍ତିପ୍ରଦାୟୀ । କିନ୍ତୁ ଆମେ ତ ପ୍ରହ୍ଲାଦଙ୍କ ପରି ଜନ୍ମରୁ ଭକ୍ତ ବା ଜ୍ଞାନୀ ନୋହୁଁ, ଦିବ୍ୟ ଉପସ୍ଥିତି ସମ୍ପର୍କରେ ଆମର ସେହି ସହଜାତ ଦୃଷ୍ଟି, ଦୃଢ଼ ବିଶ୍ୱାସ ଓ ନିର୍ଭରତା ଆସିବ କେଉଁଠୁ ? ସେହି ସତ୍ୟକୁ ଉପଲବ୍ଧି କରିବାକୁ ହେଲେ ଆମକୁ ନିଜ ନିଷ୍ଠା ଓ ସାଧନାରେ କ୍ରମେ କ୍ରମେ ଅଗ୍ରସର ହେବାକୁ ହେବ । ଅବଶ୍ୟ ତାହାର ଫଳପ୍ରାପ୍ତି ନିର୍ଭର କରେ ସ୍ୱୟଂ ତାଙ୍କରି କୃପା ଉପରେ, ଯେତେବେଳେ ସେ ନିଜର ଦିବ୍ୟ ଉପସ୍ଥିତିକୁ ଆମ ଚେତନା ଆଗରେ ଖୋଲି ଦେବେ ।

କିନ୍ତୁ ପ୍ରଥମରୁ କେହି ଦିବ୍ୟ ଉପସ୍ଥିତିକୁ ହଠାତ୍ ପ୍ରତ୍ୟକ୍ଷ କରି ସେ ସମ୍ପର୍କରେ ସଚେତ ହୁଅନ୍ତି ନାହିଁ । ପ୍ରଥମେ ଆମକୁ ମନରେ ଏହି ଧାରଣାଟି ପୋଷଣ କରିବାକୁ ହେବ ଯେ ଆମ ଭିତରେ ଭଗବାନଙ୍କର ଦିବ୍ୟ ଉପସ୍ଥିତି ବୋଲି କିଛି ଅଛି । ଯେତେ ଅଧିକ ସମୟ ସମ୍ଭବ ଆମେ ଏହି ଧାରଣାଟି ଉପରେ ଏକାଗ୍ର ରହି, ତାହାକୁ ବାରଂବାର ଚିନ୍ତନ ଓ ସ୍ମରଣ କରି ସଦାସର୍ବଦା ପୋଷଣ କରି ଚାଲିଲେ କ୍ରମଶଃ ତାହା ଏକ ଗଭୀର ଅଭୀପ୍ସାର ରୂପ ନେବ ଓ କେବଳ ମନରେ ନୁହେଁ, ଆମ ସୂକ୍ଷ୍ମ ଇନ୍ଦ୍ରିୟାନୁଭୂତିମାନଙ୍କ ଆଗରେ ମଧ୍ୟ ସେହି ଦିବ୍ୟ ଉପସ୍ଥିତିର କିଛିଟା ଆଭାସ, କିଛିଟା ସ୍ପର୍ଶ ଓ କିଛିଟା ଝଲକ ଧରା ପଡ଼ିବ ଓ ପରେ ସ୍ପଷ୍ଟ ରୂପେ ତାହା ଆମର ସ୍ପଷ୍ଟ ପ୍ରତ୍ୟକ୍ଷୀଭୂତ ହେବ ।

କିନ୍ତୁ ଏ ଦିଗରେ ସବୁଠୁ ପ୍ରଧାନ କଥା ହେଲା ଅଭୀପ୍ସାର ନିବିଡ଼ତା । ସେହି ଅଭୀପ୍ସା ଯଦି ଏକ obsession ବା ଆବେଶନର ରୂପ ନିଏ, ଅର୍ଥାତ୍ ଯଦି ସବୁ ସମୟରେ ତହିଁରେ ଆସକ୍ତ, ସମ୍ପୂର୍ଣ୍ଣ ଲିପ୍ତ ଓ ଆବିଷ୍ଟ ହୋଇ ରହିବାର ରୂପ ନିଏ, ଯାହାକୁ ସାଧାରଣ ଲୋକମାନେ ଏକ ପାଗଳାମି ବୋଲି କହିପାରନ୍ତି, ତା'ହେଲେ ମଧ୍ୟ ତାହା ଉତ୍ତମ ।

ଶ୍ରୀମା'ଙ୍କ କଥାରେ, "If one chooses one's obsession well, it may be very useful because it is no longer quite an obsession. For example, one has decided to find the Divine within oneself, and constantly, in every circumstance, whatever happens or whatever one may do, one concentrates in order to enter into contact with the inner Divine. Naturally, first one must have that little thing... which consists in knowing that there is a Divine within one (this is a very good example of the "lesser truth") and once one is sure of it and has the aspiration to find it, if that aspiration becomes constant

and the effort to realise it becomes constant, in the eyes of others it looks like an obsession, but this kind of obsession is not bad."

(CWM, Vol. 4, Page. 344 - 345)

– ଅର୍ଥାତ୍, ''ଯଦି ଜଣେ ନିଜର ଆବେଶନକୁ ଠିକ୍ ଭାବେ ସୁନିର୍ବାଚିତ କରେ, ତେବେ ତାହା ଖୁବ୍ ଉପଯୋଗୀ ହୋଇପାରେ, କାରଣ ସେତେବେଳେ ତାହା ଆଉ ଠିକ୍ ଏକ ଆବେଶନ କି ପାଗଳାମି ହୋଇ ରୁହେ ନାହିଁ । ଉଦାହରଣ ସ୍ୱରୂପ ଜଣେ ନିଷ୍ପତ୍ତି ନେଲା ନିଜ ଭିତରେ ରହିଥିବା ଭଗବାନଙ୍କୁ ଖୋଜି ପାଇବା ପାଇଁ, ତା'ହେଲେ ସବୁ ସମୟରେ ପ୍ରତ୍ୟେକଟି ପରିସ୍ଥିତିରେ, ଯାହା ବି ଘଟୁ ଥାଉନା କାହିଁକି ବା ଜଣେ ଯାହାବି କରୁ ଥାଉନା କାହିଁକି ସେ ଏକାଗ୍ର ହେବ ନିଜ ଅନ୍ତରସ୍ଥ ଭଗବାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ପାଇଁ । ସ୍ୱାଭାବିକ ଭାବରେ ତୁମ ଭିତରେ ସେହି ଛୋଟିଆ ଜାଣିବାଟି ରହିବା ଦରକାର ଯେ ତୁମ ଭିତରେ ଭଗବାନ୍ ବୋଲି କେହି ଅଛନ୍ତି ... (''ନ୍ୟୂନତର ସତ୍ୟ'' ବିଷୟରେ ଏଇଟି ଗୋଟିଏ ଉତ୍ତମ ଉଦାହରଣ) ଏବଂ ଥରେ ସେ ବିଷୟରେ ଜଣେ ନିଶ୍ଚିତ ହୋଇଗଲେ ଏବଂ ତାହାଙ୍କୁ ଖୋଜି ପାଇବା ପାଇଁ ନିଜର ଅଭୀପ୍ସା ରଖିଲେ, ଯଦି ସେହି ଅଭୀପ୍ସା ନିରବଚ୍ଛିନ୍ନ ହୁଏ, ଏବଂ ତାହାକୁ ଉପଲବ୍ଧି କରିବାର ପ୍ରଚେଷ୍ଟା ମଧ୍ୟ ନିରବଚ୍ଛିନ୍ନ ହୁଏ, ତେବେ ଅନ୍ୟମାନଙ୍କ ଦୃଷ୍ଟିରେ ଏହା ଏକ ପାଗଳାମି ପରି ମନେ ହୋଇପାରେ, କିନ୍ତୁ ଏଇ ଧରଣର ପାଗଳାମି ମନ୍ଦ ନୁହେଁ ।''

ଲେଖିବା ବାହୁଲ୍ୟ ଯେ ଏଇ ଧରଣର ନିରବଚ୍ଛିନ୍ନ ଅଭୀପ୍ସାର ଉତ୍ତର ସ୍ୱରୂପହିଁ ଦିବ୍ୟ ଜନନୀ ଆମ ଭିତରେ ତାଙ୍କ ଦିବ୍ୟ ଉପସ୍ଥିତିକୁ ଅଧିକରୁ ଅଧିକ ପ୍ରକାଶ କରିନେଇ ତାହାର ପୂର୍ଣ୍ଣ ଉପଲବ୍ଧି ପଥରେ ଆମକୁ ଆଗେଇ ନିଅନ୍ତି ।

(କ୍ରମଶଃ)

Let this be our one need in life, to realise the Divine.

(CWM Vol. 14, p. 3) – The Mother

*With best compliments from :*


**SRI JAGANNATH RICE MILL**

**MAITAPUR, BALASORE (ODISHA)**




ଆଲିପୁର ଜେଲରେ ଶ୍ରୀଅରବିନ୍ଦ, ୧୯୦୮-୧୯୦୯

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।
(ପଞ୍ଚମ ପର୍ବ)



ଶ୍ରୀଅରବିନ୍ଦଙ୍କର ନିର୍ଜନ କାରାଗୃହ ଓ ସାମନାର ଅଗଣା

ଶ୍ରୀଅରବିନ୍ଦଙ୍କ ବର୍ଣ୍ଣନାରୁ : ''ମୋର ନିର୍ଜନ କାରାଗୃହଟିର ଦୈର୍ଘ୍ୟ ନଅ ଫୁଟ ଓ ପ୍ରସ୍ଥ ପାଞ୍ଚ ଫୁଟ ଥିଲା; ଏହାର ଝରକା ନଥିଲା, ସମ୍ମୁଖ ଭାଗରେ ଥିଲା ଲୁହାଛଡ଼ ନିର୍ମିତ ଦରଜା । ... କୋଠରିର ବାହାରେ ଗୋଟିଏ ଛୋଟ ଅଗଣା, ପଥରର ଚଟାଣ, ଇଟାର ଉଚ୍ଚ କାନ୍ଥ, ସାମନାରେ କାଠର ଦରଜା । ସେହି ଦରଜା ଉପରେ ମନୁଷ୍ୟର ଚକ୍ଷୁ ସମାନ ଉଚ୍ଚତାରେ କ୍ଷୁଦ୍ର ଗୋଲାକାର ରନ୍ଧ୍ର,– ଦରଜା ବନ୍ଦ ହୋଇଥିଲେ କାରାରକ୍ଷୀ ଏହି ରନ୍ଧ୍ରରେ ଚକ୍ଷୁ ଲଗାଇ ବନ୍ଦୀ କ'ଣ କରୁଛି ଦେଖେ । କିନ୍ତୁ ମୋ ଅଗଣାର ଦରଜା ପ୍ରାୟ ଖୋଲା ରହିଥିଲା । ଏହିପରି ପାଖାପାଖି ଛ'ଟି କୋଠରି, ସେଗୁଡ଼ିକୁ ଛ' ଡିକ୍ରୀ କୁହାଯାଉଥିଲା । ଡିକ୍ରୀର ଅର୍ଥ ବିଶେଷ ଦଣ୍ଡ-ବିଧାନର କୋଠରି – ବିଚାରପତି ଅଥବା ଜେଲର ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କ ଆଦେଶରେ ଯେଉଁମାନଙ୍କ ପାଇଁ ନିର୍ଜନ କାରାବାସର ଦଣ୍ଡ ନିର୍ଦ୍ଧାରିତ ହୁଏ, ସେହିମାନଙ୍କୁହିଁ ଏହି କ୍ଷୁଦ୍ର କ୍ଷୁଦ୍ର ଗହ୍ୱରରେ ବାସ କରିବାକୁ ହୁଏ । ... ମୋ ଅଗଣାର ଦରଜା ଖୋଲା ଥିବାରୁ କୋଠରି ଦରଜା ନିକଟରେ ବସିଲେ ବାହାରେ ଜେଲର ଖୋଲାସ୍ଥାନ ଏବଂ ବନ୍ଦୀମାନଙ୍କର ଯାତାୟାତ ଦେଖାଯାଏ । ...



(୧୯୯୬ରେ ନିଆ ଯାଇଥିବା) ଛ' ଡିକ୍ରୀର କିୟଦଂଶ



କାରାଗୃହ ଭିତରୁ ଦେଖା ଯାଉଥିବା ଖୋଲା ଦରଜା

ଶ୍ରୀଅରବିନ୍ଦଙ୍କ ବର୍ଣ୍ଣନାରୁ : ''ଯେଉଁମାନେ ମୋ ସହିତ ଏକହିଁ ଅଭିଯୋଗରେ ଅଭିଯୁକ୍ତ, ସେମାନଙ୍କ ସଙ୍ଗେ ଜେଲରେ ପ୍ରାୟ ଦେଖା ହେଉ ନଥିଲା । ସେମାନଙ୍କୁ ସ୍ୱତନ୍ତ୍ର ସ୍ଥାନରେ ରଖାଯାଇଥିଲା । ଛ' ଡିକ୍ରୀର ପଶ୍ଚାତ୍ ଭାଗରେ କ୍ଷୁଦ୍ର କ୍ଷୁଦ୍ର କୋଠରିର ଦୁଇଟି ଲାଇନ ଥିଲା, ଏହି ଦୁଇଟି ଲାଇନରେ ସର୍ବମୋଟ ଚଉରାଳିଶଟି କୋଠରି, ସେହି ସକାଶେ ଏହାକୁ ଚଉରାଳିଶ ଡିକ୍ରୀ କୁହାଯାଉଥିଲା । ଏହି ଡିକ୍ରୀର ଗୋଟିଏ ଲାଇନରେ ଅଧିକାଂଶ ଆସାମୀଙ୍କ ବାସସ୍ଥାନ ନିର୍ଦ୍ଦିଷ୍ଟ ଥିଲା । ସେମାନେ



ଚଉରାଳିଶ ଡିକ୍ରୀ



ଚଉରାଳିଶ ଡିକ୍ରୀର ଅନ୍ୟ ଏକ ଦୃଶ୍ୟ

ବନ୍ଦୀଗୃହରେ ଆବଦ୍ଧ ଥାଇ ମଧ ନିର୍ଜନ କରାବାସ ଭୋଗ କରନ୍ତି ନାହିଁ, କାହିଁକି ନା ପ୍ରତ୍ୟେକ କୋଠରିରେ ତିନି ଜଣ ଲେଖାଏଁ ରହୁଥିଲେ । ... ତେବେ ସେମାନଙ୍କ ମଧ୍ୟରୁ ଜଣେ ଏହି ସୁଖରୁ ବଞ୍ଚିତ ଥିଲେ । ସେ ହେଉଛନ୍ତି ହେମଚନ୍ଦ୍ର ଦାସ । ...

''... ଜେଲର ଡାକ୍ତର ଡେଲି ଓ ସହକାରୀ ସୁପରିନ୍‌ଟେଣ୍ଡେଣ୍ଟ ଏମାର୍‌ସନ୍ ସାହେବ ପ୍ରାୟ ପ୍ରତ୍ୟହ ମୋ କୋଠରିକୁ ଆସି ଦୁଇ, ଚାରୋଟି ଗଳ୍ପ କହିଯାଉଥିଲେ । ଜାଣେ ନାହିଁ କାହିଁକି ମୁଁ ପ୍ରଥମରୁହିଁ ସେମାନଙ୍କର ବିଶେଷ ଅନୁଗ୍ରହ ଓ ସହାନୁଭୂତି ଲାଭ କରିପାରିଥିଲି । ... ଡାକ୍ତରବାବୁଙ୍କ ଦୟାରୁ କିଛିଦିନ ସକାଶେ ମୋ ପାଇଁ (ଜେଲର) ଡାକ୍ତରଖାନାରୁ ଦୁଗ୍ଧର ବ୍ୟବସ୍ଥା ହୋଇଥିଲା । ... ମୋତେ ଥରେ ସାମାନ୍ୟ ଜ୍ୱର ହେଲା । ସେତେବେଳେ ବର୍ଷାକାଳ । ... ତଥାପି ମୁଁ ଡାକ୍ତରଖାନା ଯିବାକୁ ବା ଔଷଧ ଖାଇବାକୁ ଅନିଚ୍ଛୁକ ଥିଲି । ... ଡାକ୍ତରବାବୁ କିନ୍ତୁ ମୋ ସକାଶେ ବେଶ୍ ଚିନ୍ତିତ ଥିଲେ । ବିଶେଷ ଆଗ୍ରହର ସହିତ ସେ ମୋତେ ଡାକ୍ତରଖାନା ଯିବାର ପ୍ରୟୋଜନୀୟତା ବୁଝାଇଲେ । ... ତାଙ୍କର ଇଚ୍ଛା ଥିଲା ମୋତେ (ସେଠାରେ) ଅନେକ ଦିନ ସୁଖସ୍ୱାଚ୍ଛନ୍ଦ୍ୟରେ ରଖିବେ । କିନ୍ତୁ ଅଳ୍ପ ଦିନ ପରେ ମୁଁ ଜୋର୍ କରି ୱାର୍ଡ୍‌କୁ ଫେରି ଆସିଥିଲି । ...

''... ପରେ ଦିନେ ଏମାର୍‌ସନ୍ ସାହେବ ଆସି ଆମ ଘରୁ ଧୋତି, ଜାମା ଓ ପଢ଼ିବା ସକାଶେ ପୁସ୍ତକ ଆଣିବା ନିମିତ୍ତ ମୋତେ ଅନୁମତି ଦେଇଗଲେ । ... ମୋର ପୂଜନୀୟ ମଉସାଙ୍କୁ ଧୋତି, ଜାମା ଓ ପଢ଼ିବା ପୁସ୍ତକ ମଧ୍ୟରେ ଗୀତା ଓ ଉପନିଷଦ୍ ପଠାଇବାକୁ ଅନୁରୋଧ କଲି ।




ଜେଲର ଡାକ୍ତରଖାନା

... ତା'ପରେ ମୋ ହସ୍ତରେ ଭଗବାନ୍ ଗୀତା ଗ୍ରନ୍ଥ ଦେଲେ । ... ତାଙ୍କ ଶକ୍ତି ମୋ ଭିତରେ ପ୍ରବେଶ କଲା ଏବଂ ମୁଁ ଗୀତାର ସାଧନା କରିବାକୁ ସମର୍ଥ ହେଲି । ...

''ଦିନେ ଡେଲି ସାହେବ ଆସି ମୋତେ କହିଲେ, 'ମୁଁ ଏମାର୍ସନ୍ ସାହେବଙ୍କୁ କହି ବଡ଼ ସାହେବଙ୍କୁ ସମ୍ମତ କରାଇ ପାରିଛି ଯେ ତୁମେ ପ୍ରତ୍ୟହ ସକାଳେ ଓ



(୧୯୯୬ରେ ନିଆ ଯାଇଥିବା) ଛ' ଡିକ୍ରୀ ସାମନାରେ ଥିବା ଖୋଲା ସ୍ଥାନ



(୧୯୯୬ରେ ନିଆ ଯାଇଥିବା) ଜେଲର ଗୋଶାଳା

ଉପରଓଳି ଛ' ଡିକ୍ରୀର ସାମନାରେ ବୁଲି ପାରିବ ।' ... ସେହିଦିନଠାରୁ ମୁଁ ସକାଳେ ଓ ଉପରଓଳି ଡିକ୍ରୀର ସମ୍ମୁଖସ୍ଥ ଖୋଲା ସ୍ଥାନରେ ବୁଲିବାକୁ ଲାଗିଲି । ଉପରଓଳି ଦଶ ମିନିଟ, ପନ୍ଦର ମିନିଟ, କୋଡ଼ିଏ ମିନିଟ ପର୍ଯ୍ୟନ୍ତ ବୁଲୁଥିଲି; କିନ୍ତୁ ସକାଳେ ଘଣ୍ଟାଏ, ଦିନେ ଦିନେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବାହାରେ ରହୁଥିଲି, ସମୟର କୌଣସି ନିୟମ ନଥିଲା । ଏହି ସମୟରେ ବିଶେଷ ଭଲ ଲାଗୁଥିଲା । ଗୋଟିଏ ଦିଗରେ ଜେଲର କାରଖାନା, ଅନ୍ୟ ଦିଗରେ ଗୋଶାଳା – ମୋର ସ୍ୱାଧୀନ ରାଜ୍ୟର ଏହି ଦୁଇଟି ସୀମା ଥିଲା । କାରଖାନାରୁ ଗୋଶାଳା ଓ ଗୋଶାଳାରୁ କାରଖାନା, ଇତସ୍ତତଃ ବିଚରଣ କରୁ କରୁ ଉପନିଷଦ୍‌ର ଗଭୀର ଭାବୋଦ୍ଦୀପକ ଅକ୍ଷୟ ଶକ୍ତିଦାୟକ ମନ୍ତ୍ରସକଳ ଆବୃତ୍ତି କରୁଥିଲି, ନଚେତ୍ ବନ୍ଦୀମାନଙ୍କର କାର୍ଯ୍ୟକଳାପ ଓ ଯାତାୟାତ ଲକ୍ଷ୍ୟ କରି ସର୍ବଘଟରେ ନାରାୟଣ – ଏହି ମୂଳ ସତ୍ୟକୁ ଉପଲବ୍ଧି କରିବାକୁ ଚେଷ୍ଟା କରୁଥିଲି । ମନେ ମନେ 'ସର୍ବଂ ଖଳ୍ୱିଦଂ ବ୍ରହ୍ମ' ମନ୍ତ୍ରୋଚ୍ଚାରଣପୂର୍ବକ ବୃକ୍ଷ, ଗୃହ, ପ୍ରାଚୀର, ମନୁଷ୍ୟ, ପଶୁ, ପକ୍ଷୀ, ଧାତୁ, ମୃତ୍ତିକା ଆଦି ସର୍ବଭୂତରେ ସେହି ଉପଲବ୍ଧି ଆରୋପ କରୁଥିଲି । ...

''... ଇତି ମଧ୍ୟରେ ମାଜିଷ୍ଟ୍ରେଟ (ବାର୍ଲି)ଙ୍କ କୋର୍ଟରେ ମୋକଦମା ଆରମ୍ଭ ହେଲା । ...''




(୧୯୯୬ରେ ନିଆ ଯାଇଥିବା) ଖୋଲା ସ୍ଥାନର ପୃଷ୍ଠପଟରେ ଜେଲର କାରଖାନା



ବାର୍ଲିଙ୍କର ଅଦାଲତ

୧୯୦୮ର ମେ ୧୮ ତାରିଖରେ ମାଜିଷ୍ଟ୍ରେଟ ବାର୍ଲିଙ୍କ ଅଦାଲତରେ ପ୍ରଥମ ଦଫାରେ ଗିରଫ ହୋଇଥିବା ୩୭ ଜଣ ଆସାମୀଙ୍କ ଉପସ୍ଥିତିରେ 'ଆଲିପୁର ବୋମା ମୋକଦମା'ର ପ୍ରଥମ ଶୁଣାଣି ଆରମ୍ଭ ହେଲା । ...

ଏହି ମୋକଦମାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଆସାମୀମାନଙ୍କ ପକ୍ଷର ପ୍ରଧାନ ଓକିଲ ହିସାବରେ ନିଯୁକ୍ତ ଥିଲେ ଶ୍ରୀଯୁକ୍ତ ବିଜୟ କୃଷ୍ଣ ବୋଷ । ୧୯୨୨ରେ ସେ ଏହି ମୋକଦମା ସମ୍ବନ୍ଧେ ଚୂଡ଼ାନ୍ତ ମନ୍ତବ୍ୟ ଦେବାକୁ ଯାଇ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ଏହି ମୋକଦମାଟି ଯେକୌଣସି ପ୍ରକାରର ଗୁରୁତ୍ୱ ଦୃଷ୍ଟିରୁ ବା ବିସ୍ତୃତି ଦୃଷ୍ଟିରୁ ଭାରତବର୍ଷରେ ସର୍ବପ୍ରଥମ ସରକାରୀ ମୋକଦମା । ... ଏହା ଥିଲା ଏକାଧାରରେ ଅସାଧାରଣ, ପ୍ରସିଦ୍ଧ, ସ୍ମରଣୀୟ ଏବଂ ବିଶେଷ ଭାବରେ ଲକ୍ଷ୍ୟ କରିବାର ଯୋଗ୍ୟ ଏକ ମୋକଦମା ।



ଶ୍ରୀଯୁକ୍ତ ବିଜୟ କୃଷ୍ଣ ବୋଷ



ମି. ଅର୍ଡ୍ଲି ନର୍ଟନ୍

ସରକାରଙ୍କ ତରଫରୁ ଏହି ମୋକଦମାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଧାନ ଓକିଲ ଥିଲେ ମାନ୍ଦ୍ରାଜ (ଅଧୁନା ଚେନ୍ନାଇ) ହାଇକୋର୍ଟର ତଦାନୀନ୍ତନ ଭାରତର ସର୍ବଶ୍ରେଷ୍ଠ କୃତକର୍ମା ଓକିଲ ମି. ଅର୍ଡ୍ଲି ନର୍ଟନ୍, ଯିଏକି ପ୍ରାରମ୍ଭରୁହିଁ ଶ୍ରୀଅରବିନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ପ୍ରାଣପଣେ ଲଢ଼ିଥିଲେ । ସେ ୧୯୨୨ରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ ଯେ ଯଦି ଶ୍ରୀଅରବିନ୍ଦଙ୍କୁ ଭାରତର ଶିକ୍ଷା ବିଭାଗରେ ଗ୍ରହଣ କରାଯାଇଥା'ନ୍ତା ତେବେ ମୋର ଦୃଢ଼ ବିଶ୍ୱାସ ସେ ଆମ ଦେଶବାସୀଙ୍କ ସହିତ ତାଙ୍କ ଦେଶବାସୀଙ୍କର ଏକ ଦୃଢ଼ ସମ୍ପର୍କ ସ୍ଥାପନ କରିପାରିଥା'ନ୍ତେ । ...

ଅଦାଲତରେ ପ୍ରଥମ ଦିନର ଶିହରଣରେ ଆସାମୀମାନଙ୍କ ସମ୍ବନ୍ଧେ ଉଲ୍ଲେଖ କରି 'ବନ୍ଦେ ମାତରମ୍' ପତ୍ରିକା ଲେଖିଥିଲା : ''(ପରିଷ୍କାର ପରିଚ୍ଛନ୍ନ ପୋଷାକ ପରିହିତ) ଏମାନେ ପ୍ରତ୍ୟେକେ ପ୍ରଫୁଲ୍ଲ, ଉଜ୍ଜ୍ୱଳ ହାସ୍ୟମୁଖରେ ଆନନ୍ଦିତ ଥିଲେ । ... ସେମାନଙ୍କ ମୁଖମଣ୍ଡଳରେ ଯେମିତି ସ୍ଥିର ସହିଷ୍ଣୁତା ଓ ଭଗବତ୍ ଇଚ୍ଛା ନିକଟରେ ପୂର୍ଣ୍ଣ ଆତ୍ମ-ସମର୍ପଣ ଭାବର ଛାପ ଲାଗିରହିଥିଲା । ...''

ଆସାମୀମାନଙ୍କ ଉପରେ ପ୍ରଥମ ଦୃକ୍‌ପାତରେ 'ଏମ୍ପାୟାର' କାଗଜ ଏହି ମର୍ମରେ ମନ୍ତବ୍ୟ ଦେଇଥିଲା : ''ଏମାନେ ହେଉଛନ୍ତି ଭାଗ୍ୟ ଉପରେ ନିର୍ଭରଶୀଳ ଚିନ୍ତାଭାବନାଶୂନ୍ୟ ଗୋଷ୍ଠୀ (a very happy-go-lucky lot); ଏମାନଙ୍କ ମୁଖମଣ୍ଡଳର ହାବଭାବରୁ ସୂଚିତ ହେଉଥିଲା ଯେ ସମଗ୍ର ଦଳଟି ଭିତରୁ କାହାରି ଜଣଙ୍କର ବି ପାର୍ଥିବ ଜୀବନ ପ୍ରତି ଉଦ୍‌ବେଗ ନଥିଲା ।''



'ଆଲିପୁର ବୋମା ମୋକଦମା'ର ଆସାମୀଗଣ (୧)
ଆଲିପୁର ଜେଲର ଡାକ୍ତର ଡେଲି ସାହେବଙ୍କ ଉକ୍ତିରେ, ''ଏମାନଙ୍କର ଆଚରଣ, ଚରିତ୍ର ଓ ନାନା ସଦ୍‌ଗୁଣ ଦେଖି କେହି କ'ଣ କଳ୍ପନା କରିପାରେ ଯେ ଏମାନେ Anarchist ବା ହତ୍ୟାକାରୀ । ଏମାନଙ୍କ ଭିତରେ କ୍ରୂରତା, ଉଦ୍ଦାମଭାବ, ଅଧୀରତା ବା ଧୃଷ୍ଟତା କିଛି ମାତ୍ର ନଦେଖି ଏସବୁର ବିପରୀତ ଗୁଣହିଁ ଦେଖେ ।''



'ଆଲିପୁର ବୋମା ମୋକଦମା'ର ଆସାମୀଗଣ (୨)
ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ଆମ୍ଭେମାନେ ସମସ୍ତେ ଭଦ୍ରଲୋକର ସନ୍ତାନ, ଅନେକେ ଜମିଦାର ଘରର ପିଲା; କେତେଜଣ ବଂଶ, ବିଦ୍ୟା, ଗୁଣ, ଚରିତ୍ରରେ ଇଂଲଣ୍ଡର ଶୀର୍ଷସ୍ଥାନୀୟ ଲୋକମାନଙ୍କର ସମକକ୍ଷ । ...''



ଯିଶୁଖ୍ରୀଷ୍ଟ

ଶ୍ରୀଅରବିନ୍ଦଙ୍କର ବର୍ଣ୍ଣନାରୁ : ''... କୋର୍ଟରେ ଏମାନଙ୍କର ଆଚରଣ ଦେଖି ବେଶ୍ ବୁଝିପାରିଥିଲି ଯେ ବଙ୍ଗରେ ନୂତନ ଯୁଗ ଆସିଛି, ନୂତନ ସନ୍ତାନ ମାତୃ କୋଳରେ ବାସ କରିବାକୁ ଆରମ୍ଭ କରିଛନ୍ତି । ... ଏହି ବାଳକମାନଙ୍କୁ ଦେଖି ମନେ ହେଉଥିଲା ଯେପରି ଅନ୍ୟ ସମୟର ଅନ୍ୟ ଶିକ୍ଷାପ୍ରାପ୍ତ ଉଦାରଚେତା ଦୁର୍ଦାନ୍ତ ତେଜସ୍ୱୀ ପୁରୁଷସକଳ ପୁନର୍ବାର ଭାରତବର୍ଷକୁ ଫେରି ଆସିଛନ୍ତି । ସେହି ନିର୍ଭୀକ ସରଳ ଚାହାଣି, ସେହି ତେଜଃପୂର୍ଣ୍ଣ କଥା, ସେହି ଭାବନାଶୂନ୍ୟ ଆନନ୍ଦମୟ ହସ, ଏହି ଘୋର ବିପଦ ସମୟରେ ସେହି ଅକ୍ଷୁଣ୍ଣ ତେଜସ୍ୱୀତା, ମନର ପ୍ରସନ୍ନତା । ବିମର୍ଷତା, ଭାବନା ବା ସନ୍ତାପର ଅଭାବ, ଏହା ସେ ସମୟର ତମଃକ୍ଲିଷ୍ଟ ଭାରତବାସୀଙ୍କର ନୁହେଁ, ନୂତନ ଯୁଗର, ନୂତନ ଜାତିର, ନୂତନ କର୍ମସ୍ରୋତର ଲକ୍ଷଣ । ...

''... ଯିଶୁ କେତେଜଣ ବାଳକଙ୍କୁ ଦେଖାଇ ଶିଷ୍ୟଗଣଙ୍କୁ କହିଥିଲେ, 'ଯେଉଁମାନେ ଏହି ବାଳକମାନଙ୍କ ତୁଲ୍ୟ, ସେହିମାନେହିଁ ବ୍ରହ୍ମଲୋକ ପ୍ରାପ୍ତ ହୁଅନ୍ତି ।' ... ମୁଁ ଜାଣେନି କେଉଁଠାରୁ ଏକ ସ୍ରୋତ ଆସି ସମସ୍ତଙ୍କୁ ଭସାଇ ନେଇଗଲା । ଯିଏ କେବେ ବି ଭଗବାନଙ୍କର ନାମ ନିଏ ନାହିଁ, ସେ ମଧ୍ୟ ସାଧନା କରିବାକୁ ଶିଖିଲା । ଆଉ ସେହି ପରମ ଦୟାଳୁଙ୍କର ଦୟା ଅନୁଭବ କରି ଆନନ୍ଦମଗ୍ନ ହୋଇ ପଡ଼ିଲା । ଅନେକ ଦିନର ଅଭ୍ୟାସରେ ଯୋଗୀର ଯାହା ହୁଏ, ଏହି ବାଳକମାନଙ୍କର ଦୁଇ ଚାରି ମାସର ସାଧନାରେ ତାହା ହୋଇଗଲା ।


''ଶ୍ରୀରାମକୃଷ୍ଣ ପରମହଂସ ଥରେ କହିଥିଲେ, 'ବର୍ତ୍ତମାନ ତୁମ୍ଭେମାନେ କ'ଣ ଦେଖୁଛ – ଏହା କିଛିହିଁ ନୁହେଁ, ଦେଶରେ ଏପରି ସ୍ରୋତ ଆସୁଛି ଯେ ଅଳ୍ପ ବୟସର ପିଲା ମଧ୍ୟ ତିନି ଦିନ ସାଧନା କରି ସିଦ୍ଧି ପାଇବ ।' ଏହି ବାଳକମାନଙ୍କୁ ଦେଖିଲେ ତାଙ୍କର ଭବିଷ୍ୟ ବାଣୀର ସଫଳତା ସମ୍ବନ୍ଧରେ ଆଦୌ ସନ୍ଦେହ ରହେ ନାହିଁ । ଏମାନେ ଯେପରି ସେହି ପ୍ରତ୍ୟାଶିତ ଧର୍ମପ୍ରବାହର ମୂର୍ତ୍ତିମନ୍ତ ପୂର୍ବ-ପରିଚୟ; ...''



ଶ୍ରୀରାମକୃଷ୍ଣ ପରମହଂସ



ନରେନ୍ଦ୍ରନାଥ ଗୋସ୍ୱାମୀ (ବୟସ ୩୨) : ଶ୍ରୀରାମପୁରର ଜମିଦାରଙ୍କ ପୁତ୍ର; ସୁଖ, ଭୋଗବିଳାସ, ଦୁର୍ନୀତି ଭିତରେ ପ୍ରତିପାଳିତ ହୋଇଥିବାରୁ କାରାଗାରର କଠୋର ସଂଯମ ଓ ତପସ୍ୟାରେ ଅତ୍ୟନ୍ତ କାତର ହୋଇ ଉଠିଥିଲେ । ତାଙ୍କ ପିତାଙ୍କର ପ୍ରରୋଚନାରେ ସେ 'ରାଜସାକ୍ଷୀ' ହେବାକୁ ବାଧ୍ୟ ହୋଇଥିଲେ ।



THE

BENGALEE.

PUBLISHED EVERY SATURDAY.

VOL. VIII.] No. 1.

BELLOORE IN THE SUBURBS OF HOWRAH:—SATURDAY, JANUARY 2, 1909.

NOTICE

The Manager of the Bengalee will feel obliged by Subscribers bringing promptly to his notice any irregularity in the delivery of the paper.

'ଦି ବେଙ୍ଗଲୀ'

ଦେଶବାସୀଙ୍କର ଅତ୍ୟନ୍ତ ଅପ୍ରିୟଭାଜନ ହୋଇଉଠିଲେ । ତଦାନୀନ୍ତନ କଲିକତାର ଦୁଇଟି ମୁଖ୍ୟ ଓ ଜନପ୍ରିୟ ସ୍ଥାନୀୟ ଇଂରାଜୀ ପତ୍ରିକା ଥିଲା : 'ଦି ବେଙ୍ଗଲୀ' ଓ 'ଆନନ୍ଦ ବଜାର ପତ୍ରିକା' ।

ଇତିପୂର୍ବରୁ ଜୁନ୍ ୧୩ ତାରିଖରେ ଆସାମୀମାନଙ୍କର ଜେଲ ଜୀବନରେ ଏକ ଅଭାବନୀୟ ପରିବର୍ତ୍ତନ ଦେଖା ଦେଲା ।

ମାଜିଷ୍ଟ୍ରେଟ ବାର୍ଲିଙ୍କ କୋର୍ଟରେ ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ଥିଲା ନରେନ୍ଦ୍ରନାଥ ଗୋସ୍ୱାମୀ(ଓରଫ ନରେନ୍ ଗୋସାଇଁ)ଙ୍କର ସାକ୍ଷ୍ୟ ।

ଏହି କୋର୍ଟରେ ପ୍ରଥମେ ମେ ୮ରୁ ମେ ୨୨ ତାରିଖ ପର୍ଯ୍ୟନ୍ତ ମୋକଦ୍ଦମାର ଶୁଣାଣି ଚାଲିଥିଲା । ... ଏହା ପରେ ମଝିରେ ଦୁଇ ସପ୍ତାହ ଧରି କୋର୍ଟ ବନ୍ଦ ରହିଥିଲା । ଜୁନ୍ ୬ ତାରିଖରେ ପୁଣି କୋର୍ଟ ଆରମ୍ଭ ହୋଇ ୨୨ ଜୁନ୍ ପର୍ଯ୍ୟନ୍ତ ପାଞ୍ଚ ଥର କି ଛ'ଥର ମୋକଦ୍ଦମାର ଶୁଣାଣି ହୋଇଥିଲା । ଏହି ସମୟରେ ନରେନ୍‌ଙ୍କର ସାକ୍ଷ୍ୟ ଦେବା ଆରମ୍ଭ ହୋଇଥିଲା । ଇତି ମଧ୍ୟରେ ଅନ୍ୟ ସହ-ଆସାମୀମାନେ ଟେର୍ ପାଇ ଯାଇଥିଲେ ଯେ ନରେନ୍ ନିଶ୍ଚିତ ରୂପେ ବିଶ୍ୱାସଘାତକତା କରି 'ରାଜସାକ୍ଷୀ' ('Approver') ହେବାକୁ ଆରମ୍ଭ କରିଛନ୍ତି । ...

ଏହାପରେ ଆସିଲା ଜୁନ୍ ୨୩ ତାରିଖ, ଦିନ ୧୦ଟା । କୋର୍ଟରେ ବାର୍ଲି ସାହେବ ନିଜର ଆସନ ଅଳଙ୍କୃତ କରିବା ପରେ ମି. ନର୍ଟନ୍ ତାଙ୍କୁ ସମ୍ବୋଧନପୂର୍ବକ ଘୋଷଣା କଲେ ଯେ ଆସାମୀ ନରେନ୍ଦ୍ରନାଥ ଗୋସ୍ୱାମୀ ପୂର୍ଣ୍ଣମାତ୍ରାରେ 'ରାଜସାକ୍ଷୀ' ବନି ଯାଇଥିବାରୁ ଜାମିନରେ ମୁକ୍ତ ହୋଇ ଅନ୍ୟତ୍ର ରହିବେ । ... ପରିଶେଷରେ ମି. ବାର୍ଲି ଘୋଷଣା କଲେ ଯେ ନରେନ୍ଦ୍ରନାଥ ମୁକ୍ତ; କିନ୍ତୁ ତାଙ୍କର ସମସ୍ତ ସାକ୍ଷ୍ୟ ଗ୍ରହଣ କରାଯିବା ପର୍ଯ୍ୟନ୍ତ ନିରାପତ୍ତା ଦୃଷ୍ଟିରୁ ସେ ଜେଲ ଭିତରେ 'ୟୁରୋପିଆନ୍ ୱାର୍ଡ଼'ରେ ସରକାରଙ୍କର ପୂର୍ଣ୍ଣ ତତ୍ତ୍ୱାବଧାନରେ ରହିବେ । ଏହା ପରେ ଶପଥପାଠପୂର୍ବକ ଗୋସାଇଁ ସମଗ୍ର ଦିନଟି ସାକ୍ଷୀ ଦେଇଥିଲେ ।

ପାଞ୍ଚ ଦିନ ଧରି ନରେନ୍ ମି. ବାର୍ଲିଙ୍କ କୋର୍ଟରେ ସାକ୍ଷୀ ଦେଇ 'ଗୁପ୍ତ-ସମିତି'ର ସମସ୍ତ ଗୋପନ କଥା ପ୍ରକାଶ କରି ଦେଇଥିଲେ । ... କୋର୍ଟ ରୁମ୍‌ରେ ଅଧିକାଂଶ ସମୟରେ ଆସାମୀମାନେ ତାଙ୍କୁ ଧିକ୍କାର କରି କହୁଥିଲେ, 'ନରେନ୍, ତୁମର ଆୟୁ ସରି ଆସିଲାଣି !' ('Your fate was sealed !')

କୋର୍ଟରେ ନରେନ୍‌ଙ୍କର ସାକ୍ଷ୍ୟର ସବିସ୍ତୃତ ବିବରଣୀ ସମସ୍ତ ସ୍ଥାନୀୟ ପତ୍ରପତ୍ରିକାରେ ପ୍ରକାଶ ପାଇବାରୁ ସମଗ୍ର କଲିକତାରେ ପ୍ରବଳ ଚାଞ୍ଚଲ୍ୟ ସୃଷ୍ଟି ହେଲା ଏବଂ ସେ



Amrita Bazar Patrika

Preventive Detention Needed For Security

Home Minister's Plea

No Communist Detained In Bengal, Says Katju

Red M. P. Asked To Quit House

PARTY MEMBERS WALK OUT

Sequel To Allegation Of Unfairness Against Speaker

London-Bombay Jet Service From Aug. 11

'ଆନନ୍ଦ ବଜାର ପତ୍ରିକା'



ଜେଲ ଭିତରେ ଥିବା ମୁଖ୍ୟ ଅଗଣାର ଏକ ସାଧାରଣ ଦୃଶ୍ୟ : (ବାମରୁ ଡାହାଣକୁ, ଖୁବ୍ ସମ୍ଭବତଃ, ତଦାନୀନ୍ତନ) ତେଇଶ ନମ୍ବର ଡିକ୍ରୀ, ତିନି ନମ୍ବର ଡିକ୍ରୀ, ୟୁରୋପିଆନ୍ ୱାର୍ଡ଼ ଏବଂ ଜେଲ କର୍ତ୍ତୃପକ୍ଷଗଣଙ୍କ ବାସଭବନ

ସେମାନଙ୍କର ନିର୍ଜନ କାରାବାସ ଘୁଞ୍ଚିଗଲା ଏବଂ ଏକତ୍ରବାସର ହୁକୁମ ହେଲା – ତିନି ନମ୍ବର ୱାର୍ଡ଼ରେ; ପାଖକୁ ପାଖ ଲାଗି ତିନୋଟି କୋଠରିରେ । ପାଖ ଦୁଇଟି କୋଠରି ମଝି କୋଠରିଠାରୁ ଅପେକ୍ଷାକୃତ ଛୋଟ । ଗୋଟିଏ ପାଖ କୋଠରିରେ ଥିଲେ ଶ୍ରୀଅରବିନ୍ଦ; ସାଥିରେ ଥିଲେ କତିପୟ ସାଧନା ଓ ଧ୍ୟାନ-ଧାରଣାରେ ଆଗ୍ରହୀ ଆସାମୀ । ଅନ୍ୟ ପାର୍ଶ୍ୱରେ ଥିଲେ ହେମଚନ୍ଦ୍ରଙ୍କ ସହିତ ନାସ୍ତିକ, ଯୁକ୍ତିବାଦୀ ଓ ତଥାକଥିତ କରିତ୍‌କର୍ମା ଆସାମୀଙ୍କର ଦଳ । ମଝିରେ ଥିବା ବଡ଼ କୋଠରିରେ ଉପେନ୍‌ଙ୍କ ସହିତ ଥିଲେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତ୍ୟନ୍ତ ନିପୁଣ ଅବଶିଷ୍ଟ ଆସାମୀ ।

ଏହି ତିନି ନମ୍ବର ୱାର୍ଡ଼କୁ ଆସାମୀମାନେ ଆସିବାର ପ୍ରାୟ ସପ୍ତାହକ ପରେ ଦ୍ୱିତୀୟ ଦଫାରେ ଗ୍ରେପ୍ତାର ହୋଇଥିବା ନଅ ଜଣ ଆସାମୀଙ୍କୁ ଏମାନଙ୍କ ସହିତ ରଖାଯିବାରୁ ସର୍ବମୋଟ ଆସାମୀଙ୍କ ସଂଖ୍ୟା ୪୫ ହୋଇ ଉଠିଲା । ... ତେଣୁ ଜେଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ତେଇଶ ନମ୍ବର ୱାର୍ଡ଼ର ଏକ ପ୍ରକାଣ୍ଡ ହଲ୍ ଘରେ ରଖା ହେଲା । ନରକ ଏକେବାରେ ଜାକଜମକ ହୋଇ ଉଠିଲା । ... ଏହି ବୃହତ୍ ହଲ୍‌ଟି ଭିତରେ ଶ୍ରୀଅରବିନ୍ଦଙ୍କ ସକାଶେ ଏକ କୋଣ ନିର୍ଦ୍ଦିଷ୍ଟ ଥିଲା । ସବୁଦିନ ସକାଳେ ସେ ସେଠାରେ ନିଜର ଧ୍ୟାନ ଧାରଣାରେ ମଗ୍ନ ରହୁଥିଲେ । ଅପରାହ୍ଣରେ ହଲ୍ ବାହାରେ ଦୁଇ, ତିନି ଘଣ୍ଟା ପଦଚାରଣ କରୁ କରୁ ଉପନିଷଦ୍ ବା ଅନ୍ୟ କୌଣସି ଧର୍ମଶାସ୍ତ୍ର ଆବୃତ୍ତି କରୁଥିଲେ । ତେବେ ସନ୍ଧ୍ୟାବେଳେ ଘଣ୍ଟାଏ କି ଅଧଘଣ୍ଟାଏ ସକାଶେ ସହ-ଆସାମୀ ବାଳକମାନଙ୍କର ବାଳକୋଚିତ କ୍ରୀଡ଼ାରେ ଯୋଗ ନଦେଇ ତାଙ୍କର ନିଷ୍କୃତି ନଥିଲା ।



ତେଇଶ ନମ୍ବର ୱାର୍ଡ଼ର ଅଭ୍ୟନ୍ତର ହଲ୍




ଜେଲରେ ଶ୍ରୀଅରବିନ୍ଦ

ମାଜିଷ୍ଟ୍ରେଟ ବାର୍ଲିଙ୍କ କୋର୍ଟରେ ସେଦିନ ଥିଲା ଅଗଷ୍ଟ ମାସର ଏକ ଶନିବାର । ଯଦିଓ ଶନିବାର ଦିନଟି ଆସାମୀମାନଙ୍କ ସକାଶେ ଏକ ହସଖୁସିର ଦିନ (ଫିଲ୍ଡ୍ ଡ଼େ), ତଥାପି ଏହି ନିର୍ଦ୍ଦିଷ୍ଟ ଶନିବାର ଦିନ ସେମାନଙ୍କର ଆନନ୍ଦୋଲ୍ଲାସ (ମାଜିଷ୍ଟ୍ରେଟଙ୍କ ପ୍ରସ୍ଥାନ ପରେ) କୋର୍ଟ ରୁମ୍‌କୁ କମ୍ପାଇ ଦେଉଥିଲା । ସେଥିପାଇଁ କୋର୍ଟକୁ ନିୟମିତ ଭାବରେ ଆସୁଥିବା ଆଗନ୍ତୁକ ଜଣଙ୍କ ବିଶେଷ ଭାବରେ ଆଗ୍ରହାନ୍ୱିତ ହୋଇ ନୃତ୍ୟରତ ଆସାମୀ ବାଳକଙ୍କ ଗହଣରେ ପହଞ୍ଚି ''କଥା କ'ଣ'' ପଚାରିବାରୁ ପ୍ରତ୍ୟୁତ୍ତର ଆସିଲା, ''(ଶ୍ରୀଅରବିନ୍ଦଙ୍କୁ ଦେଖାଇ) ତାଙ୍କୁ ପଚାର !''

ଆଗନ୍ତୁକ ବ୍ୟକ୍ତି ଲକ୍ଷ୍ୟ କରିଥିଲେ ଯେ କୋର୍ଟର ପ୍ରଥମ ଦିନର ଶୁଣାଣିଠାରୁ ଆଜିର ଷଟ୍‌ତ୍ରିଂଶତ୍ତମ ଶୁଣାଣି ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଆସାମୀମାନଙ୍କ ବେଞ୍ଚରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସୁଥିଲେ ... । ଆଗନ୍ତୁକଙ୍କର ପ୍ରଶ୍ନରେ ଶ୍ରୀଅରବିନ୍ଦ ମନ୍ଦମଧୁର କଣ୍ଠରେ କହିଲେ : ''ଆଜି ମୋର ଜନ୍ମ ଦିନ, ଏହି ପରିସ୍ଥିତିରେ ଆମେମାନେ ପାରୁପର୍ଯ୍ୟନ୍ତ ଏହା ପାଳନ କରୁଛୁ । ମୁଁ ୧୮୭୨ ଅଗଷ୍ଟ ୧୫ରେ ଜନ୍ମଲାଭ କରିଥିଲି ଏବଂ ୧୯୦୬ରେ ମୋର ଜନ୍ମୋତ୍ସବରେ କଲିକତାର ଜାତୀୟ ମହାବିଦ୍ୟାଳୟର ଉନ୍ମୋଚନ ହୋଇଥିଲା ।'' ବିଷୟବସ୍ତୁକୁ ଆହୁରି ଆଗ୍ରହୋଦ୍ଦୀପକ କରାଇବା ସକାଶେ ସେ ସ୍ମିତହାସ୍ୟରେ କ୍ରମାଗତ କହି ଚାଲିଲେ – ''୧୯୦୭ରେ ଅଗଷ୍ଟ ୧୪ କି ୧୬ ରେ ମୁଁ ପ୍ରଥମେ 'ବନ୍ଦେ ମାତରମ୍'ର ମୋକଦମାରେ ଗିରଫ ହୋଇଥିଲି । ଆଜି ପୁଣି ମୋ ଜନ୍ମଦିନରେ ମାଜିଷ୍ଟ୍ରେଟ ଘୋଷଣା କଲେ ଯେ ଏହି ମୋକଦମାଟି ଏକ ରାଜଦ୍ରୋହମୂଳକ ମୋକଦମା ନୁହେଁ, ଏହା ଏକ ରାଷ୍ଟ୍ରବୈପ୍ଳବିକ ମୋକଦମା (a case not of sedition but revolution) । ଅଧିକନ୍ତୁ ପ୍ରାରମ୍ଭରୁ ମୋର ଅନୁଜ ବାରୀନ୍ଦ୍ରକୁ ମୋଜାଫର୍‌ପୁରର ହତ୍ୟାକାଣ୍ଡ ଅଭିଯୋଗରେ ଅଭିଯୁକ୍ତ କରାଯାଇଥିଲା । ମାଜିଷ୍ଟ୍ରେଟ ଆଜି ଘୋଷଣା କଲେ ଯେ ସେ ଷଡ଼୍‌ଯନ୍ତ୍ରମୂଳକ ଅପରାଧ ବିରୋଧରେ ମୋକଦମା ଲଢ଼ି ପାରନ୍ତି । ତେଣୁ ପ୍ରତି ବର୍ଷ ମୋ ଜନ୍ମଦିନରେ ଘଟୁଥିବା ଯୁଗପତ୍ ଏହିସବୁ ଘଟଣାକୁ ମୁଁ କହେ ଏକ ଆଶ୍ଚର୍ଯ୍ୟଜନକ ଯୋଗାଯୋଗ (a remarkable string of coincidences) । ...''




ମି. ବାର୍ଲିଙ୍କ କୋର୍ଟରେ ଆସାମୀମାନଙ୍କର ବସିବା ବେଞ୍ଚ୍



ମି. ବାର୍ଲିଙ୍କର ଅଦାଲତ

(ଆଗନ୍ତୁକ ବ୍ୟକ୍ତିଜଣଙ୍କ ଥିଲେ 'ଏମ୍ପାୟାର୍' କାଗଜର ଜନୈକ ସାମ୍ବାଦିକ । ୧୮ ଅଗଷ୍ଟ ୧୯୦୮ରେ ଏହି କାଗଜରେ 'ଏକ ଅଦ୍ଭୁତ ସାକ୍ଷାତ୍କାର' 'A Remarkable Interview' ଶିରୋନାମାରେ ୧୫ ତାରିଖର ସାକ୍ଷାତ୍କାରର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ ପାଇଥିଲା ।)

ପୁନଶ୍ଚ ଏହି ଅଗଷ୍ଟ ୧୫ ତାରିଖରେ କୋର୍ଟରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ଯଦ୍ୱାରା ସେସନ୍ସ୍ କୋର୍ଟରେ ଶ୍ରୀଅରବିନ୍ଦଙ୍କୁ ନିର୍ଦ୍ଦୋଷ ବୋଲି ଚୂଡ଼ାନ୍ତ ରାୟ ମିଳିବା ସମ୍ଭବପର ହୋଇ ଉଠିଥିଲା । – ଅଗଷ୍ଟ ୧୪ରେ ଆସାମୀମାନଙ୍କ ତରଫରୁ ଦୁଇଜଣ ଓକିଲ 'ରାଜସାକ୍ଷୀ' ନରେନ୍ ଗୋସାଇଁଙ୍କର ସାକ୍ଷ୍ୟକୁ ଜେରା କରିବା ସକାଶେ ମି. ବାର୍ଲିଙ୍କର ଅନୁମତି ଚାହିଁଥିଲେ । ୧୫ ତାରିଖ ଦିନ ଅଦାଲତ ବସିବା ମାତ୍ରେ ପୁନଶ୍ଚ ସେଇ ଦୁଇଜଣ ଓକିଲ ମି. ବାର୍ଲିଙ୍କ ଅନୁମତି ଚାହିଁବାରୁ ସେ ତତ୍‌କ୍ଷଣାତ୍ ସେସବୁକୁ ନାକଚ କରିଦେଇ କୋର୍ଟ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଲା ବୋଲି ଘୋଷଣା କଲେ । ମି. ବାର୍ଲିଙ୍କର ଏହି ଅସ୍ୱୀକାର କରିବା ଏବଂ ଅଗଷ୍ଟ ୩୧ରେ ଜେଲ ଭିତରେ ନରେନ୍‌ଙ୍କର ମୃତ୍ୟୁ ଘଟିବା ଫଳରେ ତାଙ୍କର ସମସ୍ତ ସାକ୍ଷ୍ୟ ପ୍ରାମାଣିକ ତଥ୍ୟ ହିସାବରେ ଆଉ ଗ୍ରହଣଯୋଗ୍ୟ ହୋଇପାରି ନଥିଲା । ...



ଜେଲରେ ଶ୍ରୀଅରବିନ୍ଦ

୧୯ ଅଗଷ୍ଟରେ କୋର୍ଟ ଆରମ୍ଭ ହେବାରୁ ମି. ବାର୍ଲି ପ୍ରଥମ ଦଫାରେ ଗିରଫ ହୋଇଥିବା ୩୫ ଜଣ ଆସାମୀଙ୍କ ମଧ୍ୟରୁ ୩୦ ଜଣଙ୍କୁ ସେସନ୍ସ୍ କୋର୍ଟକୁ ପଠାଇ ଦିଆଯିବାର ଘୋଷଣା କଲେ । (ତନ୍ମଧ୍ୟରେ ଶ୍ରୀଅରବିନ୍ଦ ଓ ନରେନ୍ଦ୍ର ଥିଲେ ଅନ୍ୟତମ ।) ସୁତରାଂ ଲମ୍ବା ଛୁଟି ପାଇ ସମସ୍ତେ ତେଇଶ ନମ୍ବର ୱାର୍ଡ଼ରେ ଅଫୁରନ୍ତ ହସଖୁସିରେ ସମୟ କଟାଇବାକୁ ଲାଗିଲେ । ...


ଦିନେ ଏହି ୱାର୍ଡ଼ ଭିତରେ ସମସ୍ତେ ଶ୍ରୀଅରବିନ୍ଦଙ୍କୁ ଘେରି ଜଣଙ୍କ ପରେ ଜଣେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ସେହି ପ୍ରଶ୍ନୋତ୍ତରର ସାରମର୍ମରୁ କିଛି ଏଠାରେ ଉଦ୍ଧାର କରୁଛୁ :

ପ୍ରଶ୍ନ : ଆପଣ ପ୍ରାୟ ସବୁ ସମୟରେ ଧ୍ୟାନସ୍ଥ ହୋଇ ରହୁଛନ୍ତି, ଏଇ ଧ୍ୟାନ-ଧାରଣାର guidance କେଉଁଠୁ ପାଇଲେ ?

ଶ୍ରୀଅରବିନ୍ଦ : ଜଣେ ମହାପୁରୁଷ ସୂକ୍ଷ୍ମ ଶରୀରରେ ପ୍ରାୟ ପନ୍ଦରଦିନ ଧରି ମୋ କୋଠରି (ଛ' ଡିକ୍ରୀ)କୁ ଆସି ମୋତେ ସମସ୍ତ ବିଷୟ ଶିକ୍ଷା ଦେଇଯାଉଥିଲେ । ...

ପ୍ରଶ୍ନ : ମୋକଦମାରେ ଆପଣ ନିଜର ଫଳାଫଳ କଥା ଭାବନ୍ତି ନାହିଁ ?

ଶ୍ରୀଅରବିନ୍ଦ : ମୁଁ ମୁକ୍ତି ପାଇଯିବି ।




ତେଇଶ ନମ୍ବର ୱାର୍ଡ଼ର ଅଭ୍ୟନ୍ତର ଦୃଶ୍ୟ

ପ୍ରଶ୍ନ : ମୋକଦମାରେ ଆମର କାହାରି ଫାଶୀ ହେବ ନାହିଁ ତ ?

ଶ୍ରୀଅରବିନ୍ଦ : ନା, କାହାରି ଫାଶୀ ହେବ ନାହିଁ ।

ପ୍ରଶ୍ନ : ଯଦି ଆମମାନଙ୍କୁ ଆଣ୍ଡାମାନକୁ ପଠାଇ ଦିଆଯାଏ, ଏହି ତରୁଣ ବୟସରେ ଆମେ ସେଠାରେ କିପରି ବଞ୍ଚିବୁ ?

ଶ୍ରୀଅରବିନ୍ଦ : (କିଛି ସମୟ ନୀରବ ରହି କହିଥିଲେ) Think of me, I shall be always with you.




ସତ୍ୟେନ୍ଦ୍ରନାଥ ବସୁ
(ବୟସ ୨୬)


ନରେନ୍ 'ରାଜସାକ୍ଷୀ' ହୋଇଯିବା ପରେ ମେଦିନୀପୁର ଗୁପ୍ତ-ସମିତିର କର୍ଣ୍ଣଧାର ସତ୍ୟେନ୍ଦ୍ର ନାଥ ବସୁଙ୍କୁ ପୁଲିସ ତୁରନ୍ତ ଆଲିପୁର ବୋମା ଆସାମୀଙ୍କର ଅନ୍ତର୍ଭୁକ୍ତ କରି ଜେଲରେ ପୂରାଇ ଦେଲେ । ଯେହେତୁ ସତ୍ୟେନ୍ଦ୍ର ଆବାଲ୍ୟରୁ ବଂଶଗତ ବ୍ୟାଧିଜନିତ କଠିନ ଶ୍ୱାସରୋଗରେ ପୀଡ଼ିତ ଥିବାରୁ ତାଙ୍କୁ ପ୍ରଥମରୁହିଁ ଜେଲ ହସ୍‌ପିଟାଲରେ ଭର୍ତ୍ତି କରି ଦିଆଯାଇଥିଲା । ... ସେ ମର୍ମେ ମର୍ମେ ଘାରି ହେଉଥିଲେ ଯେ ଯଦି ସେସନ୍‌ସ୍ କୋର୍ଟରେ ନରେନ୍‌ଙ୍କର ସାକ୍ଷ୍ୟକୁ ଜଣେ କି ଦୁଇ ଜଣ ସାକ୍ଷୀ ସତ୍ୟ ବୋଲି ପ୍ରମାଣ କରିଦେବେ ତେବେ ଏହି ଆସାମୀମାନଙ୍କ ମଧ୍ୟରୁ କେତେକଙ୍କର ଫାଶୀଦଣ୍ଡ ବା ଆଜୀବନ ଦ୍ୱୀପାନ୍ତର ହୋଇପାରେ; ବିଶେଷ କରି ଶ୍ରୀଅରବିନ୍ଦଙ୍କର ପ୍ରଭୂତ କ୍ଷତି ଘଟିବ, ତାଙ୍କୁ ଉଦ୍ଧାର କରିବାର ଆଉ କୌଣସି ବାଟ ନଥିବ । ତେଣୁ ଶୁଭସ୍ୟ ଶୀଘ୍ରମ୍ ଅନିବାର୍ଯ୍ୟ । ସେ ଏଥିନିମିତ୍ତ ପ୍ରତିଜ୍ଞାବଦ୍ଧ ହୋଇ 'ରାଜସାକ୍ଷୀ' ହେବାର ବାହାନା କରି ୟୁରୋପିଆନ୍ ୱାର୍ଡ଼ରେ ନିରାପଦରେ ଥିବା ନରେନ୍‌ଙ୍କ ନିକଟକୁ (ଅଗଷ୍ଟ ୨୭ କି ୨୮ରେ) ଗୋପନରେ ପତ୍ର ଲେଖି ସାକ୍ଷାତ୍ କରିବାକୁ ସବିନୟ ଅନୁରୋଧ ଜଣାଇଲେ । ସହ-ଆସାମୀ କାନାଇଁଲାଲ ଦତ୍ତ ଏ ଖବର ପାଇ କୃତ୍ରିମ ରୋଗର ତୀବ୍ର ଯନ୍ତ୍ରଣା ବାହାନା କରି ହସ୍‌ପିଟାଲରେ ତୁରନ୍ତ ଭର୍ତ୍ତି ହେଲେ ଏବଂ ସତ୍ୟେନ୍ଦ୍ରଙ୍କୁ ସାହାଯ୍ୟ କରିବା ନିମିତ୍ତ ସଙ୍କଳ୍ପବଦ୍ଧ ବୋଲି ଜଣାଇଲେ ।



ଜେଲର ହସ୍‌ପିଟାଲ



କାନାଇଁଲାଲ ଦତ୍ତ
(ବୟସ ୨୧)




ସତ୍ୟେନ୍ଦ୍ର ଓ କାନାଇଁ ପୁଲିସଙ୍କ ଦ୍ୱାରା ଧୃତ ହୋଇ
ଜେଲ ଅଫିସକୁ ନିଆଯାଉଥିବା ସମୟର ଫଟୋ
(୩୧ ଅଗଷ୍ଟ ୧୯୦୮)

ନରେନ୍ ତ ଏହି ଅପୂର୍ବ ସୁଯୋଗ ଅପେକ୍ଷାରେ ଖୁବ୍ କଷ୍ଟରେ କାଳାତିପାତ କରୁଥିଲେ; ତେଣୁ ସତ୍ୟେନ୍ଦ୍ରଙ୍କ ସହ ଗୋପନରେ ଅଗଷ୍ଟ ୨୯ରେ ସାକ୍ଷାତ୍ କଲେ । ପୁନଶ୍ଚ ଦ୍ୱିତୀୟ ସାକ୍ଷାତ୍କାରରେ ଅଗଷ୍ଟ ୩୦ରେ ଚୂଡ଼ାନ୍ତ ପରିକଳ୍ପନାର ନିଷ୍ପତ୍ତି ନିଆଗଲା । ... ତୃତୀୟ ସାକ୍ଷାତ୍କାର ନିମିତ୍ତ ସତ୍ୟେନ୍ଦ୍ର ୩୧ ତାରିଖ ଦିନ ସକାଳେ ନରେନ୍‌ଙ୍କୁ ତୁରନ୍ତ ହସ୍‌ପିଟାଲକୁ ଡାକି ପଠାଇଲେ । ସାଢ଼େ ଛ'ଟା ସମୟରେ ହସ୍‌ପିଟାଲର ଉପର ମହଲା ଡିସ୍‌ପେନ୍‌ସରିରେ ନରେନ୍ ସତ୍ୟେନ୍‌ଙ୍କୁ ଭେଟି ଦେଖିଲେ କାନାଇଁ ମଧ୍ୟ 'ରାଜସାକ୍ଷୀ' ହେବାକୁ ପ୍ରସ୍ତୁତ । ଅଳ୍ପ କ୍ଷଣ କଥାବାର୍ତ୍ତା ପରେ କାନାଇଁ ନରେନ୍‌ଙ୍କୁ ଲକ୍ଷ୍ୟ କରି ଗୁଳି ମାରିଲେ । ଅତ୍ୟନ୍ତ ଭୟରେ ଥରହର ହୋଇ ନରେନ୍ ଚିତ୍କାର କରି କରି ତଳ ମହଲାକୁ ଦୌଡ଼ିଲେ; ପଶ୍ଚାତ୍‌ରେ ସତ୍ୟେନ୍ ଓ କାନାଇଁ ତାଙ୍କୁ ଲକ୍ଷ୍ୟ କରି ଗୁଳି ପରେ ଗୁଳି ଫୁଟାଇ ଦୌଡୁଥା'ନ୍ତି । ... ସେହିଦିନ ସକାଳ, ପ୍ରାୟ ସାଢ଼େ ସାତଟା ବେଳେ ନରେନ୍ ଜେଲ ପ୍ରାଙ୍ଗଣରେ ଭୂଲୁଣ୍ଠିତ ହେଲେ । ...

Vol. LXVII, No. 3, NAVAJYOTI – 15 August, 2024, R. N. 8889/63

**ବିଶେଷ ସୂଚନା :**

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

## ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**